# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, February 23/2026 | Page 16 | ₹ 7.00

୫୨ଶ ଭାଗ ୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 91 | ମୂଲ୍ୟ₹୭/-








Flat
45% off
on making charges
of gold jewellery.



90 YEARS
TRUST IS TIMELESS

BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com | 1800 3131 777 | FOLLOW US ON:

SCAN TO KNOW MORE



ଲକ୍ଷ୍ନୌସ୍ଥିତ ସମାଜବାଦୀ ପାର୍ଟି ମୁଖ୍ୟାଳୟରେ ରବିବାର ଆୟୋଜିତ ମିଶ୍ରଣ ପର୍ବରେ ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ସମର୍ଥକମାନେ।

# ଟ୍ରମ୍ପ୍‌ଙ୍କ ଟାରିଫ୍ : ୬୦% ଆମେରିକୀୟ ଅସନ୍ତୁଷ୍ଟ

ୱାଶିଂଟନ୍,୨୨।୨

ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ 'ମାଗା'(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ସଙ୍କଳ୍ପକୁ ଅଗ୍ରାଧିକାର ଦେଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଗେଇଥିଲେ। ଏହି କ୍ରମରେ ସେ ବିଭିନ୍ନ ରାଷ୍ଟ୍ର ଉପରେ ଅଧିକ ହାରରେ ଟାରିଫ୍ ଲଗାଇବା ଆରମ୍ଭ କରିଥିଲେ। କିନ୍ତୁ ଅନ୍ୟାନ୍ୟ ଦେଶ ତୁଳନାରେ ଆମେରିକାରେ ହିଁ ଏହି ଟାରିଫ୍ ନୀତିକୁ ନେଇ ଅଧିକ ଚର୍ଚ୍ଚା ହୋଇଆସିଥିଲା। ତେବେ ଟ୍ରମ୍ପ୍‌ଙ୍କ ଏହି ଟାରିଫ୍ ନୀତିକୁ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିବା ପରେ ଏହି ପ୍ରସଙ୍ଗ ବିଶ୍ୱବ୍ୟାପୀ ଆହୁରି ଚର୍ଚ୍ଚିତ ହେବାରେ ଲାଗିଛି। ଏହାମଧ୍ୟରେ ଆମେରିକାରେ କରାଯାଇଥିବା ଏକ ଜନମତ ସର୍ଭେ ଅନୁଯାୟୀ ଟାରିଫ୍‌କୁ ନେଇ ୬୦% ଆମେରିକୀୟ ଅସନ୍ତୁଷ୍ଟ ରହିଥିବା ଜଣାପଡ଼ିଛି। ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାଳରେ ନିଯୁକ୍ତି, ମହଙ୍ଗା ସମସ୍ୟା ଏବଂ ଆମେରିକାର ବହିର୍ବ୍ୟାପାର ନୀତିକୁ ନେଇ ଦୈନନ୍ଦିନ ସାଧାରଣରେ ଚର୍ଚ୍ଚା ହେଉଥିଲା ବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ଦେଶକୁ କିଭଳି ନୀତିରେ ଚଳାଉଛନ୍ତି ବୋଲି ସର୍ବାଧିକ ନାଗରିକ ପ୍ରଶ୍ନ ଉଠାଇଛନ୍ତି। ଏବିସି ନ୍ୟୁଜ୍,ୱାଶିଂଟନ୍ ପୋଷ୍ଟ ଏବଂ ଇପ୍‌ସୋସ୍ ପୋଲ୍ ଦ୍ୱାରା କରାଯାଇଥିବା ଏହି ସର୍ଭେରେ ପ୍ରତି ୧୦ ଜଣଙ୍କ ମଧ୍ୟରୁ ୬ ଜଣ ଆମେରିକୀୟ ଟ୍ରମ୍ପ୍‌ଙ୍କ ଟାରିଫ୍ ଏବଂ ମହଙ୍ଗାସ୍ଥିତି ମୁକାବିଲା ନୀତିକୁ ନାପସନ୍ଦ କରିଛନ୍ତି। ସେହିପରି ୬୨% ଆମେରିକୀୟ ଟ୍ରମ୍ପ୍‌ଙ୍କ ବିଦେଶ ନୀତିକୁ ନାପସନ୍ଦ କରିଛନ୍ତି। ଏହାଛଡ଼ା ପ୍ରବାସନ ନିୟମ ଏବଂ ଅର୍ଥନୀତିର ଅନ୍ୟାନ୍ୟ ଦିଗକୁ ନେଇ ଟ୍ରମ୍ପ୍ ଯେଉଁ ଆଭିମୁଖ୍ୟ ଆପଣେଇଛନ୍ତି ତାହାକୁ ମଧ୍ୟ




ସର୍ବାଧିକ ନାଗରିକ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାସତ୍ତ୍ୱେ ଆମେରିକୀୟ କଂଗ୍ରେସରେ ଡେମୋକ୍ରାଟ୍ ଦଳ ପ୍ରତି ଲୋକଙ୍କ ଭରସା କମ୍ ରହିଛି। ଦେଶର ସାମ୍ପ୍ରତିକ ସମସ୍ୟା ଦୂର କରିବାରେ କେଉଁ ଦଳ ସକ୍ଷମ ହେବ ବୋଲି ପ୍ରଶ୍ନ କରାଯାଇଥିଲା ବେଳେ ଟ୍ରମ୍ପ୍‌ଙ୍କ ରିପବ୍ଲିକାନ୍ ଦଳକୁ ୩୩ ପ୍ରତିଶତ, ଡେମୋକ୍ରାଟ୍ ଦଳକୁ ୩୧ ପ୍ରତିଶତ ସମର୍ଥନ ମିଳିଛି। ୩୧ ପ୍ରତିଶତ ମତଦାତା କୌଣସି ଦଳ ପ୍ରତି ସମର୍ଥନ ଜଣାଇ ନାହାନ୍ତି।

## ଟ୍ରମ୍ପ୍‌ଙ୍କ ରିସର୍ଟକୁ ପଶିଥିବା ବନ୍ଧୁକଧାରୀଙ୍କୁ ଗୁଳି କରି ହତ୍ୟା

ୱାଶିଂଟନ୍,୨୨।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଫ୍ଲୋରିଡାସ୍ଥିତ ମାର୍-ଏ-ଲାଗୋ ରିସର୍ଟ ପରିସରକୁ ଶନିବାର ରାତିରେ ପ୍ରବେଶ କରିଥିବା ଜଣେ ବନ୍ଧୁକଧାରୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ୨୦ ବର୍ଷୀୟ ଏହି ଯୁବକ ଜଣଙ୍କର ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନଥିଲା ବେଳେ ସେ ନର୍ଥ କାରୋଲିନାର ବୋଲି ସିକ୍ରେଟ୍ ସର୍ଭିସ୍ ପକ୍ଷରୁ କୁହାଯାଇଛି। ତେବେ ଯୁବକ ଜଣକ ଏକ ବନ୍ଧୁକ ସହ ଫ୍ୟୁଏଲ କ୍ୟାନ୍ ଧରି କାହିଁକି ରିସର୍ଟ ଭିତରେ ପଶିଥିଲେ ସେ ସମ୍ପର୍କରେ ଯାଞ୍ଚ କରାଯାଉଛି। ରାଷ୍ଟ୍ରପତି ଟ୍ରମ୍ପ୍ ଏହି ରିସର୍ଟକୁ ସାପ୍ତାହିକ ଛୁଟି କଟାଇବାକୁ ଆସିଥାଆନ୍ତି।

# ଆତଙ୍କବାଦୀଙ୍କ 'ଆଧାର' ଅସ୍ତ୍ର

**ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଆକ୍ରମଣ ପାଇଁ ଆତଙ୍କବାଦୀମାନେ ବନ୍ଧୁକ, ଗୁଳିଗୋଳା ଓ ବିସ୍ଫୋରକ ବ୍ୟବହାର କରିଥାନ୍ତି। କିନ୍ତୁ ଭାରତରେ ଅନୁପ୍ରବେଶ କରି ଆକ୍ରମଣର ଷଡ଼ଯନ୍ତ୍ର ରଚିବା ପୂର୍ବରୁ ସୁରକ୍ଷିତ ରହଣି ପାଇଁ ସେମାନେ ଆଧାର କାର୍ଡର ଆଶ୍ରୟ ନେଇଥାନ୍ତି। ପୂର୍ବରୁ ଏଭଳି ଅନେକ ଦୃଷ୍ଟାନ୍ତ ରହିଥିବାବେଳେ ଏକ ସଦ୍ୟ ଘଟଣା ଦିଲ୍ଲୀ ପୋଲିସକୁ ଚକିତ କରିଦେଇଛି। ଦିଲ୍ଲୀ, ପଶ୍ଚିମବଙ୍ଗ ଓ ତାମିଲନାଡୁରୁ ଧରାପଡ଼ିଥିବା ୮ ଆତଙ୍କବାଦୀ ମଧ୍ୟରୁ ୭ ଜଣ ହେଉଛନ୍ତି ବାଂଲାଦେଶୀ ନାଗରିକ। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ସହ ଜଡ଼ିତ ଏହି ମଡ୍ୟୁଲ୍‌ର ୭ ସଦସ୍ୟ ତାମିଲନାଡୁର ତିରୁପୁର ଏବଂ କୋଲକାତାସ୍ଥିତ ଗାର୍ମେଣ୍ଟ ଫ୍ୟାକ୍ଟ୍ରିରେ ଛଦ୍ମବେଶୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବାଂଲାଦେଶୀ ପରିଚୟ ଲୁଚାଇ ଭାରତୀୟ ବୋଲାଇବା ଏବଂ ନିଯୁକ୍ତି ପାଇବା ପାଇଁ ସେମାନେ ନିଜର ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ। ଏହି ଚାଞ୍ଚଲ୍ୟକର ତଥ୍ୟ ବାୟୋମେଟ୍ରିକ୍ ଆଧାରିତ 'ଆଧାର'ରେ ଥିବା ଦୋଷ ଦୁର୍ବଳତାକୁ ପୁଣି ଥରେ ପଦାରେ ପକାଇଛି।**




ଦିଲ୍ଲୀ ପୋଲିସ ଗିରଫ କରିଥିବା ବାଂଲାଦେଶୀ ଆତଙ୍କବାଦୀ।

ନୂଆଦିଲ୍ଲୀ,୨୨।୨

**■ଦିଲ୍ଲୀରେ ଆତଙ୍କବାଦୀ ମଡ୍ୟୁଲ୍‌ର ପର୍ଦ୍ଦାଫାଶ: ୮ ଗିରଫ**

**■ହାଫିଜ୍ ସୟିଦଙ୍କ ସହ ସମ୍ପର୍କରେ ଥିଲେ ହ୍ୟାଣ୍ଡଲର**

ଗତବର୍ଷ ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଆତଙ୍କବାଦୀ କାର୍‌ବୋମା ବିସ୍ଫୋରଣ ଘଟାଇବାରୁ ଅନ୍ୟୁନ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣା ସାରା ଦେଶକୁ ସ୍ତମ୍ଭୀଭୂତ କରିଥିଲା। ଘଟଣାକୁ ୩ ମାସ ପରେ ଦିଲ୍ଲୀ ପୋଲିସ ଜାତୀୟ ରାଜଧାନୀରେ ଏକ ବଡ଼ ଧରଣର ଆତଙ୍କବାଦୀ ଷଡ଼ଯନ୍ତ୍ର ଯୋଜନାର ପର୍ଦ୍ଦାଫାଶ କରିବା ସହ ୮ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ବାଂଲାଦେଶର ଉଗ୍ରପନ୍ଥୀ ସଂଗଠନ ତରଫରୁ ସେମାନେ ଦିଲ୍ଲୀରେ ଆତଙ୍କବାଦୀ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ପୋଲିସ କହିଛି। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ସେମାନଙ୍କର ଲିଙ୍କ୍ ରହିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ କେତେଜଣ ବାଂଲାଦେଶୀ ରହିଛନ୍ତି। ପରିଚୟ ଲୁଚାଇବା ପାଇଁ ସେମାନେ ଜାଲ୍ ଆଧାର କାର୍ଡ ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି।

ବିଦେଶୀ ପରିଚାଳକଙ୍କ ନିର୍ଦ୍ଦେଶରେ ସେମାନେ ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଗିରଫ ୬ ଅଭିଯୁକ୍ତ ହେଲେ ମିଜାନୁର ରହମାନ, ମହମ୍ମଦ ଶାବତ, ଉମର, ମହମ୍ମଦ ଲିଟନ, ମହମ୍ମଦ ଶହିଦ ଏବଂ ମହମ୍ମଦ ଉଜ୍ଜଲ। ସେମାନଙ୍କୁ ତାମିଲନାଡୁର ତିରୁପୁର ଜିଲାରେ ଥିବା ଏକ ପୋଷାକ କାରଖାନାରୁ ଧରାଯାଇଥିବାବେଳେ ପଶ୍ଚିମବଙ୍ଗରୁ ୨ ଜଣ ଗିରଫ ହୋଇଛନ୍ତି। ପୋଲିସ ସୂତ୍ର ଅନୁଯାୟୀ, ଉକ୍ତ ଟେରର ମଡ୍ୟୁଲ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ଜଡ଼ିତ ଏବଂ ଏହାର ପରିଚାଳକ କଶ୍ମୀର ବାସିନ୍ଦା ଶବିର ଅହମଦ ଲୋନ। ସମ୍ପ୍ରତି ସେ ବାଂଲାଦେଶରେ ରହି ଉକ୍ତ ଟେରର ମଡ୍ୟୁଲକୁ ନିୟନ୍ତ୍ରଣ କରୁଛନ୍ତି। ଆତଙ୍କବାଦୀ ହ୍ୟାଣ୍ଡଲର ଜଣକ ପାକିସ୍ତାନରୁ ତାଲିମ ପାଇଥିବା ବିଶ୍ୱାସ କରାଯାଉଛି। ଗିରଫ ୮ ଜଣ ତାଙ୍କ ପାଇଁ କାମ କରୁଥିଲେ। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ ସୟିଦ ଏବଂ ବରିଷ୍ଠ କମାଣ୍ଡର ଜାକିଉର ରହମାନ ଲଖ୍‌ଭିଙ୍କ ସହ ହ୍ୟାଣ୍ଡଲରଙ୍କ ପ୍ରତ୍ୟକ୍ଷ ଯୋଗାଯୋଗ ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ୨୦୦୭ରୁ ଲଶ୍କର ସଂଗଠନ ସହ ସମ୍ପର୍କରେ ଥିବା ଶବିର ସଦ୍ୟ ପର୍ଦ୍ଦାଫାଶ ମଡ୍ୟୁଲରେ ସମନ୍ୱୟ ରଖିବାରେ ମୁଖ୍ୟ ଭୂମିକା ନିଭାଉଥିଲେ ବୋଲି ବିଶ୍ୱାସ କରାଯାଉଛି। ୨୦୦୭ରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ତାଙ୍କୁ ପ୍ରଥମେ ଗିରଫ କରିଥିବାବେଳେ ସୟିଦ ଏବଂ ଲଖ୍‌ଭିଙ୍କ ସହ ସମ୍ପୃକ୍ତି ଥିବା ନେଇ ପ୍ରଥମେ ଜଣାପଡ଼ିଥିଲା।

ଦେଶର ବିଭିନ୍ନ ଭାଗରେ ଧ୍ୱଂସାତ୍ମକ କାର୍ଯ୍ୟ ଘଟାଇବା ପାଇଁ ଆତଙ୍କବାଦୀ ମଡ୍ୟୁଲ୍ ଯୋଜନା କରୁଥିବା ନେଇ ନିର୍ଦ୍ଦିଷ୍ଟ ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ତଲାସି ଅଭିଯାନ ଆରମ୍ଭ କରିଥିଲା। ଏହି ତଲାସି ବେଳେ ଅନେକ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଜବତ ହୋଇଛି। ଉକ୍ତ ନେଟ୍‌ୱର୍କ କେତେଦୂର ବ୍ୟାପିଛି ଏବଂ ଏହା ପଛରେ ସମ୍ଭାବ୍ୟ ବିଦେଶୀ ସମ୍ପୃକ୍ତି ରହିଛି କି ନାହିଁ, ତାହା ସ୍ପଷ୍ଟ ହେବା ପାଇଁ ଅନୁଧ୍ୟାନ ଜାରି ରହିଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତଦନ୍ତରେ ସହାୟତା କରୁଛନ୍ତି। ଲଶ୍କର ସହ ସମ୍ପୃକ୍ତ ଆତଙ୍କବାଦୀମାନେ ଆଇଇଡିରେ ଆକ୍ରମଣ ଯୋଜନା କରିଥାଇପାରନ୍ତି ବୋଲି ଗୋଇନ୍ଦା ସଂସ୍ଥା ସୂଚନା ଦେଇଥିଲା। ଗତ ୬ ତାରିଖରେ ଇସ୍‌ଲାମାବାଦ ମସ୍‌ଜିଦରେ ହୋଇଥିବା ବିସ୍ଫୋରଣର ପ୍ରତିଶୋଧ ନେବା ପାଇଁ ଆତଙ୍କବାଦୀ ସଂଗଠନ ଯୋଜନା କରୁଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି।

## ଆଫ୍‌ଗାନିସ୍ତାନ ଉପରେ ପାକିସ୍ତାନର ବୋମାମାଡ଼, ୨୦ ମୃତ

କାବୁଲ,୨୨।୨

ପାକିସ୍ତାନ ସୀମାକୁ ଲାଗିଥିବା ଆଫ୍‌ଗାନିସ୍ତାନର ନଙ୍ଗରହାର୍ ଏବଂ ପାଟିକା ପ୍ରଦେଶର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପାକିସ୍ତାନ ସେନା ଶନିବାର ମଧ୍ୟରାତ୍ରରେ ବୋମାମାଡ଼ କରିଛି। ଏହି ଘଟଣାରେ ବହୁ ଘରଦ୍ୱାର ନଷ୍ଟ ହୋଇଥିଲା ବେଳେ ମହିଳା ଏବଂ ଶିଶୁଙ୍କ ସମେତ ୨୦ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ତାଲିବାନ ପକ୍ଷରୁ କୁହାଯାଇଛି। ନିକଟରେ ପାକିସ୍ତାନର ବେଲୁଚିସ୍ତାନ ଏବଂ କେପିକେ ପ୍ରଦେଶରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ନେଇ ସୀମାବର୍ତ୍ତୀ ଅଞ୍ଚଳର ଆତଙ୍କବାଦୀ ଆଡ୍ଡାଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି ବୋଲି ପାକିସ୍ତାନ ପକ୍ଷରୁ କୁହାଯାଇଥିଲେ ହେଁ ତାଲିବାନ ଏହାକୁ ଅସ୍ୱୀକାର କରିଛି। ପାକ୍ ସେନା ଜାଣିଶୁଣି ସାଧାରଣ ଜନବସତି ଉପରେ ଆକ୍ରମଣ କରିଛି ଏବଂ ଏହାର ଠିକଣା ଜବାବ ଦିଆଯିବ ବୋଲି ତାଲିବାନ କହିଛି। ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବରରେ ପାକ୍-ଆଫ୍‌ଗାନିସ୍ତାନ ସୀମାନ୍ତରେ ଭୀଷଣ ସଂଘର୍ଷ ଦେଖାଯିବା ପରେ ପାକିସ୍ତାନ ଆଫ୍‌ଗାନିସ୍ତାନର କେତେକ ଅଞ୍ଚଳ ଉପରେ ଆକ୍ରମଣ କରିଥିଲା। ଏହାପରେ ଉଭୟ ପକ୍ଷଙ୍କ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଥିଲା। ଏହି ଘଟଣାର ୪ ମାସ ପରେ ପାକିସ୍ତାନ ପୁଣି ଆକ୍ରମଣ କରିଛି।

## ଇରାନରେ ପୁଣି ଛାତ୍ର ଆନ୍ଦୋଳନ

ତେହରାନ୍,୨୨।୨

ଇରାନ ସରକାରଙ୍କ ବିରୋଧରେ କିଛି ଦିନ ତଳେ ହୋଇଥିବା ବିକ୍ଷୋଭ ବେଳେ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଇରାନ ପୋଲିସ ବର୍ବରତା ସହିତ ଲୋକଙ୍କୁ ଦମନ କରିଥିବାରୁ ଏହା ଉପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶ୍ନ ଉଠିଥିଲା। ଏହି କାରଣକୁ ନେଇ ଏବେ ଇରାନର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପୁଣି ଆନ୍ଦୋଳନ ତେଜିଛି। ଗୋଟିଏ ପଟେ ଆମେରିକାର ଆକ୍ରମଣ ଆଶଙ୍କା ବଢ଼ିଥିଲାବେଳେ ଅନ୍ୟପଟେ ଛାତ୍ର ବିକ୍ଷୋଭକୁ ନେଇ ସ୍ଥିତି ଜଟିଳ ହେବାରେ ଲାଗିଥିବା କୁହାଯାଇଛି।

## ବିବାହ ଦିନ ଜୀବନ ହାରିଲେ ୨ ଭଉଣୀ

ଯୋଧପୁର,୨୨।୨

ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ମନାଇ ଗ୍ରାମରେ ଏକ ପରିବାର ସେମାନଙ୍କ ୨ ଝିଅଙ୍କ ବିବାହ ଉତ୍ସବ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବାବେଳେ ବିବାହ ଦିନ ୨ ଭଉଣୀ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ପରିବାରକୁ ଶୋକସାଗରରେ ବୁଡ଼ାଇ ଦେଇଥିବାବେଳେ ଉକ୍ତ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି।



ଶୋଭା ଏବଂ ବିମଳା।

ଉଭୟ ଯୁବତୀ ବିଷାକ୍ତ ପଦାର୍ଥ ଖାଇଦେଇଥିବା ପୋଲିସ କହିଛି। ୨ ଭଉଣୀ ଶୋଭା (୨୫) ଏବଂ ବିମଳା(୨୩)ଙ୍କର ଶନିବାର ବିବାହ ଅନୁଷ୍ଠିତ ହୋଇଥାନ୍ତା। ଶୁକ୍ରବାର ରାତିରେ ପ୍ରାକ୍ ବିବାହ ଉତ୍ସବ ଚାଲିଥିବାବେଳେ ମଧ୍ୟରାତ୍ରରେ ୨ ଭଉଣୀ ଶୋଇବା ପାଇଁ ଯାଇଥିଲେ। ଭୋର ୪ଟା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଯିବାରୁ ପରିବାର ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଯୋଧପୁରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଏଡିସିପି(ପଶ୍ଚିମ) ରୋଶନ ମୀନା କହିଛନ୍ତି। ପରିବାର ମୃତଦେହକୁ ଫେରାଇ ଆଣି ଶେଷକୃତ୍ୟ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଅଟକାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ଫେରାଇ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ୍ ଜବତ ହୋଇନାହିଁ।

# କଂଗ୍ରେସ ଦୁଃସ୍ଥ ରାଜନୀତିକୁ ଓହ୍ଲାଇଛି: ମୋଦି

ନୂଆଦିଲ୍ଲୀ,୨୨।୨

**ପ୍ରଥମ ନମୋ ଭାରତ ରେଲସେବା ଲୋକାର୍ପିତ**

ଭାରତ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଯୁବ କଂଗ୍ରେସ କର୍ମୀଙ୍କ ଅର୍ଦ୍ଧନଗ୍ନ ଶରୀରରେ ବିକ୍ଷୋଭ କରିବା ବିଷୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ ବର୍ଷିଛନ୍ତି। ଏଆଇ ସମିଟ୍ ଭଳି ଏକ ବୈଶ୍ୱିକ ସମାବେଶରେ କଂଗ୍ରେସ କର୍ମୀମାନେ ଯେଉଁଭଳି ଆଚରଣ ଦେଖାଇଛନ୍ତି ,ତାହା କଂଗ୍ରେସର ଦୁଃସ୍ଥ ଏବଂ ନଗ୍ନ ରାଜନୈତିକ ମାନସିକତାର ପରିଚୟ ଦେଇଛି ବୋଲି ରବିବାର ମିରଟ୍‌ରେ ନମୋ ଭାରତ ରିଜିଓନାଲ୍ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍(ଆର୍‌ଆର୍‌ଟିଏସ୍) ସେବା ଉଦ୍‌ଘାଟନ ଅବସରରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି କହିଛନ୍ତି। ଭାରତ ଆୟୋଜନ କରିଥିବା ଏଆଇ ସମିଟ୍‌କୁ ନେଇ ବିଶ୍ୱର ବହୁ ତୁଙ୍ଗ ନେତା ପ୍ରଶଂସା କରିଥିଲା ବେଳେ ଏଭଳି ଏକ ବୈଶ୍ୱିକ ସମାବେଶରେ ସାରା ବିଶ୍ୱରୁ ଶତାଧିକ ପ୍ରତିଷ୍ଠିତ କମ୍ପାନୀର ପ୍ରତିନିଧିତ୍ୱ କରିବା ଦେଶ ପାଇଁ ଗର୍ବର ବିଷୟ ହୋଇଛି। କିନ୍ତୁ ବିଦେଶୀ ଅତିଥିମାନଙ୍କ ଉପସ୍ଥିତିରେ କଂଗ୍ରେସ ଯେଉଁଭଳି ଆଚରଣ ଦେଖାଇଛି ତାହା ଦେଶର ଛବି ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଛି। ଟିଏମ୍‌ସି, ଡିଏମ୍‌କେ, ବିଏସ୍‌ପି ଭଳି ଅନ୍ୟ ବିରୋଧୀ ଦଳ ଏଭଳି ବିକ୍ଷୋଭରେ ସାମିଲ ହୋଇନାହାନ୍ତି। କିନ୍ତୁ କଂଗ୍ରେସ ଏତେ ତଳକୁ ଖସିଯାଇଛି ଯେ ଦେଶର ମର୍ଯ୍ୟାଦା ହାନି କରିବାକୁ ପଛାଇ ନାହିଁ। କଂଗ୍ରେସ ଦଳ ନଗ୍ନ ହୋଇସାରିଛି ବୋଲି ଦେଶବାସୀ ଜାଣି ସାରିଛନ୍ତି। ପୁଣି ଏଆଇ ସମିଟ୍‌ରେ ଅର୍ଦ୍ଧନଗ୍ନ ହେବାର କି ଆବଶ୍ୟକତା ଥିଲା ବୋଲି ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସକୁ କଟାକ୍ଷ କରି କହିଛନ୍ତି।




ୟୁପି ମିରଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନମୋ ଭାରତ ରିଜିଓନାଲ୍ ରାପିଡ୍ ଟ୍ରାଞ୍ଜିଟ୍ ସିଷ୍ଟମ୍(ଆର୍‌ଆର୍‌ଟିଏସ୍) ସେବାର ଲୋକାର୍ପଣ କରୁଛନ୍ତି।

ଦେଶର ପ୍ରଥମ ହାଇସ୍ପିଡ୍ ନମୋ ଭାରତ ରେଲସେବାକୁ ଲୋକାର୍ପିତ କରି ମୋଦି କହିଛନ୍ତି, ଦିଲ୍ଲୀ ଓ ମିରଟ୍‌କୁ ଯୋଡୁଥିବା ଏହି ୮୨ କି.ମି. ବିଶିଷ୍ଟ ପ୍ରକଳ୍ପ ଦ୍ୱାରା ସାଧାରଣ ଯାତାୟାତ କ୍ଷେତ୍ରରେ ଲୋକଙ୍କୁ ଅନେକ ସୁବିଧା ମିଳିବ। ବିଶେଷକରି ଦିଲ୍ଲୀକୁ ମିରଟ୍ ଏବଂ ଏନସିଆର୍‌ରୁ ଦୈନନ୍ଦିନ ଯାତାୟାତ କରୁଥିବା ଲୋକ ଏହି ସେବା ଦ୍ୱାରା ସର୍ବାଧିକ ଉପକୃତ ହେବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଦେଶର ଦ୍ରୁତତମ ମେଟ୍ରୋ ଟ୍ରେନ୍ ସେବା ରୂପେ ନମୋ ଭାରତ ପ୍ରକଳ୍ପ ପାଇଁ ପ୍ରାୟ ୧୫ ହଜାର ଟଙ୍କା ବ୍ୟୟ କରାଯାଇଛି। ଏହି ଟ୍ରେନ୍ ଘଣ୍ଟାକୁ ସର୍ବାଧିକ ୧୬୦ କି.ମି. ବେଗରେ ଗତି କରିପାରିବ। ଏହାଦ୍ୱାରା ପୂର୍ବରୁ ଦିଲ୍ଲୀରୁ ମିରଟ୍ ଯିବାକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଥିଲା ବେଳେ ଏବେ ୮୨ କି.ମି. ଦୂରତା ପାଇଁ ୪୫ରୁ ୫୦ ମିନିଟ୍ ସମୟ ଲାଗିବ।


KHIMJI TRUST SINCE 1936
Weddings by
KHIMJI
JEWELLERS SINCE 1936
Sadiyon baad bhi, tumhara saath Nibhayenge, Always
Flat 45% off
on making charges of gold jewellery.
90 YEARS
TRUST IS TIMELESS
BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)
100% BIS Hallmarked HUID Pure Gold Jewellery
Fair Price Policy
Tested And Certified Diamonds
Lifetime Buyback Guarantee
100% Exchange Of Old Gold
Free Insurance On Diamonds
Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE

# ଡାଟା ସେଣ୍ଟର ନୁହେଁ ଏଆଇ

ନୂଆଦିଲ୍ଲୀରେ ୬ ଦିନ ଧରି ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଉପରେ ଦିଲ୍ଲୀ ଘୋଷଣାନାମା ୨୧ ଫେବୃଆରୀରେ ଗୃହୀତ ହୋଇଛି। ଆମେରିକା, ବ୍ରିଟେନ୍, ଚାଇନା ଓ ଫ୍ରାନ୍ସ ସମେତ ୮୮ ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସଙ୍ଗଠନ ଉକ୍ତ ଘୋଷଣାନାମାକୁ ସମର୍ଥନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଆଇର ଗବେଷଣା ଓ ଅଭିନବତ୍ୱର ଅନେକ ସ୍ତରରେ ପୃଥିବୀ ବ୍ୟାପୀ ମୁଖ୍ୟତଃ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା କରାଯାଉଛି। ଅଧିକାଂଶ ଦେଶର ସରକାର ଏବେ ଏହି ଅଭିନବତ୍ୱଗୁଡ଼ିକୁ ନିୟନ୍ତ୍ରଣ କରିବା ବ୍ୟତୀତ ଅନ୍ୟ କିଛି କରିପାରୁନାହାନ୍ତି। ଏଆଇକୁ ନିୟନ୍ତ୍ରିତ ରଖିବା ଏବେ ଏକ କଷ୍ଟକର କାର୍ଯ୍ୟ ହୋଇପଡ଼ିଛି। ଏଆଇର ଯେତେ ପ୍ରସାର ହେଉଛି ସେଥିପାଇଁ ବିପୁଳ ପରିମାଣର ଜମି, ଅପୂର୍ବ ପରିମାଣର ବିଦ୍ୟୁତ୍‌ଶକ୍ତି ଏବଂ ଅତ୍ୟଧିକ ମାତ୍ରାର ଜଳର ପ୍ରୟୋଜନ ରହୁଛି।

ଏହି ପ୍ରଚ୍ଛଦପଟରେ ନୂଆଦିଲ୍ଲୀରେ ନିକଟରେ ଶେଷ ହୋଇଥିବା ଇମ୍ପାକ୍ଟ ସମିଟ୍ ସମ୍ପର୍କରେ ଅନେକ ଆଲୋଚନା କରିବା ଉଚିତ ହେବ। ଏଠାରେ ମନେରଖିବାକୁ ହେବ ଯେ ଭାରତର ଏଆଇ ବ୍ୟବସ୍ଥାର ବିକାଶରେ ଅବଦାନ ଅତ୍ୟନ୍ତ ଗୌଣ। ସେଥିପାଇଁ ହୁଏତ ଅନେକେ ବୁଝିପାରି ନ ଥିବେ ଏଭଳି ସମିଟ୍‌ର ଦିଲ୍ଲୀରେ ଆବଶ୍ୟକତା କ'ଣ ଥିଲା। ଏହିସବୁ ଅନ୍ତର୍ଜାତୀୟ ଏଆଇ କମ୍ପାନୀ ଭାରତକୁ ମାଡ଼ିଆସିବାର କାରଣ ହେଉଛି, ଆମେ ସେମାନଙ୍କର ବିରାଟକାୟ ଡାଟା ସେଣ୍ଟର ସ୍ଥାପନ ପାଇଁ ଜମି, ବିଦ୍ୟୁତ୍ ଓ ଜଳ ବିନାଶୁଳ୍କରେ ଉତ୍ସର୍ଗୀକୃତ କରିବା ପାଇଁ ଆଗେଇ ଆସିଛୁ। ଗୋଟିଏ ସାଧାରଣ ଡାଟା ସେଣ୍ଟରକୁ କାର୍ଯ୍ୟକ୍ଷମ ରଖିବା ପାଇଁ ଯେତିକି ପାଣି ଦରକାର ହୁଏ, ତାହା ୩୦ ହଜାର ନାଗରିକ ବିଶିଷ୍ଟ ସହରର ଜଳ ବ୍ୟବହାର ସମାସ୍କନ୍ଧ। କୁହାଯାଉଛି ଭାରତରେ ୨୦୩୦ ସୁଦ୍ଧା ନିର୍ମିତ ହେବାକୁ ଥିବା ଡାଟା ସେଣ୍ଟର ପରିଚାଳନା ପାଇଁ ପାଣିର ଚାହିଦା ୩୫୦ ବିଲିୟନ ଲିଟର ରହିବ। ଏଭଳି ଡାଟା ସେଣ୍ଟରଗୁଡ଼ିକ ବମ୍ବେ, ଚେନ୍ନାଇ, ହାଇଦ୍ରାବାଦ ଭଳି ସହର ନିକଟସ୍ଥ ଅଞ୍ଚଳରେ ସ୍ଥାପିତ ହେବ। ଏହିସବୁ ସହରଗୁଡ଼ିକ ପାନୀୟ ଜଳାଭାବର ଶିକାର ଏବେ ମଧ୍ୟ ଅଛନ୍ତି।

ଭାରତରେ ଏଆଇର ଅଭିନବତ୍ୱଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ଡାଟା ସେଣ୍ଟର ସ୍ଥାପନ। ଏହିସବୁ ଡାଟା ବା ତଥ୍ୟ କେନ୍ଦ୍ର ଅନେକ ଘରୋଇ କମ୍ପାନୀ ଦ୍ୱାରା ପୃଥିବୀବ୍ୟାପୀ ସଂଗୃହୀତ ତଥ୍ୟକୁ ଆଶ୍ରୟ ଦେବ। ତାହାର ଅର୍ଥ ନୁହେଁ, ଯେ ଭାରତ ସରକାର ଏଭଳି ତଥ୍ୟକୁ ବ୍ୟବହାର କରିପାରିବେ। କିନ୍ତୁ ଭାରତର କେତୋଟି ଘରୋଇ କମ୍ପାନୀ ରିଲାଏନ୍ସ, ଆଦାନୀ ଏବଂ ଟାଟା ଏହିସବୁ ଡାଟା ସେଣ୍ଟର ପାଇଁ ୨୦୦ରୁ ଅଧିକ ବିଲିୟନ ଡଲାର ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ପ୍ରକଳ୍ପରେ ବିଦେଶୀ କମ୍ପାନୀଗୁଡ଼ିକର, ତୁଳନାତ୍ମକ ଭାବେ, କମ୍ ଯୋଗଦାନ ରହିବ। ପୁଞ୍ଜିବଜାରରେ ଲାଗିଥିବା ଅର୍ଥକୁ ନେଇ ଅମ୍ବାନୀ, ଆଦାନୀ ଓ ଟାଟା ବିଦେଶୀ କମ୍ପାନୀଙ୍କ ସେବାରେ ଲଗାଇବା ସହିତ ଦେଶର ପ୍ରାକୃତିକ ସମ୍ବଳକୁ ପ୍ରବଳମାତ୍ରାରେ ବ୍ୟବହାର କରିପାରିବେ। ସ୍ୱୀକାର କରିବାକୁ ହେବ ଯେ ଏହି ଭାରତୀୟ କମ୍ପାନୀଗୁଡ଼ିକ ପ୍ରବଳମାତ୍ରାରେ ଲାଭ ମଧ୍ୟ କରିବେ। କିନ୍ତୁ ଦେଶର ନାଗରିକଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିବ, କାରଣ ଯେଉଁ ଅଞ୍ଚଳରେ ପ୍ରାକୃତିକ ସମ୍ପଦର ଅଭୂତପୂର୍ବ ବ୍ୟବହାର କରାଯିବ, ସେଠାରେ ସାଧାରଣ ନାଗରିକର ଜୀବନ ଅସମ୍ଭାଳ ହୋଇପଡ଼ିବ। ଅନ୍ୟପଟେ ଡାଟା ସେଣ୍ଟରର ପ୍ରକୃତ ଧନ ଯାହା ହେଉଛି ଅନେକ ପ୍ରକାର ତଥ୍ୟ, ତାହାର ସୁବିଧା ଓ ସୁଯୋଗ ଭାରତ ଏକ ଦେଶ ଭାବେ ଉଠାଇପାରିବ ନାହିଁ। ବିଦେଶୀ କମ୍ପାନୀଗୁଡ଼ିକ ନିଜର ସବୁ ଆଲ୍‌ଗୋରିଦିମକୁ ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖିବେ ବୋଲି ଆରମ୍ଭରୁ ସ୍ପଷ୍ଟ କରିଦିଆଯାଇଛି।

ଅନ୍ୟ ଏକ ଉଦାହରଣକୁ ଦେଖିଲେ ସହଜରେ ସମାନ୍ତରାଳ ସ୍ଥିତିକୁ ବୁଝିହେବ। ଭାରତ ଲଢୁଆ ରାଫାଲ ବିମାନ ଫ୍ରାନ୍ସଠାରୁ କିଣିଛି ଓ ଆହୁରି ୧୧୪ଟି କିଣିବ ବୋଲି ଘୋଷଣା ହୋଇଛି। ଏହାପାଇଁ ୨୮ ବିଲିୟନ ଡଲାର ଖର୍ଚ୍ଚ କରାଯିବ। କିନ୍ତୁ ସେହି ବିମାନର ମୂଳ କମ୍ପ୍ୟୁଟରର ରକ୍ଷଣାବେକ୍ଷଣ ପାଇଁ ବ୍ୟବହୃତ ହେଉଥିବା କୋଡ୍ ଭାରତକୁ ମିଳିବ ନାହିଁ। ଅର୍ଥାତ୍ ଫ୍ରାନ୍ସର ଦୟା ଉପରେ ସର୍ବଦା ନିର୍ଭରଶୀଳ ହୋଇ ରହିବ ଭାରତୀୟ ବାୟୁସେନା। ଅବିକଳ ସେହିଭଳି ହୋଇ ନ ଥିଲେ ମଧ୍ୟ ଡାଟା ସେଣ୍ଟର ନିର୍ମାଣ ପାଇଁ ଭାରତ ପ୍ରବଳ ପରିମାଣର ଅର୍ଥ ବିନିଯୋଗ କରି ମୂଳ ଲାଭରୁ ବଞ୍ଚିତ ହେବ। ଏଥିସହିତ ଏହି ଡାଟା ସେଣ୍ଟରଗୁଡ଼ିକରେ ଅତି କମ୍ ସଂଖ୍ୟକ କର୍ମଚାରୀଙ୍କ ପ୍ରୟୋଜନ ରହିବ। ଫଳରେ ନିଯୁକ୍ତି କ୍ଷେତ୍ରରେ କୌଣସି ପ୍ରଭାବ ପଡ଼ିବ ନାହିଁ।

ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ନେଦରଲାଣ୍ଡ୍ସ, ଆୟରଲାଣ୍ଡ ଏବଂ ସିଙ୍ଗାପୁର ଭଳି ଦେଶ ଡାଟା ସେଣ୍ଟର ସ୍ଥାପନକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିଛନ୍ତି କିମ୍ବା ଅତି ନିୟନ୍ତ୍ରିତ ରୂପରେ ଅନୁମତି ଦେଉଛନ୍ତି। ଏହିସବୁ ଦେଶ ବ୍ୟତୀତ ଚାଇନା ଓ ଆମେରିକାର କେତୋଟି ରାଜ୍ୟ କଡ଼ାକଡ଼ି ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ ସ୍ପଷ୍ଟ କରାଯାଇଛି ଯେ ପ୍ରତ୍ୟେକ ଡାଟା ସେଣ୍ଟର ତାହାର ନିଜସ୍ୱ ବିଦ୍ୟୁତ୍‌ଶକ୍ତି ଚାହିଦାର ୮୦ ଭାଗକୁ ନବୀକରଣୀୟ ଶକ୍ତିରୁ ଉତ୍ପାଦନ କରିବାକୁ ବାଧ୍ୟ। ଏହିସବୁ ଦେଶରେ ଜଳ ସମ୍ପର୍କରେ କେଉଁପ୍ରକାର କଟକଣା ଜାରି କରାଯାଉଛି ତାହା ଏବେ ମଧ୍ୟ ଅସ୍ପଷ୍ଟ ରହିଛି। ସେଥିପାଇଁ ଭାରତ ଭଳି ଏକ ଦୁର୍ବଳ ଦେଶକୁ ଏହିସବୁ ଅନ୍ତର୍ଜାତୀୟ ଘରୋଇ କମ୍ପାନୀଗୁଡ଼ିକ ଲକ୍ଷ୍ୟରଖି ଦିଲ୍ଲୀକୁ ଆସିଥିଲେ। ସମ୍ଭବତଃ ସେମାନେ ସଫଳ ହୋଇଛନ୍ତି, କାରଣ ଭାରତ ମୁଣ୍ଡ ନୁଆଁଇ ସେମାନଙ୍କ ସବୁ ପ୍ରସ୍ତାବ ଓ ଦାବିକୁ ମାନିନେଇଛି। ଭାରତର ତିନୋଟି ଅଧିକ ପ୍ରଭାବଶାଳୀ କମ୍ପାନୀ ଏଥିରେ ଅର୍ଥ ଲଗାଇବାର ପ୍ରତିଶ୍ରୁତି ଇଙ୍ଗିତ କରୁଛି ଯେ, ଦେଶର ସରକାର ସବୁକିଛି ମାନିନେବାକୁ ପ୍ରସ୍ତୁତ। ଏହି ଭାରତୀୟ କମ୍ପାନୀଗୁଡ଼ିକ ଏଆଇ ଅଭିନବତ୍ୱ ସକାଶେ ବିପୁଳ ପରିମାଣର ଅର୍ଥ ଲଗାଉଛନ୍ତି ବୋଲି ଦାବି କରୁଥିବା ସତ୍ତ୍ୱେ ବାସ୍ତବ ସ୍ଥିତିକୁ ଦେଖିଲେ ମୁଖ୍ୟତଃ ଡାଟା ସେଣ୍ଟର ସ୍ଥାପନ ଜଳ ଜଳ ଦିଶୁଛି। ନିକଟ ଭବିଷ୍ୟତରେ ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପ୍ରକାଶ ପାଇବ ବୋଲି ଆଶା ରହିଥିବା ବେଳେ ସୁନିଶ୍ଚିତତା ନାହିଁ।

# ବିପଦରେ ଅନ୍ନଦାତା



ବୈକୁଣ୍ଠନାଥ ମିଶ୍ର

କିଛିବର୍ଷ ତଳେ ପ୍ରାଥମିକ ସ୍ତରରେ ପଢାଯାଉଥିବା ସାହିତ୍ୟ ବହିର ଏକ କବିତାର କିୟଦଂଶ ସହିତ ଊଣା ଅଧିକେ ସମସ୍ତେ ପ୍ରାୟତଃ ପରିଚିତ ଥିବେ। ଆଜିର ଆଲୋଚ୍ୟ ପ୍ରସଙ୍ଗ ସହ ଉକ୍ତ କବିତାଂଶର ନିବିଡ ସମ୍ପର୍କ ରହିଥିବା ପରି ମନେହୁଏ। କବିତାଂଶଟି ହେଲା,'ଚାଷ ଅଛି ଯାହାର କି ଆନନ୍ଦ ତାହାର– ଚାଷୀ ଭାଇ ଯୋଗାଉଛି ଦୁନିଆକୁ ଆହାର।' ଆଜି କିନ୍ତୁ ଚାଷୀ ଭାବୁଛି –'ଚାଷ ଅଛି ଯାହାର କେତେ ଦୁଃଖ ତାହାର– କିପରି ସେ ଯୋଗାଇବ ଦୁନିଆକୁ ଆହାର।' ସ୍ୱାଧୀନୋତ୍ତର ଭାରତବର୍ଷରେ ବଡଚିନ୍ତା ଥିଲା ପ୍ରତ୍ୟେକ ଲୋକଙ୍କୁ ଖାଦ୍ୟ ଯୋଗାଇବା, ଯାହା କ୍ୱଚିତ ସମ୍ଭବ ହେଉଥିଲା। ଆମେ ପ୍ରାଥମିକ ଶ୍ରେଣୀରେ ପଢିଲା ବେଳେ ବିଦ୍ୟାଳୟରେ ପିଲାଙ୍କୁ ପୁଷ୍ଟିଯୁକ୍ତ ମକାଗୁଣ୍ଡ ସହ ଗୁଣ୍ଡଦୁଗ୍ଧ ଦିଆଯାଉଥିଲା। ଏହାର ନାମ ଥିଲା କେୟାର ଫିଡିଂ। କେୟାର ବା କଣ୍ଟ୍ରିବ୍ୟୁଶନ୍‌ଅଫ୍‌ଆମେରିକାନ୍‌ରିଲିଫ୍‌ଏଭ୍ରିହୋୟାର। ଅର୍ଥାତ୍ ଆମେରିକା ପ୍ରେରିତ ଶୁଷ୍କ ଖାଦ୍ୟ ଆମ ପିଲାଙ୍କ ପୁଷ୍ଟି ସାଧନ ପାଇଁ ଦିଆଯାଉଥିଲା। ଖାଦ୍ୟାଭାବର ଉତ୍କଟ ସମସ୍ୟା ମଧ୍ୟରେ ଭାରତ ଜଡିତ ଥିଲା। ଓଡ଼ିଶା କଥା ଚିନ୍ତା କଲେ ଗୋଟିଏ କଥା ସ୍ପଷ୍ଟ ଯେ ବନ୍ୟା, ବାତ୍ୟା ଓ ମରୁଡି ଭଳି ବିପଦ ଓଡ଼ିଶା ଚାଷୀର ଚିର ସହଚର। ୧୮୬୬ର ନ'ଅଙ୍କ ଦୁର୍ଭିକ୍ଷ ପରେ ଯଦିଓ କେନାଲ ଖନନ କରାଯାଇ ଜଳସେଚନର ବ୍ୟବସ୍ଥା କରାଗଲା, ତାହା ମଧ୍ୟ ପର୍ଯ୍ୟାପ୍ତ ନ ଥିଲା। ବୃଷ୍ଟି ଜଳ ହିଁ କୃଷକ ପାଇଁ ଏକମାତ୍ର ଜଳ ଉତ୍ସ। ପରେ ଜଳସେଚନର ପର୍ଯ୍ୟାପ୍ତ ସୁବିଧା କରାଯାଇ କୃଷିର ବିକାଶ ପାଇଁ ପ୍ରୟାସ କରାଗଲା।

ସବୁଜ ବିପ୍ଳବର ଅୟମାରମ୍ଭ ଓ ଆଧୁନିକ କୃଷି ପ୍ରଣାଳୀ ଅବଲମ୍ବନ କରିବା ଫଳରେ ଖାଦ୍ୟ ଶସ୍ୟର ଉତ୍ପାଦନ ବୃଦ୍ଧି ପାଇଲା। ବିଂଶ ଶତାବ୍ଦୀର ଶେଷଭାଗରେ ଡାଲୁଅ ଧାନ ଚାଷକରି ଚାଷୀ ତା'ର ନିଅଣ୍ଟିଆ ଖାଦ୍ୟଶସ୍ୟର ଭରଣା କରିବାକୁ ସକ୍ଷମ ହେଲା। ଡାଲୁଅ ଚାଷ ହେବା ଫଳରେ ଉପକୂଳ ଓଡ଼ିଶାରେ ରବି ଫସଲ ବିଶେଷକରି ଡାଲିଜାତୀୟ ଶସ୍ୟର ଉତ୍ପାଦନ ବିପର୍ଯ୍ୟୟର ସମ୍ମୁଖୀନ ହେଲା। ଦ୍ୱିତୀୟତଃ ପର୍ଯ୍ୟାପ୍ତ ଜଳସେଚନ ଅଭାବରୁ ଚାଷୀ ଡାଲୁଅ ଛାଡି କେବଳ ଶାରଦ ଧାନଚାଷରେ ମନୋନିବେଶ କଲା। କ୍ରମେ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧିପାଇଲା। ଜମିମାଲିକ ସହରମୁହାଁ ହେବା ଫଳରେ ଚାଷକାର୍ଯ୍ୟ ଭାଗଚାଷୀ ହାତକୁ ଗଲା। ଆଧୁନିକ କୃଷିପ୍ରଣାଳୀ ଓ ଉନ୍ନତମାନର ଧାନ ବିହନର ଉପଲବ୍ଧି ଫଳରେ ଚାଷୀ ଅଧିକ ଅମଳକ୍ଷମ ଧାନ ଚାଷରେ ମନୋନିବେଶ କଲା। ପର୍ଯ୍ୟାପ୍ତ ଧାନ ଅମଳ ହେବାରୁ ଚାଷୀ ନିଜ ପରିବାରର ଆବଶ୍ୟକତା ମେଣ୍ଟାଇ ବଳକା ଧାନ ବିକ୍ରୟ ପାଇଁ ସକ୍ଷମ ହେଲା। ସରକାର



ସମବାୟ ସମିତିମାନଙ୍କରେ ଧାନମଣ୍ଡି ଖୋଲି ମିଲର ମାଧ୍ୟମରେ ଧାନ ବିକ୍ରୟର ସୁବିଧା କଲେ । ଧାନ ଚାଷ ଏକ ଖାଦ୍ୟ ପରିପୂରକ ନ ହୋଇ କ୍ରମେ ବ୍ୟବସାୟରେ ପରିଣତ ହେଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ଭାଜପା ଦଳ କ୍ଷମତାକୁ ଆସିଲେ ଧାନର କ୍ରୟ ମୂଲ୍ୟ ଉପରେ ୮୦୦ଟଙ୍କା ବୋନସ ଦେବାକୁ ଘୋଷଣା କଲେ। ୨୦୨୪–୨୫ରେ କେନ୍ଦ୍ର ନିର୍ଦ୍ଧାରିତ ଧାନମୂଲ୍ୟ ୨୩୦୦ଟଙ୍କା ଉପରେ ୮୦୦ଟଙ୍କା ବୋନସ ଦେବା ଫଳରେ ଓଡ଼ିଶା ଚାଷୀ ୩୧୦୦ ଟଙ୍କାରେ ଧାନ ବିକ୍ରି କରିପାରିଲେ।

ଓଡ଼ିଆ ଚାଷୀ ଯାହା ଆଶା କରି ନ ଥିଲେ ତାହା ପାଇବାରୁ ବେଶ୍ ଖୁସିହେଲେ। କିନ୍ତୁ ୨୦୨୪–୨୫ କୃଷି ବର୍ଷରେ ଲଘୁଚାପଜନିତ ଲଗାଣ ବର୍ଷା ଯାହା ଡିସେମ୍ବର ମାସରେ ସଂଘଟିତ ହେଲା, ଚାଷୀର ପାଚିଲା ଧାନ କ୍ଷେତକୁ ଉଜାଡି ଦେଲା। ଉପକୂଳ ଓଡ଼ିଶା ସମେତ ପ୍ରାୟ ୨୦ଟି ଜିଲାର ଚାଷୀ ସଙ୍କଟକୁ ସାମ୍ନା କଲେ। ଅବଶ୍ୟ ସରକାରୀ ସହାୟତା ପ୍ରଦାନ କରାଗଲା। କିନ୍ତୁ ତାହା ପର୍ଯ୍ୟାପ୍ତ ନ ଥିଲା। ଭାଗଚାଷୀର ଜମି ମାଲିକାନା ସ୍ୱତ୍ୱ ନ ଥିବାରୁ ସେ ସହାୟତାରୁ ବଞ୍ଚିତ ହେଲା। ଧାନର ପ୍ରଭୂତ କ୍ଷତି ହେଲା। ମିଲରମାନେ ସେହି ଧାନକୁ କିଣିବାକୁ ଅନିଚ୍ଛା ପ୍ରକାଶ କଲେ। ମିଲରଙ୍କ ମନମାନି ଯୋଗୁ କଟନିଛଟନିର ଉତ୍କଟ ଦୃଶ୍ୟ ଦେଖିବାକୁ ମିଳିଲା। ଏପରି କି କୁଇଣ୍ଟାଲ ପିଛା ୧୦ କି.ଗ୍ରା. ସ୍ଥଳବିଶେଷରେ ୨୦ କି.ଗ୍ରା. କାଟି ନେଇ ମିଲର ମଣ୍ଡିରୁ ଧାନ ଉଠାଇଲେ। ସରକାରଙ୍କ ସମସ୍ତ ତାଗିଦ ସତ୍ତ୍ୱେ କଟନିଛଟନି ସୀମାତୀତ ଭାବେ ଚାଲିଲା। ଚାଷୀର କ୍ଷତି ଅବର୍ଣ୍ଣନୀୟ। ଚାଷୀ ବୁଝିପାରିଲା ନାହିଁ ଯେ କଟନିଛଟନି ଯୋଗୁ ତା' ଖରାପ ଧାନ କିପରି ଭଲ ଧାନରେ ପରିଣତ ହେଲା।

ଆସନ୍ତୁ ଏବର୍ଷ ଅର୍ଥାତ୍ ୨୦୨୫–୨୬ ଫସଲ କଥା ଆଲୋଚନା କରିବା। ଚାଷୀ ୮୦୦ଟଙ୍କା ବୋନସ୍ ଲୋଭରେ ପର୍ଯ୍ୟାପ୍ତ ଧାନଚାଷ କଲା। ପାଣିପାଗ ଅନୁକୂଳ ଥିବାରୁ ଧାନ ଅମଳରେ ପ୍ରାୟତଃ ବିଶେଷ କିଛି ଅସୁବିଧା ପରିଲକ୍ଷିତ ହେଲାନାହିଁ। କେବଳ ଉତ୍ତର ବାଲେଶ୍ୱରର କିଛି ଅଞ୍ଚଳରେ ବନ୍ୟାଜନିତ କ୍ଷୟକ୍ଷତିକୁ ଛାଡିଦେଲେ ଅବଶିଷ୍ଟ ଓଡ଼ିଶାରେ ପର୍ଯ୍ୟାପ୍ତ ଧାନ ଅମଳ ହୋଇଛି। ତେବେ ଚାଷୀ ନିଜର ବଳକା ଧାନକୁ ମଣ୍ଡିରେ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଲେ। ସରକାର ଓ ମିଲରଙ୍କ ମଧ୍ୟରେ ବିବାଦ ଏବଂ ମିଲରମାନଙ୍କ ଆନ୍ଦୋଳନ ଯୋଗୁ ପଶ୍ଚିମ ଓଡ଼ିଶାରେ ଧାନ କ୍ରୟ ବିଳମ୍ବିତ ହେଲା। ଚାଷୀ ଖରା କାକରରେ ମଣ୍ଡି ସନ୍ନିକଟ ପଡିଆରେ ଧାନବସ୍ତା ଗଚ୍ଛିତ ରଖି ଦିନରାତି ଜଗି ରହିଲା। ଧାନକିଣା ଘୋର ପ୍ରଭାବିତ ହେଲା। ଫେବୃଆରୀ ଶେଷଭାଗ ହୋଇଥିଲେ ମଧ୍ୟ ଉପକୂଳ ଓଡ଼ିଶାରେ ୯୦ଭାଗ ଚାଷୀ ଧାନ ବିକ୍ରୟ କରିପାରି ନାହିଁ। ଧାନ ଉତ୍କୃଷ୍ଟ ମାନର ଥିଲେ ମଧ୍ୟ କୁଇଣ୍ଟାଲ ପିଛା ୪ରୁ ୫କି.ଗ୍ରା. ଓ ସ୍ଥଳ ବିଶେଷରେ ୧୦ କି.ଗ୍ରା. ପର୍ଯ୍ୟନ୍ତ କଟନିଛଟନି ଦାବି କରାଯାଉଛି। କଟନିଛଟନି ନ ହେଲେ ମିଲର ଧାନ କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଚାଷୀ କଟନିଛଟନି ସତ୍ତ୍ୱେ ଧାନ ଦେବାକୁ ରାଜି ହେଉଛି। କାରଣ ମଣ୍ଡିରେ ଧାନ ନ ଦେଇ ପାରିଲେ ଚାଷୀ ତା'ର ବଳକା ଧାନକୁ ନେଇ କରିବ କ'ଣ ? ବାଧ୍ୟ ହୋଇ ଘରୋଇ ବ୍ୟବସାୟୀଙ୍କୁ କୁଇଣ୍ଟାଲ ପିଛା ୧୫୦୦ରୁ ୧୭୦୦ଟଙ୍କାରେ ବିକ୍ରି କରୁଛି। ସେଥିରେ ପୁଣି ଓଜନଜନିତ ତ୍ରୁଟି ରହିଛି। ଏ ଲେଖକ ସମାନ ସଙ୍କଟର ସମ୍ମୁଖୀନ ହୋଇଛି। ଟୋକନ ଅବଧି ସରି ଆସୁଥିଲେ ମଧ୍ୟ ଧାନ ବିକ୍ରିର କୌଣସି ସୂଚନାପ୍ରାପ୍ତ ହେଉନାହିଁ।

ଆଉ ଏକ ବିଷମ କଥା ହେଲା ପୂର୍ବପରି ଧାନ ଉପରେ ଲୋକଙ୍କର ନିର୍ଭରଶୀଳତା ହ୍ରାସ ପାଇଛି। ଲୋକେ ଭାତ ଅପେକ୍ଷା ଅଧିକ ରୁଟି ପସନ୍ଦ କରୁଛନ୍ତି। ଯେଉଁ ପରିବାରରେ ମାସକୁ ୩୦ କି.ଗ୍ରା.ରୁ ଅଧିକ ଚାଉଳ ଆବଶ୍ୟକ ହେଉଥିଲା ବର୍ତ୍ତମାନ ସେହି ପରିବାରର ୫ରୁ ୧୦ କି.ଗ୍ରା. ଚାଉଳ ଦରକାର ହେଉଛି। ବହୁ ଖର୍ଚ୍ଚାନ୍ତ ହୋଇ ବର୍ଷକର ଉତ୍ପାଦିତ ଧାନଗଣ୍ଡାକ ଯେତେବେଳେ ବିକ୍ରି ହୋଇପାରୁନାହିଁ ଚାଷ ଉପରେ ନିର୍ଭରଶୀଳ ଚାଷୀ ପରିବାରଟି ବଞ୍ଚିବ କିପରି ? ଜମି ଚାଷ କରିବା, ରୁଆ ବଛା ବେଉଷଣଠାରୁ ଆରମ୍ଭ କରି ଆଜିକାଲି ସବୁକାମ ଯନ୍ତ୍ର ଦ୍ୱାରା ପରିଚାଳିତ ହେଉଛି। ମହଙ୍ଗା ଯୁଗରେ ମଜୁରି ମଧ୍ୟ ବୃଦ୍ଧିପାଇଛି। ଉପକୂଳ ଓଡ଼ିଶାରେ ଷଣ୍ଢ ଓ ମାଙ୍କଡଙ୍କର ଉତ୍ପାତ ଯୋଗୁ ଚାଷୀ ଉଦ୍ୟାନ କୃଷି କରି ନ ପାରି ବଜାର ଉପରେ ନିର୍ଭର କରୁଛି। ଚାଷୀ ଋଣ କରଜ କରି ଯେତେବେଳେ ତା'ର ଉତ୍ପାଦିତ ଫସଲକୁ ଉଚିତ ମୂଲ୍ୟରେ ବିକ୍ରି କରିପାରିବ ନାହିଁ, ସେତେବେଳେ ସେ ନିରାଶରେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବ। ଋଣଭାରରେ ଆକ୍ରାନ୍ତ ଚାଷୀଟି ଶେଷରେ ଆତ୍ମହତ୍ୟା ଭଳି ଚରମ ସିଦ୍ଧାନ୍ତକୁ ଆପଣେଇ ନେବ ନାହିଁ ତ ? ସରକାର ଏ ବିଷୟ ପ୍ରତି ଉପଯୁକ୍ତ ଧ୍ୟାନ ଦେବା ଆବଶ୍ୟକ। ନଚେତ୍ ଅନ୍ନଦାତା ବିପଦରେ ପଡି ହୁଏତ କୃଷିକର୍ମଣରୁ ନିବୃତ୍ତ ହେବ ନାହିଁ ବୋଲି କିଏ କହିବ ?

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

# ଜୀବନ ପରୀକ୍ଷାର ଆନନ୍ଦମୟ ଆହ୍ୱାନ



ଡ. ସୁରେଶ କୁମାର ନାୟକ

ପିଲାମାନେ, ମନେରଖିଥାଅ ଜୀବନ ଏକ ପରୀକ୍ଷା। ଜୀବନର ପ୍ରତିଟି ମୁହୂର୍ତ୍ତରେ ଆମେ ଦୈବ ଓ କର୍ମର ପରୀକ୍ଷାକୁ ସାମ୍ନା କରିଥାଉ। ମଣିଷର ଜୀବନ ସମ୍ପୂର୍ଣ୍ଣ ଧରାବନ୍ଧା ପରୀକ୍ଷା ଭିତରେ ଆବଦ୍ଧ। କିଏ ଉତ୍ତୀର୍ଣ୍ଣ ହୋଇଯାଉଛି, କିଏ ଉତ୍ତୀର୍ଣ୍ଣ ହେବା ପାଇଁ ସମୟ ନେଉଛି। କିନ୍ତୁ ଜୀବନଚକ୍ରର ପରୀକ୍ଷାରେ ସମସ୍ତେ ଅତିକ୍ରମ କରି ସଫଳତା ପାଉଛନ୍ତି। ଯେଉଁମାନେ ବିଫଳତା ବୋଲି କିଛି ଭାବୁଛନ୍ତି ତାହା ପ୍ରକୃତରେ ଅସଫଳତା ନୁହେଁ,ତାହା ହେଉଛି ଏକ ଆହ୍ୱାନଭରା ପରୀକ୍ଷା। ପରୀକ୍ଷାକୁ ନେଇ ପିଲାମାନଙ୍କ ଭିତରେ ଅନେକ ଦ୍ୱନ୍ଦ୍ୱ, ଭୟ ଓ ଚାପ ମଧ୍ୟ ଆସିଥାଏ। ନିଜ ପାଠ୍ୟ ପ୍ରସ୍ତୁତିକୁ ନେଇ ଚାପ, ଅଭିଭାବକଙ୍କ ଚାପ ଆଉ ବିଦ୍ୟାଳୟର ଚାପ ଏ ସବୁ ଭିତରେ ସହପାଠୀଙ୍କ ଏକ ଚାପକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ମୁଁ ତୁମମାନଙ୍କୁ ସମ୍ପୂର୍ଣ୍ଣ ଚାପମୁକ୍ତ ରହି ଆନନ୍ଦମୟ ପରୀକ୍ଷା ପାଇଁ କିଛି କଥା ବାଣ୍ଟିବାକୁ ଆଜି କଲମ ଧରିଛି। ତୁମେ ସମସ୍ତେ ହେଉଛ ଜୀବନ ପରୀକ୍ଷାର ଜଣେ ଜଣେ ସଫଳ ଓ ଉତ୍ତୀର୍ଣ୍ଣ ତଥା ଉଜ୍ଜ୍ୱଳତମ ତାରକା, ଏହାକୁ କେବେ ଭୁଲିଯାଅ ନାହିଁ। ଚାପମୁକ୍ତ ଜୀବନ ହେଉଛି ପଶୁପକ୍ଷୀଙ୍କର। ଆମ୍ଭେମାନେ ଦିବ୍ୟ ମଣିଷ ଜୀବନ ପାଇଛେ ଚାପକୁ ସହ୍ୟ କରିପାରିବା ପାଇଁ। ତେଣୁ ଜୀବନ ପରୀକ୍ଷାକୁ ଏକ ଆନନ୍ଦମୟ ମୁହୂର୍ତ୍ତ ଓ ଖୁସିର ଉତ୍ତୀର୍ଣ୍ଣ ପାର୍ବଣ ବୋଲି ଗ୍ରହଣ କର।

ସର୍ବପ୍ରଥମେ ଏହାକୁ ଏକ ଆହ୍ୱାନଭରା, କଷ୍ଟକର ଏବଂ ଗଣିତ ପାଠ ପରି ଅବୁଝା ମାନସାଙ୍କ ଭାବନା। ତୁମେ ବର୍ଷ ସାରା ଯେଉଁ ବହିପତ୍ରର ଅଙ୍କାବଙ୍କା ଅକ୍ଷର ସହିତ ଓ ଘଟଣା ସହିତ ଜଡ଼ିତ ରହିଛ ତାହା କ'ଣ ତୁମ ପାଇଁ ଅବୁଝା ? ଦୁର୍ବୋଧ ? ତାହା କ'ଣ ତୁମ ପାଇଁ କେବେ ଆହ୍ୱାନ ସୃଷ୍ଟି କରିବ ? କାରଣ ଗୋଟିଏ ପାଠପଢ଼ା ବହିର ଅକ୍ଷରଗୁଡ଼ିକ କେବଳ ପରୀକ୍ଷା ପାଇଁ ନୁହେଁ ଏହା ତୁମ ଜୀବନର ଅତି ମୂଲ୍ୟବାନ ଓ ସ୍ମରଣୀୟ ଧାଡ଼ିଗୁଡ଼ିକ। ତେଣୁ ଏ ସବୁକୁ ପରୀକ୍ଷାର ଜିନିଷ ବୋଲି ଆଦୌ ବିଚାର କରନାହିଁ। ତୁମେ ଟିକିଏ ମନେପକାଅ ତ, ନୂଆବର୍ଷ ହେଉ ବା ଦଶହରା, ତୁମ ଜନ୍ମଦିନ ହେଉ ବା ତୁମର କୌଣସି ଘରୋଇ ଉତ୍ସବ, ଏହାକୁ ତୁମେ କେତେ ଖୁସି ଓ ଆନନ୍ଦର ସହିତ ଅପେକ୍ଷା କରିଥାଅ। ଠିକ୍ ସେହିପରି ପରୀକ୍ଷା ତୁମର ଏକ ଆନନ୍ଦମୟ ଅବସର। ତାକୁ ଖୁସି ଓ ଆନନ୍ଦର ସହିତ ସ୍ୱାଗତ କଲେ ପରୀକ୍ଷା ଓ ତୁମ ଭିତରେ ପ୍ରଭେଦ ରହିବନାହିଁ। ଦ୍ୱିତୀୟରେ ପରୀକ୍ଷା ପୂର୍ବ ସମୟ ଓ ତୁମର ବର୍ଷ ତମାମର ସମୟ ଭିତରେ କୌଣସି ପାର୍ଥକ୍ୟ ରଖନାହିଁ। ତୁମ ସମୟର, ତୁମ ଘର ଘଣ୍ଟାର କଣ୍ଟାଗୁଡ଼ିକ ଯେଉଁପରି ପ୍ରତିଦିନ ଅତିକ୍ରମ କରେ ଠିକ୍ ସେହିପରି ତୁମେ ତାହାକୁ ଅତିକ୍ରମ କର ଓ ତା' ସହିତ ସମୟ ଅତିବାହିତ କର। ଅର୍ଥ ମୁଁ ତୁମକୁ ଟିକେ ବୁଝାଇ ଲେଖୁଛି। ତୁମେ ଯେଉଁ ସମୟରେ ବିଛଣା ଛାଡ଼, ତୁମ ବ୍ରେକଫାଷ୍ଟ ଗ୍ରହଣ କର, ତୁମେ ଶୋଇବାକୁ ଯାଅ, ଯେଉଁ ସମୟରେ ତୁମେ କିଛି ସମୟ ବୁଲାବୁଲି କରିବାକୁ ପସନ୍ଦ କର, ଯେଉଁପରି ଘରର ଲୋକଙ୍କ ସହିତ ସମୟ କାଟ ଠିକ ସେହିପରି ତୁମ ସମୟର ମୁହୂର୍ତ୍ତ ଗୁଡ଼ିକୁ ଅତିବାହିତ କର। ସେହିପରି ବିଚଳିତ, ଅଧୈର୍ଯ୍ୟ, ଭୟ ଓ ଆଶଙ୍କା ଶବ୍ଦକୁ ତୁମ ଡିକ୍ସିନାରୀରୁ କିଛି ଦିନ ପାଇଁ ସେମାନଙ୍କୁ ବନ୍ଧୁ ତାଲିକାରୁ କାଟି ରଖିଦିଅ। ଜୀବନର ପରବର୍ତ୍ତୀ ସମୟରେ ସେମାନଙ୍କୁ ତୁମେ ବନ୍ଧୁ କରିପାର! ଘରୋଇ ଖାଦ୍ୟ, ମାଆଙ୍କ ହାତରନ୍ଧା ଖାଦ୍ୟ ଯାହାକି ସୁଷମ ଓ ସ୍ୱାସ୍ଥ୍ୟକର ତାହାକୁ ଗ୍ରହଣ କର। ରାତିରେ ଅତି କମରେ ସାତ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଏକାଗ୍ରତା ବଢ଼ାଇବା ପାଇଁ କିଛି ସମୟ ବ୍ୟାୟାମ ଓ ଯୋଗ କରନ୍ତୁ। ପୁଣି ପ୍ରତି ବିଷୟ ପଢ଼ିବା ଆରମ୍ଭରେ ତିରିଶ ମିନିଟ ଲେଖାଏ ପୂର୍ବରୁ ପଢ଼ିଥିବା ପାଠକୁ ରିଭିଜନ ଓ ଲେଖିବା ଅଭ୍ୟାସ କରନ୍ତୁ।

ଓସେପା ପକ୍ଷର ଅଭିଭାବକଙ୍କୁ ମଧ୍ୟ କେତେକ ଉପଯୋଗୀ ପରାମର୍ଶ ଦିଆଯାଇଛି। ଘରେ ଅନୁକୂଳ ପରିବେଶ ସୃଷ୍ଟି କରି ପିଲାକୁ ପାଠ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ହେବ। ପିଲାର ସାମର୍ଥ୍ୟ ଅନୁସାରେ ତା'ଠାରୁ ସେତିକି ଆଶା କରିବା, ପିଲା ସହିତ ଖୋଲାଖୋଲି ଭାବେ ଆଲୋଚନା କରିବା, ଯଦିଓ ପରୀକ୍ଷାକୁ ନେଇ ତାହାର ଚିନ୍ତା ଓ ଭୟ ଦୂର କରାଇ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଏସବୁ ବାଦ୍ ତୁମେ, ଯେଉଁ ପାଠ୍ୟକ୍ରମ ବୁଝି ପାରୁନାହିଁ ତୁମ ଶ୍ରେଣୀ ଶିକ୍ଷକ ହୁଅନ୍ତୁ ବା ତୁମ କୋଚିଂ ସହାୟକ ସାର୍‌ଙ୍କ ପରାମର୍ଶ ନିଅ। ହଁ, ପିଲାମାନେ ଗୋଟିଏ ଭଲ କଥା ଟିକିଏ ମନେରଖ। କେହି କେହି କୁହନ୍ତି ପରୀକ୍ଷା ପୂର୍ବରୁ ମୋବାଇଲ ଫୋନ ଆଦୌ ଧରିବ ନାହିଁ। ମୁଁ କିନ୍ତୁ ତୁମମାନଙ୍କୁ ଏପରି ପରାମର୍ଶ ଦେବି ନାହିଁ। ତୁମେ ନିଶ୍ଚିତ ଧୈର୍ଯ୍ୟଶୀଳ ଓ ସଂଯମୀ ତାହା ମୁଁ ଜାଣେ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ରଖି ତୁମେ କିଛି ସମୟ ମୋବାଇଲ ପାଇଁ ଦେଇପାର। ଏହା ତୁମ ପାଠ୍ୟକ୍ରମ ସହ ମାନସିକତା ପାଇଁ ଜରୁରୀ ମଧ୍ୟ। ଖୋଲା ପବନରେ, କିଛି ଖୋଲା ପରିବେଶରେ ସମୟ କାଟିବାକୁ ପସନ୍ଦ କର। ତେବେ ଗରିଷ୍ଠ ଖାଦ୍ୟ, ଯେହେତୁ ବର୍ତ୍ତମାନ ଶୀତଦିନ ଥଣ୍ଡା ଓ ବାସୀ ଖାଦ୍ୟ ନ ଖାଇବା ଭଲ। କୌଣସି ପ୍ରକାରର ଗୁଜବ ବା ସୋସିଆଲ ମିଡ଼ିଆର ଅପପ୍ରଚାରକୁ ଆଦୌ ଶୁଣ ନାହିଁ। ଚାପରୁ ମୁକ୍ତ ହୋଇ, ତୁମେ ନିତିଦିନ ଯେଉଁ ବହି ଅକ୍ଷରର ବନ୍ଧୁମାନଙ୍କୁ ଆପଣେଇଛ ସେମାନଙ୍କ ଉପରେ ଭରସା, ବିଶ୍ୱାସ ଓ ଆସ୍ଥା ରଖି ତୁମ ଜୀବନର ସବୁଠାରୁ ମୂଲ୍ୟବାନ ଓ ଉପଯୋଗୀ ପରୀକ୍ଷା ବନ୍ଧୁକୁ ସାମ୍ନା କର। ଦେଖିବ ସେ ତୁମ ହାତ କେବେ ଛାଡ଼ିବ ନାହିଁ, ତୁମ ମନକୁ ଊଣା କରିଲାପରି ତୁମକୁ ଅସଫଳର ବିନ୍ଦୁଏ ଭରସା ମଧ୍ୟ କମ କରିବନାହିଁ, ତୁମକୁ ସଫଳତାର ସୂର୍ଯ୍ୟୋଦୟ ଦେଖାଇବା ସହ ଜୀବନକୁ ଆଗେଇ ନେବା ପାଇଁ ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ନିଶ୍ଚିନ୍ତ ସେ ତୁମକୁ ସାଫଲ୍ୟର ବିଜୟ ମାଳା ପିନ୍ଧାଇବ ଏହା ଦୃଢ଼ ନିଶ୍ଚିତ।



**–ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,**
**ସେକ୍ଟର–୯, ସିଡିଏ, କଟକ,**
**ମୋ : ୯୪୩୭୨୨୫୫୯୨**

## ଏଇ ଭାରତରେ

ପେସାରେ ଶିକ୍ଷକ ହେଲେ ମଧ୍ୟ ଚାଷ ତାଙ୍କ ଜୀବନର ସବୁକିଛି। ଚାଷ କହିଲେ କୌଣସି କ୍ଷେତବାଡ଼ିକୁ ଯାଉନାହାନ୍ତି କି ହଳ, ଟ୍ରାକ୍ଟରରେ ଚାଷ କରୁନାହାନ୍ତି। ସ୍କୁଲ ସମୟ ପରେ ଘରେ ବଗିଚାରେ ସେ ପଦ୍ମ ଓ କଇଁଫୁଲ ଚାଷ କରୁଛନ୍ତି ତ୍ରିସୁରର ସରକାରୀ ସ୍କୁଲ ଶିକ୍ଷୟିତ୍ରୀ ଲଥିକା ସୁଥାନ। ସେ ଘରେ ପାଣିକୁଣ୍ଡରେ ଦେଶୀ ତଥା ବିଦେଶୀ କିସମର ୧୦୦ ପ୍ରକାର ପଦ୍ମଫୁଲ ଏବଂ ୮୦ ପ୍ରକାର କଇଁଫୁଲ ଚାଷ କରିବାରେ ସକ୍ଷମ ହୋଇଛନ୍ତି। ଏଥିରୁ ଅଧିକାଂଶ କିସମର ପଦ୍ମ ଓ କଇଁ ସେ ଥାଇଲାଣ୍ଡ, ଭିଏତ୍‌ନାମ ଓ ଜାପାନରୁ ସଂଗ୍ରହ କରିଛନ୍ତି। ଭାରତର ବିଭିନ୍ନ ସ୍ଥାନକୁ ଯାଇ ଅନେକ କିସମ ପାଇପାରିଛନ୍ତି। ଏଥିରୁ ସେ ମାସକୁ ୪୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ବଡ଼କଥା ହେଉଛି ୫୧ ବର୍ଷୀୟା ଲଥିକା ତାଙ୍କ ବଗିଚାରେ ବହୁ ପୁରାତନ କିସମର ପଦ୍ମଫୁଟାଇବାକୁ ସକ୍ଷମ ହୋଇଛନ୍ତି। ଏଥିରେ ସେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ସାର ବ୍ୟବହାର କରୁଛନ୍ତି । ଲଥିକାଙ୍କ ସ୍ୱାମୀ ତାଙ୍କୁ ବଗିଚା କାମ ଓ ପରିଚାଳନାରେ ସହଯୋଗ କରୁଛନ୍ତି। ଲଥିକା ପ୍ରତି ମାସରେ ୧୫୦ ପଦ୍ମ ଚାରା ଓ ୧୦୦ଟି କଇଁ ମଞ୍ଜି ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୩ ଫେବୃଆରୀ ୧୯୭୭

- ନିର୍ବାଚନ ସମୟରେ ହିଂସାକାଣ୍ଡ ତଦନ୍ତ ପାଇଁ ସର୍ବଦଳୀୟ କମିଟି ଗଠନ କରିବା ନିମନ୍ତେ ଜନତା ପାର୍ଟି ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଦାବି କରାଯାଇଛି।
- ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକୀୟ ଔଷଧପତ୍ରକୁ ସୁଲଭ କରିବା ନିମନ୍ତେ ୯ଟି ପରିକଳ୍ପନା କାର୍ଯ୍ୟକାରୀ ହେବ ବୋଲି ରାଷ୍ଟ୍ରାୟତ୍ତ ହିନ୍ଦୁସ୍ଥାନ ଆଣ୍ଟିବାଓଟିକ ଲିମିଟେଡର ଚେୟାରମ୍ୟାନ ସି. ଏନ୍. ଚାରୀ ପ୍ରକାଶ କରିଛନ୍ତି।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | | | | | | 6 |
| 3 | 2 | 1 | | | | 7 | | |
| | | 4 | | 9 | | | 3 | 8 |
| | | | 4 | 1 | | 9 | 8 | |
| | | 5 | | | | 2 | | |
| 1 | | 9 | | | | | 6 | |
| | 1 | 8 | | | 5 | | 9 | |
| | 7 | 6 | 3 | | | | | |
| 9 | 4 | | 8 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 1 | 3 | 4 | 9 | 8 | 5 |
| 3 | 4 | 5 | 8 | 2 | 9 | 7 | 1 | 6 |
| 1 | 8 | 9 | 5 | 7 | 6 | 3 | 4 | 2 |
| 9 | 5 | 3 | 6 | 4 | 2 | 1 | 7 | 8 |
| 6 | 1 | 2 | 9 | 8 | 7 | 4 | 5 | 3 |
| 4 | 7 | 8 | 3 | 1 | 5 | 6 | 2 | 9 |
| 8 | 9 | 6 | 7 | 5 | 1 | 2 | 3 | 4 |
| 7 | 3 | 4 | 2 | 9 | 8 | 5 | 6 | 1 |
| 5 | 2 | 1 | 4 | 6 | 3 | 8 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନୃସିଂହ ମନ୍ଦିରର ପବିତ୍ରତା ଅକ୍ଷୁଣ୍ଣ ରଖାଯାଉ

ମହାଶୟ,
ଉତ୍କଳର ପରମ୍ପରା ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅମଳରେ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସନ୍ନିକଟ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଅବସ୍ଥିତ। ଏହି ମନ୍ଦିର ଏବଂ ତତ୍‌ସଂଲଗ୍ନ ପୁଷ୍କରିଣୀକୁ ଆଧାର କରି ଯଜ୍ଞବେଦୀ ମଧ୍ୟ ଉତ୍ପନ୍ନ ହୋଇଥିବାର ପୌରାଣିକ କିମ୍ବଦନ୍ତୀ ଦର୍ଶାଯାଇଛି। ଦୈନନ୍ଦିନ ଅନ୍ତରରେ ପୁରୀକୁ ଛୁଟି ଆସୁଥିବା ଦର୍ଶନାର୍ଥୀ ଏହି ଯଜ୍ଞବେଦୀରୁ ଆବିର୍ଭାବ ହୋଇଥିବା ପ୍ରଭୁ ନୃସିଂହ ମନ୍ଦିର ପରିଦର୍ଶନ ମଧ୍ୟ କରିଥାନ୍ତି। ଏହି ମନ୍ଦିରଟି ମଧ୍ୟ ଗୁଣ୍ଡିଚା ମନ୍ଦିର ନିକଟରେ ରହିଛି। କିନ୍ତୁ ଅତି କ୍ଷୋଭର ବିଷୟ ଯେ, ଏ ମନ୍ଦିରର ପବିତ୍ରତା ପ୍ରତି କାହାର ନଜର ନାହିଁ କହିଲେ ଚଳେ । କାରଣ ମନ୍ଦିର ପରିପାର୍ଶ୍ୱରେ ଥିବା ଏକ ସୁଲଭ ଶୌଚାଳୟ ଗଢ଼ିଉଠିଛି। ଏହା ସମ୍ପୂର୍ଣ୍ଣ ଦୁର୍ଗନ୍ଧମୟ ଏବଂ ବିଷାକ୍ତ ବାତାବରଣ ସୃଷ୍ଟି କରୁଛି। ଯାହା ଦେଖାଯାଏ, ପୁରୀ ଭଳି ଧାର୍ମିକ ସ୍ଥଳର ସ୍ଥାନୀୟ ବ୍ୟକ୍ତିବିଶେଷ ମଧ୍ୟ ଏହି ଶୌଚାଳୟକୁ ଆସି ଏହାର ବ୍ୟବହାର କରୁଛନ୍ତି। ଫଳସ୍ୱରୂପ ଉକ୍ତ ନୃସିଂହ ମନ୍ଦିର ଚାରି ପାଖରେ ସର୍ବଦା ଦୁର୍ଗନ୍ଧମୟ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଅଛି ; ଯାହା କି ମନ୍ଦିରକୁ ଆସୁଥିବା ଅସଂଖ୍ୟ ଭକ୍ତବୃନ୍ଦଙ୍କ ମନରେ ଏକ ମିଶ୍ର ପ୍ରତିକ୍ରିୟା ସୃଷ୍ଟି କରୁଛି। ତେଣୁ ମୋର ଶ୍ରୀମନ୍ଦିର ପ୍ରଶାସକ ଏବଂ ପୁରୀ ଜିଲାପାଳଙ୍କୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନିବେଦନ କରିବା ସହ ପୁରୀ ଗଜପତି ମହାରାଜାଙ୍କର ଦୃଷ୍ଟି ଆକର୍ଷଣ କରୁଅଛି।

**–ସୌମ୍ୟରାଜ ପଟ୍ଟନାୟକ, ରେଡ୍‌କ୍ରସ୍‌ରୋଡ୍, ପୁରୀ ଟାଉନ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାସନାଞ୍ଚଳ ଲୁଚିଲା ଗୋଧୂଳି ଆଲୋକେ
ଧୀରେ ଠାରି
ବକ୍ଷ ମୋହର ଚିରିଗଲା ଏକ ପଲକେ
ଛୁରି ମାରି ।
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ








Flat
45% off
on making charges of gold jewellery.

90 YEARS
TRUST IS TIMELESS

BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar
SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com 1800 3131 777 FOLLOW US ON:

SCAN TO KNOW MORE

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୨।୨(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ଥାନା ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଗଣ୍ଡିଛକ ନିକଟରେ ଶନିବାର ରାତିରେ ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଅରଖପୁର ଗ୍ରାମର ମାନସ ଜେନାଙ୍କ ପୁଅ ଲିପକ(୨୪) ଓ ରାଧା ଜେନାଙ୍କ ପୁଅ ଆଲୋକ(୨୯)। ଅରଖପୁର ଗ୍ରାମର ସଂକୀର୍ତ୍ତନମଣ୍ଡଳୀ ବଡ଼ଚଣା ଥାନା ଚଣ୍ଡିତଳ ଗ୍ରାମକୁ ଅଷ୍ଟପ୍ରହର ନାମଯଜ୍ଞରେ ଯୋଗଦେବାକୁ ଯାଇଥିଲେ। ଉଭୟ ଯୁବକ ସେଠାରୁ ଫେରିବା ସମୟରେ କୌଣସି କାମରେ ଚଣ୍ଡିଖୋଲ ଛକକୁ ଯାଇଥିଲେ। କାମସାରି ଚଣ୍ଡିଖୋଲ ଛକରୁ ରାତିପ୍ରାୟ ୧ଟାରେ ଫେରିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନେ ଜାତୀୟ ରାଜପଥ ଉପରେ ପଡ଼ିଥିବା ଦେଖି କେହିବ୍ୟକ୍ତି ବଡ଼ଚଣା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତଘୋଷଣା କରିଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଘଟଣା ଅରଖପୁର ପଞ୍ଚାୟତରେ ଶୋକର ଛାୟା ଖେଳାଇଦେଇଛି।

### ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

**ପାଣିକୋଇଲି, ୨୨।୨(ବିକାଶ ଚନ୍ଦ୍ର ମଲ୍ଲିକ):** ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ନମକିରି ଗ୍ରାମର ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାହିଙ୍କ(୭୬) ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ୧୯୬୮ରେ ପ୍ରଥମେ ସେ ଯାତ୍ରା ଜଗତରେ ପାଦ ଥାପିଥିଲେ। ଅଭିନେତା ଭାବେ କାର୍ଯ୍ୟକରିବା ପରେ ନାଟ୍ୟ ନିର୍ଦ୍ଦେଶକ ହୋଇଥିଲେ। ପାଣିକୋଇଲି ବଜାର ଗଣେଶ କମିଟି ଓ ମେଳଣ କମିଟିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟକରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲିରୁ ତାଙ୍କ ବାସଭବନକୁ ଲୋକଙ୍କ ସୁଅ ଛୁଟିଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବହୁ ରାଜନୈତିକବ୍ୟକ୍ତି, ବୁଦ୍ଧିଜିବୀ, ବ୍ୟବସାୟୀ, କଳାକାର ଓ ଖବରଦାତା ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା କରାଯିବାପରେ ଯାଜପୁରର ମହାବାରୁଣୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



# ଅଭିଯୁକ୍ତଙ୍କ ବିରୋଧରେ ଚାଲିଥିବା ମାମଲା ରଦ୍ଦ

## ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ମାମଲା

**ରସୁଲପୁର,୨୨।୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ୍ ତଥା ଧର୍ମଶାଳା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ୪ ଜୁଲାଇ, ୨୦୨୩ରେ ଉକ୍ତ ଅଞ୍ଚଳର ବିନୋଦ ପଣ୍ଡିତ ନାମକ ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିବା ମାମଲା ଉଚ୍ଚ ନ୍ୟାୟାଳୟରେ ରଦ୍ଦ ହୋଇଯାଇଛି। ଏନେଇ ୧୩।୨।୨୦୨୬ରେ ରାୟ ପ୍ରକାଶ ପାଇଛି। ମହିଳା ଜଣକ ବିବାହିତ, ସୁସ୍ଥ ମସ୍ତିଷ୍କ, ସଚେତନ ହୋଇଥିବାରୁ ତାଙ୍କ ସହ ଜୋରଜବରଦସ୍ତି ଶାରିରୀକ ସମ୍ପର୍କ ରଖିବା ସହଜନୁହେଁ। ଯଦି ଅଭିଯୁକ୍ତ ଏବଂ ଅଭିଯୋଗକାରିଣୀଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ରଖିବା ଯୁକ୍ତିକୁ ଗ୍ରହଣ କରାଯାଏ, ତେବେ ମହିଳା ଯେ ନିରୀହ ଏବଂ ପ୍ରତାରିତ ତାହା ବିଶ୍ୱାସ କରିବହେବ ନାହିଁ। ଉଭୟ ଅଭିଯୁକ୍ତ ଓ ଅଭିଯୋଗକାରିଣୀ ନିଜସ୍ୱ ବୈବାହିକ ଜୀବନ ନିର୍ବାହ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅଭିଯୁକ୍ତଙ୍କୁ ଅଭିଯୁକ୍ତ ଦର୍ଶାଇ ତାଙ୍କ ବିରୋଧରେ ଆପରାଧିକ ମାମଲା ଚାଲୁ ରଖିବା ଉଚିତ ହେଉନାହିଁ। ଏହାଛଡ଼ା ଅଭିଯୋଗକାରିଣୀ ମହିଳାଙ୍କ ବୟସ ଓ ତାଙ୍କର ବୈବାହିକ ଜୀବନକୁ ଦେଖି ବିଶ୍ୱାସ କରିବହେବ ନାହିଁ ଯେ, ଅଭିଯୁକ୍ତ ତାଙ୍କ ଇଚ୍ଛା ବିରୋଧରେ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ ବୋଲି। ଏ ଦିଗରେ ଉଚ୍ଚ ନ୍ୟାୟାଳୟର ବିଚାରପତି ସଞ୍ଜୀବ ପାଣିଗ୍ରାହୀଙ୍କ ଖଣ୍ଡପୀଠ ଜ୍ୟୋତି ରାଘବନ୍ ବନାମ ଏବଂ ରାଜ୍ୟ ଜସ୍ୱାଲ ସିଂ କୌରଲ ବନାମ ଦିଲ୍ଲୀ ସରକାରଙ୍କ ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟକୁ ଉଦାହରଣ ଦେଇଛନ୍ତି। ଉକ୍ତ ରାୟ ଆଧାରରେ ବିନୋଦଙ୍କ ବିରୋଧରେ ହୋଇଥିବା ଏଫ୍‌ଆଇଆର୍ ଓ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି ଅଦାଲତରେ ବିଚାରାଧୀନ ଥିବା ଆପରାଧିକ ମାମଲାକୁ ରଦ୍ଦ କରିଦେଇଛନ୍ତି। ସେମାନଙ୍କ ଭବିଷ୍ୟତ ସୁରକ୍ଷାକୁ ଦୃଷ୍ଟିରେ ରଖି ନ୍ୟାୟାଳୟ ପକ୍ଷରୁ ଅଭିଯୁକ୍ତଙ୍କ ସପକ୍ଷରେ ଏଭଳି ପଦକ୍ଷେପ ନିଆଯାଇଛି। ଘଟଣା ସମ୍ପର୍କରେ ଧର୍ମଶାଳା ଥାନାରେ ନଂ.୪୦୮/୨୩ ଓ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟ ସିଟି କେସ୍ ନମ୍ବର-୧୧୫୨/୨୩ରେ ଆପରାଧିକ ମାମଲା ଚାଲୁ ରହିଥିଲା।

ସୂଚନାଯୋଗ୍ୟ, ଥାନାରେ ମାମଲା ହେବାର କିଛିବର୍ଷ ପୂର୍ବରୁ ସମ୍ପୃକ୍ତ ମହିଳା ଓ ଯୁବକ ବିନୋଦଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଉଭୟ ପୁରୀ ସମେତ ବିଭିନ୍ନ ସ୍ଥାନ ବୁଲାବୁଲି କରିବା ସହ ଲଜ୍‌ରେ ରାତ୍ରୀଯାପନ କରିଥିଲେ। ଏହିସମୟରେ ଉଭୟଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ସୃଷ୍ଟି ହୋଇଥିଲା। ଏଭଳି ଭାବରେ କିଛିବର୍ଷ ବିତିବା ପରେ ୩ଜୁଲାଇ,୨୦୨୩ରେ ବିନୋଦଙ୍କ ପରିବାର ତାଙ୍କ ଇଚ୍ଛା ବିରୋଧରେ ଅନ୍ୟତ୍ର ବିବାହ ସ୍ଥିର କରିଦେଇଛନ୍ତି ବୋଲି ପ୍ରେମିକାଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହାର ପରଦିନ ମହିଳା ଜଣକ ବିନୋଦଙ୍କ ଘର ପାଖକୁ ଯାଇ ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏହି ସମୟରେ ବନୋଦ ମହିଳାଙ୍କ ସହ କୌଣସି ପ୍ରେମ ସମ୍ପର୍କ ରଖିଥିବା ନେଇ ଅସ୍ୱୀକାର କରିଥିଲେ। ଏହାପରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଅଭିଯୁକ୍ତ ବିନୋଦଙ୍କ ବିରୋଧରେ ଅଦାଲତରେ ଅପରାଧିକ ମାମଲା ଚାଲୁଥିଲା। ଅଭିଯୁକ୍ତ ଉକ୍ତ ଘଟଣାକୁ ନେଇ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୨ ହସ୍ତଶିଳ୍ପ କାରିଗର ସମ୍ମାନିତ



ସମ୍ମିଳନୀରେ ସମ୍ମାନିତ ହୋଇଥିବା କାରିଗର ଓ ଅନ୍ୟମାନେ।

**ରସୁଲପୁର,୨୨।୨(ରଂଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମରେ ରବିବାର ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ବାଉଁଶ କାରିଗର ସୁରେଶ ଗୁଇଁ ଓ ପ୍ରସ୍ତରଶିଳ୍ପୀ ଅନନ୍ତ ମହାରଣା ୨ଜଣ ହସ୍ତଶିଳ୍ପ କାରିଗରଙ୍କୁ କଳାକୃତି ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ତୋଷାଳି ମେଳାରେ ଏହି ଦୁଇ କାରିଗରଙ୍କୁ ସମ୍ମାନିତ କରାଯାଇଥିବାରୁ ରସୁଲପୁର ବ୍ଲକ ଅଞ୍ଚଳର ପ୍ରସ୍ତର ଓ ବାଉଁଶ କାରିଗରୀକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିପାରଛି ବୋଲି ସଭାରେ କୁହାଯାଇଥିଲା। ଏହି କାରିଗରୀ ଦିଗରେ ଉଲ୍ଲେଖନୀୟ ଅଧ୍ୟବ୍ୟସାୟ ଜାରି ରଖିଥିବା ଓ କାର୍ଯ୍ୟକ୍ଷେତ୍ରରେ ଅନେକ କୁଶଳୀ କାରିଗରୀ ସୃଷ୍ଟି କରିବାରେ ପ୍ରମୁଖ ବିନ୍ଧାଣୀ ସାଜିଥିବା ଦୁଇ କାରିଗରକୁ ସମ୍ମାନିତ କରି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଖୁସିବ୍ୟକ୍ତ କରିଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ଓଡ଼ିଶା ବୁଣାକାର ମହାସଂଘ ସଭାପତି ଶ୍ରୀଧର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତରଶିଳ୍ପୀ ମହେଶ୍ୱର ଓଝା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗୋଲଖ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବରେ ବୁଦ୍ଧିଜୀବୀ ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ମହାରଣା, ସନ୍ତୋଷ ଓଝା ପ୍ରମୁଖ ଯୋଗଦେଇ ସଫଳ ହସ୍ତଶିଳ୍ପୀ କାରିଗରଙ୍କ ଗୁଣଗାନ କରିଥିଲେ। ଦୁଇଟି ପୃଥକ କାରିଗରୀ କ୍ଷେତ୍ରରେ ସଫଳତା ଅର୍ଜନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଦୁଇ କାରିଗର ସମଗ୍ର ଯାଜପୁର ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। କାରିଗର ଶ୍ରୀକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହିଳା କାରିଗର କଳ୍ପନା ମଲ୍ଲିକ, ରଞ୍ଜୁଲତା ମଲ୍ଲିକ, ଶୈଳେନ୍ଦ୍ରୀ ମଲ୍ଲିକ, ଦମୟନ୍ତି ମଲ୍ଲିକ, ପ୍ରହଲ୍ଲାଦ ମଲ୍ଲିକଙ୍କ ସମେତ ଗ୍ରାମର ବହୁ ଜନସାଧାରଣ ସଭାସ୍ଥଳରେ ଉପସ୍ଥିତ ରହି କାରିଗର ଦ୍ୱୟଙ୍କ ସଫଳତାକୁ ଭୂୟସୀ ପ୍ରଶଂସା କରିଥିଲେ। ସଞ୍ଜୟ ବେହେରା ଧନ୍ୟବାଦ ଦେଇଥିଲେ। ଏହାପରେ ଗଙ୍ଗାଧରପୁର ଗ୍ରାମରେ ବାଉଁଶ କାରଗରୀକୁ ନେଇ ଚାଲିଥିବା ଏକ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଉଭୟ କାରିଗର ସେମାନଙ୍କ ଅନୁଭୂତି ବିନିମୟ କରିଥିଲେ। ଶିବିରାର୍ଥୀ ସମ୍ମାନିତ ପ୍ରତିଭାଙ୍କଠାରୁ ନୂତନ ଜ୍ଞାନକୌଶଳ ଆହରଣକରି ଖୁସି ପ୍ରକଟ କରିଥିଲେ।

## ଗରଦପୁର ବ୍ଲକ ଅଞ୍ଚଳରେ ବଢ଼ୁଛି ଚୋରି, ଡକାୟତି

### ପଦ୍ମପୁର ଗ୍ରାମରୁ ଚୋରି

**ପାଟକୁରା, ୨୨।୨ (ରବୀନ୍ଦ୍ର ନାଥ ବାରିକ):** ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ପଦ୍ମପୁର ଗ୍ରାମର ଜପ ମହାନ୍ତିଙ୍କ ସିଡିଘର କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ଘରେ ସମସ୍ତେ ଶୋଇଥିବା ବେଳେ ଚୋରମାନେ ଭିତରେ ଥିବା ଟ୍ରଙ୍କ୍‌ରୁ ସୁନା କାନ ଫୁଲ, ସୁନା ଚେନ ସମେତ ନଗଦ ଟଙ୍କା ସବୁ ଚୋରିକରି ନେଇଯାଇଥିବା ଜଣାପଡ଼ିଛି। ଘରପାଖରୁ ଅଳ୍ପଦୂରରେ ଥିବା ବିରି ଖଳାରେ ଦୁଇଟା ଟ୍ରଙ୍କ୍, ଆଟାଚ ଫୋପାଡି ଦେଇଥିବା ଦେଖିବାକୁ ମିଳିଛି। ଏ ନେଇ ପାଟକୁରା ଥାନାରେ ଆଭିଯୋଗ ହେବାପରେ ନଂ. ୩୭/୨୬ରେ ଏକ ମକଦମା ରୁଜୁ କରାଯାଇଛି। ପାଟକୁରା ଥାନା ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜାମସେଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଚୋରମାନେ ପ୍ରଥମେ ଚିତ୍ତ ଲେଙ୍କାଙ୍କ ଦୁଆର ବନ୍ଧ ଭାଙ୍ଗିଘରେ ପଶିଥିଲେ। ମାତ୍ର ଘର ଲୋକେ ଉଠିପଡିବାରୁ ଚୋରମାନେ ସେଠାରୁ ପଳାଇ ଯାଇ ଜପ ମହାନ୍ତିଙ୍କ ଛାତ ଘର ସିଡି ବାଟଦେଇ ଘରେ ପଶି ଚୋରି କରିଥିଲେ।

### ସଡ଼କ ଦୁର୍ଘଟଣାରେ ଅଙ୍ଗନୱାଡି ସହାୟିକା ମୃତ

**ପାଟକୁରା,୨୨।୨(ରବୀନ୍ଦ୍ର ନାଥ ବାରିକ୍):** ଗରଦପୁର ବ୍ଲକ ଗରଦପୁର-ପହଣାପନ୍ଦିଆ ପୋଲର ପତିସାହିଗଡା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ୫୭ ବର୍ଷୀୟା ଅଙ୍ଗନୱାଡି ସହାୟିକାଙ୍କର ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଗରଦପୁର ପତିସାହିର ବନପ୍ରିୟା ପତି। ସେ ଗରଦପୁର ୩ (ପତିସାହି) ଅଙ୍ଗନୱାଡି କେନ୍ଦ୍ରରେ ସାହାୟିକା ଭାବେ କାର୍ଯ୍ୟ କରନ୍ତି। ଶନିବାର କାମେଶ୍ୱର ଜାଗର ମେଳାରୁ ବିଳମ୍ବିତ ରାତିରେ ପୁଅ ସତ୍ୟଜିତ ପଣ୍ଡାଙ୍କ ସାଙ୍ଗରେ ବାଇକ୍ ଯୋଗେ ଫେରୁଥିବା ବେଳେ ଗରଦପୁର-ପହଣା ପନ୍ଦିଆ ପୋଲର ପତିସାହି ଗଡା ନିକଟରେ ବାଇକ୍‌ରୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବନପ୍ରିୟାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଅନ୍ତିମ ସଂସ୍କାର କରାଯାଇଛି।

# ମୋବାଇଲକୁ ନେଇ ଗଣ୍ଡଗୋଳ: ବୃଦ୍ଧାଙ୍କ ମୃତ୍ୟୁ

**କଳିଙ୍ଗନଗର,୨୨।୨ (ଶୁଭାଶିଷ ରାଉତ):** ଯାଜପୁର ରୋଡ୍ ଥାନ ଅଧୀନ ସୋଲେଇ ଗ୍ରାମରେ ରବିବାର ରାତିରେ ମୋବାଇଲ ଫୋନ୍ ଛଡ଼ାଇ ନେବାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜେମା ଆଲଦା(୬୫)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଉକ୍ତ ଗ୍ରାମର ଆଦିବାସୀ ସାହିର ବରଜୁ ଲୋହାରଙ୍କ ମୋବାଇଲକୁ ଗତ ଶୁକ୍ରବାର କମାର ସାହିର ରବି ହେମ୍ବ୍ରମ ଛଡ଼ାଇ ନେଇଥିଲେ। ମୋବାଇଲ କାହିଁକି ଛଡ଼ାଇନେଲେ ବୋଲି ବରଜୁଙ୍କ ଶାଶୁ ଜେମା ରବିବାର ରାତିରେ ଯାଇ ରବିଙ୍କୁ ପଚାରିଥିଲେ। ଏହି ସମୟରେ ରବିଙ୍କ ସମେତ ସାହିର ଅନ୍ୟ ପ୍ରାୟ ୧୦ଜଣ ଯୁବକ ଆସି ଗଣ୍ଡଗୋଳ କରିବା ସହ ବୃଦ୍ଧଙ୍କୁ ଧକ୍କା ମାରିଥିଲେ। ଫଳରେ ସେ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ। ଏହିଘଟଣା ପରେ ସୋଲେଇ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ଓ ଦାନଗଦି ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଚଣ୍ଡିଖୋଲ କଲେଜ ପୁରାତନ ଛାତ୍ର ସଂଘ ବୈଠକ




ବୈଠକରେ ବାବାଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ।

**ଚଣ୍ଡିଖୋଲ/ବଡ଼ଚଣା,୨୨।୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):** ଚଣ୍ଡିଖୋଲସ୍ଥିତ ବାବାଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସାଧାରଣ ପରିଷଦ ବୈଠକ କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଲେଜ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ ପାଇଁ ସ୍ଥିର କରାଯାଇଥିଲା। ଏଥିନିମନ୍ତେ ଏକ ସମ୍ପାଦନା ମଣ୍ଡଳୀ ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସ୍ମରଣିକା ନିମନ୍ତେ ଇଚ୍ଛୁକ ପୁରାତନ ଛାତ୍ରୀଛାତ୍ର ଲେଖା ପଠାଇବା ପାଇଁ ଅନୁରୋଧ କରାଯାଇଥିଲା। ସେହିପରି କଲେଜ ପ୍ରତିଷ୍ଠା ସମୟରେ ଓ କଲେଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ବଦାନ୍ୟ ବ୍ୟକ୍ତିବିଶେଷ, ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଯାଇଥିଲା। ଏଥିପାଇଁ ଏକ ସମନ୍ୱୟ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଭା ପ୍ରାରମ୍ଭରେ କଲେଜର ଇଂଲିଶ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରାଧ୍ୟାପକ ରାଜେନ୍ଦ୍ର ପାଢ଼ୀ, ପୁରାତନ ଛାତ୍ର ବିଭୂତି ଭୂଷଣ ନାୟକ, ସାମାଜିକ କର୍ମୀ ସନ୍ତୋଷ ମହାନ୍ତି, ଶିକ୍ଷୟିତ୍ରୀ ପୁଷ୍ପଲତା ସେଠୀ, ସ୍ୱୟଂପ୍ରଭା ରାଉତ ଏବଂ ସନ୍ତୋଷ ମହାରଣାଙ୍କ ଅକାଳ ବିୟୋଗରେ ସେମାନଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସାଧାରଣ ସମ୍ପାଦକ ଦେବରାଜ ବେହେରା, ମେଜର ଦିଲୀପ ନାୟକ, କାମିନୀ ନାୟକ, ଅଧ୍ୟାପକ ତପନ ଜେନା, ସଲିଳ ରାଜନନ୍ଦନ ମହାନ୍ତି, ବିଜୟ କେତନ ସାମଲ, ନିଶିକାନ୍ତ ଦାସ, ବୀରେନ ବିଶ୍ୱାଳ,ପୃଥ୍ୱୀରାଜ ନାୟକ, ଅଜୟ ପ୍ରଧାନ, ଶୁଭ୍ରାଂଶୁ ଶେଖର ବରାଳ ଓ ସୌମ୍ୟରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ ସପକ୍ଷରେ ଥାନା ଘେରିଲେ ଅଭିଭାବକ

**ରାଜକନିକା,୨୨।୨ (ସଞ୍ଜୟ କୁମାର ଦାଶ):** ରାଜକନିକା ଥାନା ଅଞ୍ଚଳ ଓଳାଭରସ୍ଥିତ ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲର ଜଣେ ୧୩ ବର୍ଷୀୟା ଛାତ୍ରୀ ଗଣବଳାତ୍କାର ଘଟଣାର ରବିବାର ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ବିଦ୍ୟାଳୟକୁ ବଦନାମ କରିବାକୁ ଏପରି ମସୁଧା ହୋଇଥିବା ନେଇ ରବିବାର ଅଭିଭାବକମାନେ ଥାନା ଘେରାଉ କରିଥିଲେ। ଅଭିଯୁକ୍ତମାନେ ନିର୍ଦ୍ଦୋଷ। ସେମାନଙ୍କୁ ଛାଡି ଦିଆଯାଉ ବୋଲି କହିଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁଶାନ୍ତ ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ସହ ଆଇନକୁ ହାତକୁ ନ ନେବାକୁ ପରାମର୍ଶ ଦେଇଥିଲେ ଓ ତଦନ୍ତରେ ସହଯୋଗ କରିବାକୁ କହିଥିଲେ ଏବଂ ପରେ ଘେରାଉ ହଟିଥିଲା। ଅନ୍ୟପକ୍ଷରେ ସାଇଣ୍ଟିଫିକ ଟିମ୍ ସମ୍ପୃକ୍ତ ସ୍କୁଲକୁ ଯାଇ ତଦନ୍ତ କରିଥିବା ଜଣାପଡିଛି। ଏହି ଘଟଣାର ସମ୍ବେଦନତା ପାଇଁ ଏହି ମାମଲାକୁ ରେଡ୍‌ଫ୍ଲାଗ ଘୋଷଣା କରାଯାଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ରେଡ୍‌ଫ୍ଲାଗ ଘୋଷଣା ପରେ ୬୦ ଦିନ ପରେ ଘଟଣାର ଚାର୍ଜଶିଟ ଦାଖଲ ହେବ ବୋଲି ଜଣାପଡିଛି।

# ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ




ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**ସିଂହପୁର,୨୨।୨ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ୧୦ମ ବାର୍ଷିକ ସାରସ୍ୱତ ସମାରୋହ ଏମ୍‌ଡିଏନ୍ ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ସାହିତ୍ୟିକା ସୁଲୋଚନା ଦାସ, ମୁଖ୍ୟବକ୍ତାଭାବେ ସାହିତ୍ୟିକ ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥିଭାବେ ଗ୍ରାମସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ସହକାରୀ ଜିଲାପାଳ ଅଲିଭା ଧଳ, ଅତିରିକ୍ତ ତହସିଲଦାର ସୁନିତା ଦେହୁରି ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଏବଂ ଓଡ଼ିଆ ଭାଷା ଉପରେ ଆଲୋକପାତ କରିଥିଲେ।

ଏହିଅବସରରେ ଟେଟରା ହେଡେନେର ପ୍ରତିଷ୍ଠାତା ତ୍ରିଦେବ ବେହେରା, ସିଂହପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ପଦ୍ମନାଭ ଦାଶ, ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁ, ସାମାଜିକ କର୍ମୀ ବିଷ୍ଣୁଚରଣ ଭୂୟାଁ, ଶିକ୍ଷାବିତ୍ ନିତ୍ୟାନନ୍ଦ ସାମଲ, ଶିକ୍ଷାପ୍ରେମୀ ଅନେନ୍ଦ୍ର ବେଉରିଆ, ଜନସେବୀ ଯଶୋବନ୍ତ ଦାସ, ଭେଷଜ ବିଶେଷଜ୍ଞ ଲଳିତ ପ୍ରସାଦ ବେହେରା, ବୈଜ୍ଞାନିକ କୁନ୍ଦନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରଦୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନିରୁଦ୍ଧ ବେଉରିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଶ୍ରୀମୁଖ'କୁ ଅତିଥି ଉନ୍ମୋଚନ କରିଥିଲେ। ଉପସଭାପତି ତଥା ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକ, ଶିକ୍ଷାବିତ କୁଷ୍ଟଚନ୍ଦ୍ର ଥାଟୋଇ, ସହ ସଂପାଦକ ସୁବାସ ଚନ୍ଦ୍ର ପ୍ରଧାନ, ବିପିନ ବିହାରୀ ଜେନା, ମେଘନାଥ ମହାଳିକ, ଅକ୍ଷୟ ସାମଲ, ନାରାୟଣ ଚନ୍ଦ୍ର ଦାସ, ଚନ୍ଦ୍ର ଶେଖର ନାୟକ ପ୍ରମୁଖ ମାନପତ୍ର ପାଠ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥଲା। ଖଗେଶ୍ୱର ସାହୁ, ସନ୍ତୋଷ ବେହୁରିଆ, ଗଦାଧର ପଡ଼ିହାରୀ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଯୁଗ୍ମସମ୍ପାଦକ ଭରତ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ଡ୍ରପ୍‌ଆଉଟ୍ ପ୍ରତିଫଳିତ କରୁଛି ସମସ୍ୟା

- ମାଟ୍ରିକ୍ ପରୀକ୍ଷାରେ କେନ୍ଦ୍ରାପଡ଼ାରୁ ୩୪୧ ପରୀକ୍ଷାର୍ଥୀ ଅନୁପସ୍ଥିତ
- ଦାଦନ ଖଟୁଛନ୍ତି ଏକାଧିକା ପିଲା
- ପ୍ରତିହତ ହେବ ବିକଶିତ ଭାରତ ଲକ୍ଷ୍ୟ

**ପଟ୍ଟାମୁଣ୍ଡାଇ, ୨୨।୨ (କଳ୍ପତରୁ ନାୟକ):** ଚଳିତବର୍ଷ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲାରେ ବହୁସଂଖ୍ୟକ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ଚିନ୍ତାର ବିଷୟ ପାଲଟିଛି। ଯାହା ଡ୍ରପ୍‌ଆଉଟ୍ ସମସ୍ୟାକୁ ପ୍ରତିଫଳିତ କରୁଥିବା କୁହାଯାଉଛି। ଏହି ଜିଲାର ବହୁ ଲୋକ କେରଳ, ବାଙ୍ଗାଲୋର ଆଦି ସ୍ଥାନକୁ ପେଟପାଟଣା ପାଇଁ ଦାଦନ ଖଟି ଯାଇଛନ୍ତି। କର୍ମସଂସ୍ଥାନ ଅଭାବରୁ ଲୋକେ ବାହାର ରାଜ୍ୟକୁ ମୁହାଁଉଛନ୍ତି। ସ୍ଥିତି ଏଭଳି ଯେ ଗାଁର ବହୁ ପିଲା ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଯାହା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ଅସମ୍ଭବ ହୋଇପାରେ ବୋଲି ମତ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲାରେ ୧୦୭ ମାଟ୍ରିକ ପାରୀକ୍ଷା କେନ୍ଦ୍ରରେ ଗୁରୁବାର ପରୀକ୍ଷା ହୋଇଯାଇଛି। ଏହି ପରୀକ୍ଷାରେ ମୋଟ ୧୯,୪୭୨ ଜଣ ପରୀକ୍ଷାର୍ଥୀ ଥିଲେ। ମାତ୍ର ପିଲା ଫର୍ମ ପୂରଣ କରିଥିଲେ। ସେଥିରୁ ୧୯,୩୦୧ଜଣ ପିଲା ଫର୍ମ ପୂରଣ କରିଥିଲେ। କିନ୍ତୁ ପରୀକ୍ଷା ବେଳକୁ ୧୯,୦୨୯ଜଣ ପରୀକ୍ଷାର୍ଥୀ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଥିବାବେଳେ ୨୭୨ଜଣ ଅନୁପସ୍ଥିତ ଅଛନ୍ତି। ୨୬୩ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୭ଜଣ ପରୀକ୍ଷା ଦେଇଥିବାବେଳେ ୩୬ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଓପନ ସ୍କୁଲର ୨୪୯ ଜଣଙ୍କ ମଧ୍ୟରୁ ୨୧୬ଜଣ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ଅନୁପସ୍ଥିତ ଥିଲେ। ମୋଟ ମିଶାଇ ୩୪୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ସେଥିରୁ ଅନେକ ବାହାର ରାଜ୍ୟରେ ଦାଦନ ଖଟୁଥିବାବେଳେ ଏକାଧିକା ପିଲା ଭିନ୍ନ ଭିନ୍ନ କାରଣରୁ ପରୀକ୍ଷା ଦେଇପାରିନାହାନ୍ତି ବୋଲି କୁହାଯାଉଛି।

ସାମାଜିକକର୍ମୀ ଗୟାଧର ଧଳ, ବିଜୟ ଦାସ, ଦାଶରଥି ସାହୁ, ପ୍ରକାଶ ମହାନ୍ତି ପ୍ରମୁଖ କହିଛନ୍ତି, ଏଭଳି ପରିସ୍ଥିତି ଯୁବପିଢ଼ିଙ୍କ ପ୍ରବାସକୁ ରୋକିବା, ସେମାନଙ୍କୁ ଶିକ୍ଷା ଏବଂ ଦକ୍ଷତା ବିକାଶ ସହିତ ଯୋଡ଼ିବା, ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବା, ଏକ ବିକଶିତ ଭାରତ ପାଇଁ ଆହ୍ୱାନକୁ ପ୍ରତିହତ କରିପାରେ। ମୁଖ୍ୟଧାରାର ଶିକ୍ଷା ବ୍ୟବସ୍ଥାରେ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ଯୁବକମାନେ କେବଳ ଶିକ୍ଷିତ ହେବା ସହ ପ୍ରଯୁକ୍ତି ବିଦ୍ୟାରେ ନିପୁଣ ହେବା ଜରୁରୀ। ସ୍ଥାନୀୟସ୍ତରରେ ନିଯୁକ୍ତି କିମ୍ବା ସ୍ୱନିଯୁକ୍ତି ସୁଯୋଗ ପାଇ ପ୍ରବାସକୁ ଏଡାଇବା ଆବଶ୍ୟକ। ନଦୀ ନାଳ ଘେରା ଉପକୂଳ ଜିଲା କେନ୍ଦ୍ରାପଡ଼ାରେ ଥିବା ସ୍କୁଲରେ ଛୋଟ ପିଲାମାନେ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିନେଇ ଡ୍ରପ୍ ଆଉଟ ହାର ବଢ଼ି ଚାଲିଛି। ଯାହାର ଉଦାହରଣ ଭାବେ ବର୍ତ୍ତମାନ ମାଟ୍ରିକ ପରୀକ୍ଷାର ପିଲା ଅନୁପସ୍ଥିତିରୁ ପ୍ରତୀୟମାନ ହେଉଛି। କଂଗ୍ରେସ ନେତା ବିଦ୍ୟୁ ଭୂଷଣ ମହାପାତ୍ର କହିଛନ୍ତି, ସରକାର ବିକଶିତ ଭାରତ ଲକ୍ଷ୍ୟ ପୂରଣ ନିମନ୍ତେ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେଥିନେଇ ଗୁଣାତ୍ମକ ଶିକ୍ଷା ବିକାଶ ସକାଶେ ପୂର୍ବ ୧୯୮୬ର ଜାତୀୟ ଶିକ୍ଷା ନୀତିକୁ ବଦଳାଇବା ୨୦୨୦ ଜୁଲାଇ ୨୯ରେ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ପ୍ରଚଳନ କରାଇଛନ୍ତି। ସବୁ ସ୍କୁଲରେ ପ୍ରଶିକ୍ଷିତ ଶିକ୍ଷକ ନିଯୁକ୍ତି ହୋଇପାରିନାହାନ୍ତି। ଶିକ୍ଷା ସହାୟକଙ୍କ ଉପରେ ନିର୍ଭର କରି ଏହି ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ। ଗରିବ ପିଲା ଘରୋଇ ସ୍କୁଲରେ ବ୍ୟୟବହୁଳ ପାଠ ପଢି ପାରୁ ନାହାନ୍ତି। ଫଳରେ ସେମାନେ ପାଠ ପଢି ନ ପାରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଶୁକ୍ରବାର ରାଜ୍ୟ ବିଧାନସଭାରେ ଖୋଦ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି, ଚଳିତ ମାଟ୍ରିକ ପରୀକ୍ଷାରେ ୩, ୦୮୨ଟି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨, ୦୯୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସେ କହିଛନ୍ତି। ତେବେ ଯେତେବେଳେ ବିକାଶ ଓ ପ୍ରଗତି କଥା ପ୍ରଚାର କରାଯାଉଛି, ସେତେବେଳେ ଅର୍ଥନୀତି ସମ୍ମୁଖରେ କିଛି ଭୟଙ୍କର ସମସ୍ୟା ଦେଖାଦେଉଛି। ୨୦୦୭ରେ ଭାରତ ନିମ୍ନ ଆୟ ଶ୍ରେଣୀରୁ ନିମ୍ନ ମଧ୍ୟମ ଆୟ ଦେଶର ଶ୍ରେଣୀକୁ ପ୍ରବେଶ କରିଥିଲେ ମଧ ପ୍ରାୟ ଦେଢ଼ ଦଶକ ଧରି ସେଇ ଶ୍ରେଣୀରେ ଅଟକି ରହିଛି। ବର୍ତ୍ତମାନର ସମସ୍ୟାରୁ ଲୋକଙ୍କୁ ଦୂରେଇ ରଖିବାକୁ ହୁଏତ ସମ୍ଭବ ହୋଇପାରେ, କିନ୍ତୁ ଭବିଷ୍ୟତ ପିଢ଼ିଙ୍କ କଥା ଶାସକ ଶ୍ରେଣୀ ଭୁଲିଯିବା ଅନୁଚିତ ବୋଲି ମହାପାତ୍ର କହିଛନ୍ତି।

# ପାଇପ ବିଛାବେଳେ ରାସ୍ତା ଖରାପ ହେଲେ ବିଭାଗ ଦାୟୀ

## ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର

- ଡିଏସ୍‌ଡବ୍ଲ୍ୟୁଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ଚର୍ଚ୍ଚା
- ସଚେତନତା ପାଇଁ ମଦ ବୋତଲରେ ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ଲେଖାଥିବା ମନ୍ତ୍ରୀଙ୍କ ଉତ୍ତର

ଜଗତ୍‌ସିଂହପୁର, ୨୨।୨
(ପ୍ରମୋଦ କୁମାର ନାୟକ)

ସମ୍ପ୍ରତି ଜଗତ୍‌ସିଂହପୁର ପୌର ପରିଷଦ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ ଲାଇନ ବିଛା କାମ ଚାଲିଛି। ଠିକାଦାର ଅନେକ ସ୍ଥାନରେ ରାସ୍ତା ପାର୍ଶ୍ୱ ଓ ମଝିରେ ଜେସିବି ସାହାଯ୍ୟରେ ଖୋଳି ଚାଲିଛନ୍ତି। କିନ୍ତୁ ଏହାପରେ ରାସ୍ତା ମରାମତି ହେଉନାହିଁ। ଏହାଦ୍ୱାରା ଭଲ ରାସ୍ତା ଖରାପ ହେବା ଯୋଗୁ କେବଳ ସରକାରଙ୍କ ରାଜସ୍ୱ ହାନି ହେଉନି ଲୋକେ ଯାତାୟାତରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ନିର୍ମାଣ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଲିଖିତ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାସ୍ତାକୁ ଖୋଳି ଯେଉଁ ପାଇପ କାର୍ଯ୍ୟ କରାଯାଉଛି ଏବଂ ପରବର୍ତ୍ତୀ ସମୟରେ ମରାମତି ହେଉନି ଏଥିପାଇଁ କିଏ ଦାୟୀ। ସରକାର ଏହା ଉପରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାର ଉତ୍ତରରେ ନିର୍ମାଣ, ଆଇନ ଓ ଅବକାରୀ ମନ୍ତ୍ରୀ ହରିଚନ୍ଦନ ଦର୍ଶାଇଛନ୍ତି, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ପାଣି ପାଇପ ଲାଇନ ବିଛାଇବା ପାଇଁ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗକୁ ଯେଉଁ ସର୍ତ୍ତମୂଳକ ଅନୁମତି ଦିଆଯାଇଛି ସେଥିରେ ଏହି କାର୍ଯ୍ୟରେ ରାସ୍ତାର କୌଣସି କ୍ଷତି ହେଲେ ମରାମତି ଓ ପୁନରୁଦ୍ଧାର ଦାୟିତ୍ୱ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବହନ କରିବ ବୋଲି ଉଲ୍ଲେଖ ରହିଥିବା କହିଛନ୍ତି।

ସେହିପରି ବିଧାୟକ ଦାସ ସିଧାସଳଖ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କ ନାଁ ନ ନେଇ ପଚାରିଥିଲେ, ଜିଲାପାଳ ତାଙ୍କ ଚିଠି ସଂଖ୍ୟା ନଂ. ୧୭୮୨୪, ତା–୨୭।୯।୨୫ରେ ବିଭିନ୍ନ ଅନିୟମିତତା ଦର୍ଶାଇ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଏହାର ସତ୍ୟତା ବିଷୟରେ ବିଧାୟକ ଦାସ ଜାଣିବାକୁ ଚାହିଁବା ସହ ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ କେଉଁମାନେ ଏହି କାର୍ଯ୍ୟରେ ଲିପ୍ତ ଅଛନ୍ତି ସେ ବିଷୟରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ (ମହିଳା ଓ ଶିଶୁ ବିକାଶ) ପ୍ରଭାତୀ ପରିଡ଼ା ଦର୍ଶାଇଛନ୍ତି, ଉକ୍ତ ଚିଠିରେ ଜିଲାପାଳ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅନିୟମିତତା ଦର୍ଶାଇ ପଦକ୍ଷେପ ଗ୍ରହଣ ନିମନ୍ତେ ସୁପାରିସ କରିଥିବା କଥା ସତ। ଏହି ଚିଠିରେ କେବଳ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ଙ୍କ ନାମ ଉଲ୍ଲେଖ ରହିଛି। ଏନେଇ ଡିଏସ୍‌ଡବ୍ଲ୍ୟୁଓଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଧାୟକ ଦାସ ଅନ୍ୟ ଏକ ପ୍ରଶ୍ନରେ କୁଜଙ୍ଗ ବ୍ଲକର ୩୬ ଅଙ୍ଗନୱାଡି କେନ୍ଦ୍ରରେ ନିଜସ୍ୱ ଗୃହ ନ ଥିବା, ଘରଭଡା ନିମନ୍ତେ କୌଣସି ମାଲିକଙ୍କ ସହ ଚୁକ୍ତିନାମା ହୋଇଛି କି ନାହିଁ, ଏସବୁ କେନ୍ଦ୍ର କେଉଁଠାରେ ଚାଲିଛି ଓ ଉପକରଣମାନ କେଉଁଠାରେ ଅଛି ତାହା ଜାଣିବା ପାଇଁ ଇଚ୍ଛା କରିଥିଲେ।

ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଦର୍ଶାଇଛନ୍ତି, କୁଜଙ୍ଗ ବ୍ଲକରେ ୩୬ ଅଙ୍ଗନୱାଡି କେନ୍ଦ୍ର ଭଡା ଘରେ ଚାଲୁଛି। ଘରଭଡା ନିମନ୍ତେ ମାଲିକଙ୍କ ସହ ଚୁକ୍ତିନାମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନୱାଡି କେନ୍ଦ୍ରର ଉପକରଣମାନ ସେହି ଭଡା ଘରେ ରହିଛି। ଏଥିସହ ନିଶା କବଳରେ ଯୁବ ସମାଜ ସଂକ୍ରାନ୍ତ ବିଧାୟକ ଦାସଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ ଦର୍ଶାଇଛନ୍ତି, ନିଶାଦ୍ରବ୍ୟର କୁଭାବରୁ ଯୁବ ସମାଜକୁ ମୁକ୍ତ ରଖିବା ପାଇଁ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି। ସଚେତନ କରାଇବା ପାଇଁ ମଦ ବୋତଲରେ ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ଭଳି ବୈଧାନିକ ସତର୍କତା ଉଲ୍ଲେଖ ରହିଛି। ଏହି ଉତ୍ତରକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଥିସହ ସେ କହିଛନ୍ତି, ବିଷାକ୍ତ ତଥା ଅପମିଶ୍ରିତ ମଦ, ନିଶାଦ୍ରବ୍ୟ ବ୍ୟବହାରର ଭୟାବହତା ଓ କୁପ୍ରଭାବ ସମ୍ପର୍କରେ ଜିଲାସ୍ତରୀୟ ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ, ପ୍ରଚାରପତ୍ର ବିତରଣ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ପ୍ରତିବର୍ଷ ଜୁନ ୨୬କୁ ଇଣ୍ଟରନ୍ୟାଶନାଲ ଡେ ଏଗେନ୍‌ଷ୍ଟ ଡ୍ରଗ ଆବ୍ୟୁଜ ଆଣ୍ଡ ଇଲିସିଟ ଟ୍ରାଫିକିଂ ଦିବସ ରୂପେ ପାଳନ କରାଯାଉଛି। ଏହାଛଡ଼ା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜିଲା ଅବକାରୀ ବିଭାଗ ତରଫରୁ କରାଯାଉଥିବା ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ପାରାଦୀପରେ ଅଗ୍ନିକାଣ୍ଡ : ସ୍ଥାୟୀ ପ୍ରତିକାର ଦାବି କଲା ଜିଲା କଂଗ୍ରେସ



ଜିଲା କଂଗ୍ରେସ କମିଟି ସଭାପତି କର୍ମୀମାନଙ୍କ ସହ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରୁଛନ୍ତି।

ଜଗତ୍‌ସିଂହପୁର, ୨୨।୨
(ପ୍ରମୋଦ କୁମାର ନାୟକ)

ପାରାଦୀପ ବଡ ପଡ଼ିଆସ୍ଥିତ ମୁଖ୍ୟ ପରିବା ମାର୍କେଟରେ ଅଗ୍ନିକାଣ୍ଡ ଘଟିଛି। ଏଥିଯୋଗୁ ଶତାଧିକ ପରିବା ଦୋକାନୀଙ୍କ ଦୋକାନ ପୋଡି ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣାକୁ ନେଇ ଜିଲା କଂଗ୍ରେସ ଦୁଃଖପ୍ରକାଶ କରିଛି। ରବିବାର ଜିଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ଜିଲା କଂଗ୍ରେସ କମିଟି ଉପସଭାପତି ଅଶ୍ୱିନୀ ସ୍ୱାଇଁ ଓ ସମ୍ପାଦକ ସରୋଜ ପ୍ରଧାନଙ୍କ ସମେତ କଂଗ୍ରେସର ଅନେକ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସାନ୍ତ୍ୱନା ଦେବା ସହ ବିପନ୍ନ ବ୍ୟବସାୟୀଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏଥିସହ ଦୋକାନୀମାନଙ୍କୁ ବାରମ୍ବାର ଅଗ୍ନିକାଣ୍ଡ ଓ କ୍ଷୟକ୍ଷତିରୁ ରକ୍ଷା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପାରାଦୀପ ପୋର୍ଟ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ସାହିତ୍ୟ ବିନା ସୁନ୍ଦର ସମାଜ ଅସମ୍ଭବ

## ପାରାଦୀପରେ ସାରସ୍ୱତ ଆସର

ପାରାଦୀପ, ୨୨।୨(ଶରତ ରାଉତ)

ସାହିତ୍ୟରେ ମଣିଷର ଭାବାବେଗ, ଅଭାବବୋଧ, ଅସହାୟ ଓ ଜୀବନରେ ଘଟିଯାଉଥିବା ଘଟଣା ସାଧାରଣ ଭାଷାର ରୂପ ପାଇପାରିଲେ ତାହା ଜନାଦୃତ ହୋଇପାରିବ ବୋଲି ପାରାଦୀପରେ ଆୟୋଜିତ ସାରସ୍ୱତ ଆସରରେ ମତ ପ୍ରକାଶ ପାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମେଘମହ୍ଲାର ମିଳିତ ସହଯୋଗରେ ସ୍ଥାନୀୟ ଅଫିସର୍ସ କ୍ଲବ ସଭାକକ୍ଷରେ ରବିବାର ସଭାପତି ଡ. କେଶବଚନ୍ଦ୍ର ଦଳାଇଙ୍କ ଅଧକ୍ଷତାରେ ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏମ୍‌ପି ବିଭୁପ୍ରସାଦ ତରାଇ ଉଦ୍‌ଘାଟନ କରି କହିଥିଲେ, ସାହିତ୍ୟ ସମାଜର ଦିକ୍ଷାଗୁରୁ ଭାବେ ମଣିଷର ଆବେଗ ସହ ଯୋଡ଼ି ହେବା ସହ ଜୀବନକୁ ଦିଗ୍‌ଦର୍ଶନ ଦେଇଥାଏ। ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ଡ. ରଞ୍ଜିତା ନାୟକ ଯୋଗଦେଇ ସାହିତ୍ୟ ବିନା ସୁନ୍ଦର ସମାଜ ଅସମ୍ଭବ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ସତ୍ୟର ଅନୁସରଣ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। କ୍ୟାନମାସ ସମ୍ପାଦକ ଶ୍ରୀମନ ନାରାୟଣ ମିଶ୍ର, କବି ଚିରଶ୍ରୀ ଇନ୍ଦ୍ରସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ନାନା ଦିଗଉପରେ ଆଲୋକପାତ କରିଥିଲେ। ଏହି ଆସରରେ ଜଗତ୍‌ସିଂହପୁରର ୩ଜଣ ସୃଜନ ସାଧକ ଡ. ରଘୁ ସାହୁ, ଶରତ କୁମାର ମହାପାତ୍ର ଓ ଇଂ.ନିର୍ମଳ ଚନ୍ଦ୍ର ରାଉତଙ୍କୁ ଆଦିକବି ସାରଳା ଦାସ ସାଧନା ସମ୍ମାନ, ସାରଳା ଦାସ ସାହିତ୍ୟ ସମ୍ମାନ, ଶୁଦ୍ରମୁନି କାବ୍ୟ କବିତା ସମ୍ମାନ ସହ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇଥିଲ। ଏକାଡେମୀ ସଚିବ ଡ.ଚନ୍ଦ୍ର ଶେଖର ହୋତା ସାହିତ୍ୟ ମାନବବାଦର ଜନ୍ମଦାତା ବୋଲି କହିବା ସହ ସାହିତ୍ୟକମାନଙ୍କ ଭାବାବେଗ ସହ ଯୋଡ଼ିହେବା ପାଇଁ ଏକାଡେମୀର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ।

ଦ୍ୱିତୀୟ ଅଧିବେଶନରେ ଡ. ରଘୁ ସାହୁଙ୍କ ପୌରୋହିତ୍ୟରେ ଅତିଥିଭାବେ କବି ଉମାକାନ୍ତ ନାୟକ, ମୋନାଲିସାର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ, କବି ଅୟସକାନ୍ତ ଯୋଗଦେଇ କବିତା ହେଉଛି ଶ୍ରେଷ୍ଠ ଓ ଶକ୍ତିଶାଳୀ ଅସ୍ତ୍ର ଯାହା କାମନାକୁ ବିନାଶ କରିପାରିବ ବୋଲି କହିଥିଲେ। ଏହି ଅବସରରେ ଶହେରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଆରମ୍ଭରେ ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଳସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।



ସାରସ୍ୱତ ଆସରରେ ଯୋଗଦେଇଥିବା ଅତିଥିମାନେ।

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର

ରଘୁନାଥପୁର, ୨୨।୨
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୀଡ଼ିତାଙ୍କ ମା' ରଘୁନାଥପୁର ଥାନାରେ ରବିବାର ରାତି ପାୟ ୭ଟାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ମା', ବାପା ଅପରାହ୍ନ ପ୍ରାୟ ୪ଟା ବେଳେ କାମକୁ ଯାଇଥିଲେ। ଘରେ ୧୪ ବର୍ଷୀୟା ନାବାଳିକା ଥିଲେ। ଏହାର ସୁଯୋଗ ନେଇ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ନାବାଳିକାଙ୍କ ଘରେ ପଶି ବଳାତ୍କାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ କୌଣସି ଅଧିକାରୀ ନ ଥିବାରୁ ତଦନ୍ତରେ ଅଗ୍ରଗତି ହୋଇପାରିନାହିଁ ବୋଲି ଏସ୍‌ଆଇ ଯୋଗେଶ୍ୱର ବେହେରା କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଆଦିବାସୀ ସାହିର ଲୋକେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଥାନା ସମ୍ମୁଖରେ ବସି ରହିଛନ୍ତି।

# ମେଡିକାଲ କଲେଜ, ନିଯୁକ୍ତି ପ୍ରସଙ୍ଗକୁ ନେଇ ଆନ୍ଦୋଳନ ଚେତାବନୀ



ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନେ।

## ଜିଲା ଯୁବ କଂଗ୍ରେସ ବୈଠକ

ଜଗତ୍‌ସିଂହପୁର, ୨୨।୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଯୁବ କଂଗ୍ରେସ ତରଫରୁ ସ୍ଥାନୀୟ ସର୍କିଟ ହାଉସ ପରିସରରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପ ସଭାପତି ପ୍ରୀତମ ପରିଜାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପାତ୍ର କହିଥିଲେ, ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠାରେ ବିଳମ୍ବ ହେଉଛି। ଏଥିସହ ଶିଳ୍ପନଗରୀ ପାରାଦୀପରେ ଜିଲାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳୁନାହିଁ। ଏନେଇ ଯୁବ କଂଗ୍ରେସ ପକ୍ଷରୁ ଜିଲାରେ ତୁରନ୍ତ ମେଡିକାଲ କଲେଜ ପ୍ରତିଷ୍ଠା ଓ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦାବିରେ ସରକାରଙ୍କୁ ଜବାବ୍ ମଗାଯିବ। ଏଥିସହ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପାତ୍ର ଚେତାବନୀ ଦେଇଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ ଯୋଗଦେଇ ଯୁବ କଂଗ୍ରେସକୁ କେବଳ ରାଜନୀତି ନୁହେଁ ବରଂ ସମାଜର ଥିବା ବିଭିନ୍ନ ସମସ୍ୟା ଓ ସାମାଜିକ କାର୍ଯ୍ୟରେ ଅଧିକ ମାତ୍ରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ଜିଲାର ଯୁବପିଢ଼ିଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱାରୋପ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଂଯୋଜକ ସତ୍ୟବ୍ରତ ଦାସ, ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, କୁଜଙ୍ଗ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ନୀହାର ରଞ୍ଜନ ଦାସ ଓ ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ ସମେତ ଶତାଧିକ ଯୁବତୀ, ଯୁବକ ଉପସ୍ଥିତ ଥିଲେ।

# ଶ୍ରୀଗୋପୀନାଥ ଜୀଉ, ରାଧାକୃଷ୍ଣଙ୍କ ମନ୍ଦିର ପ୍ରତିଷ୍ଠା

ତିର୍ତ୍ତୋଲ, ୨୨।୨ ( ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତ ଶ୍ରୀରାମପୁର ଗ୍ରାମରେ ଶ୍ରୀଗୋପୀନାଥ ଜୀଉ ଓ ରାଧାକୃଷ୍ଣଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ସମୟରେ ଶ୍ରୀଗୋପୀନାଥ ଜୀଉ ଓ ରାଧାକୃଷ୍ଣଙ୍କ ବିଗ୍ରହକୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସଂକୀର୍ତ୍ତନ କରାଯାଇ ଶ୍ରୀରାମପୁର, ନରୁଆ, ସାଗବାରିଆ, ଖଡ଼ଗପୁର ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ପଣ୍ଡିତ ମହେଶ୍ୱର ତ୍ରିପାଠୀ ଓ ସହଯୋଗୀ ପଣ୍ଡିତଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା ପୂଜା କାର୍ଯ୍ୟ ଓ ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟ ସମାପନ ହୋଇଥିଲା। କର୍ତ୍ତାକର୍ତ୍ତ୍ରୀ ଭାବେ ଦୁଷ୍ମନ୍ତ ତ୍ରିପାଠୀ ଓ ପୁଷ୍ପାଞ୍ଜଳି ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ନରେନ୍ଦ୍ର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିଭୂତି ମହାପାତ୍ର, ଉମେଶ ତ୍ରିପାଠୀ, ନିତ୍ୟାନନ୍ଦ ନାୟକ, ସାରଦା ପ୍ରସନ୍ନ ଷଡ଼ଙ୍ଗୀ, ଦେବୀ ପ୍ରସାଦ ଷଡ଼ଙ୍ଗୀଙ୍କ ସମେତ ଗ୍ରାମବାସୀ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଧ୍ରୁବ ଚରଣ ବିଶ୍ୱାଳ, ଦେବେନ୍ଦ୍ର ନାୟକ, ଶିବ ଚରଣ ଜେନା, ଅଶୋକ ତ୍ରିପାଠୀ, ସାରଦା ପ୍ରସନ୍ନ ଷଡ଼ଙ୍ଗୀ ଓ ନିତ୍ୟାନନ୍ଦ ନାୟକଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପାରାଦୀପରେ ଶିଳ୍ପ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

## ଜିଲାରେ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ଘୋଷଣା

ପାରାଦୀପ, ୨୨।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲାରେ ବିଶ୍ୱ ବିଦ୍ୟାଳୟ ଓ ମେଡିକାଲ କଲେଜ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ ସମୟରେ ଘୋଷଣା କରିଥିଲେ। ଉକ୍ତ ଘୋଷଣାକୁ ନେଇ ରବିବାର ସନ୍ଧ୍ୟାରେ ପାରାଦୀପ ଜୟଦେବ ଭବନରେ ଧନ୍ୟବାଦ ପର୍ବ ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ଭାଜପା କର୍ମୀ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମାଝୀଙ୍କ ଓଡିଶା ବିକାଶ ଖସଡାକୁ କର୍ମୀମାନେ ପ୍ରଶଂସା କରିଥିଲେ। ଏଥିରେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ପଞ୍ଚାୟତ ଲୋକେ ଉପସ୍ଥିତ ରହି ମନ୍ତ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଶୁଖିଲାଣି ଗାଡ଼ିଆ, ପୋଖରୀ

## ପାଣି ମୁନ୍ଦେ ପାଇଁ ଆଉଟୁପାଉଟୁ ଦେଶୀ, ବିଦେଶୀ ପକ୍ଷୀ

ମହାକାଳପଡ଼ା, ୨୨।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଉପକୂଳ ମହାନଦୀ ତ୍ରିକୋଣ ଭୂମି ଅବବାହିକା ଅଞ୍ଚଳରେ ଗାଡିଆପୋଖରୀ ଖାଲ ପାଟ ଶୁଖିଗଲାଣି । ପାଣି ଅଭାବ ଯୋଗୁ ଦେଶୀ ବିଦେଶୀ ପକ୍ଷୀଙ୍କ ଖାଦ୍ୟାଭାବ ଦେଖିବାକୁ ମିଳୁଛି। ବିଶେଷକରି ବଡୀଘର, ନିପାଣିଆ, ଖରୀନାସି ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱ ହେଟାମୁଣ୍ଡିଆ ଓ କଂସାରରଡିଆ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଦେଶୀ ବିଦେଶୀ ପକ୍ଷୀ ଗାଡିଆ ପୋଖରୀ କୂଳରେ ପାଣି ପାଇଁ ଜମା ହେଉଛନ୍ତି। ସ୍ଥାନୀୟ ଶିକାରୀମାନେ ଏହି ସମୟରେ ବିଷ ଫାଶ ବସାଇ ପକ୍ଷୀ ଶିକାର କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। କଳା ଧଳା ଦା ବେଣ୍ଟିଆ ବଗ, ସଲିରି, ଚା ଚଢେଇ, ଗେଣ୍ଡାଲିଆ, ବିଦେଶୀ ପକ୍ଷୀମାନଙ୍କ ମଧ୍ୟରେ ଗଡ଼ୱାଲ, ପଣ୍ଡା ହଂସ , ଜୁଜୁଭୁ , ପାଟକେରିଆ, ଖଞ୍ଜନ, ଡାଙ୍ଗୁଆ, ଦୁବ ହଂସ, ଚିତ୍ରିତ କଞ୍ଚା, ପେଣ୍ଟେଡ ଷ୍ଟର୍ଗ, ରେଡ ନଟ ପ୍ରମୁଖ ଭଳିକି ଭଳି ପକ୍ଷୀ ଦେଖିବାକୁ ମିଳୁଛି। ଶୀତ ଋତୁ ଆରମ୍ଭରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ଅଧିକ ତାପମାତ୍ରା ବଢ଼ିଲେ ସେମାନଙ୍କ ନିଜ ମୂଳ ସ୍ଥାନ ସାଇବେରିଆ, ହିମାଳୟ ପାଦଦେଶ ଆଦିକୁ ପ୍ରତ୍ୟାବର୍ତ୍ତନ କରନ୍ତି ବୋଲି ପରିବେଶପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି। ଫେବୃଆରୀଠାରୁ ଯଦି ଏଭଳି ଅବସ୍ଥା ଆଗାମୀ ଦିନରେ ଖରା ତାତିର ମାତ୍ରା ବଢିବ ବୋଲି ଆଶଙ୍କା କରାଯାଉଛି।



ମହାନଦୀ ଅବବାହିକା ଅଞ୍ଚଳ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ।

# ଜବରଦଖଲରେ ପୀଠ ରାସ୍ତା: ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

## ଗୋରେଖନାଥ ପୀଠ

- ଟ୍ରାଫିକ୍ ଜାମ୍‌ରେ ଫସୁଛନ୍ତି ଲୋକେ
- ଅଭିଯୋଗ ପରେ ବି ସୁଫଳତା ନାହିଁ

ରଘୁନାଥପୁର,୨୨।୨(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ରାଜ୍ୟର ଏକ ପ୍ରମୁଖ ଦର୍ଶନୀୟ ସ୍ଥାନ ଅଟେ। ଦୈନନ୍ଦିନ ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ତେବେ ପୀଠକୁ ଥିବା ପ୍ରମୁଖ ରାସ୍ତାରେ ଟ୍ରାଫିକ ସମସ୍ୟା ସେମାନଙ୍କ ଚିନ୍ତାର କାରଣ ପାଲଟିଛି। ଏନେଇ ଅନେକ ପର୍ଯ୍ୟଟକ ଏଠାକୁ ନ ଆସି ମୁହଁ ଫେରାଇ ନେଉଥିବା ପୂଜକ ଦିଲୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ ଜଇପୁର ଜଗତ୍‌ସିଂହପୁର ରୋଡର କେରେକେରା ଛକଠାରୁ ପୀଠ ପର୍ଯ୍ୟନ୍ତ ଯିବାକୁ ଥିବା ୧ କିମି ରାସ୍ତାରେ ବିଭିନ୍ନ ପର୍ବପର୍ବାଣି ବେଳେ ବାଇକ ଓ ଚାରିଚକିଆ ଗାଡ଼ିରେ ଆସୁଥିବା ଯାତ୍ରୀମାନେ ବହୁ ଘଣ୍ଟା ଟ୍ରାଫିକ ଜାମ୍‌ରେ ଫସି ରହିବାକୁ ବାଧ୍ୟ ହେଉଛନ୍ତି। ଉଭୟ ପାର୍ଶ୍ୱରେ ଘରର ବାରଣ୍ଡା,ପାଚେରି ତଥା ବାଡ଼ ବୁଜି ରାସ୍ତାକୁ ଅବରୋଧ କରି ସଙ୍କୁଚିତ କରିଦିଆଯାଇଥିବାରୁ ଏପରି ସମସ୍ୟା ଉପୁଜିଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଏହାଛଡା ପୀଠ ପାଚେରିକୁ ଲାଗିଥିବା ରାସ୍ତାରେ ବ୍ୟବସାୟୀମାନେ ନିଜ ପସରା ମେଲାଇ ଅବରୋଧ କରି ରଖିଥିବାରୁ ଟ୍ରାଫିକ ସମସ୍ୟା ଉତ୍କଟ ହେବାର ଲାଗିଛି। ଏ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଛି। ବିଭିନ୍ନ ଉତ୍ସବ ସମୟରେ ପୀଠରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ବୈଠକରେ ଉପଜିଲାପାଳ ଓ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଥିବା ସ୍ଥାନୀୟ ଅଧିବାସୀମାନେ ପ୍ରକାଶ କରିଛନ୍ତି। ଏହାସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ଆଗନ୍ତୁକ ଭକ୍ତ ତଥା ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି କରିଛି। ସେହିପରି ରାହାଡିଙ୍ଗାଠାରୁ ପୀଠ ପର୍ଯ୍ୟନ୍ତ ଥିବା ନାଳବନ୍ଧ କଂକ୍ରିଟ ରାସ୍ତା ଭାଙ୍ଗିରୁଜି ଖାଲଖମାରେ ପରିଣତ ହୋଇଛି। ଉକ୍ତ ରାସ୍ତା ଅବସ୍ଥା ଏବେ ଏପରି ହୋଇଛି ଯେ ପାଦରେ ଚାଲିଆସିବା ମଧ୍ୟ କାଠିକର ପାଠ ହୋଇଛି। ଏସବୁ ସମସ୍ୟା ଯୋଗୁ ଧୀରେଧୀରେ ପୀଠକୁ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଆଗାମୀ ଅକ୍ଷୟ ତୃତୀୟାଠାରୁ ପ୍ରଭୁଙ୍କ ୮ ଦିନ ବ୍ୟାପୀ ଯଜ୍ଞ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାରୁ ଏହାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ତହସିଲ ପ୍ରଶାସନ ୧ କିମି ମୁଖ୍ୟ ରାସ୍ତା ଜବରଦଖଲରୁ ମୁକ୍ତ କରି ପ୍ରଶସ୍ତ କରିବା ପାଇଁ ସ୍ଥାନୀୟ ଅଧିବାସୀ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ନାରାୟଣ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ନାରାୟଣ ବାରିକ, ରମେଶ ମହାନ୍ତି, ବାଦଲ ଯୋଗାଣିଆ, ନିରଞ୍ଜନ ମହାନ୍ତିଙ୍କ ସହ ସ୍ଥାନୀୟ ଗୋରେଖ ବାହିନୀ ସଦସ୍ୟ ଦାବି କରିଛନ୍ତି। ଏନେଇ ସେମାନେ ଉପଜିଲାପାଳ, ଜିଲାପାଳ, ରାଜସ୍ୱ ମନ୍ତ୍ରୀ ଓ ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏ ସମ୍ପର୍କରେ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ସହ ଯୋଗାଯୋଗ କରିବାରେ ରାଜ୍ୟର ଏକ ପ୍ରମୁଖ ଦର୍ଶନୀୟ କ୍ଷେତ୍ରକୁ ଥିବା ଯାତାୟାତ ପଥକୁ ସଙ୍କୁଚିତ କରିବା ଆଇନ ବିରୋଧୀ ଏବଂ ଉକ୍ତ ସମସ୍ୟାକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ଗୋରେଖନାଥ ପୀଠକୁ ଥିବା ପ୍ରମୁଖ ରାସ୍ତା ସଙ୍କୁଚିତ ହୋଇଯାଇଛି।

# ସଂକ୍ଷେପରେ

## ଏସ୍. ଚକ୍ରପାଣି ଛତ୍ରପୁର ବ୍ଲକ ବିଜେଡି ସଭାପତି, ବି. ରାଜୁବାବୁ ନଗର ସଭାପତି

ଛତ୍ରପୁର,୨୨।୨ (ଦିଲୀପ ସାମଲ)

ରାଜ୍ୟ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଛତ୍ରପୁର ବ୍ଲକ ଏବଂ ନଗର ସଭାପତି ନିଯୁକ୍ତ କରାଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରମିକ ନେତା ଓ ସୁଗଠକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀଙ୍କୁ ଛତ୍ରପୁର ବ୍ଲକ ବିଜେଡି ସଭାପତି ଭାବେ ଦାୟିତ୍ୱ ମିଳିଛି । ସେହିପରି ପୁଣି ଥରେ ଛତ୍ରପୁର ନଗର ବିଜେଡି ସଭାପତି ଭାବେ ପୂର୍ବତନ କାଉନସିଲର ବି. ରାଜୁ ବାବୁଙ୍କୁ ମନୋନୀତ କରାଯାଇଛି। ସଭାପତି ଭାବେ ନିଯୁକ୍ତ ପାଇବା ପରେ ଉଭୟଙ୍କୁ ଦଳୀୟ ନେତା, କର୍ମୀ ଏବଂ ନିର୍ବାଚିତ ଜନ ପ୍ରତିନିଧିମାନେ ଶୁଭେଚ୍ଛା ଜଣାଇଛନ୍ତି। ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଉଭୟେ ମତବ୍ୟକ୍ତ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୨।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବାରୁଡା ନିକଟରେ ରବିବାର ଅପରାହ୍ଣ ୨ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଲପଡ଼ା ଗ୍ରାମର ପ୍ରଭାତ ନାୟକ (୨୪) । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ପ୍ରଭାତ ଅପରାହ୍ଣରେ ବାଇକ୍ ଯୋଗେ ଗ୍ରାମରୁ ଭଞ୍ଜନଗର ଅଭିମୁଖେ ଯାଉଥିଲେ। ବାରୁଡା ନିକଟରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ପରେ ସମ୍ପୃକ୍ତ ଅଞ୍ଚଳବାସୀ ପ୍ରଭାତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲ ଆଣିଥିଲେ। ମେଡିକାଲରେ ପ୍ରଭାତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅଟୋକୁ ଧକ୍କା ଦେଲା ଟ୍ରକ୍, ୪ ଗୁରୁତର

ଗୋପାଳପୁର,୨୨।୨(ନବୀନ ରାଜ ଆଚାରୀ)

ଗୋଲନ୍ଥରା ଥାନା ଅଧୀନ କନିଷି ଗାଁ ନିକଟ ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ଅଟୋ ପାସେଞ୍ଜର ଓହ୍ଲାଉଥିବା ବେଳେ ପଛରୁ ଏକ ଟ୍ରକ ଧକ୍କା ଦେବାରୁ ଅଟୋ ଚାଳକ ସମେତ ୪ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଏହି ଥାନା ଅଧିନସ୍ଥ ଜାତୀୟ ରାଜପଥ ଏକ ଅଟୋ (ନଂ. ଓଡି୧୩କେ -୩୬୨୩) ବ୍ରହ୍ମପୁର ପଟୁ କିଛି ଯାତ୍ରୀ ଆଣି କନିଷି ଗାଁ ନିକଟରେ ଯାତ୍ରୀଙ୍କୁ ଓହ୍ଲାଉଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ (ନଂ. ଟିଏନ ୨୯ସିବି-୩୯୧୭) ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋ ଚାଳକ ସହ ୨ ମହିଳା ଓ ଜଣେ ପୁରୁଷ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ଗୋଲନ୍ଥରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ସୂଚନା ମିଳିଛି। ଆହତଙ୍କ ପରିଚୟ ସ୍ପଷ୍ଟ ହୋଇନଥିବା ବେଳେ ଅଟୋ ଚାଳକ ପଞ୍ଚମା ଗ୍ରାମର ବୋଲି ଜଣାପଡିଛି।

## ପ୍ରବୋଧ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଗୁଡା,୨୨।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକ୍ ଶଙ୍କରାଖୋଲ ଓ ଚକାପାଦରେ ୪ଟି ପର୍ଯ୍ୟାୟରେ ନୂତନ ପାଠ୍ୟପୁସ୍ତକର ସଞ୍ଚାଳନ ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦିଗଦର୍ଶନ ପାଇଁ ପ୍ରବୋଧ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ପ୍ରଥମ ୨ଟି ପର୍ଯ୍ୟାୟରେ ଚକାପାଦ ସ୍ଥିତ ବିରୁପାକ୍ଷ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ ଅନୁଷ୍ଠିତ ହୋଇଥିବା ବେଳେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଶଙ୍କରାଖୋଲ ଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଚୀନ ଭାରତୀୟ ଗୁରୁକୁଳ ତଥା ଜ୍ଞାନ ପରମ୍ପରା ଓ ଆଧୁନିକ ଶିକ୍ଷା ପଦ୍ଧତିରେ ଏକ ସମନ୍ୱୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ସାନୁନୁ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ଯୋଶବନ୍ଧୁ ସାହୁ, ଡିଆଇଟି ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରା ଯୋଗଦେଇ ବ୍ଲକ୍‌ର ୩୪୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଉକ୍ତ ୪ଟି ପର୍ଯ୍ୟାୟର ତାଲିମ୍ କାର୍ଯ୍ୟକ୍ରମକୁ ବିଆରସିସି ତଥା ଏବିଇଓ ବୁଲୁ ଦେଶୀ ନାୟକ ପରିଚାଳନା କରିଥିଲେ।

# ନଷ୍ଟ ହେବାକୁ ବସିଲାଣି ସହର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ

## ରକ୍ଷଣାବେକ୍ଷଣ ଅଭାବ

କବିସୂର୍ଯ୍ୟନଗର,୨୨।୨ (କୃପାସିନ୍ଧୁ ସ୍ୱାଇଁ)



କବିସୂର୍ଯ୍ୟନଗର ସହରର ସୌନ୍ଦର୍ଯ୍ୟ ପାଇଁ ବିଭିନ୍ନ ନିର୍ମାଣ ହୋଇଥିବା ସେଲ୍ଫି ପଏଣ୍ଟ , ଉଚ୍ଚ ମାନର ଉଚ୍ଚତା ଘଣ୍ଟା, କପ ମଗ, ଭେଣ୍ଡିଂ ଜୋନ, ଏଲଇଡ଼ି, ବୁଧଦେବ ମୂର୍ତ୍ତି ଆଦି ଅନେକ ପ୍ରକଳ୍ପ ରକ୍ଷଣା ବେକ୍ଷଣା ଅଭାବରୁ ନଷ୍ଟ ହେବାକୁ ବସିଲାଣି। ପୂର୍ବ ସରକାରଙ୍କ ଅମଳରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଗୁଡ଼ିକ ଆଜି ଏକ ପ୍ରକାର ଧ୍ୱସଂ ହୋଇଯାଇଥିବା ବେଳେ ଆଇବ ଛକରେ ବହୁ ଉଚ୍ଚତା ଘଣ୍ଟା ମଧ୍ୟ ଖରାପ ହୋଇଗଲାଣି। ରାସ୍ତାର ମଝିରେ ଲାଗିଥିବା ବିଭିନ୍ନ ସୌନ୍ଦର୍ଯ୍ୟପୂର୍ଣ୍ଣ ଗଛର ପତ୍ରର ଉଡିଗଲାଣି ତ କେଉଁଠି ଗଛ ଶୁଖି ମରିଗଲାଣି। କପ ମଗରେ ପାଣି ବଦଳରେ ମଦଜରି, ମଦ ବୋତଲ ପଡିଛି ତ କେଉଁଠି ବଟ ଗଛ ମଧ ଉଠିଗଲାଣି ତଥାପି ଏହାର କୌଣସି ପ୍ରକାର ମରାମତି ହୋଇ ପାରିଲା ନାହିଁ। ଯାହା ଏବେ ଚିନ୍ତାର କାରଣ ପାଲଟିଛି। ଏଗୁଡ଼ିକ ରକ୍ଷଣା ବେକ୍ଷଣ ଅଭାବରୁ ନଷ୍ଟ ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏହାସହ ବ୍ଲକ୍ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପାର୍କରେ ପୋଖରୀ ଆଉ ସଫା ହୋଇପାରୁ ନ ଥିବା ବେଳେ ଆଇଲଭୟୁ କବିସୂର୍ଯ୍ୟନଗରରେ ମଧ କଲର ଟିକିଏ ଲାଗି ପାରିଲା ନାହିଁ। ଲାଗିଥିବା ଲାଇଟ ଚୋରି ହୋଇଗଲାଣି। ସରକାରଙ୍କ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ସବୁ କିଛି ଆଜି ଭଙ୍ଗା ଦଦରା ହୋଇ ରାସ୍ତା ପାର୍ଶ୍ୱରେ ପଡ଼ିରହିବା ଏକ ହାସ୍ୟାସ୍ପଦ ସୃଷ୍ଟି ହୋଇଛି। ତେବେ ଏହିଭଳି ସମୟରେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଧାୟକ କହିଛନ୍ତି ବିକାଶ ହେବ କିନ୍ତୁ ଧିରେ ଧିରେ ବିକାଶ ହେବ ଯାହାକି ଏବେ ସହରାବାସୀଙ୍କ ମଧରେ ଆଲୋଚନାର ପ୍ରମୁଖ କାରଣ ହୋଇଛି।

# ଜୀବନ ସହିତ ସଂଗ୍ରାମ କରୁଛନ୍ତି ମହେଶ୍ୱର

## ଆର୍ଥିକ ଅନଟନ ଯୋଗୁ ଚିକିତ୍ସା ବାଧକ

ଖଜୁରିପଡ଼ା, ୨୨।୨ (ବିଦୁର ବେହେରା)



ଖଜୁରିପଡ଼ା ବ୍ଲକ୍ ନୂଆଁ ଗାଁ ପଞ୍ଚାୟତ ପାଣ୍ଡ୍ରିସୁଗା ଗ୍ରାମର ସନ୍ତୋଷ ମଲ୍ଲିକଙ୍କ ପୁଅ ମହେଶ୍ୱର ମଲ୍ଲିକ (୧୯)ଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ମହେଶ୍ୱର ଲାଇନପଡ଼ା କଲେଜରେ ଯୁକ୍ତ ଦୁଇରେ ପାଠ ପଢୁଥିଲେ। ପଢ଼ା ସରିବା ପରେ ଚାକିରିଟିଏ କରି ପରିବାରର ଦାରିଦ୍ର୍ୟ ହଟେଇବା ତାଙ୍କର ଲକ୍ଷ୍ୟ ଥିଲା। ହେଲେ ମହେଶ୍ୱରଙ୍କ ଜୀବନରେ ଏମିତି ଏକ ଝଡ଼ ଆସିଲା ଯାହା ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦେଲା। ଛାତ୍ର ଜୀବନ ପରିବର୍ତ୍ତନ ହୋଇ ଜୀବନ ହୋଇଗଲା ରୋଗୀଣା। ମହେଶ୍ୱରଙ୍କ କହିବା ଅନୁଯାୟୀ ସେ ବହୁତ ଭଲ ପାଠ ପଢୁଥିଲେ। ତାଙ୍କ ପରିବାର କହିଲେ ୨ ଭଉଣୀ, ୨ ଭାଇ। ମାଆ ବାପା ଚାଷ କରି ପରିବାର ପୋଷଣ କରନ୍ତି। ୨୩ ଫେବୃଆରୀ ୨୦୨୫ରେ ସାଙ୍ଗ ମାନଙ୍କ ସହିତ ଫୁଲବାଣୀ ଯାଉଥିବା ବେଳେ ଜାମଖୋରୀ ଘାଟିରେ ବାଇକ ଦୁର୍ଘଟଣା ଘଟି ତାଙ୍କର ଗୋଡ଼ ଭାଙ୍ଗି ଗଲା। ମାଆ ବାପା ବ୍ରହ୍ମପୁର ବଡ଼ ମେଡିକାଲ ନେଇ ଚିକିତ୍ସା କରାଇଲେ। ଆର୍ଥିକ ଅଭାବ ଯୋଗୁ ଉତ୍ତମ ଚିକିତ୍ସା ହୋଇ ପାରିଲା ନାହିଁ। ତେଣୁ ଗୋଡ଼ ଭଲ ହେଉ ନାହିଁ। ଆଘାତ ହୋଇଥିବା ଜାଗାରେ ଜୋରରେ ବ୍ୟଥା ହେଉଛି। ବାଡ଼ି ଧରି ଘରେ ଏପଟେ ସେପଟେ ହେଉଛନ୍ତି। ଗୋଡ଼ ସମସ୍ୟା ଯୋଗୁ ପାଠପଢ଼ା ଛାଡ଼ି ଦେଇଛନ୍ତି। ଘରର ଆର୍ଥିକ ଅଭାବ ଯୋଗୁ ଉତ୍ତମ ଚିକିତ୍ସା କରାଇ ପାରୁ ନାହାଁନ୍ତି। ପରିବାର ପୋଷଣ ପାଇଁ ବାପା ଗୋଆରେ ଯାଇ କାମ କରୁଛନ୍ତି। ବାପାଙ୍କ ରୋଜଗାରରେ ଚିକିତ୍ସା କରିବା ସହିତ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟ ହେଉଛି। ଏନେଇ କୋହ ଭରା କଣ୍ଠରେ ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ମହେଶ୍ୱରଙ୍କୁ ଉତ୍ତମ ଚିକିତ୍ସା କରାଇବା ପାଇଁ ବ୍ୟବସ୍ଥା କଲେ ସେ ସୁସ୍ଥ ହୋଇ ପୁଣି ଥରେ ପାଠପଢ଼ି ଜୀବନର ଲକ୍ଷ୍ୟରେ ପହଞ୍ଚି ପାରନ୍ତେ ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି।

# ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ୧୩ ବିଦ୍ୟାଳୟର ଯୋଗଦାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

ବାଲିପଦର,୨୨।୨(ବିଶିକେଶନ ସ୍ୱାଇଁ)

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ବ୍ରହ୍ମପୁର ପକ୍ଷରୁ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ବାଲିପଦର ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଛି। ଏହି ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ବାସୁଦେବ ନଗର, ଅରବିନ୍ଦ ନଗର ବ୍ରହ୍ମପୁର, ମନ୍ଦାର, ହାତୀଓଟ, ବଡ଼ଗଡ଼, ପୋଲସରା, ବାଲିପଦର, କିନିଆରୀ, ମଙ୍ଗଳପୁର, ଶାଙ୍କୁଡା, ଖଲିଙ୍ଗ୍, ଆଙ୍କୁଶପୁର, ମାଣିତରା ପ୍ରଭୃତି ୧୩ଟି ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ଭାଗନେଇ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ କାହ୍ନୁଚରଣ ବାଡତ୍ୟା ପୌରହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବି.ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବଡ଼ଲୋକ ହେବାକୁ ନୁହଁ ଭଲ ମଣିଷ ହେବାପାଇଁ ଶିକ୍ଷା ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖରିଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ଶିକ୍ଷା ବିକାଶ ସଂସ୍ଥାନ ସଂଯୋଜକ ପ୍ରକାଶ ଚନ୍ଦ୍ର ବିଷୋୟୀ, ମୃତ୍ୟୁଞ୍ଜୟ ବିଷୋୟୀ, ଅଧିବକ୍ତା କୁମୁଦ ରଞ୍ଜନ ପଣ୍ଡା, ଗଣେଶ ଚନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ନନ୍ଦ, ଶିବରାମ ସନ୍ତୋଷ ରା, ଗଙ୍ଗୋତ୍ରୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦେଇଥିଲେ।

## ଜିଲାସ୍ତରୀୟ ନିଯୁକ୍ତି ମେଳା, ୩୭୪ ଚୟନ

ପାରଳାଖେମୁଣ୍ଡି,୨୨।୨(ଗିରିଧାରୀ ପରିଚ୍ଛା)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଜିଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ରାୟଗଡ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏହି ମେଳାରେ ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ରାୟଗଡ଼ ପଞ୍ଚାୟତ ସମିତି ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜଲା ପରିଷଦ ସଭ୍ୟା, ଗୌତମୀ ଜାନି, ଜିଲା ପରିଷଦ ସଭ୍ୟା ମଞ୍ଚାସୀନ ଥିଲେ। ଏହି ନିଯୁକ୍ତି ମେଳାରେ ଜିଲାର ସବୁ ବ୍ଲକରୁ ୬୧୧ଜଣ ଯୁବତୀ ଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ୩୭୪ ଜଣଙ୍କୁ ଚୟନ କରାଯାଇଛି। ସେଥିରୁ ୬୭ ଜଣଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଛି। ନିଯୁକ୍ତି ମେଳାରେ ୧୯ଟି ସଂସ୍ଥା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ

ବେଲଗୁଣ୍ଠା,୨୨।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

କ୍ଷେତ୍ରୀୟ ବରପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧକ୍ଷ ଡ଼. ଗିରିଧର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ଅନିତା ତ୍ରିପାଠୀ ସଂଯୋଜନା କରିଥିଲେ। ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ରୁନିବାଳା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାମହିଳା ଯୁବ ରେଡ଼କ୍ରସ ଶାଖାର ସହ-ଉପଦେଷ୍ଟା ସ୍ୱରୂପାରାଣୀ ବିଶ୍ୱାଳ ସମ୍ମାନିତ ଅତିଥି, ଅଧାପକ ଡ଼. ଇ. ରବିନାରାୟଣ ପାତ୍ର ଅନ୍ୟତମ ଅତିଥି ଓ ଅଧକ୍ଷ ଡ.ଗିରିଧର ନାୟକ ଉପସ୍ଥିତ ରହି ଛାତ୍ରୀଙ୍କୁ ତାଲିମର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଭାବେ ବନୀତା ସାହୁ ଓ ମିନତି ଗୌଡ଼ ଯୋଗ ଦେଇଥିଲେ।

# ହାତୀ ମୃତ୍ୟୁ ଘଟଣା, ୩ ଶିକାରୀ ଗିରଫ

## ବର୍ତ୍ତମାନ ସୁଦ୍ଧା ଡେପୁଟି ରେଞ୍ଜର ଫେରାର



ଗିରଫ ହୋଇଥିବା ଶିକାରୀମାନେ।

ବାଲିଗୁଡା,୨୨।୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡର ବେଲଘର ରେଞ୍ଜ ଅନ୍ତର୍ଗତ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୩ ଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ବେଲଘର ରେଞ୍ଜ ଝିରିପାଣି ଗାଁର କ୍ଷମା ପାତ୍ର (୭୬), ବୃଷଭ ପାତ୍ର (୪୪) ଓ ଗୋକୁଳ ପାତ୍ର (୪୧)। ଏମାନେ ମୁଣ୍ଡୁଟି ଜଙ୍ଗଲରେ ଜାନୁଆରୀ ୪ରେ ବାରହା ଶୀକାର କରିବା ପାଇଁ ବିଦ୍ୟୁତ ତାର ବିଛାଇଥିଲେ। କିନ୍ତୁ ବିଦ୍ୟୁତ୍ ଫାସରେ ବାରହା ବଦଳରେ ଜାନୁଆରୀ ୫ରେ ଏକ ହାତୀ ଲାଗି ମୃତ୍ୟୁ ହୋଇଥିଲା। ତେବେ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ତଦନ୍ତ କରିବା ସମୟରେ ଏହି ୩ ଜଣ ଶିକାରୀଙ୍କୁ ଜେରା କରିବା ବେଳେ ବିଦ୍ୟୁତ୍ ତାର ବିଛେଇବା ସହ ହାତୀର ମୃତ୍ୟୁ ପରେ ବି ଘଟଣା ସ୍ଥଳରେ ଉପସ୍ଥିତ ରହିଥିବା କହିଥିଲେ। ପୂର୍ବରୁ ଫେବୃଆରୀ ୪ରେ ଝିରିପାଣି ଅଞ୍ଚଳର ଅନ୍ୟ ୩ ଶିକାରୀକୁ ଗିରଫ କରିବା ସହ ୩ ଦେଶୀ ବନ୍ଧୁକ, ବିଦ୍ୟୁତ ତାର, ଛାଲ, ସିଂଘ ସମେତ ବନ୍ୟ ଜୀବଜନ୍ତୁଙ୍କ କଙ୍କାଳ ଆଦି ବନ ବିଭାଗ ଜବତ କରିଥିଲା। ତେବେ ବେଲଘର ରେଞ୍ଜ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ଏଯାବତ ୬ ଜଣ ଶିକାରୀ, ଫେରାର ଡେପୁଟି ରେଞ୍ଜରଙ୍କ ଡ୍ରାଇଭର, ଜେସିବି ଅପେରେଟର ସମେତ ମୋଟ ୧୦ ଜଣ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ହାତୀ ମୃତ୍ୟୁ ପରେ ଘଟଣାକୁ ଚପେଇଦେବାକୁ ଉଦ୍ୟମ କରି ହାତୀ ମୃତଦେହକୁ ୩୨ଖଣ୍ଡ କରି ପୋତି ଦେଇଥିଲେ। ଫେରାର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯାଇଛି। ହେଲେ ତାଙ୍କ ବିରୁଦ୍ଧରେ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେ ବର୍ତ୍ତମାନ ସୁଦ୍ଧା ଫେରାର ଥିବା ଜଣାପଡିଛି। ସେହିପରି ତଦନ୍ତ ରିପୋର୍ଟକୁ ଚପେଇଦେବା ନେଇ ଏସିଏଫ ସୂର୍ଯ୍ୟକାନ୍ତ ବେହେରାଙ୍କୁ ମଧ ନିଲମ୍ବନ କରାଯାଇଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଅବ୍ୟାହତ ରହିଥିବା ବିଷୟ ତଦନ୍ତ କାରୀ ଅଧିକାରୀ ତଥା ଏସିଏଫ ମନୋରଞ୍ଜନ ବାଗ କହିଛନ୍ତି।

# ୧ ରୁ ଦୋଳ ଯାତ୍ରା



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଗଞ୍ଜାମ,୨୨।୨(ବିଦ୍ୟାଧର ସାହୁ)

ଗଞ୍ଜାମର ଐତିହାସିକ ଦୋଳ ଯାତ୍ରା ମାର୍ଚ୍ଚ ୧ ରୁ ଆରମ୍ଭ ହେବ। ଏହି ଯାତ୍ରା ୪ଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ସାହି ଗୁଡ଼ିକରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଦୋଳ ଯାତ୍ରା ଉପଲକ୍ଷେ ପୁଇଁତୋଳା ୪ ସାହି ବୈଠକ ଶନିବାର ସନ୍ଧ୍ୟାରେ ତିନି ମୁହାଁ ଦୋକିରି ଛକ ଠାରେ ଅନୁଷ୍ଠିତ ହୋଇଥିଲା। କାନ୍ତରି ଦଳାଇ, କୈଳାଶ ପଲାଇ, ଗୌରୀ ଶଙ୍କର ବାରିକି, ସୁଦାମ ଚରଣ ଜେନା, ହରି ବିଶ୍ୱାଳ, ନୀଳାଞ୍ଚଳ ବାରିକି ପ୍ରମୁଖ ଉପସ୍ଥିତ ଥିଲେ। ସାହି ଯାତ୍ରା ଓ ବଜାର ଯାତ୍ରା ବେଳେ କୁଞ୍ଜ ଗଲାବେଳେ ବାଣ ଫୁଟିବା ନିଷେଧ ଘୋଷଣା କରାଯାଇଛି। ଏଥିସହ ଉଚ୍ଚ ଶବ୍ଦ ବ୍ୟବହାର ନ କରିବାକୁ ଆଲୋଚନା ହୋଇଥିଲା। ବିଶେଷକରି ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ସେଥିପାଇଁ କମିଟି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଠାକୁର ଉଠିବେ ଏବଂ ଫେରିବା ଲାଗି ନିଷ୍ପତ୍ତି ନିଆଯାଇଛି।

# ମା' ସାତ ଭଉଣୀଙ୍କ ବିଗ୍ରହ ପ୍ରତିଷ୍ଠା



ଚାଲିଥିବା ପୂଜାର୍ଚ୍ଚନାରେ ପଣ୍ଡିତଙ୍କ ବେଦ ମନ୍ତ୍ର।

ଗଞ୍ଜାମ,୨୨।୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହର କୈବର୍ତ୍ତ ସାହିରେ ଥିବା ମା'ସାତ ଭଉଣୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ପ୍ରାତଃରେ ଋଷିକୁଲ୍ୟା ନଦୀ ଘାଟରୁ ପାଣି ଅଣାଯିବା ପରେ ଘୃତ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ମନ୍ଦିରରେ ଦଶ ମହାବିଦ୍ୟା ବିଗ୍ରହ ଓ ମା' କତ୍ୟାୟିନୀଙ୍କ ବିଗ୍ରହ ମଧ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ବିଭୁତି ଭୂଷଣ ତ୍ରିପାଠୀ ଓ ପ୍ରକାଶ ଚନ୍ଦ୍ର ଶତପଥୀଙ୍କ ଶିବ କାଳୀ ବେଦ ମନ୍ତ୍ର ଧ୍ୱନିରେ ଦିନ ତମାମ ସହର ପ୍ରକମ୍ପିତ ହୋଇଥିଲା। ପୁରୋହିତ ତନ୍ମୟ ଷଡଙ୍ଗୀ, କେଦାର ପଣ୍ଡା ଓ ମଣ୍ଟୁ ପଣ୍ଡା ପ୍ରମୁଖ ହୋମ ଓ ଘୃତ ଯଜ୍ଞରେ ମନ୍ତ୍ର ପାଠ କରିଥିଲେ। ମା'ସାତ ଭଉଣୀ ମନ୍ଦିର ପୂଜକ ଡମ୍ବୁରୁ ରାଉଳ ପଣ୍ଡିତଙ୍କୁ ସହଯୋଗ କରିଥିଲେ। କୈବର୍ତ୍ତ ସାହି ବାସିନ୍ଦା ରମେଶ ଚନ୍ଦ୍ର ବେହେରା ଓ ତାଙ୍କ ଧର୍ମ ପତ୍ନୀଙ୍କ ଦ୍ୱାରା ହୋମ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ସମସ୍ତ ସାହି ବାସିନ୍ଦା ଉପସ୍ଥିତ ଥିଲେ।

# ପାଲତଳେ ବିତୁଛି ୨ ଅସହାୟ ଜୀବନ

ଗଞ୍ଜାମ,୨୨।୨(ଅନାଥ ତରାଇ)



ଦୁଇ ଅସହାୟ ବୃଦ୍ଧାବୃଦ୍ଧ।

ସରକାର ଅସହାୟ ବୃଦ୍ଧାବୃଦ୍ଧଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରୁଥିବା ବେଳେ ଗଞ୍ଜାମ ବ୍ଲକ୍‌ର ଖଣ୍ଡଦେଉଳି ପଞ୍ଚାୟତ ଅନ୍ତର୍ଗତ ବଳରାମପୁର ଗାଁରେ ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି। ଭୂମିହୀନ ଓ ନିଃସନ୍ତାନ ୨ ବୃଦ୍ଧାବୃଦ୍ଧ ଖୁଦୀ ଦାସ (୬୬) ଏବଂ ଗୋପୀ ଦାସ (୭୮)ଙ୍କ କ୍ଷେତ୍ରରେ। ଉଭୟେ ସରକାରୀ ଅବହେଳାର ଶିକାର ହୋଇ ଏକ ଭଙ୍ଗା ମାଟି ଘର ଉପରେ ପାଲ ପକାଇ ଦୟନୀୟ ଜୀବନଯାପନ କରୁଛନ୍ତି। ଖରା, ବର୍ଷା ଓ ଶୀତରେ ଏହି ପାଲ ତଳେ ହିଁ ସେମାନଙ୍କ ଜୀବନ କଟୁଛି। ଖୁଦୀ ଦାସଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଏକୁଟିଆ ହୋଇପଡ଼ିଥିଲେ। ବର୍ତ୍ତମାନ ସେ ଗୋପୀ ଦାସଙ୍କ ସହ ରହୁଛନ୍ତି। ଖୁଦୀଙ୍କୁ ମାସିକ ୫ କେଜି ଚାଉଳ ଏବଂ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବା ବେଳେ ଗୋପୀ ଦାସଙ୍କୁ ପାଖରେ ରାଶନ କାର୍ଡ କିମ୍ବା ଭତ୍ତା କୌଣସି ବ୍ୟବସ୍ଥା ନାହିଁ। ସେମାନଙ୍କର ରହିବା ପାଇଁ ଘର ନାହିଁ, ପେଟ ଭରିବାକୁ ସମ୍ବଳ ନାହିଁ। ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କୁ ଗୁହାରି କରିଥିଲେ ମଧ କୌଣସି ସହାୟତା ମିଳିନାହିଁ। ଏହା ସରକାରୀ ଯୋଜନାଗୁଡ଼ିକର ବାସ୍ତବ ଚିତ୍ରକୁ ଉଜାଗର କରୁଛି, ଯାହା କେବଳ କାଗଜରେ ସୀମିତ ରହିଯାଉଛି। ସ୍ଥାନୀୟ ସମାଜିକ କର୍ମୀ ନିରାକାର ମହାରଣା ଏହି ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଯଦି ପ୍ରଶାସନ ଏହି ବୃଦ୍ଧା ଦ୍ୱୟଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ଅନ୍ୟାନ୍ୟ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରନ୍ତେ ତେବେ ସେମାନଙ୍କୁ ଶାନ୍ତି ମିଳି ପାରନ୍ତା। ଗ୍ରାମବାସୀମାନେ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଜିଲା ପ୍ରଶାସନରୁ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ଗୋପୀ ଦାସଙ୍କୁ ରାସନ କାର୍ଡ ଓ ଭତ୍ତା ପ୍ରଦାନ କରିବା ସହ ଉଭୟଙ୍କ ପାଇଁ ପକ୍କା ଘର ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଘଟଣା ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନରେ ଥିବା ତ୍ରୁଟିକୁ ଉଜାଗର କରୁଛି। ଅନେକ ଯୋଜନା ଥାଇ ମଧ ଗରିବ ଓ ଅସହାୟମାନଙ୍କ ପାଖରେ ପହଞ୍ଚି ନ ପାରିବା ଏକ ବଡ଼ ଚିନ୍ତାର ବିଷୟ। ଜିଲା ପ୍ରଶାସନ ଏଥିରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ଉଚିତ୍। ଏହା ନ ହେଲେ ସରକାରୀ ଯୋଜନାଗୁଡ଼ିକ କେବଳ ସାତସପନ ହୋଇ ରହିଯିବ।

## ଅଧ୍ୟାପିକା ସମ୍ବର୍ଦ୍ଧିତ



**ପାଟକୁରା,୨୨।୨(ରବୀନ୍ଦ୍ର ନାଥ ବାରିକ)**

ପାଟକୁରା ଲୋକନାଥ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ ପିଏଚଡି ପାଇଥିବାରୁ ତାଙ୍କୁ ସ୍ଥାନୀୟ ତିକନପୁର ଚିତ୍ରୋତ୍ପଳା ମଣ୍ଡପରେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଦୁର୍ଗାପୂଜା କମିଟି ସଭାପତି ଅଞ୍ଜନ ଦେବତା, ବସରପ୍ରାପ୍ତ ଡେମନଷ୍ଟ୍ରେଟର ସରୋଜ କାନ୍ତ ବିଶ୍ୱାଳ,ପ୍ରଗତିକୃଷକ କ୍ଳବର ଡ଼ ଅମିୟ ରଞ୍ଜନ ରାଉତ, ସଚ୍ଛୋସେବୀ ସଂଗଠନର ତ୍ରିଲୋଚନ ବିଶ୍ୱାଳ,ସମିତି ସଭ୍ୟା କବିତା ଦେବତା, ବେଣୁଧର ବିଶ୍ୱାଳ,ଜଗବନ୍ଧୁ ବେହେରା,ଅଇନଜୀବୀ ପ୍ରଶାନ୍ତ ମହାଳି ପ୍ରମୁଖ ଅଧ୍ୟାପିକା ଆଚାର୍ଯ୍ୟଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ବେଆଇନ ବାଲି ଖନନକୁ ନେଇ ଗୋଷ୍ଠୀ ସଂଘର୍ଷ

**ପଟ୍ଟାମୁଣ୍ଡାଇ,୨୨।୨(କଳ୍ପତରୁ ନାୟକ)**

### ଫାଙ୍କା ଗୁଳିଚାଳନା, ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବାବେଳେ ଗୁଳି ଫୁଟିବା ଭଳି ଘଟଣା ସାମ୍ନାକୁ ଆସିଥିବା ଆଲୋଚନା ହେଉଛି। ବାଲି ଘାଟ ଦଖଲ, ବେଆଇନ ବାଲି ଉତ୍ତୋଳନ ଓ ପ୍ରଶାସନର କୋହୋଳ ମନୋଭାବକୁ ନେଇ ବାଲି ବ୍ୟବସାୟଙ୍କ ମଧ୍ୟରେ ଗଣ୍ଡଗୋଳ ଗୁଳିଚାଳନା ଏବଂ ହିଂସାତ୍ମକ ପରିସ୍ଥିତି ବୃଦ୍ଧି ପାଉଛି। ଏହି କଳିରେ ପ୍ରାୟତଃ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ବ୍ୟବହାର ହେଉଥିବା ଶୁଣିବାକୁ ମିଳିଥିବା ବେଳେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ଫାଙ୍କା ଗୁଳିଚାଳନା ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଏନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଉଭୟପକ୍ଷରୁ ଏତଲା ହୋଇଥିବା ବେଳେ ପୋଲିସ ନଂ. ୭୧/୨୬ ଓ ୭୨/୨୬ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଆଇଆଇସି ବନ୍ଦନା ପାତ୍ର କହିଛନ୍ତି।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବେଆଇନ ବାଲି ଖନନକୁ ନେଇ ପୂର୍ବ ଶତ୍ରୁତା ଯୋଗୁ ଦୁଇ ଗୋଷ୍ଠୀ ମଧ୍ୟରେ ଏକ ହିଂସାତ୍ମକ ଗୋଷ୍ଠୀ ସଂଘର୍ଷ ଗତ କିଛିମାସ ହେବ ଲାଗି ରହିଛି। ଯାହାକୁ ନେଇ ବିଭିନ୍ନ ସମୟରେ ଅପରାଧିକ କାର୍ଯ୍ୟକଳାପ ଘଟି ଥାନାରେ ଅଭିଯୋଗ ହୋଇ କେତେକ ମାମଲା ବିଚାରାଧୀନ ଅଛି। ମାତ୍ର ଶନିବାର କେନ୍ଦ୍ରାପଡ଼ା ଜିଲା ଖଣି ବିଭାଗ, ପଟ୍ଟାମୁଣ୍ଡାଇ ତହସିଲଦାର ଓ ଆଦର୍ଶ ଥାନା ପକ୍ଷରୁ ଅଲଭା ଓ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀରୁ ଅବୈଧ ବାଲି ଖନନ ଉପରେ ଚଢାଉ କାରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ଏନେଇ ଅସ୍ଥାୟୀ ରାସ୍ତାଗୁଡ଼ିକୁ ଭଙ୍ଗି ଦିଆଯିବା ସହ ୧୬୩ ଧାରା ଜାରି କରାଯାଇଥିଲା। ମାତ୍ର ଅନ୍ୟ ବାଲି ଖାଦାନଗୁଡିକ ପୂର୍ବଭଳି ଉଠାଣ ହେଉଥିବାରୁ ବିଭିନ୍ନ ଗୋଷ୍ଠୀ ଅସନ୍ତୋଷ ବୃଦ୍ଧି ପାଇଥିଲା। ପ୍ରଶାସନର ଏପରି ପାତରଅନ୍ତର ମନୋଭାବକୁ ବିରୋଧ କରାଯାଇଥିଲା। ଯାହାକୁ ନେଇ ପଟ୍ଟାମୁଣ୍ଡାଇ ବାଇପାସ୍ ନିକଟରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ସ୍ଥାନୀୟ କେତେକ ଲୋକଙ୍କ କହିବା ଅନୁସାରେ, ଶନିବାର ସନ୍ଧ୍ୟାରେ ପ୍ରାୟ ୮ ଜଣ ଅଜଣା ଯୁବକ ବାଇପାସ୍‌ରେ ପହଞ୍ଚି ଥିବା ବେଳେ ରାସ୍ତାରେ ପାଟିତୁଣ୍ଡ ହେଉଥିଲେ, ଏହା ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିଥିଲେ। ବେଆଇନ ବାଲି ଖନନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି ବୋଲି ଜାଣିବାକୁ ପାଇବା ସହିତ କେତେଜଣ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା।

## ବନ୍ଧକଟାରେ କଂଗ୍ରେସ କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତା।

**ମାର୍ଶାଘାଇ, ୨୨।୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକ ବନ୍ଧକଟା ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବନ୍ଧକଟା ପଞ୍ଚାୟତ କଂଗ୍ରେସ ନେତା ତଥା ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ମାର୍ଶାଘାଇ ବ୍ଲକ କଂଗ୍ରେସ ସଭାପତି ଶିକ୍ଷାଂଶୁ ଶେଖର ଲେଙ୍କା, ପିସିସି ଅନୁସୂଚିତ ସେଲ୍ ସମ୍ପାଦକ ତଥା ବନ୍ଧକଟା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଉପେନ୍ଦ୍ର ବେହେରା, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ ଓ ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିରେ ରାଜ୍ୟରେ କଂଗ୍ରେସ ପ୍ରତି ଜନ ସମର୍ଥନ ବୃଦ୍ଧି ପାଉଛି। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ସଂଗଠିତ ହୋଇ ପାରିଲେ ମାର୍ଶାଘାଇ ପଞ୍ଚାୟତ ସମିତି ଅକ୍ତିଆର କରିପାରିବ। ଏହି ପଞ୍ଚାୟତ ସମଗ୍ର ମାର୍ଶାଘାଇ ବ୍ଲକ କଂଗ୍ରେସକୁ ଦିଗ୍‌ଦର୍ଶନ ଦେବ ବୋଲି ଅତିଥିମାନେ ମତ ଦେଇଥିଲେ। ଅଲ୍ୟାଳ କୁମାର ନାୟକ, ଅଜୟ ଦାସ, ଦୀନବନ୍ଧୁ ନାୟକ, ଦିଲ୍ଲୀପ କୁମାର ସାହୁ, ବାବୁଲି ସାହୁ, ସର୍ବେଶ୍ୱର ନାୟକ, ଶୁକଦେବ ବିଶ୍ୱାଳ, ରମେଶ ସାହୁ ଓ ଦିଲ୍ଲୀପ ମଲିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## କିମ୍ସ ହସ୍ପିଟାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟସେବା ଶିବିର



କିଟ କିମ୍ସ ଓ କିସ୍‌ର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଜକନିକା,୨୨।୨(ସଞ୍ଜୟ କୁମାର ଦାଶ)**

କିମ୍ସ ହସ୍ପିଟାଲ ପକ୍ଷରୁ ସ୍ଥାନୀୟ ରାଜକନିକା ସ୍ଥିତ କାଳିକାପୁର ସୁଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟ, ଜରିସାହି ନୋଡାଲ ଉ:ପ୍ରା: ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନ ୯ ଟାରୁ ସନ୍ଧ୍ୟା ୫ଟା ଯାଏ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ ବିଭାଗର ୧ଶହ ଡାକ୍ତରଙ୍କ ଦ୍ୱାରା ୪୫୯୧ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା, ବିଭିନ୍ନ ପରୀକ୍ଷା ଓ ଔଷଧ ପ୍ରଦାନ କରାଯାଇଛି। ଏହି ଶିବିରରେ କିଟ କିମ୍ସ ଓ କିସ୍‌ର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଓଡ଼ିଶା ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷାଦାନ କ୍ଷେତ୍ରରେ ୩ ଅନୁଷ୍ଠାନର ଉଦ୍ଦେଶ୍ୟ ଓ ସଫଳତା କାମନା କରିଥିଲେ। ଗ୍ରାମାଞ୍ଚଳରେ ଥିବା ସାଧାରଣ ଲୋକଙ୍କ ପାଖରେ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲର ସ୍ୱାସ୍ଥ୍ୟସେବା ଯୋଗାଇବାକୁ କିମ୍ସର ଉପଦେଷ୍ଟା ସନ୍ତୋଷ କୁମାର ସାହୁ ରିଚିଂ ଦି ଅନରିଚଡ଼ ସ୍ଲୋଗାନକୁ ନିଜ ଅଞ୍ଚଳରେ ପହଞ୍ଚାଇ ଥିବାରୁ ତାଙ୍କର ମାଟି ପ୍ରତି ଦାୟିତ୍ୱବୋଧ ଅବତାରଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କିମ୍ସ କ୍ୟାମ୍ପର ମୁଖ୍ୟ ସଂଯୋଜକ ଡ଼. ହରିଶ ଚୌଧୁରୀ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ କନିକା ହାଇସ୍କୁଲ ଆୟତନର ପୂର୍ବତନ ଛାତ୍ର ସଂସଦ, କାଳିକାପୁରର ସୁଶ୍ରୀ ଦେବୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ରାଇଜିଙ୍ଗ ଷ୍ଟାର କ୍ଳବ ପକ୍ଷରୁ ଡ଼ ସାମନ୍ତଙ୍କୁ ମା’ କାଳିକାଙ୍କ ଆଜ୍ଞାମାଳ ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ ବୟୋଜ୍ୟୋଷ୍ଠ ଶୁକଦେବ ସାହୁ, ଆୟତନ ପୁରାତନ ଛାତ୍ର ସଂସଦ ସମ୍ପାଦକ ନବକିଶୋର ସୂତାର, ସୁଶ୍ରୀ ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ ପରିଡା, ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ଓଳାଭର ମହାବିଦ୍ୟାଳୟ ଓ ପାଟଣା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଓ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରର ସଫଳତା କାମନା କରି ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡେରାବିଶ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ

**ଡ଼େରାବିଶ, ୨୨।୨(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ମହାବିଦ୍ୟାଳୟ ସଭାଗୃହରେ ରବିବାର କଲେଜର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ନଗେନ୍ଦ୍ର ନାଥ ପାଣି ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଭାକର ସାମଲ ମୁଖ୍ୟ ଅତିଥି, ପୂର୍ବତନ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ମୁଖ୍ୟ ବକ୍ତା, ପୂର୍ବତନ ଅଧ୍ୟକ୍ଷା ସମ୍ମାନିତ ବକ୍ତା ଏବଂ ପ୍ରାକ୍ତନ ପ୍ରଧାପକ ଲୋକନାଥ ଗିରି ଓ କଲେଜ ପରିଚାଳନା କମିଟିର ପୂର୍ବତନ ସଦସ୍ୟ ବ୍ରହ୍ମାନନ୍ଦ ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପାଠ୍ୟକ୍ରମ ସହ ଅଧ୍ୟାପିକା ଅଧ୍ୟାପକମାନେ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାର ଆବଶ୍ୟତା ନେଇ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ସାହୁ ଓ ଅଧ୍ୟାପିକା ସୁଭାସିନୀ ମିଶ୍ରଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶେଷରେ ଅଧ୍ୟାପକ ଗୁରୁଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଅବିଭାବକ, ସମସ୍ତ ଅଧ୍ୟାପିକା ଅଧ୍ୟାପିକା ଓ ଅଞ୍ଚଳବାସୀ ଉପସ୍ଥିତ ଥିବା ବେଳେ ଏହାର ପରିଚାଳନାରେ ବରିଷ୍ଠ କର୍ମଚାରୀ ବିଧୁଭୂଷଣ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଅବ୍ୟବସ୍ଥାରେ ବାଲିକୁଦା ପ୍ରାଥମିକ ବିଦ୍ୟାଳୟ

**କେନ୍ଦ୍ରାପଡା, ୨୨।୨ (ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ତରଡିପାଳ ପଞ୍ଚାୟତର ବାଲିକୁଦା ପ୍ରାଥମିକ ବିଦ୍ୟାଳୟ ଅଛି। ତେବେ ଏହି ବିଦ୍ୟାଳୟ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଥିବା ସ୍ଥାନୀୟ ଅଞ୍ଚଳର ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅବ୍ୟବସ୍ଥାର ସୁଧାର ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଶନିବାର ଦାବିପତ୍ର ଦେବା ସହିତ ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଧରିବେ ବୋଲି ସେମାନେ କହିଛନ୍ତି।

ଅଭିଯୋଗକାରୀ ସାମାଜିକ କର୍ମୀ ଭରତ ଚନ୍ଦ୍ର ଦାଶ, ଗୁରୁଚରଣ ନାଥଶର୍ମା, ବିଶ୍ୱଜିତ ନାଥଶର୍ମା, ଅମର କୁମାର ଜେନା ଓ ନରେନ୍ଦ୍ର କୁମାର ଧଳ ପ୍ରମୁଖ କହିଛନ୍ତି, ଏହି ପ୍ରାଥମିକ ବିଦ୍ୟାଳୟ ୧୯୫୨ ମସିହାରୁ ଚାଲିଛି। ଏଠାରେ ଶିଶୁ ବାଟିକା ସହ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ତେବେ ବିଦ୍ୟାଳୟରେ ମାତ୍ର ଦୁଇଟି ଶ୍ରେଣୀ ଗୃହରେ ପାଠ ପଢ଼ା ହେଉଛି। ଶିକ୍ଷାର୍ଥୀଙ୍କ ବଡ ସମସ୍ୟା ହେଉଛି ଶିକ୍ଷକ ନିଯୁକ୍ତି। ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷୟିତ୍ରୀ ଏଠାରେ ସମସ୍ତ ଶିକ୍ଷା ବ୍ୟବସ୍ଥାକୁ ପରିଚାଳନା କରୁଛନ୍ତି। ଶିକ୍ଷାର୍ଥୀଙ୍କୁ ପାଠ ପଢ଼ାଇବା ସହ ମଧ୍ୟାହ୍ନଭୋଜନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତାଙ୍କୁ ଏକାକୀ କରିବାକୁ ପଡୁଛି। ଫଳରେ ଶିକ୍ଷାର୍ଥୀମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଏଠାରେ ଶିକ୍ଷା ବ୍ୟବସ୍ଥା ଭୁସୁଡି ପଡିଛି। ତୁରନ୍ତ ଏହି ବିଦ୍ୟାଳୟରେ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତ ନ ହେଲେ ଆନ୍ଦୋଳନ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସିଆରସିସି ପ୍ରହ୍ଲାଦ ପଲେଇ କହିଛନ୍ତି, ବାଲିକୁଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅବ୍ୟବସ୍ଥା ସମ୍ପର୍କରେ ଜିଲା ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।

## ହିନ୍ଦୁ ସମ୍ମିଳନୀ: ସନାତନ ସଂସ୍କୃତି ବଞ୍ଚିଲେ ବିଶ୍ୱର ମଙ୍ଗଳ

**କେନ୍ଦ୍ରାପଡ଼ା,୨୨।୨ (ଜଗନ୍ନାଥ ଧଳ)**

ସନାତନ ସଂସ୍କୃତି ସମଗ୍ର ବିଶ୍ୱର ଉନ୍ନତି ଚିନ୍ତାକରେ। ସବୁଠି ଶାନ୍ତି ପ୍ରତିଷ୍ଠା ପାଇଁ ସର୍ବଦା ଚେଷ୍ଟା କରେ। ଭାରତକୁ ମା’ ଭାବେ ସମ୍ବୋଧନ କରେ। ଏହି ସଂସ୍କୃତିରେ ଦେବୀ ଅଥବା ଦେବତାଙ୍କ ପୂଜା ସୀମିତ ନୁହେଁ । ମାନବ, ବୃକ୍ଷଲତା ଏପରିକି ଜଡ଼ ବସ୍ତୁରେ ମଧ୍ୟ ଭଗବତ ସତ୍ତା ଅନୁଭବ କରିଥାଏ। ଏହି ମହାନ ସଂସ୍କୃତିକୁ ବଜାୟ ରଖି ସୁରକ୍ଷା ପ୍ରଦାନ କରିବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସମ୍ମିଳନୀରେ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। କେନ୍ଦ୍ରାପଡ଼ା ପୌରାଞ୍ଚଳ ମା’ ବୁଢୀ ବିଳାଶୁଣୀ ଓ ମା’ ଯାଜ୍ଞସେନୀ ବସତିର ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ମନକରପୁରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଏହି ହିନ୍ଦୁ ସମ୍ମିଳନୀ ରବିବାର ଆୟୋଜିତ ହୋଇଥିଲା। ବୁଦ୍ଧିଜୀବୀ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଉଦ୍‌ଘାଟକ ଭାବେ ମହନ୍ତ ସଚ୍ଚିଦାନନ୍ଦ ଦାସ, ମୁଖ୍ୟଅତିଥି ଭାବେ ବୁଦ୍ଧିଜୀବୀ ସର୍ବେଶ୍ୱର ମିଶ୍ର ଓ ମୁଖ୍ୟବକ୍ତା ପଣ୍ଡିତ ହୃଷୀକେଶ ରଥ, ବୈଦ୍ୟନାଥ ଚାଟାର୍ଜୀ, କିଶୋର ପଣ୍ଡା, ଗୀତାଞ୍ଜଳି ସେଠୀ, ନେହେରୁ ସାହୁ, ପ୍ରଧାନ ଆଚାର୍ଯ୍ୟ, ମନୋଜ ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଭାରତୀୟ ସନାତନ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଏକ ସୁସ୍ଥ ହିନ୍ଦୁ ସମାଜ ଗଠନରେ ସାମାଜିକ ସରସତା ସ୍ଥାପନ ପାଇଁ ପ୍ରତ୍ୟେକ ହିନ୍ଦୁମାନଙ୍କ ମଧ୍ୟରେ ଥିବା ଉଚ୍ଚନୀଚ ଭେଦଭାବକୁ ଦୂର କରିବାକୁ ପଡିବ ବୋଲି କହିଥିଲେ। ଏହି ସମ୍ମିଳନୀକୁ ଲୋକନାଥ ଦାସ, ସୁରେଶ ଚନ୍ଦ୍ର ନାୟକ, ମାଧବ ନନ୍ଦ, ଭିକାରୀ ପ୍ରଧାନ, ସମୀର ଦାସ ପ୍ରମୁଖ ପରିଚାଳନା କରିଥିଲେ।




ହିନ୍ଦୁ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ, ଦର୍ଶନୀୟ ସ୍ଥାନ ପରିଭ୍ରମଣ କାର୍ଯ୍ୟକ୍ରମ



ପରିଭ୍ରମଣରେ ଯାଇଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

**ଡେରାବିଶ,୨୨।୨(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଶିକ୍ଷା ମଣ୍ଡଳ ଅଧୀନ ଦିବ୍ୟାଙ୍ଗ ଛାତ୍ରୀଛାତ୍ରୀଙ୍କୁ ନେଇ ରବିବାର ଶୈକ୍ଷିକ ତଥା ଦର୍ଶନୀୟ ସ୍ଥାନ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ଓ ବିଆରସିସି ଦେବଦତ୍ତ ଶତପଥିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ ଅନ୍ତର୍ଗତ ୪୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ କଟକ ଜିଲା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ଓ ଯାଜପୁର ଜିଲାର ମହାବିନାୟକ ପୀଠ ପରିଦର୍ଶନରେ ଯାଇଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ ଓ ଆଲୋକ ବେହେରା ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଲଳିତଗିରିରେ ବୁଦ୍ଧଙ୍କର ବିଭିନ୍ନ ମୁଦ୍ରାରେ ରହିଥିବା ମୂର୍ତ୍ତି ଓ ବୁଦ୍ଧଙ୍କ ଅସ୍ଥିକୁ ବୁଲାଇ ଦେଖାଇବା ସହିତ କିପରି ଆମ ଅଞ୍ଚଳରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଓ ସେତେବେଳର ଆଧ୍ୟାତ୍ମିକ ସଂସ୍କୃତି ସମ୍ପର୍କରେ ବୁଝାଇଥିଲେ । ପରେ ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମହାବିନାୟକଙ୍କ ପୀଠକୁ ନେଇ ପ୍ରଭୁ ବିନାୟକଙ୍କ ଦର୍ଶନ କରାଇବା ସହିତ ଏହାର ମନୋରମ ପ୍ରାକୃତିକ ପରିବେଶକୁ ବୁଲାଇ ଦେଖାଇଥିଲେ । ଏହାପରେ ଛାତ୍ରୀଛାତ୍ରଙ୍କୁ ଏହି ପୀଠ ନିକଟରେ ରହିଥିବା ଏକ ପାର୍କ ମଧ୍ୟରେ ଭୋଜନରେ ଆପ୍ୟାୟିତ କରିବା ସହିତ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ପ୍ରଦ୍ୟୁମ୍ନ କୁମାର ଜେନା, ସୁଶାନ୍ତ କୁମାର ନାୟକ, ଅନ୍ନପୂର୍ଣ୍ଣା ସାମଲ, ଗୋକୁଳ ତ୍ରିପାଠୀ, ଦୀପକ କୁମାର ଦାଶ ଓ ଭବାନୀଶଙ୍କର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


### ଆବଶ୍ୟକ

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

### ପୂର୍ବ ତଟ ରେଳପଥ

**ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ**

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା

ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-1151/Q/25-26

### ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫୈସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍‌ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା

OIPR-19001/19269/1/25-26/0001

ODISHA

### STATE POLLUTION CONTROL BOARD, ODISHA

[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012
EPABX : 2653800, E-mail : paribesh1@ospcboard.org, Website : www.ospcboard.org
No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

### Office of the Executive Engineer, PWD Division Dewas

website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

G-26252/25
Sd./- Executive Engineer,
P.W.D. Division Dewas


## ୧୮ କୋଟି ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀ ବନ୍ଧର ଶିଳାନ୍ୟାସ

**ପଟ୍ଟାମୁଣ୍ଡାଇ, ୨୨।୨(କଳ୍ପତରୁ ନାୟକ)**

ସମଗ୍ର ଉତିକଣ ଓ ଧୋୟାଞ୍ଚଳର ସୁରକ୍ଷା କବଚ ବ୍ରାହ୍ମଣୀ ନଦୀ ବନ୍ଧ ଦୁର୍ବଳ ହୋଇପଡିଥିବାରୁ ବନ୍ୟା ବିଭୀଷିକା ଭୟରେ ସମଗ୍ର ଉତିକଣ ଅଞ୍ଚଳ ସହିତ ବନ୍ୟା ବିପନ୍ନ ଧୋୟାଞ୍ଚଳବାସୀ ଆଶା ଆଶଙ୍କା ଓ ଚିନ୍ତାରେ ରୁହନ୍ତି। ଏ ସମ୍ପର୍କରେ ଅବଗତ ହେବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ରାହ୍ମଣୀ ନଦୀ ବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାରଙ୍କଠାରେ ଦାବୀ କରିଥିଲେ । ରାଜ୍ୟ ସରକାର ସମସ୍ତ ବିଷୟରେ ଅବଗତ ହେବା ପରେ ବ୍ରାହ୍ମଣୀ ନଦୀ ବନ୍ଧର ଦକ୍ଷିଣ ପାର୍ଶ୍ୱ ସୁଦୃଢ଼ୀକରଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ।




ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ ଶିଳାନ୍ୟାସ କରୁଛନ୍ତି।

ବିଧାୟକ ସାହୁ ରବିବାର ୧୮କୋଟି ଟଙ୍କା ବ୍ୟୟରେ ନିମପୁର ବ୍ରାହ୍ମଣୀ ନଦୀ କୂଳରେ ନଦୀବନ୍ଧ ଦକ୍ଷିଣ ପାର୍ଶ୍ୱ ସୁଦୃଢ଼ୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ସେ କହିଥିଲେ, ଉତିକଣ ଓ ଧୋୟାଞ୍ଚଳବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ସହ ଉତ୍ତମ ଗମନାଗମନ ସୁବିଧା ପାଇଁ ଏହି ନଦୀବନ୍ଧ ରାସ୍ତାକୁ ୨ଥାକିଆ ରାସ୍ତାରେ ପରିଣତ କରିବା ରାଜ୍ୟ ବିଧାନସଭାରେ ସରକାରଙ୍କଠାରେ ଦାବୀ ଉପସ୍ଥାପନ କରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରକଳ୍ପର ସଫଳ କାର୍ଯ୍ୟକାରୀତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଶିଳାନ୍ୟାସ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ଓ ରଶ୍ମି ମଲିକ୍, ସାମାଜକର୍ମୀ ସୁଶାନ୍ତ ପଣ୍ଡାଙ୍କ ସମେତ ବିଜେଡି ନେତା ଓ କର୍ମୀମାନେ ଯୋଗ ଦେଇଥିଲେ ।

# ସମ୍ପାଦକଙ୍କ ନାମରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ସଭାପତି

- ସେବା ସମବାୟ ସମିତିରେ ସମ୍ପାଦକମାନଙ୍କ ରାଜୁତି
- ଅଭିଯୋଗ କଲେ ମିଳୁନି ସୁଫଳ

ନୂଆଗାଁ,୨୨।୨(ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ ରାଇପୁର ସେବା ସମବାୟ ସମିତି ସମ୍ପାଦକ ଧାନ କିଣାରେ ଅନିୟମିତତା କରିଥିବା ନେଇ ସମିତି ସଭାପତି ଜିଲାପାଳ, ବିଭାଗୀୟ ଜିଲା ଅଧିକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପ୍ରତ୍ୟେକ ସେବା ସମବାୟ ସମିତିରେ ସମ୍ପାଦକମାନେ ରାଜୁତି କରୁଛନ୍ତି। ଚାଷୀଙ୍କ ଧାନ ବିକ୍ରିର ସୁଯୋଗରେ ସମ୍ପାଦକମାନେ ନିଜେ ବେପାର କରି ଲାଭବାନ ହେଉଛନ୍ତି। କେଉଁଠି ନକଲି ଚାଷୀଙ୍କ ନାମରେ ଧାନ ଦିଆଗଲାଣି ତ ଆଉ କେଉଁଠି ଭାଗଚାଷୀଙ୍କ ନାମରେ ଧାନ ଦେଇ ସମ୍ପାଦକ ଲୁଟୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ସମବାୟ ସମିତି ସୂଚନା ଅଧିକାର ଆଇନ ଅଧୀନରେ ଯାଉ ନ ଥିବା ସୁଯୋଗର ଫାଇଦା ନେଉଛନ୍ତି ସମ୍ପାଦକ। ସମବାୟ ସମିତି ସମ୍ପାଦକଙ୍କଠାରୁ ବିଭାଗ ସହ ସମ୍ପୃକ୍ତ ଥିବା ଅଧିକାରୀମାନେ ଅନିୟମିତତାରେ ପ୍ରତ୍ୟକ୍ଷ କିମ୍ବା



ସମ୍ପାଦକଙ୍କ ନାମରେ ସଭାପତି ମୁଖ୍ୟମନ୍ତ୍ରୀଙ୍କୁ କରିଥିବା ଅଭିଯୋଗପତ୍ରର ନକଲ।

ପରୋକ୍ଷ ଭାବେ ସାମିଲ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ରାଇପୁର ସେବା ସମବାୟ ସମିତି ସଭାପତି ପ୍ରମୋଦ କୁମାର ବେହେରା ନୟାଗଡ଼ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପନିବନ୍ଧକ, ସହ ନିବନ୍ଧକଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ କରିଥିବା ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ ରାଇପୁର ସେବା ସମବାୟ ସମିତି ସମ୍ପାଦକ ମଦନ ମୋହନ ମହାପାତ୍ର ଚାଷୀମାନଙ୍କଠାରୁ ଧାନ କିଣିବାରେ ଅନିୟମିତତା କରିଛନ୍ତି। ସମ୍ପାଦକ ଭାଗଚାଷୀଙ୍କ ନାଁରେ ଧାନ ନିଜେ କିଣି ବେପାର କରୁଛନ୍ତି। ସମ୍ପାଦକ ମହାପାତ୍ର ୨୦୨୫-୨୬ରେ ଅନେକ ଚାଷୀଙ୍କ ଜମିପଟ୍ଟାକୁ ଚଞ୍ଚକତା କରି ଭାଗଚାଷୀଙ୍କ ନାମରେ ପଞ୍ଜୀକରଣ କରିଛନ୍ତି। ସେ ସମବାୟ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ ନ କରି ନିଜ ଘରେ ଅଫିସ କରୁଛନ୍ତି। ସମିତିରେ ୩୧୬ ଗୋଟି ଫର୍ମ ବିକ୍ରି ହୋଇଥିଲେ ମଧ୍ୟ ସମ୍ପାଦକ ୩୮୪ ପଞ୍ଜୀକରଣ କରାଇଛନ୍ତି। ସମ୍ପାଦକ କରିଥିବା ଅନିୟମିତତାର ସମସ୍ତ ପ୍ରମାଣ ସଭାପତିଙ୍କ ନିକଟରେ ରହିଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତେଣୁ ୨୦୨୫-୨୬ରେ ଚାଷୀମାନଙ୍କର ଯେଉଁସବୁ ପଟ୍ଟା ଓ ନାମ ପଞ୍ଜୀକରଣ କରାଯାଇଛି ସେମାନଙ୍କ ପଟ୍ଟାର ତଦନ୍ତ କରାଗଲେ କେଉଁ ଚାଷୀର ଖାତାରୁ କେଉଁ କେଉଁ ପଟ୍ଟା କଟିଛି ତାହା ଜଣାପଡିବ ବୋଲି ସଭାପତି ବେହେରା କହିଛନ୍ତି। ତେଣୁ ରାଇପୁର ସେବା ସମବାୟ ସମିତିରେ ୨୦୨୫-୨୬ର ଧାନ ପଞ୍ଜୀକରଣ ଫାଇଲକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଭାପତି ବେହେରା ଦାବି କରିଛନ୍ତି। ସେବା ସମବାୟ ସମିତି ସମ୍ପାଦକଙ୍କ ନାମରେ ସଭାପତି ମୁଖ୍ୟମନ୍ତ୍ରୀଙ୍କୁ ହୋଇଥିବା ଅଭିଯୋଗ ସମ୍ପର୍କରେ ସମ୍ପାଦକ ମଦନ ମୋହନ ମହାପାତ୍ରଙ୍କୁ ପଚାରିବାରେ ଅଭିଯୋଗ ବାବଦରେ ମୁଁ ଜାଣିନି ବୋଲି କହିଥିଲେ। ସମ୍ପାଦକ ଧାନ କିଣାରେ ଅନିୟମିତତା କରିଥିବା ନେଇ ଅଭିଯୋଗ ବାବଦରେ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି।

# ବେଟି ବଚାଓ, ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଅତିଥିବୃନ୍ଦ।

ଦଶପଲ୍ଲା,୨୨।୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ସଭାଗୃହରେ ଶନିବାର ଦିନ ବେଟି ବଚାଓ ବେଟି ପଢାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ, ଦଶପଲ୍ଲା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ସଂଯୁକ୍ତା ସାମଲ, ବିଡିଓ ଶରତ କୁମାର ମଲିକ ଓ ଆଡଭୋକେଟ କୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ସମସ୍ତ ସରପଞ୍ଚ,କର୍ମକର୍ତ୍ତା, ବିଦ୍ୟାଳୟର ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍ ଓ ଆଶା କର୍ମୀଙ୍କ ସହିତ ବହୁ ମହିଳା ଯୋଗଦାନ କରିଥିଲେ। ଏଥିପାଇଁ ଉଦ୍ଦିଷ୍ଟ ଅର୍ଥନୈତିକ ସାକ୍ଷରତା,ଆର୍ଥିକ, ସାମାଜିକ ଓ ରାଜନୈତିକ ଅଧିକାର ସମ୍ବନ୍ଧରେ ଅତିଥିମାନେ ଉଦ୍‌ବୋଧନ ଦେଇ ସଚେତନ କରାଯାଇଥିଲା।

# କଟକ ୧-୦ ଗୋଲରେ ଭଞ୍ଜନଗରକୁ ହରାଇ ବିଜୟୀ



ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳି।

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖଣ୍ଡପଡା,୨୨।୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ ପରିସରରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱର୍ଗତ ମହେନ୍ଦ୍ରଙ୍କ ପୁତ୍ର ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଲାଷ, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ୍ ସଭାପତି ଅଖିଳ କୁମାର ମହାରଣା, ପଣ୍ଡିତ ମନୋଜ ମିଶ୍ର, ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର, ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ।

ଆଜିର ମ୍ୟାଚରେ ମା' ଭୈରବୀ କାଳୀ ଫୁଟ୍‌ବଲ କ୍ଲବ ଭଞ୍ଜନଗର ଓ ବିଡାନାସି ଫୁଟ୍‌ବଲ ଏକାଡେମୀ କଟକ ପରସ୍ପରକୁ ମୁକାବିଲା କରିଥିଲେ। ଖେଳର ପ୍ରଥମାର୍ଦ୍ଧରେ ବିଡାନାସୀ ଦଳ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ଭଞ୍ଜନଗର ଦଳ ପ୍ରଥମ କିମ୍ବା ଦ୍ୱିତୀୟାର୍ଦ୍ଧରେ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ। ଫଳରେ କଟକ ବିଡାନାସୀ ଦଳ ୧-୦ ଗୋଲରେ ବିଜୟୀ ହୋଇ ପ୍ରଥମ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଥିଲା। ଆଜିର ମୁଖ୍ୟ ରେଫରୀ ଭାବେ ବିଶିଷ୍ଟ କ୍ରୀଡାବିତ୍ ବିଜୟ କୁମାର ମଙ୍ଗରାଜ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସରୋଜ କୁମାର ମହାରଣା ଓ ପ୍ରସନ୍ନ ନାୟକ ସହାୟତା କରିଥିଲେ। ୪ର୍ଥ ରେଫରୀ ଭାବେ ସୁବାସ ବେହେରା ଦାୟିତ୍ୱ ତୁଲାଇଥିଲେ। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବଜରଙ୍ଗୀ ଫୁଟ୍‌ବଲ କ୍ଲବ ଘାଟିକିଆ ଓ ପପୁଲାର ଫୁଟବଲ କ୍ଲବ ଢେଙ୍କାନାଳ ମଧ୍ୟରେ ମୁକାବିଲା ହେବ।

# ସ୍ୱେଚ୍ଛାସେବୀ ହେବାର କଳା ଶୀର୍ଷକ ଆଲୋଚନାଚକ୍ର

ନୟାଗଡ଼, ୨୨।୨(ଲୋକନାଥ ମିଶ୍ର)

ସ୍ୱେଚ୍ଛାସେବୀମାନଙ୍କର ସେବାର ଭାବନାକୁ ବିକାଶ ଓ ବୃଦ୍ଧି କରିବା ଉଦେଶ୍ୟରେ ସୁର୍ଣ୍ଣଦେଇପୁରସ୍ଥିତ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ସଭାଗୃହରେ ସ୍ୱେଚ୍ଛାସେବୀ ହେବାର କଳା ବିଷୟକୁ ନେଇ ରବିବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଜଣେ ସ୍ୱେଚ୍ଛାସେବୀ କେଉଁ କେଉଁ ଗୁଣର ଅଧିକାରୀ ହେବା ଆବ୍ୟଯକ ସେ ବିଷୟରେ ଆଲୋକପାତ କରିଥିଲେ। ସମାଜସେବାର ସଜ୍ଞାକୁ ବିଭିନ୍ନ ଉଦାହରଣ ଦେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଗଣିଆ ଉନ୍ନୟନ କମିଟି ସଭାପତି



ଆଲୋଚନାଚକ୍ରରେ ଅତିଥିଙ୍କ ସହ ସ୍ୱେଚ୍ଛାସେବୀ।

ଉଷାରାଣୀ ପଟ୍ଟନାୟକ, ନୟାଗଡ଼ କ୍ଲବ ସଭାପତି ଅଶୋକ କୁମାର ନାୟକ, ବରିଷ୍ଠ ଶିକ୍ଷାବିତ୍ ହରିହର ପାତ୍ର, କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ନୟାଗଡ଼ ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକ, ୟୁନିଟେକ୍ କଲେଜ ଚେୟାରମ୍ୟାନ ପ୍ରଦୀପ କୁମାର ପୃଷ୍ଟି, ସୋହମ୍ ସାମାଜିକ ଅନୁଷ୍ଠାନ ସମ୍ପାଦକ କାମାକ୍ଷା ପ୍ରସାଦ ଦାସ, ବରିଷ୍ଠ ରୋଟାରିଆନ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଓ ପ୍ରକୃତିବନ୍ଧୁ ଅନାଦି ଚରଣ ମହାନ୍ତି ଯୋଗଦେଇଥିଲେ। ଉତ୍କୃଷ୍ଟ ସମାଜ ଗଠନ କରିବା ପାଇଁ ସାମାଜିକକର୍ମୀମାନେ କେଉଁ କେଉଁ କ୍ଷେତ୍ରରେ ସଚେତନତା ବାର୍ତ୍ତା ଗ୍ରହଣ କରି ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବା ଦରକାର ସେ ବିଷୟରେ ବକ୍ତାମାନେ ନିଜ ନିଜର ମତାମତ ରଖିଥିଲେ। ଅସହାୟମାନଙ୍କ ପାଇଁ ଅହରହ ଚିନ୍ତାକରି ଦେବଦୂତ ଭୂମିକା ନିର୍ବାହ କରୁଥିବା ଦେବଦୂତ ସେବା ପରିଷଦର ୫୦ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଜିକା ଦିନରେ ଅଜଣା ମୃତଦେହ ହେଉ କିମ୍ବା ଯେ କୌଣସି ମୃତଦେହ ହେଉ ଅଣଦେଖା ହେଉଥିଲେ ପରିଷଦର ସଦସ୍ୟ ମୃତଦେହ ସତ୍କାର କରିବା ପାଇଁ ଧାଇଁ ଆସିଥାନ୍ତି। ରାସ୍ତାରେ କୌଣସି ଗୋରୁଙ୍କ ଦୁର୍ଘଟଣା ହେଲେ ପରିଷଦର କର୍ମକର୍ତ୍ତାଗଣ ସେଠାରେ ପହଞ୍ଚି ଦେବଦୂତ ଭଳି ସେବା ଦେଇଥାନ୍ତି। ଏହିଭଳି ମହନୀୟ କାର୍ଯ୍ୟ କରୁଥିବା ଦେବଦୂତ ସେବା ପରିଷଦର ସମସ୍ତ କର୍ମକର୍ତ୍ତାମାନଙ୍କୁ ବିଦ୍ୟାଳୟ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଆଲୋଚନା ଚକ୍ର ସମାଜସେବା କ୍ଷେତ୍ରରେ ଆମକୁ ଅନେକ ଦିଶା ଦେଇଛି ବୋଲି ଦେବଦୂତ ସେବା ପରିଷଦ କର୍ମକର୍ତ୍ତାମାନେ ମତାମତ ରଖିଥିଲେ। ଶେଷରେ ରାମକୃଷ୍ଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ପାରଳାଖେମୁଣ୍ଡି,୨୨।୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ଖ୍ରୀଷ୍ଟିଆନ ସାହିର ଦିପ୍ତିରାଣୀ ବେର୍ବର୍ତ୍ତା (୪୨)। ଜିଲା ଚିକିତ୍ସାଳୟରେ ଆଇସିୟୁ ନ ଥିବା ଏବଂ ଚିକିତ୍ସାରେ ଅହେତୁକ ବିଳମ୍ବ ଯୋଗୁ ଦିପ୍ତିରାଣୀଙ୍କ ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଶନିବାର ରାତି ପ୍ରାୟ ୧୨ଟା ବେଳେ ଦିପ୍ତିରାଣୀ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ୧୨ଟା ୩୫ରେ ପହଞ୍ଚିବା ପରେ ଉପସ୍ଥିତ ଡାକ୍ତର ରୋଗୀଙ୍କ ଚିକିତ୍ସା କରି ନ ଥିଲେ। ଫଳରେ ଦିପ୍ତିରାଣୀ ଯନ୍ତ୍ରଣାରେଛଟପଟ ହୋଇ ରାତି ସାଢେ ଗୋଟାଏରେ ମୃତ୍ୟୁବରଣ କରିଥିଲେ। ସେ ସମୟରେ ଉପସ୍ଥିତ ଡାକ୍ତର ବସି ରହି ନିଜ ମୋବାଇଲ ଦେଖିବାରେ ବ୍ୟସ୍ତ ଥିଲେ ବୋଲି ମୃତକଙ୍କ ସମ୍ପର୍କୀୟ ପ୍ରେମ କୁମାର ବେବର୍ତ୍ତା, ଜନସନ ବେବେର୍ତ୍ତା ଓ ଜଗଦୀଶ ବେବେର୍ତ୍ତା କହିଛନ୍ତି। ଏନେଇ ସମାଜିକ କର୍ମୀ ଜସ୍ମିନ ଶେଖ କହିଛନ୍ତି, ଏଠାରେ ଆଇସିୟୁ ବ୍ୟବସ୍ଥା ନ ଥିବା ଯୋଗୁ ଦିପ୍ତିରାଣୀଙ୍କ ମୃତ୍ୟୁ ଘଟିଛି। ଆଇସିୟ ଥିଲେସେଠାକୁ ନେଇ ଚିକିତ୍ସାକରିଥିଲେକିମ୍ବା ସେ ଯେତେବେଳେ ପହଞ୍ଚିଲେ ସେତେବେଳେ ସଙ୍ଗେଙ୍ଗେ ତାଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ ତାଙ୍କର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ଜସ୍ମିନ କହିଛନ୍ତି।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

ପତ୍ର ସଂଖ୍ୟା 702, ତା.19.02.26

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୨୫-୨୬ (୨ୟ ଚକ୍ର)**

19001/44/2526: ଏତଦ୍ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୦୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ଜିଲ୍ଲାର ସ୍କୁଲସ୍ତରୀୟ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍ ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଏବଂ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫେସଲା କରାଯିବ । ଉକ୍ତ ବୈଠକଟି ଜିଲ୍ଲାପାଳଙ୍କ ମନୋନୀତ ଅଧିକାରୀମାନଙ୍କ ସଭାପତିତ୍ୱରେ କରାଯିବ ଓ ମଣ୍ଡଳ ଉନ୍ନୟନ ଅଧିକାରୀ, ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀଗଣ ଉପସ୍ଥିତ ରହିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକସ୍ତରୀୟ ସମୀକ୍ଷାରେ ଯୋଗ ଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍‌ଥାପନ କରିପାରିବେ ।

| କ୍ର.ସଂ. | ବ୍ଲକର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୨ | ପଟ୍ଟାମୁଣ୍ଡାଇ | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୩ | ରାଜକନିକା | ୨୪.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୪ | ଗରଦପୁର | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡା | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୨୫.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୭ | ରାଜନଗର | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୮ | ଡେରାବିଶ୍ | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |
| ୯ | କେନ୍ଦ୍ରାପଡ଼ା | ୨୬.୦୩.୨୦୨୬ | ୧୧.୩୦ ପୂର୍ବାହ୍ନ | ବ୍ଲକ ଅଫିସ କାର୍ଯ୍ୟାଳୟ |

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା
OIPR-19001/19269/1/25-26/0001

**ପୂର୍ବ ତଟ ରେଳପଥ**

ପାର୍କିଂ ଷ୍ଟାଣ୍ଡଗୁଡ଼ିକର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ଼ - 2 ଚକିଆ (ପୂର୍ବ ପ୍ରବେଶ ଦ୍ୱାର ପାର୍ଶ୍ୱରେ)
ନିଲାମ ଆରମ୍ଭ ତାରିଖ ଓ ସମୟ : ତା.05.03.2026ରିଖ 1500 ଘଟିକା
ନିଲାମ ଅନ୍ତିମ ତାରିଖ ଓ ସମୟ : ତା.05.03.2026ରିଖ 1530 ଘଟିକା
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-1151/Q/25-26

# ଶ୍ରୀମଦ୍ ଭାଗବତ ଗୀତା ସୋପାନ ଗଠନ ପାଇଁ ଦାବି

## ଶ୍ରୀନୀଳମାଧବ କ୍ଷେତ୍ରରେ ବେଦ ବିଦ୍ୟାଳୟ

ଖଣ୍ଡପଡା,୨୨।୨
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର। ଏ କ୍ଷେତ୍ରର ବିକାଶ ନିମନ୍ତେ ବିଜେଡି ସରକାରଙ୍କ ସମୟରେ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିଲା। ମାତ୍ର କାର୍ଯ୍ୟ ସମ୍ପାଦନର ସମୟସୀମା ୧୮ ମାସ ପରିବର୍ତ୍ତେ ୪ ବର୍ଷ ବିତିଲାଣି। ତଥାପି କାର୍ଯ୍ୟ ସମ୍ପନ୍ନ ହୋଇପାରୁନାହିଁ। ଅପରପକ୍ଷରେ ଏହି ଅନୁଦାନ ଅର୍ଥରେ କ'ଣ କ'ଣ କାର୍ଯ୍ୟ ହେବ ତାହା ସାର୍ବଜନୀନ କରାଯାଉନାହିଁ କି ସୂଚନା ଫଳକ ଦିଆଯାଇ ନାହିଁ। ଫଳରେ କାର୍ଯ୍ୟ ନିର୍ବାହୀଙ୍କ ଇଚ୍ଛାନୁସାରେ କାର୍ଯ୍ୟ ଚାଲୁ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଏହି ପ୍ରକଳ୍ପ ମଧ୍ୟରେ ଏକ ଆଧ୍ୟାତ୍ମିକ ଅନୁଷ୍ଠାନ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।

କଣ୍ଟିଲୋ ଏକ ପର୍ଯ୍ୟଟନ କ୍ଷେତ୍ର ସହ ଆଧ୍ୟାତ୍ମିକ କ୍ଷେତ୍ର ହୋଇଥିବାରୁ ଏଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ନିମନ୍ତେ ଏକ ବେଦ ବିଦ୍ୟାଳୟ ଓ ବେଦ ମହାବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି। ଏହାଛଡା ସାଧୁସନ୍ଥମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ ସହ ଶ୍ରୀ ନୀଳମାଧବଙ୍କ ଉପରେ ଗବେଷଣା ନିମନ୍ତେ ବର୍ଷର ବିଭିନ୍ନ ସମୟରେ ଆସୁଥିବା ଗବେଷକ ଓ ଛାତ୍ରୀଛାତ୍ରଙ୍କ ଜ୍ଞାନ ଆହରଣ ଲାଗି ଉନ୍ନତମାନର ପାଠାଗାର ନିର୍ମାଣର ମଧ୍ୟ ଆବଶ୍ୟକତା ରହିଛି। ଅପରପକ୍ଷରେ ବିଶ୍ୱର ସର୍ବଶ୍ରେଷ୍ଠ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ଗୀତାର ପ୍ରଚାର, ପ୍ରସାର ନିମନ୍ତେ ତଥା ଶ୍ରୀନୀଳମାଧବ ପୀଠ ଆଧ୍ୟାତ୍ମିକ ପରିବେଶକୁ ଆଉ ଗୋଟିଏ ପାଦ ଆଗକୁ ନେବା ପାଇଁ 'ଶ୍ରୀମଦ୍ ଭାଗବତ ଗୀତା ସୋପାନ' ଗଠନ କରାଯାଇ ସପ୍ତାହର ୩ , ୪ ଦିନ କୋମଳ ତଥା ଚପଳମତୀ ବାଳିକା, ବାଳକମାନଙ୍କ ଲାଗି ଗୀତା ପାଠର ଶ୍ରେଣୀ(କ୍ଲାସ) କରାଯିବା ପାଇଁ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଉଜଳ ମହାରଣା, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଉତ୍କଳ ପୀଠର ନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥ, ଅବସରପ୍ରାପ୍ତ ଅଧ୍ୟାପିକା ଜ୍ୟୋତ୍ସ୍ନା ମହାରଣା, ଭାରତୀ ପାଢୀ, ଗୋପାଳ ଚନ୍ଦ୍ର ଅଗ୍ରୱାଲା, ଖବରଦାତା ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, ନୀଳମାଧବ ପୂଜକ ସମାଜର ସଭାପତି ନିହାର ରଞ୍ଜନ ମିଶ୍ର, ସମ୍ପାଦକ ମନୋରଞ୍ଜନ ମିଶ୍ର, ପୂର୍ବତନ ସମ୍ପାଦକ ହୃଷୀକେଶ ମିଶ୍ର ଓ ନୀଳମାଧବ ମିଶ୍ର, ସଦସ୍ୟ ରାଶେଶ୍ୱର ମିଶ୍ର ଓ ଗ୍ରନ୍ଥାଗାରିକ ଶ୍ରବଣରାମ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ମାନେ ଦାବି କରଛନ୍ତି। ଏ ଦିଗରେ ଖଣ୍ଡପଡା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଧର୍ମଭିତ୍ତିକ ଭିକ୍ଷାବୃତ୍ତି ଲୋପ ପାଇବାରେ ଲାଗିଛି

## ଚକୁଳିଆପଣ୍ଡା ପରମ୍ପରା ବିଲୁପ୍ତପ୍ରାୟ

ଖଣ୍ଡପଡା,୨୨।୨
(ଅଜୟ କୁମାର ମହାରଣା)

ସାଧାରଣତଃ ଭିକ୍ଷାବୃତ୍ତି କରି ଚଳିବା ବା ପରିବାର ପ୍ରତିପୋଷଣ କରିବା ପ୍ରଥା ଯୁଗ ଯୁଗ ଧରି ରହିଆସିଛି। ପୁରାଣ ଓ ଇତିହାସରେ ଏହାର ଅନେକ ଉଦାହରଣ ରହିଛି। ପୁରାଣ ଅନୁସାରେ ଦ୍ୱାପର ଯୁଗରେ ପାଣ୍ଡବ ପାଞ୍ଚଭାଇ ଅଜ୍ଞାତବାସରେ ଥିବା ବେଳେ ଭିକ୍ଷାବୃତ୍ତି କରି ଚଳୁଥିଲେ। ଧର୍ମଦାଣ୍ଡରେ ଭଗବାନଙ୍କ ଗୁଣଗାନ କରି ଭିକ୍ଷାଥାଳ ଧରି ବୁଲିବା ବେଳେ ଯାହାକିଛି ଦ୍ରବ୍ୟ ଦାତାଙ୍କ ଦ୍ୱାରା ମିଳିବ ସେଥିରେ ସନ୍ତୁଷ୍ଟ ହେବାକୁ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଚକୁଳିଆପଣ୍ଡାମାନେ ଏହି ପ୍ରଥାକୁ ଅନୁସରଣ କରି ସାହି ସାହି ବୁଲି ଭିକ୍ଷାବୃତ୍ତି କରିଆସୁଥିବା କୁହାଯାଏ। ସମ୍ପୃକ୍ତ ଚକୁଳିଆ ପଣ୍ଡାମାନେ ପାଟମଠା ତଥା ହଳଦୀ ରଙ୍ଗର ଲୁଗା



ଚକୁଳିଆ ପଣ୍ଡାଙ୍କୁ ଭିକ୍ଷା ଦିଆଯାଉଛି।

ପରିଧାନ କରିବା ସହ କପାଳରେ ଚନ୍ଦନ ଓ ସିନ୍ଦୂର ରେଖା ପୁଣି ଖୋଲା ଛାତିରେ ତିଳକ ବିନ୍ଦୁ ଲଗାଇ କାନ୍ଧରେ ଉତ୍ତରୀୟ ଓ ତାଳପତ୍ର ଛତା ଧରି ସେମାନେ ବିଭିନ୍ନ ଶାସ୍ତ୍ର, ପୁରାଣରୁ ଲୋକହିତ ବାଣୀ ଗୀତ ଗାଇ ଦାଣ୍ଡରେ ବୁଲିବା ବେଳେ ଯେ ଯାହା ଦେଲା ତାକୁ ନେଇ ଗୁଜୁରାଣ ମେଣ୍ଟାଇଥାନ୍ତି। ସମୟ ବଦଳିବା ସହିତ ସେମାନଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଏବେ ଗାଁ ଦାଣ୍ଡରେ ଚକୁଳିଆ ପଣ୍ଡାଙ୍କୁ କାଁ ଭାଁ ଦେଖିବାକୁ ମିଳୁଛି। ଅପରପକ୍ଷରେ ସମ୍ପୃକ୍ତ ଚକୁଳିଆ ପଣ୍ଡାମାନେ ଗାଁ ଦାଣ୍ଡରେ ବୁଲିବା ସମୟରେ 'ଏ ଘରମାଉସୀ ଯେ ଦେଲା, ସେ ଘର ନ ଦେଲା, ଧନ ସଞ୍ଚିବାକୁ ଯାଇ, ଧର୍ମ ନ ରଖିଲା'। ଗାଁ ଗହଳି ପୁରପଲ୍ଲୀରେ ଆଉ ଏ ଗୀତ ଶୁଣିବାକୁ ମିଳୁନାହିଁ। ଏ ହେଉଛି ଚକୁଳିଆ ପଣ୍ଡାଙ୍କ ଚାରଣ ଗୀତ। ଏଥି ସହ ଧର୍ମ ଭିତ୍ତିକ ଭିକ୍ଷାବୃତ୍ତି ମଧ୍ୟ ଲୋପ ପାଇବାକୁ ବସିଛି। ଓଡିଶାର ଉପକୂଳବର୍ତ୍ତୀ ଜିଲାଗୁଡିକର ପୁରପଲ୍ଲୀରେ ଗାଁ ଗାଁ ସାହି ସାହିରେ ଚକୁଳିଆ ପଣ୍ଡା ଭିକ୍ଷାବୃତ୍ତି କରିବା ଏହି ପରମ୍ପରା ଶହ ଶହ ବର୍ଷର ପୁରୁଣା। ଗାଁ ଗାଁ ସାହିସାହି ବୁଲି ଧାର୍ମିକ ଗୀତ ଗାଇ ଭିକ୍ଷା ମାଗିବା ସେମାନଙ୍କର କୌଳିକ ବୃତ୍ତି। ସେମାନେ ଭିକ୍ଷା ମାଗିବା ସତ ମାତ୍ର ସେମାନେ ଭିକାରୀ ନୁହନ୍ତି।

ଚକୁଳିଆ ପଣ୍ଡାମାନେ ଗାଁଦାଣ୍ଡରେ ବୁଲି ବୁଲି ଭିକ୍ଷା ବୃତ୍ତି କରୁଥିଲେ ହେଁ, ସେମାନେ ଦୁଆର ଦୁଆର ଯାଇ ଭିକ୍ଷା ମାଗନ୍ତି ନାହିଁ। ଗାଁଦାଣ୍ଡରେ ଗୀତ ଗାଇ ଗାଇ ଚାଲିଥିବା ବେଳେ ଘର ମଧ୍ୟରୁ କବାଟ ଖୋଲି ଲୋକେ କିମ୍ବା ମହିଳାମାନେ ସ୍ୱଇଚ୍ଛାରେ ଭିକ୍ଷା ଦେଇଥାନ୍ତି। ଅଧିକାଂଶ ଗୀତ ସେମାନଙ୍କମନକୁ ଛୁଇଁ ଥାଏ। ପରମ୍ପରାନୁଯାଇ ଗୀତା, ଗୀତଗୋବିନ୍ଦ, ଭାଗବତର ମହତବାଣୀକୁ ଏମାନେ ଗୀତ ମାଧ୍ୟମରେ ପ୍ରଚାର କରିଥାନ୍ତି। ପଦକୁ ପଦ ମେଳାଇ ଗୀତ ଗାଉଥିବା ବେଳେ ଅନେକ ପୌରାଣିକ ଉପାଖ୍ୟାନ ତାଙ୍କ ଗୀତ ଭିତରକୁ ଆପେ ଆପେ ଆସିଯାଏ। ବିଶେଷକରି ଏମାନେ ବିଭିନ୍ନ ସ୍ଥାନ ଭ୍ରମଣ କରି ଗୀତ ମାଧ୍ୟମରେ ଦାନର ମହତ୍ୱ ବଖାଣିବା ସହ ଲୋକମାନଙ୍କ ମଧ୍ୟରେ ଧାର୍ମିକ ବିଶ୍ୱାସ ସୃଷ୍ଟି କରାଇଥାନ୍ତି। ବିଭିନ୍ନ ଦେବା ଦେବୀଙ୍କ ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରି ଧର୍ମ ବିଶ୍ୱାସୀ ଗ୍ରାମୀଣ ଓଡିଆମାନଙ୍କର ହୃଦୟ ଜୟ କରି ବେଶ କିଛି ଭିକ୍ଷା ଆଦାୟ କରିଥାନ୍ତି।

**STATE POLLUTION CONTROL BOARD, ODISHA**
[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit-VIII, Bhubaneswar - 751012
EPABX : 2653800, E-mail : paribesh1@ospcboard.org, Website : www.ospcboard.org
No.2440/I-Estt.(A)-17/2025 Dt.22.02.2026

**NOTICE**

With reference to this office advertisement No.835 dtd.20.01.2026 and No.2284 dtd 18.02.2026 with regard to recruitment examination on CBT mode for different vacant posts of the Board scheduled from 25th to 27th Feb 2026, it is hereby informed to all concerned that the said recruitment process is hereby postponed until further notice.

By order of Chairman
Sd./- MEMBER SECRETARY

**Office of the Executive Engineer, PWD Division Dewas**
website:www.mppwd.gov.in, e-mail: eepwddewas@nic.in, eepwddewas@gmail.com
Phone No.07272-220397, 07272-220585

**TENDER NOTICE**

NIT of 27/SAC/2025-26/736 Dewas Date 10.02.2026

Online Tender for the work mentioned below are being invited. The Tender has/have been uploaded on the e-Procurement system of Public Works Department on the Portal www.mp-tenders.gov.in Tender details are as below:-

| S. No. | Tender ID No. | Name of Work | Cost of Project (PAC) (Rs. in lack) | Time Period |
|---|---|---|---|---|
| 1 | 2 | 3 | 4 | 5 |
| 1 | 2026_PWDRB_482042_1 | Construction of Kannod to Dawatpura Road Length 5.00 km with Pole Shifting and Electrification work | 483.61 | 12 Months including rainy season |
| 2 | 2026_PWDRB_482043_1 | Strengthening work of Udainagar Kanad Road Length 4.20 Km- 2nd Call | 425.53 | 12 Months including rainy season |
| 3 | 2026_PWDRB_482044_1 | Construction of Revadi to Khatu Shyam Mandir Road Length 1.80 km with Pole Shifting and Electrification work-2nd Call | 260.95 | 06 Months including rainy season |
| | | TOTAL: | 1170.09 | |

The document can only be purchased online from the above website after making online payment. The last date & time for purchase of document and online Bid Submission online is Dated-27.02.2026 upto 17.30 P.M. Detailed NIT and other details can be viewed on the above mentioned portal. Amendments to NIT, if any, would be published on website only, and not in newspaper.

Sd./- Executive Engineer,
P.W.D. Division Dewas
G-26252/25

# ଜମି ଅଧିଗ୍ରହଣକୁ ନେଇ ଚିନ୍ତାରେ ପ୍ରଶାସନ

ଯାଜପୁର,୨୨।୨(ହର୍ଷବର୍ଦ୍ଧନ ବେହେରା)

## ଡୁବୁରୀ-ଟାଟା ଷ୍ଟିଲ୍ ୟାର୍ଡକୁ ନୂତନ ରେଳ ଲାଇନ୍ ପ୍ରସ୍ତାବ

- ଆଜି ଗୋବରଘାଟି ମୌଜାର ୧୧ ଏକର ଜମି ଅଧିଗ୍ରହଣ ନିଷ୍ପତ୍ତି
- ବିରୋଧ କରିବାକୁ ଅଞ୍ଚଳବାସୀଙ୍କ ସଜବାଜ

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୦ ବର୍ଷ ତଳେ ଜମି ଅଧିଗ୍ରହଣକୁ ବିରୋଧ କରିବାରୁ ଗୁଳିକାଣ୍ଡ ଘଟିଥିଲା । ଏବେ ପୁଣି ଡୁବୁରୀ ଷ୍ଟେଶନଠାରୁ ଟାଟା ଷ୍ଟିଲ୍ ୟାର୍ଡ ପର୍ଯ୍ୟନ୍ତ ରେଳ ସଂଯୋଗ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣକୁ ନେଇ ଜିଲା ପ୍ରଶାସନ ଚିନ୍ତାରେ ପଡ଼ିଛି। ସବୁଜ କୃଷି କ୍ଷେତ୍ର ବଞ୍ଚାଅ କୃଷକ କମିଟି ପକ୍ଷରୁ କୁହାଯାଇଛି ଯେ, ପୂର୍ବରୁ ଟାଟା ଷ୍ଟିଲ୍ କାରଖାନା ପାଇଁ ବିସ୍ଥାପିତ ହୋଇଛୁ, ଏବେ ପୁଣି ରେଳ ଲାଇନ ପ୍ରକଳ୍ପ ପାଇଁ ଚାଷ ଜମି ଯାଉଛି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ବିଭିନ୍ନ ଦାବିକୁ ପୂରଣ କରିବା ପରିବର୍ତ୍ତେ ମିଥ୍ୟା ପ୍ରତିଶ୍ରୁତି ଦେଇଆସୁଛି। ଆଇନ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନ କଲେ ଜମି ଅଧିଗ୍ରହଣକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ଅଧିଗ୍ରହଣ ହେବାକୁ ଥିବା ୭ ଗ୍ରାମର ୧୩୫ ଏକର ଜମି ମଧ୍ୟରୁ ସଂସାଇଲୋ ମୌଜାର ୧୯.୦୮ ଏକର ଜମିକୁ ଲୋକଙ୍କ ଦାବି ମୁତାବକ ପ୍ରଶାସନ ପକ୍ଷରୁ ପ୍ରତ୍ୟାହାର କରି ନିଆଯାଇଛି। ତଥାପି ସୋମବାର ଜିଲା ପ୍ରଶାସନ ପକ୍ଷରୁ ଗୋବରଘାଟି ମୌଜାର ୧୧.୪୦୦ ଏକର ଜମି ଅଧିଗ୍ରହଣ ନିଷ୍ପତ୍ତି ସଫଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

କଳିଙ୍ଗନଗର ଟାଟା ଷ୍ଟିଲ୍‌ର ଦ୍ୱିତୀୟ ପର୍ଯ୍ୟାୟ ସଂପ୍ରସାରଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଅତିରିକ୍ତ ୨୩ ହଜାର ୫୦୦ କୋଟି ଟଙ୍କା ବିନିଯୋଗ କରି ବାର୍ଷିକ ୩ ନିୟୁତ ମେଟ୍ରିକ ଟନରୁ ୮ ନିୟୁତ ମେଟ୍ରିକ ଟନ(ଏମ୍‌ଟିପିଏ) ପର୍ଯ୍ୟନ୍ତ ଷ୍ଟିଲ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରହିଛି। ଏହାବାଦ୍ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍‌ର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେଣୁ କଳିଙ୍ଗନଗରରେ ଗଢ଼ିଉଠିଥିବା ବିଭିନ୍ନ କାରଖାନାରୁ ଉତ୍ପାଦିତ ଦ୍ରବ୍ୟକୁ ପରିବହନ ସକାଶେ ରେଳପଥକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ଟ୍ରାଫିକ ସମସ୍ୟା ସହ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରିବ ବୋଲି ପ୍ରଶାସନ ପକ୍ଷରୁ ଦାବି କରାଯାଉଛି। ତେବେ ଇତିମଧ୍ୟରେ ସୁକିନ୍ଦା-ଅନୁଗୋଳ ନୂତନ ରେଳ ଲିଙ୍କ୍ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ବସିଛି। ଏହିକ୍ରମରେ ଟାଟା ଷ୍ଟିଲ୍ କାରଖାନା ନିକଟସ୍ଥ ନୂତନ ରେଳଷ୍ଟେଶନ ଡୁବୁରୀଠାରୁ ଟାଟା ଷ୍ଟିଲ୍ ୟାର୍ଡ ପର୍ଯ୍ୟନ୍ତ




ରେଳ ସଂଯୋଗ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ସରକାରୀ ଭାବେ ଆରମ୍ଭ ହୋଇସାରିଛି। ଇତିମଧ୍ୟରେ ବିଭିନ୍ନ ସଂଗଠନ ପକ୍ଷରୁ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ ରିପୋର୍ଟ ଅନୁସାରେ ଯାଜପୁର ଜିଲାର ସୁକିନ୍ଦା ତହସିଲ ଅନ୍ତର୍ଗତ ସଂସାଇଲୋ ଗ୍ରାମର ୫୯.୫୯୦ ଏକର, ଓଳିଆ ଗ୍ରାମର ୮.୨୦୦ ଏକର, ଅଭୟପୁର ଗ୍ରାମର ୧୩.୮୯୦ ଏକର, ହାତିମୁଣ୍ଡା ଗ୍ରାମର ୩୬.୮୩୦ ଏକର, ଗୋବରଘାଟି ଗ୍ରାମର ୧୧.୪୦୦ ଏକର, ବାରଗାଡିଆ ଗ୍ରାମର ୧.୩୬୦ ଏକର ଏବଂ ଡୁବୁରୀ ଗ୍ରାମର ୪.୦୩୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ପ୍ରସ୍ତାବ ରହିଛି। ତେବେ ପ୍ରଶାସନର ଏକତରଫା ନୀତି ଯୋଗୁ ସବୁଜ କୃଷି କ୍ଷେତ୍ର ବଞ୍ଚାଅ କୃଷକ କମିଟି ୧୯।୨।୨୦୨୬ରେ ଜିଲାପାଳଙ୍କୁ ଦେଇଥିବା ସ୍ମାରକପତ୍ରରେ ଉଦ୍‌ବେଗ ପ୍ରକାଶ ପାଇଛି।

ସ୍ମାରକପତ୍ରରେ କମିଟି ପକ୍ଷରୁ ଦର୍ଶାଯାଇଛି ଯେ, ପ୍ରଶାସନ ଚାଷୀମାନଙ୍କୁ ଅନ୍ଧାରରେ ରଖିଛନ୍ତି। ଜମି ଅଧିଗ୍ରହଣ ନିୟମକୁ ସ୍ୱଚ୍ଛତା ଓ ପାରଦର୍ଶିତାର ସହିତ ଗ୍ରହଣ କରାଯିବାର ସଙ୍କଳ୍ପ କେବଳ କାଗଜକଲମରେ ସୀମିତ ରହିଛି। ଜମି ବଦଳରେ ଗୋଚର ଓ ଶ୍ମଶାନ ଜମି ଚିହ୍ନଟ କରାଯାଇ କ୍ଷତିଗ୍ରସ୍ତ ସଂସାଇଲୋ ମୌଜାବାସୀଙ୍କୁ ହସ୍ତାନ୍ତର କରିବା, ରେଳପଥର ଉଭୟପାର୍ଶ୍ୱରେ ସ୍ଥାୟୀ ସୁରକ୍ଷା ବାଡ଼, ଚାଷୀଙ୍କ ଯାତାୟାତ ପାଇଁ ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ, ରେଙ୍ଗାଲି ଜଳସେଚନ ପ୍ରକଳ୍ପ ଦ୍ୱାରା ପାଇପ୍ ଲାଇନ୍‌ରେ ଜଳସେଚନ ବ୍ୟବସ୍ଥା, ଅଧିଗ୍ରହଣ ଜମିର ପିଲର ପୋତାଯାଇ ଚିହ୍ନଟ, ସଂସାଇଲୋ ମୌଜାବାସୀଙ୍କ ବିକାଶ ପାଇଁ ସିଏସ୍‌ଆର୍ ପାଣ୍ଠି ବିନିଯୋଗ, ସୁଆସାହିଠାରୁ ରେଙ୍ଗାଲି ପ୍ରକଳ୍ପ କେନାଲକୁ ଆପ୍ରୋଚ ରାସ୍ତା ନିର୍ମାଣ, ଗଛ ନଷ୍ଟ ବଦଳରେ ଚାରାରୋପଣ, ଜମି ଅଧିଗ୍ରହଣ ସମସ୍ୟାର ବୈଠକ ଥାନାରେ କରା ନ ଯାଉ, ରେଳପଥର ଓସାର, ଉଭୟ ପାର୍ଶ୍ୱରେ ରାସ୍ତା, ଓଭରପାସ୍, ଅଣ୍ଡର ପାସ୍ ଇତ୍ୟାଦି ବିଷୟରେ ବୈଷୟିକ ଚିତ୍ରଣ, ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରାଯାଇ ମାଲିକାନା ସ୍ୱତ୍ୱ ପ୍ରଦାନ ଇତ୍ୟାଦି ଦାବି ରହିଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରେ ସେ କହିଛନ୍ତି, ଲୋକଙ୍କ ଦାବି ଅନୁସାରେ ସଂସାଇଲୋ ମୌଜାର ୧୯ ଏକର ଜମି ପ୍ରତ୍ୟାହାର ହୋଇଛି। ଏହି ପ୍ରସ୍ତାବିତ ରେଳପଥ କେବଳ ଟାଟା ଷ୍ଟିଲ୍ ନୁହେଁ, କଳିଙ୍ଗନଗର ଶିଳ୍ପାଞ୍ଚଳର ସମସ୍ତ ଶିଳ୍ପ କମ୍ପାନୀ ଉପକୃତ ହେବେ। ପ୍ରଦୂଷଣ ନିୟନ୍ତ୍ରଣ ହେବା ସହିତ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏହି ପ୍ରକଳ୍ପକୁ ଏବେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନାରେ ସାମିଲ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଆରଟିଆଇରେ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନାର ନୁହେଁ, ସ୍ପେଶାଲ ପରପୋଜ୍ ଭେହିକିଲ (ଏସ୍‌ପିଭି) ଅନ୍ତର୍ଭୁକ୍ତ ବୋଲି ସୂଚନା ମିଳିଛି।

## ଗଡ଼ମଧୁପୁର ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ



ଚଢ଼େଇଧରା,୨୨।୨(ଦିଲୀପ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଯଜ୍ଞ ୫ ଦିନ ଧରି ଚାଲିବ। ଯଜ୍ଞପାଇଁ ପ୍ରଥମେ ଗ୍ରାମ ପୋଖରୀରୁ କଳସରେ ଜଳ ଅଣାଯାଇ ଶୋଭାଯାତ୍ରା କରାଯାଇଥିଲା। ପରେ ମା'ମଙ୍ଗଳାଙ୍କ ଯଜ୍ଞଆରମ୍ଭ ହୋଇଥିଲା। ଗୋପୂଜା, ସୂର୍ଯ୍ୟ ପୂଜା, ଚଣ୍ଡୀପାଠ ସହ ଗାୟତ୍ରୀ ମନ୍ତ୍ର ପାଠ କରାଯାଇଥିଲା। ଯଜ୍ଞ ଅବସରରେ ମା'ଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହିଯଜ୍ଞ ଦେଖିବାକୁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହେବ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଧର୍ମଶାଳା,୨୨।୨(ବଟକୃଷ୍ଣ ପରିଡ଼ା):



ଧର୍ମଶାଳା ବ୍ଲକ ଆଣ୍ଠିଆ ପଞ୍ଚାୟତ କୁସ୍ତିରା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ବାଇଧର ବେହେରା (୮୨)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସେ ପ୍ରଥମେ ଏକ ମେଡିସିନ ଫାର୍ମା କମ୍ପାନୀ ଓ ପରେ ବାଣିଜ୍ୟକର ବିଭାଗରେ କଟକରେ କାର୍ଯ୍ୟ କରୁଥିଲେ। ପରେ ବାଣିଜ୍ୟକର ବିଭାଗ କାର୍ଯ୍ୟ ଛାଡ଼ି ଗାଁରେ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗ ଦେବା ସହ ଅନେକ ମଠ ମନ୍ଦିର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ବଡ଼ପୁଅ ବେଣୁଧର ବେହେରା ଓ ସାନ ପୁଅ ମାନସ ବେହେରା ଉପସ୍ଥିତ ଥିଲେ। ମରଶରୀର ଭୁବନେଶ୍ୱରରୁ ଗାଁକୁ ଅଣାଯାଇଥିଲା। ପରିବାର, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଶେଷ ଦର୍ଶନ କରିବା ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପରଲୋକରେ ବିଭିନ୍ନ ଦଳର ରାଜନେତା, କ୍ୱାଇଁ ତଥା ଖବରଦାତା ବଟକୃଷ୍ଣ ପରିଡ଼ା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କ ସମେତ ଧର୍ମଶାଳା ପ୍ରେସ୍‌କ୍ଲବର ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

## ସମସ୍ୟାରେ ଗୋପାଳଜୀଉ ବିଦ୍ୟାପୀଠ

### କମ୍ପ୍ୟୁଟର ନାହିଁ, ଶ୍ରେଣୀଗୃହ ଅଭାବ

ବଡ଼ଚଣା,୨୨।୨
(ଦିଲୀପ କୁମାର ମହାନ୍ତି):

ଯାଜପୁର ଜିଲା ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ବନ୍ଧାଳ ପଞ୍ଚାୟତରେ ଅବସ୍ଥିତ ଗୋପାଳଜୀଉ ବିଦ୍ୟାପୀଠରେ ନାନା ସମସ୍ୟା ଲାଗିରହିଛି। ଏଠାରେ ଶିକ୍ଷକଙ୍କ ଗୃହ ଓ କମ୍ପ୍ୟୁଟର ଅଭାବ ସମସ୍ୟା ପାଲଟିଛି। ୨୦୦୪ରୁ ବିଜ୍ଞାନ ଶିକ୍ଷକଙ୍କ ଅବସରପରେ ଏଠାରେ କାହାରିକୁ ନିଯୁକ୍ତି ମିଳିନାହିଁ। କିରାଣି, ଖେଳ ଶିକ୍ଷକ ସହ ଜଣେ ଆର୍ଟ ଶିକ୍ଷକଙ୍କ ଅଭାବ ରହିଛି। ଏବେ ମାତ୍ର ୩ ଶିକ୍ଷକରେ ଚାଲିଛି ଏହି ବିଦ୍ୟାପୀଠ। ମାତ୍ର ଦୁଇଟି ଶ୍ରେଣୀରେ ତିନିଟି ଶ୍ରେଣୀ ଛାତ୍ରୀଛାତ୍ର କିପରି ବସି ପାଠ ପଢିବେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏଠାରେ ଆଉଏକ ବଡ଼ ଶ୍ରେଣୀ ଗୃହର ଆବଶ୍ୟକତା ରହିଛି। ସ୍କୁଲ ମ୍ୟାନେଜିଂ କମିଟି ସଭାପତି ଭାବେ ନିଜେ ବିଧାୟକ ଥିବା ବେଳେଏଠାରେ ଥିବା ସମସ୍ତ ସମସ୍ୟା ନିଶ୍ଚିତ ଦୂରହେବ ବୋଲି ଶିକ୍ଷକମାନେ ଆଶା ରଖିଛନ୍ତି। ମୋଟ ୧୦୮ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଅଛନ୍ତି। ସେଥିମଧ୍ୟରୁ ୩୬ ଜଣ ମାଟ୍ରିକ ପରୀକ୍ଷା ଦେଉଛନ୍ତି। କମ୍ପ୍ୟୁଟର ଗୃହ ନିର୍ମାଣ ହୋଇଛି, କିନ୍ତୁ କମ୍ପ୍ୟୁଟର ମିଳିବାରେ କାହିଁକି ବିଳମ୍ୱ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଦିନହେବ ଦୁଇ ଅତିଥି ଶିକ୍ଷକଙ୍କୁ ଏଠାରେ ସରକାର ନିଯୁକ୍ତ କରିଛନ୍ତି। କିନ୍ତୁ ସଂସ୍କୃତ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ନିକଟରେ ସ୍କୁଲ ସଭାପତି ନୂତନ ଗୃହ ଯୋଗାଇ ଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ତେଣୁ ଜିଲା ପ୍ରଶାସନ ଏଠାରେ ଥିବା ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି।

## ଘର ନିର୍ମାଣ ପାଇଁ ୨ ପରିବାରକୁ ହିମାଂଶୁଙ୍କ ସହାୟତା



ଜଣେ ମହିଳାଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

କାଏମା,୨୨।୨
(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ୨ ଅସହାୟ ପରିବାରକୁ ଘର ନିର୍ମାଣ ପାଇଁ ସହାୟତା ପ୍ରଦାନ କରିଛନ୍ତି। ଏହି ୨ପରିବାର ମଧ୍ୟରୁ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋତପୁର ପଞ୍ଚାୟତ ମୁରତପୁର ଗାଁର ଅସହାୟ ମହିଳା ସୁଲୋଚନା ନାୟକ ବିବାହ କରିଥିଲେ। ପୁତ୍ରସନ୍ତାନ ଜନ୍ମ ପରେ ପାରିବାରିକ କଳହ କାରଣରୁ ସେ ଅଲଗା ହୋଇ ଏହି ଗାଁରେ ରହୁଛନ୍ତି। ମାଗିଯାଚି, ଘରଘର ବୁଲି ବାସନ ମାଜି ସେଥିରୁ ମିଳୁଥିବା ଟଙ୍କାରେ ମା'ପୁଅ ଚଳୁଛନ୍ତି। ଘରଅବସ୍ଥା ଗୁହାଳଠାରୁ ବି ହିନ। ସେହିଘରେ ମଣିଷ ରହିବା ଅସମ୍ଭବ। ସେ ଘର ପାଇଁ ପ୍ରଶାସନ ନିକଟରେ ବାରମ୍ବାର ନିବେଦନ କରିବା ପରେ ମଧ ତାଙ୍କୁ ଘର ଖଣ୍ଡେ ମିଳି ପାରୁନାହିଁ। ଏକଥା ଶୁଣିବା ମାତ୍ରେ ବିଧାୟକ ତାଙ୍କ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ କର୍ମକର୍ତ୍ତାଙ୍କଠାରୁ ସୁଲୋଚନାଙ୍କ ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଘର କରିବା ଉଦ୍ଦେଶ୍ୟରେ ତାଙ୍କୁ ୧ଲକ୍ଷ ୫୦ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ସେହିପରି ଯାବରା ପଞ୍ଚାୟତର ଶୁଭଶିନୀ ପାଲଙ୍କ ଅବସ୍ଥା ମଧ ସମାନ। ତାଙ୍କ ଘରେ କେହିନାହାନ୍ତି। ମହିଳାଙ୍କ ଘର ଅବସ୍ଥା ଅତି ଖରାପ ଥିବାରୁ ସେ ରହିବା ପାଇଁ ବାରଦୁଆର ହେଉଛନ୍ତି। ଏ ସମ୍ପର୍କରେ ବିଧାୟକ ଜାଣିବା ମାତ୍ରେ ତାଙ୍କୁ ଘର କରିବା ପାଇଁ ୧ଲକ୍ଷ ୫୦ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ବିଧାୟକଙ୍କ ଏହି ମହନିୟତା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚଣ୍ଡିଖୋଲ କୋର୍ଟରେ ମଧ୍ୟସ୍ଥତା, ମିଳାମିଶା ପ୍ରକଳ୍ପ କେନ୍ଦ୍ର ଖୋଲିଲା

ଚଣ୍ଡିଖୋଲ/ବଡ଼ଚଣା,୨୨।୨
(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି ):

ଜାତୀୟ ଆଇନ ସେବା ପ୍ରାଧିକରଣ ଯୋଜନାର ନିୟମ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲ କୋର୍ଟ ତାଲୁକ ସେବାକେନ୍ଦ୍ରରେ ମଧ୍ୟସ୍ଥତା ଓ ମିଳାମିଶା ପ୍ରକଳ୍ପ କମିଟି କେନ୍ଦ୍ର ଖୋଲିଛି। ଏହି କେନ୍ଦ୍ର ମାଧ୍ୟମରେ ଚଣ୍ଡିଖୋଲ କୋର୍ଟରେ ବିଚାରାଧୀନ ଥିବା ବୈବାହିକ, ଗାଡ଼ିମୋଟର ଦୁର୍ଘଟଣା ସମ୍ପର୍କିତ, ଘରୋଇ ହିଂସା, ବାଣିଜ୍ୟିକ ବିବାଦୀୟ, ଚାକିରି ସମ୍ବନ୍ଧୀୟ, ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଖାଉଟି ସୁରକ୍ଷା, ଋଣ ଆଦାୟ, ଜମିଜମା ଭାଗବଣ୍ଟା, ଉଚ୍ଛେଦ, ବେଦଖଲ ଏବଂ ଜମି ଅଧିଗ୍ରହଣ ସମ୍ପର୍କିତ ମାମଲାଗୁଡ଼ିକର ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଉକ୍ତ କେନ୍ଦ୍ରଟି ଖୋଲିବା ଦ୍ୱାରା ଜନସାଧାରଣଙ୍କ ପଡ଼ିରହିଥିବା ବହୁ ପୁରୁଣା ମାମଲା ସହଜରେ ସମାଧାନ ହେବ ଓ ବହୁ ଅର୍ଥ ଏବଂ ସମୟ ଅପଚୟରୁ ରକ୍ଷା ମିଳିବ। ଚଣ୍ଡିଖୋଲ କୋର୍ଟ ଅଧୀନରେ ଥିବା




ଉପରୋକ୍ତ ସମ୍ପର୍କିତ ମାମଲାର ଉଭୟ ପକ୍ଷ ନିଜନିଜର ଆଇନଜୀବୀଙ୍କ ଦ୍ୱାରା ଏହି ମଧ୍ୟସ୍ଥି ଓ ମିଳାମିଶା କେନ୍ଦ୍ର ସହିତ ଯୋଗାଯୋଗ କରି ମାମଲାଗୁଡ଼ିକର ସହଜରେ ସମାଧାନ କରିପାରିବେ। ବର୍ତ୍ତମାନ ଏହି କେନ୍ଦ୍ର ପରିଚାଳନା ପାଇଁ ଚଣ୍ଡିଖୋଲ କୋର୍ଟର ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାମଲ ମଧ୍ୟସ୍ଥି ଭାବେ ନିଯୁକ୍ତି ପାଇଛନ୍ତି। ଉକ୍ତ କେନ୍ଦ୍ର ଚଣ୍ଡିଖୋଲ କୋର୍ଟରେ ଖୋଲି ଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ, ଯାଜପୁର ଜିଲା ଦୌରାଜଜ ଓ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କୁ ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନ ପକ୍ଷରୁ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ ଦାଶ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ପ୍ରତାପ ଦାସ, ଦେବରାଜ ବେହେରା, ଜନ ବେହେରା, ରେଣୁବାଳା ମହାନ୍ତି, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମସମ୍ପାଦକ ସିରିଶ ସାମଲ, ସହସମ୍ପାଦକ ବୀରେନ ବିଶ୍ୱାଳ, ଦୀନବନ୍ଧୁ ନାୟକ, ତରୁଣ ବିଶ୍ୱାଳ, ଆଶିଷ ମହାପାତ୍ର, ବେବିନା ଓଝାଙ୍କ ସମେତ ସମସ୍ତ ଆଇନଜୀବୀ କୃତଜ୍ଞତା ଜଣାଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାର୍ତ୍ତିକ



@ ସଞ୍ଜିତ୍



@ ସୁଧାଂଶୁ



@ ସୁଶୀଲ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମିଶନଶକ୍ତି, ଜୀବିକା ମିଶନ ମହିଳାଙ୍କ ବୈଠକ

କାଏମା,୨୨।୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲରେ ମିଶନଶକ୍ତି ଓ ଜୀବିକା ମିଶନ ମହିଳାଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ହିମାଂଶୁ ଶେଖର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ମିଶନଶକ୍ତି ଓ ଜୀବିକାମିଶନରେ ମା'ମାନେ କିଭଳି ସରକାରୀ ଅର୍ଥରେ ଲାଭବାନ ହୋଇପାରିବେ ସେ ଦିଗରେ ବିଧାୟକ ଆଲୋଚନା କରିଥିଲେ। ରାଜ୍ୟ ସରକାର ଏଥିଲାଗି ଏକ ଫଣ୍ଡ ଗଠନ କରିଥିବାରୁ ମହିଳମାନେ ଏହାର ଫାଇଦା ନେଇପାରିବେ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଶହଶହ ସଂଖ୍ୟାରେ ମିଶନଶକ୍ତି ଓ ଜୀବିକା ମିଶନର ମହିଳା ସାମିଲ ହୋଇଥିଲେ।

# ୯ରୁ ୩ ବ୍ଲକ୍ ଅଞ୍ଚଳରେ କେନାଲ ନାହିଁ

**କେନ୍ଦ୍ରାପଡ଼ା, ୨୨।୨ (ଜଗନ୍ନାଥ ଧଳ):**

କେନ୍ଦ୍ରାପଡ଼ା ଜିଲାର ୬୯ ପ୍ରତିଶତ ଅଧିବାସୀ କୃଷି ଅର୍ଥନୀତି ଉପରେ ନିର୍ଭରଶୀଳ। ପରିବାର ପ୍ରତିପୋଷଣ ପାଇଁ ଜିଲାବାସୀ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ଥିବାବେଳେ ଚାଷ ଜମିର ଜଳସେଚନ ଓ ନିଷ୍କାସନ ପରିଚାଳନା ବାଧକ ସାଜିଛି। ଜିଲାରେ ୭ ନଦୀ ଓ ୨୭ ଶାଖା କେନାଲ ଦେଇ ମଧୁର ଜଳ ସମୁଦ୍ରକୁ ଯିବା ପାଇଁ ବାଟ ରହିଛି। କେନ୍ଦ୍ରାପଡ଼ା କେନାଲ, ପଟ୍ଟାମୁଣ୍ଡାଇ କେନାଲ, ଗୋବରୀ କେନାଲ ଆଦି ସହ ନିକଟରେ ମହାନଦୀ, ଚିତ୍ରୋତ୍ପଳା ଜଳ ପ୍ରକଳ୍ପ ମାଧ୍ୟମରେ ଏକ ବୃହତ କେନାଲ ଖୋଲାଯାଇଛି। ଏହାସତ୍ତ୍ୱେ ଜିଲାର ଅଧାରୁ ଅଧିକ ଚାଷ ଜମିକୁ ଫସଲ ସମୟରେ ପାଣି ପହଞ୍ଚି ପାରୁନାହିଁ। ସେହିପରି ବର୍ଷାଦିନେ ବନ୍ୟା, ବାତ୍ୟାର ଉଦ୍‌ବୃତ୍ତ ଜଳ ନିଷ୍କାସନ ସମସ୍ୟା ଗୁରୁତର ହେଉଛି। ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ ଆଦୌ କେନାଲ ନାହିଁ। ଜଳ ସମ୍ପଦ ବିଭାଗ, କୃଷି ବିଭାଗ, ପଞ୍ଚାୟତିରାଜ, ଉଠା ଜଳସେଚନ ବିଭାଗ ଜିଲାରେ କାର୍ଯ୍ୟ କରୁଛି। ସରକାରଙ୍କ ଘୋଷଣା ମୁତାବକ ପ୍ରତି ବ୍ଲକର ଅନ୍ୟୁନ

## ପ୍ରହସନ ପାଲଟିଛି ପାଣି ପଞ୍ଚାୟତ ଅନୁଦାନ ଖର୍ଚ୍ଚ

୩୫ ପ୍ରତିଶତ କ୍ଷେତକୁ ପାଣି ଯୋଗାଣ ପ୍ରତି ବିଭାଗଗୁଡ଼ିକ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ରାଜକନିକା ବ୍ଲକ ଅଞ୍ଚଳରେ ଉଠା ଜଳସେଚନ ମାଧ୍ୟମରେ ୩୩.୬୨ ପ୍ରତିଶତ କ୍ଷେତକୁ ପାଣି ଯୋଗାଇ ଦିଆଯାଉଥିବା ସୂଚନା ମିଳିଛି।

ତଥ୍ୟ ଅନୁଯାୟୀ, ମହାକାଳପଡ଼ା ବ୍ଲକର ମୋଟ ୨୮,୦୭୦ ହେକ୍ଟର ଚାଷ ଜମି ମଧ୍ୟରୁ ମାତ୍ର ୬,୮୨୩ ହେକ୍ଟର ଅର୍ଥାତ୍ ୨୪.୩୧ ପ୍ରତିଶତ କ୍ଷେତକୁ ପାଣି ମିଳୁଛି। ସେହିପରି ରାଜନଗରର ମୋଟ ୨୫,୮୯୫ ହେକ୍ଟର ଜମି ମଧ୍ୟରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ। ଅପରପକ୍ଷରେ ପ୍ରତିବର୍ଷ ଜିଲାରେ ୧ଲକ୍ଷ ୫୪ ହଜାର ହେକ୍ଟର ଜମିରେ ଖରିଫ ଚାଷ ପାଇଁ ଜିଲା କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ହେଉଛି। ଏଥିପାଇଁ ବିହନ, ସାର, ଔଷଧ, ବୈଷୟିକ ଜ୍ଞାନକୌଶଳ ଆଦି ଲାଗି ଯୋଜନା ମୁତାବକ ଅର୍ଥ ବ୍ୟୟ ହେଉଛି। ଜଳ ପରିଚାଳନା ସମସ୍ୟା ପାଇଁ ଏହି ଯୋଜନା ଅର୍ଥ ଚାଷୀଙ୍କ କାର୍ଯ୍ୟକୁ ଆସୁନାହିଁ। ବହୁ ଚାଷୀ ଚାଷ



କାର୍ଯ୍ୟ ଛାଡ଼ି ପରିବାର ପ୍ରତିପୋଷଣ ପାଇଁ ଜିଲା ବାହାରକୁ ଦାଦନ ଶ୍ରମିକ ଭାବେ ଯାଉଛନ୍ତି। ଧାର୍ଯ୍ୟ ଲକ୍ଷ୍ୟ ୧ ଲକ୍ଷ ୫୪ ହଜାର ହେକ୍ଟର ମଧ୍ୟରୁ ମାତ୍ର ୪୭,୭୨୭ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ଜଳସେଚନ ହେଉଥିବା ଜିଲା କୃଷି ବିଭାଗ ତଥ୍ୟରୁ ଜଣାପଡ଼ିଛି। ଲିଫ୍ଟ ଇରିଗେଶନ ପଏଣ୍ଟ, ସାଲୋ ଟ୍ୟୁବୱେଲ ଆଦି ମାଧ୍ୟମରେ ଜିଲାର ମୋଟ ୩୦,୭୮୧ ହେକ୍ଟରକୁ ଜଳସେଚନ ହେଉଥିବା ବେଳେ ଅନ୍ୟାନ୍ୟ ଜଳ ଉତ୍ସରୁ ୧୦,୬୨୪ ହେକ୍ଟର କ୍ଷେତକୁ ପାଣି ଯାଉଥିବା ତଥ୍ୟରେ ଉଲ୍ଲେଖ ଅଛି। ତୃଣମୂଳସ୍ତରରେ ଯାଞ୍ଚ କରିବା ସମୟରେ ଏହି ସରକାରୀ ତଥ୍ୟ ଅବାସ୍ତବ ବୋଲି ଚାଷୀମାନେ ବାରମ୍ବାର ଅଭିଯୋଗ କରୁଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡ଼ା, ରାଜକନିକା ବ୍ଲକ ବାରାହାଦୋମୁଣ୍ଡା ଗ୍ରାମର ସୁଶାନ୍ତ ନାୟକ, ରାଜନଗର ବ୍ଲକ ହାତିଆ ଗ୍ରାମର ଟୁଲୁ ପ୍ରଧାନ, ମହାକାଳପଡ଼ା ବ୍ଲକର ପ୍ରତାପ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ କହିଛନ୍ତି, କେନାଲଗୁଡ଼ିକରେ ଦଳ ଭର୍ତ୍ତି ହୋଇଛି। ସେହିପରି କେନାଲ ଓ ଶାଖା କେନାଲ ଶଯ୍ୟା ଖନନ ନ ହେବା ଯୋଗୁ ଶେଷ ମୁଣ୍ଡରେ ପାଣି ପହଞ୍ଚୁ ନାହିଁ। ଉନ୍ନତୀକରଣ ନାମରେ କେତେକ କେନାଲ ଓ ଶାଖା କେନାଲରେ କେବଳ ଅଳିଆ କାଢ଼ି ଉନ୍ନୟନ ଅର୍ଥ ହଡ଼ପ ହେଉଛି। କେତେକ ସ୍ଥାନରେ କେନାଲ ଶଯ୍ୟାକୁ ଗଭୀର ଭାବେ ଖୋଳି ଦେବା ପରେ ସୋଠ ପର୍ଯ୍ୟନ୍ତ ପାଣି ଉଠୁନାହିଁ। ଉଠା ଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି। ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରି ଆଳରେ ଅର୍ଥ ହଡ଼ପ କରୁଛନ୍ତି। ଉଠା ଜଳସେଚନ ପ୍ରକଳ୍ପ ଏବେ ବିଭିନ୍ନ କାରଣରୁ ଉପଯୋଗୀ ହୋଇନାହିଁ। ବିଦ୍ୟୁତ୍ ଦେୟ ବାକି ସହିତ ମୋଟର ପୋଡ଼ିବା ପରେ ଏହାକୁର ବଦଳା ଯାଉ ନ ଥିବାରୁ ଚାଷୀଙ୍କୁ ଫସଲ ପାଇଁ ପାଣି ମିଳୁନାହିଁ। ସେହିପରି ପ୍ରତିବର୍ଷ ବନ୍ୟା ଓ ବର୍ଷାରେ ଫସଲ ନଷ୍ଟ ହେଉଛି। ବାତ୍ୟା ମଧ୍ୟ ଚାଷକୁ କ୍ଷତି ପହଞ୍ଚାଉଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ। ବିଭିନ୍ନ ନଦୀ ଓ କେନାଲର ଜଳକୁ ବ୍ୟାରେଜ, କ୍ରିକ୍ ବନ୍ଧ ଦ୍ୱାରା ଅଟକାଇ କ୍ଷେତକୁ ଜଳ ପରିଚାଳନା ଆବଶ୍ୟକ ପଡ଼ୁଛି। ଏହାବ୍ୟତୀତ ସମୁଦ୍ରକୁ ବହି ଯାଉଥିବା ଜଳକୁ ଉପକୂଳ କେନାଲ ଖୋଳାଯାଇ ସଂଯୋଗୀକରଣ କରାଗଲେ ଚାଷ ଜମି ଶସ୍ୟଶାମଳା ହେବ। ଏ ସମ୍ପର୍କରେ ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଜିଲାର କେନାଲ ଜଳସେଚନକୁ ଗୁରୁତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଏହାର ସୁଫଳ ଜିଲାବାସୀଙ୍କୁ ମିଳିବ ବୋଲି ସେ କହିଛନ୍ତି।

# ଖୋଲା ଆକାଶ ତଳେ ମଣ୍ଡିରେ ଗଦା ହୋଇଛି ଚାଷୀଙ୍କ ଧାନ



କୋଚିଳା ସମବାୟ ସମିତି ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି ଶହ ଶହ କୁଇଣ୍ଟାଲ ଧାନ।

**ମହାକାଳପଡ଼ା, ୨୨।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ):**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ମଣ୍ଡିରେ ଧାନ ପକାଇ ଚାଷୀମାନେ ଲୁହ ଗଡ଼ାଉଛନ୍ତି। ବଙ୍ଗୋପସାଗର ଉତ୍ତର ପୂର୍ବରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଦିନେ ଦୁଇଦିନ ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଘନ କୁହୁଡ଼ି ହେବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା ରହିଛି ବୋଲି କୁହାଯାଇଛି।

ଅପରପକ୍ଷରେ ବ୍ଲକ ଅଧୀନ ୨୪ ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ ସଂଗ୍ରହ ଅଭିଯାନ ହୋଇଛି। । ମାର୍ଚ୍ଚ ଶେଷ

## ଆସୁଛି ଲଘୁଚାପ

ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ ବୋଲି ସରକାର ଡେଙ୍ଗୁରା ପିଟୁଛନ୍ତି। ହେଲେ ଚାଷୀଙ୍କ ମଣ୍ଡିରୁ ଧାନ ନ ଉଠିବାରୁ ଅବଧି ସମୟ ଗଡ଼ି ଚାଲିଛି।

ଖୋଲା ଆକାଶ ତଳେ ଶତାଧିକ କୁଇଣ୍ଟାଲ ଧାନ ପଡ଼ିରହିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ମଣ୍ଡିରୁ ଧାନ ଉଠାଇବା ପାଇଁ ପଞ୍ଜୀକୃତ ମିଲରମାନେ ଧରାଛୁଆଁ ଦେଉ ନାହାନ୍ତି। ସେମାନେ ଦୁଇ ତିନି ଥର ନିଜ ଦାବି ନେଇ ଆନ୍ଦୋଳନ କରିବାରେ ବ୍ୟସ୍ତ ଅଛନ୍ତି। ତାଙ୍କ ମନମାନିରେ ମଣ୍ଡି ଚାଲିଛି।

କେତେକ ମଣ୍ଡିରେ ଚାଷୀମାନେ ଟୋକନ ବିକ୍ରି କରି ଦୁଇ ପଇସା ପାଉଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି ଚାଷୀ । କୋଚିଳା ସମବାୟ ସମିତିରେ ଶହ ଶହ ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ୧୫ ଦିନ ହେବ ମିଲର ଆସୁନାହାନ୍ତି ବୋଲି ନାଥ କୁମାର ଭୋଳଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟରଙ୍କୁ ପଚାରିବାରେ ଜିଲାରେ ୧୦ ଲକ୍ଷ ଟନ ଟାର୍ଗେଟ୍ ଦିଆଯାଇଥିଲା। ସେଥିମଧ୍ୟରୁ ୯ ଲକ୍ଷ ଟନ ଧାନ ଉଠାଣ ସରିଲାଣି । ଆଉ କେଉଁ ମଣ୍ଡିରେ କେତେ ବାକି ରହିଛି ତାକୁ ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି ।

# ସ୍କୁଲ ସପକ୍ଷରେ ଥାନା ଘେରିଲେ ଅଭିଭାବକ

**ଛାତ୍ରୀ ଗଣବଳାତ୍କାର ଘଟଣା**

- ୫ ଅଭିଯୁକ୍ତ କୋର୍ଟ ଚାଲାଣ
- ସାଇଣ୍ଟିଫିକ୍ ଟିମ୍‌ର ତନାଘନା

**ରାଜକନିକା, ୨୨।୨ (ସଞ୍ଜୟ କୁମାର ଦାଶ):**

ରାଜକନିକା ଥାନା ଅଞ୍ଚଳ ଓଳାଭରସ୍ଥିତ ଅକ୍ସଫୋର୍ଡ ଇଂଲିଶ ମିଡ଼ିୟମ ସ୍କୁଲର ଜଣେ ୧୩ ବର୍ଷୀୟା ଛାତ୍ରୀ ଗଣବଳାତ୍କାର ଘଟଣାର ରବିବାର ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ବିଦ୍ୟାଳୟକୁ ବଦନାମ କରିବାକୁ ଏପରି ମସୁଧା ହୋଇଥିବା ନେଇ ରବିବାର ଅଭିଭାବକମାନେ ଥାନା ଘେରାଉ କରିଥିଲେ। ଅଭିଯୁକ୍ତମାନେ ନିର୍ଦ୍ଦୋଷ। ସେମାନଙ୍କୁ ଛାଡ଼ି ଦିଆଯାଉ ବୋଲି କହିଥିଲେ। ଘଟଣାସ୍ଥଳରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁଶାନ୍ତ ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ସହ ଆଇନକୁ ହାତକୁ ନ ନେବାକୁ ପରାମର୍ଶ ଦେଇଥିଲେ ଓ ତଦନ୍ତରେ ସହଯୋଗ କରିବାକୁ କହିଥିଲେ ଏବଂ ପରେ ଘେରାଉ ହଟିଥିଲା। ଅନ୍ୟପକ୍ଷରେ ସାଇଣ୍ଟିଫିକ ଟିମ୍ ସମ୍ପୃକ୍ତ ସ୍କୁଲକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି । ଏହି ଘଟଣାର ସମ୍ବେଦନତା ପାଇଁ ଏହି ମାମଲାକୁ ରେଡ୍‌ଫ୍ଲାଗ ଘୋଷଣା କରାଯାଇ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ରେଡ୍‌ଫ୍ଲାଗ ଘୋଷଣା ପରେ ୬୦ ଦିନ ପରେ ଘଟଣାର ଚାର୍ଜଶିଟ ଦାଖଲ ହେବ ବୋଲି ଜଣାପଡ଼ିଛି ।



ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରିଛନ୍ତି।

## ଗରଦପୁର ବ୍ଲକ ଅଞ୍ଚଳରେ ବଢ଼ୁଛି ଚୋରି, ଡକାୟତି

# ପଦ୍ମପୁର ଗ୍ରାମରୁ ଚୋରି

**ପାଟକୁରା, ୨୨।୨ (ରବୀନ୍ଦ୍ର ନାଥ ବାରିକ):**

ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ପଦ୍ମପୁର ଗ୍ରାମର ଜପ ମହାନ୍ତିଙ୍କ ସିଡ଼ିଘର କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ଘରେ ସମସ୍ତେ ଶୋଇଥିବା ବେଳେ ଚୋରମାନେ ଭିତରେ ଥିବା ଟ୍ରଙ୍କ୍‌ରୁ ସୁନା କାନ ଫୁଲ, ସୁନା ଚେନ ସମେତ ନଗଦ ଟଙ୍କା ସବୁ ଚୋରିକରି ନେଇଯାଇଥିବା ଜଣାପଡ଼ିଛି । ଘରପାଖରୁ ଅଳ୍ପଦୂରରେ ଥିବା ବିରି ଖଳାରେ ଦୁଇଟା ଟ୍ରଙ୍କ୍, ଆଟାଚ ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଛି । ଏ ନେଇ ପାଟକୁରା ଥାନାରେ ଅଭିଯୋଗ ହେବାପରେ ନଂ. ୩୭/୨୬ରେ ଏକ ମକଦମା ରୁଜୁ କରାଯାଇଛି। ପାଟକୁରା ଥାନା ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜାମସେଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଚୋରମାନେ ପ୍ରଥମେ ଚିତ୍ତ ଲେଙ୍କାଙ୍କ ଦୁଆର ବନ୍ଧ ଭାଙ୍ଗିଘରେ ପଶିଥିଲେ। ମାତ୍ର ଘର ଲୋକେ ଉଠିପଡ଼ିବାରୁ ଚୋରମାନେ ସେଠାରୁ ପଳାଇ ଯାଇ ଜପ ମହାନ୍ତିଙ୍କ ଛାତ ଘର ସିଡ଼ି ବାଟଦେଇ ଘରେ ପଶି ଚୋରି କରିଥିଲେ ।

# ଡ୍ରପ୍‌ଆଉଟ୍ ପ୍ରତିଫଳିତ କରୁଛି ସମସ୍ୟା

**ପଟ୍ଟାମୁଣ୍ଡାଇ, ୨୨।୨ (କଳ୍ପତରୁ ନାୟକ):**

- ମାଟ୍ରିକ୍ ପରୀକ୍ଷାରେ କେନ୍ଦ୍ରାପଡ଼ାରୁ ୩୪୧ ପରୀକ୍ଷାର୍ଥୀ ଅନୁପସ୍ଥିତ
- ଦାଦନ ଖଟୁଛନ୍ତି ଏକାଧିକା ପିଲା
- ପ୍ରତିହତ ହେବ ବିକଶିତ ଭାରତ ଲକ୍ଷ୍ୟ

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲାରେ ବହୁସଂଖ୍ୟକ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ଚିନ୍ତାର ବିଷୟ ପାଲଟିଛି। ଯାହା ଡ୍ରପ୍‌ଆଉଟ୍ ସମସ୍ୟାକୁ ପ୍ରତିଫଳିତ କରୁଥିବା କୁହାଯାଉଛି। ଏହି ଜିଲାର ବହୁ ଲୋକ କେରଳ, ବାଙ୍ଗାଲୋର ଆଦି ସ୍ଥାନକୁ ପେଟପାଟଣା ପାଇଁ ଦାଦନ ଖଟି ଯାଇଛନ୍ତି। କର୍ମସଂସ୍ଥାନ ଅଭାବରୁ ଲୋକେ ବାହାର ରାଜ୍ୟକୁ ମୁହାଁଉଛନ୍ତି। ସ୍ଥିତି ଏଭଳି ଯେ ଗାଁର ବହୁ ପିଲା ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଯାହା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ଅସମ୍ଭବ ହୋଇପାରେ ବୋଲି ମତ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲାରେ ୧୦୭ ମାଟ୍ରିକ ପାରୀକ୍ଷା କେନ୍ଦ୍ରରେ ଗୁରୁବାର ପରୀକ୍ଷା ହୋଇଯାଇଛି। ଏହି ପରୀକ୍ଷାରେ ମୋଟ ୧୯,୪୭୨ ଜଣ ପରୀକ୍ଷାର୍ଥୀ ଥିଲେ। ମାତ୍ର ପିଲା ଫର୍ମ ପୂରଣ କରିଥିଲେ। ସେଥିରୁ ୧୯,୩୦୧ଜଣ ପିଲା ଫର୍ମ ପୂରଣ କରିଥିଲେ। କିନ୍ତୁ ପରୀକ୍ଷା ବେଳକୁ ୧୯,୦୨୯ଜଣ ପରୀକ୍ଷାର୍ଥୀ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଥିବାବେଳେ ୨୭୨ଜଣ ଅନୁପସ୍ଥିତ ଅଛନ୍ତି। ୨୬୩ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୭ଜଣ ପରୀକ୍ଷା ଦେଇଥିବାବେଳେ ୩୬ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଓପନ ସ୍କୁଲର ୨୪୯ ଜଣଙ୍କ ମଧ୍ୟରୁ ୨୧୬ଜଣ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ଅନୁପସ୍ଥିତ ଥିଲେ। ମୋଟ ମିଶାଇ ୩୪୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ସେଥିରୁ ଅନେକ ବାହାର ରାଜ୍ୟରେ ଦାଦନ ଖଟୁଥିବାବେଳେ ଏକାଧିକା ପିଲା ଭିନ୍ନ ଭିନ୍ନ କାରଣରୁ ପରୀକ୍ଷା ଦେଇପାରିନାହାନ୍ତି ବୋଲି କୁହାଯାଉଛି।

ସାମାଜିକକର୍ମୀ ଗୟାଧର ଧଳ, ବିଜୟ ଦାସ, ଦାଶରଥି ସାହୁ, ପ୍ରକାଶ ମହାନ୍ତି ପ୍ରମୁଖ କହିଛନ୍ତି, ଏଭଳି ପରିସ୍ଥିତି ଯୁବପିଢ଼ିଙ୍କ ପ୍ରବାସକୁ ରୋକିବା, ସେମାନଙ୍କୁ ଶିକ୍ଷା ଏବଂ ଦକ୍ଷତା ବିକାଶ ସହିତ ଯୋଡ଼ିବା, ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବା, ଏକ ବିକଶିତ ଭାରତ ପାଇଁ ଆହ୍ୱାନକୁ ପ୍ରତିହତ କରିପାରେ। ମୁଖ୍ୟଧାରାର ଶିକ୍ଷା ବ୍ୟବସ୍ଥାରେ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ଯୁବକମାନେ କେବଳ ଶିକ୍ଷିତ ହେବା ସହ ପ୍ରଯୁକ୍ତି ବିଦ୍ୟାରେ ନିପୁଣ ହେବା ଜରୁରୀ। ସ୍ଥାନୀୟସ୍ତରରେ ନିଯୁକ୍ତି କିମ୍ବା ସ୍ୱନିଯୁକ୍ତି ସୁଯୋଗ ପାଇ ପ୍ରବାସକୁ ଏଡ଼ାଇବା ଆବଶ୍ୟକ। ନଦୀ ନାଳ ଘେରା ଉପକୂଳ ଜିଲା କେନ୍ଦ୍ରାପଡ଼ାରେ ଥିବା ସ୍କୁଲରେ ଛୋଟ ପିଲାମାନେ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିନେଇ ଡ୍ରପ୍ ଆଉଟ ହାର ବଢ଼ି ଚାଲିଛି। ଯାହାର ଉଦାହରଣ ଭାବେ ବର୍ତ୍ତମାନ ମାଟ୍ରିକ ପରୀକ୍ଷାର ପିଲା ଅନୁପସ୍ଥିତିରୁ ପ୍ରତୀୟମାନ ହେଉଛି।

କଂଗ୍ରେସ ନେତା ବିଧୁ ଭୂଷଣ ମହାପାତ୍ର କହିଛନ୍ତି, ସରକାର ବିକଶିତ ଭାରତ ଲକ୍ଷ୍ୟ ପୂରଣ ନିମନ୍ତେ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେଥିନେଇ ଗୁଣାତ୍ମକ ଶିକ୍ଷା ବିକାଶ ସକାଶେ ପୂର୍ବ ୧୯୮୬ର ଜାତୀୟ ଶିକ୍ଷା ନୀତିକୁ ବଦଳାଇବା ୨୦୨୦ ଜୁଲାଇ ୨୯ରେ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ପ୍ରଚଳନ କରାଇଛନ୍ତି। ସବୁ ସ୍କୁଲରେ ପ୍ରଶିକ୍ଷିତ ଶିକ୍ଷକ ନିଯୁକ୍ତି ହୋଇପାରିନାହାନ୍ତି। ଶିକ୍ଷା ସହାୟକଙ୍କ ଉପରେ ନିର୍ଭର କରି ଏହି ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ। ଗରିବ ପିଲା ଘରୋଇ ସ୍କୁଲରେ ବ୍ୟୟବହୁଳ ପାଠ ପଢ଼ି ପାରୁ ନାହାନ୍ତି। ଫଳରେ ସେମାନେ ପାଠ ପଢ଼ି ନ ପାରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଶୁକ୍ରବାର ରାଜ୍ୟ ବିଧାନସଭାରେ ଖୋଦ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି, ଚଳିତ ମାଟ୍ରିକ ପରୀକ୍ଷାରେ ୩, ୦୮୨ଟି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୫ ଲକ୍ଷ ୬୧ ହଜାର ୯୭୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨, ୦୯୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସେ କହିଛନ୍ତି। ତେବେ ଯେତେବେଳେ ବିକାଶ ଓ ପ୍ରଗତି କଥା ପ୍ରଚାର କରାଯାଉଛି, ସେତେବେଳେ ଅର୍ଥନୀତି ସମ୍ମୁଖରେ କିଛି ଭୟଙ୍କର ସମସ୍ୟା ଦେଖାଦେଉଛି। ୨୦୦୭ରେ ଭାରତ ନିମ୍ନ ଆୟ ଶ୍ରେଣୀରୁ ନିମ୍ନ ମଧ୍ୟମ ଆୟ ଦେଶର ଶ୍ରେଣୀକୁ ପ୍ରବେଶ କରିଥିଲେ ମଧ୍ୟ ପ୍ରାୟ ଦେଢ଼ ଦଶକ ଧରି ସେଇ ଶ୍ରେଣୀରେ ଅଟକି ରହିଛି। ବର୍ତ୍ତମାନର ସମସ୍ୟାରୁ ଲୋକଙ୍କୁ ଦୂରେଇ ରଖିବାକୁ ହୁଏତ ସମ୍ଭବ ହୋଇପାରେ, କିନ୍ତୁ ଭବିଷ୍ୟତ ପିଢ଼ିଙ୍କ କଥା ଶାସକ ଶ୍ରେଣୀ ଭୁଲିଯିବା ଅନୁଚିତ ବୋଲି ମହାପାତ୍ର କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କାର୍ତ୍ତିକ



@ ସଞ୍ଜିତ୍



@ ସୁଧାଂଶୁ



@ ସୁଶିଲ



@ ସନ୍ତୋଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଡ଼କ ଦୁର୍ଘଟଣାରେ ଅଙ୍ଗନୱାଡ଼ି ସହାୟିକା ମୃତ

**ପାଟକୁରା, ୨୨।୨ (ରବୀନ୍ଦ୍ର ନାଥ ବାରିକ):**

ଗରଦପୁର ବ୍ଲକ ଗରଦପୁର-ପହଣାପନ୍ଦିଆ ପୋଲର ପତିସାହିଗଡ଼ା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ୫୭ ବର୍ଷୀୟା ଅଙ୍ଗନୱାଡ଼ି ସହାୟିକାଙ୍କର ମୃତ୍ୟୁ ହୋଇଛି । ସେ ହେଉଛନ୍ତି ଗରଦପୁର ପତିସାହିର ବନପ୍ରିୟା ପତି । ସେ ଗରଦପୁର ୩ (ପତିସାହି) ଅଙ୍ଗନୱାଡ଼ି କେନ୍ଦ୍ରରେ ସାହାୟିକା ଭାବେ କାର୍ଯ୍ୟ କରନ୍ତି । ଶନିବାର କାମେଶ୍ୱର ଜାଗର ମେଳାରୁ ବିଳମ୍ବିତ ରାତିରେ ପୁଅ ସତ୍ୟଜିତ ପଣ୍ଡାଙ୍କ ସାଙ୍ଗରେ ବାଇକ୍ ଯୋଗେ ଫେରୁଥିବା ବେଳେ ଗରଦପୁର-ପହଣା ପନ୍ଦିଆ ପୋଲର ପତିସାହି ଗଡ଼ା ନିକଟରେ ବାଇକ୍‌ରୁ ଖସି ପଡ଼ିଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ସମ୍ପର୍କରେ ପାଟକୁରା ଥାନା ନଂ. ୩୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବନପ୍ରିୟାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଅନ୍ତିମ ସଂସ୍କାର କରାଯାଇଛି ।

# ଜଙ୍ଗଲ ନିଆଁ ଚିନ୍ତାର କାରଣ

■ ଗ୍ରୀଷ୍ମ ପ୍ରକୋପ ଆରମ୍ଭ ସତ୍ତ୍ୱେ ନାହିଁ ସଚେତନତା
■ ଜଙ୍ଗଲରେ ଫାୟାର ଲାଇନ୍ ସୃଷ୍ଟି କରୁଛି ବନ ବିଭାଗ
■ ୭୦୦କି.ମି.ରୁ ଊର୍ଦ୍ଧ୍ୱ ବଦଳରେ ହେବ ୧୧୩ କିମି ଫାୟାର ଲାଇନ୍


ଜଙ୍ଗଲରେ ବନ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ନୟାଗଡ଼,୨୨।୨(ଲୋକନାଥ ମିଶ୍ର)

ମନୁଷ୍ୟକୃତ ନିଆଁର ଭୟାବହତା ନୟାଗଡ଼ ବନଖଣ୍ଡରେ ଚିନ୍ତାର କାରଣ ହୋଇଛି। ଏହାକୁ ରୋକିବାକୁ ସଚେନତତାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାର ବନବିଭାଗ ଡିଣ୍ଡିମ ପିଟୁଛି। ହେଲେ ଗ୍ରୀଷ୍ମଋତୁ ଆରମ୍ଭରୁ ଏନେଇ ସଚେତନତା ଦେଖାନାହିଁ। ଏହି ବନଖଣ୍ଡରେ ଜଙ୍ଗଲ ନିଆଁକୁ ରୋକିବାକୁ ଜଙ୍ଗଲରେ ଫାୟାର ଲାଇନ୍ କଟାଯାଉଛି। ନୟାଗଡ଼ ଜିଲା ସଦର ମହକୁମାର ରୁକ୍ଷି ସଂରକ୍ଷିତ ଜଙ୍ଗଲରେ ଫାୟାର ଲାଇନ୍ କାଟିବା ଦେଖିବାକୁ ମିଳିଛି। ତେବେ ଜିଲାର ବିଭିନ୍ନ ଜଙ୍ଗଲରେ ୭୦୦ କି.ମି.ରୁ ଊର୍ଦ୍ଧ୍ୱ ସ୍ଥାନରେ ଫାୟାର ଲାଇନ୍ କଟାଯିବା ପାଇଁ ସରକାରଙ୍କ ଟାର୍ଗେଟ ମିଳିଥାଏ। ଚଳିତ ବର୍ଷ କିନ୍ତୁ ମାତ୍ର ୧୧୩ କି.ମି. ଜଙ୍ଗଲରେ ଫାୟାର ଲାଇନ୍ କାଟିବାକୁ ଟାର୍ଗେଟ ମିଳିଥିବା ଜଣାପଡିଛି। ଫାୟାର ଲାଇନ୍ କାଟିଲେ ନିଆଁର ଭୟାବହତା କମିଯାଉଥିବାର ନଜିର ରହିଛି। ଫାୟାର ଲାଇନ୍ ଟାର୍ଗେଟ ନ ବଢ଼ିଲେ ନିଆଁ ଲାଗିଲେ ଲିଭାଇବା ଭୟାବହ ହେବ ବୋଲି କୁହାଯାଉଛି।

ପ୍ରତିବର୍ଷ ଜଙ୍ଗଲ ନିଆଁ ବଢ଼ି ଚାଲିଛି, ନିଆଁ ଲାଗିଲେ ଗାଁ ମୁହାଁ ହୁଅନ୍ତି ବନ୍ୟପ୍ରାଣୀ। ଗାଁ ମୁହାଁ ବନ୍ୟପ୍ରାଣୀକୁ ଶିକାର ପାଇଁ ଶିକାରୀ ଜଙ୍ଗଲରେ ଲୁଚି ରହି ଶିକାର କରେ। ସେହିପରି ଅଙ୍ଗାର ପାଇଁ ଜଙ୍ଗଲରେ ନିଆଁ ଲାଗୁଛି। ମହୁଲ ସଂଗ୍ରହ ଓ କେନ୍ଦୁପତ୍ର ସଂଗ୍ରହ ବେଳେ ନିଆଁଲଗା ଯାଇଥାଏ। ପୁଣି ଜଙ୍ଗଲରେ ଭୋଜି କରିବା ସମୟରେ ନିଆଁ ଲିଭାଯାଇ ନ ଥାଏ। ଅନ୍ୟପକ୍ଷେ ବିଡି, ସିଗାରେଟ ଖାଉଥିବା କେତେକ ବ୍ୟକ୍ତି ନିଆଁ ନ ଲିଭାଇ ଜଙ୍ଗଲ ଭିତରକୁ ଫୋପାଡି ଦେବା ଦ୍ୱାରା ନିଆଁ ଲାଗେ। ଆଉ କେତେକ ଲୋକ ମଜା ଦେଖିବା ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ତେବେ ମନୁଷ୍ୟକୃତ ନିଆଁର ବିଭିନ୍ନ ରୂପ ଥିବାବେଳେ ଏହାକୁ ଧରପଗଡ ପାଇଁ ବନ ବିଭାଗର ପଦକ୍ଷେପ ଓ ପାଟ୍ରୋଲିଂ ଉପରେ ଉଠିଛି ପ୍ରଶ୍ନ। ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଧରପଗଡ ପାଇଁ କ୍ଷେତ୍ର ବନ କର୍ମଚାରୀମାନେ ୨ ଚକିଆ ଯାନରେ ଓ ପାଦରେ ଚାଲି ଚାଲି ଜଙ୍ଗଲରେ ତଦାରଖ କରୁଥିବା କହୁଛନ୍ତି। ହେଲେ ନିଆଁ ଲଗାଉଥିବା ବ୍ୟକ୍ତି ବିଶେଷଙ୍କୁ ଧରି ପାରୁ ନାହାନ୍ତି। ଜିଲାରେ ଗୋଛା, ଗୁମି, ବୁଗୁଡା ଓ ପୋଖରୀ ଗୋଛାରେ ଥିବା ୪ଟି ହାତୀ ଚଳାପଥ ରହିଛି। ଏହି ଚଳାପଥରେ ନିଆଁ ଲାଗିଲେ ହାତୀଙ୍କ ପାଇଁ ବିପଦ ରହିଛି। ନିଆଁ ଲଗାଇବା ଦଣ୍ଡନୀୟ ଅପରାଧ, ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ଧାରା ୨୭(୧)(ଏ)୩(ବି) ରେ ୩ରୁ ୭ ବର୍ଷ ଜେଲ ଦଣ୍ଡ ରହିଛି। ଚଳିତ ବର୍ଷ ଓଡଗାଁ ରେଞ୍ଜ ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ ହୋଇଛନ୍ତି। ହେଲେ ଆଇନ ନେଇ ଅନେକ ଅଜଣା। ଅଙ୍ଗାର ପାଇଁ ହେଉ କି ଅନ୍ୟ କାରଣରୁ ହେଉ ଜଙ୍ଗଲରେ ନିଆଁ ଲଗାଯାଉଛି।

ଜାଳେଣି କାଠ ଓ ଶୁଖିଲା ବାଉଁଶ ଜଙ୍ଗଲରେ ପଡି ରହିଛି। ପୁଣି ଗଛ ପତ୍ରଝଡା ଦେଇଥିବାରୁ ନିଆଁ ଲାଗିଲେ ସହଜରେ ଛାଡୁନି। ଜଙ୍ଗଲ ନିଆଁ ଜଙ୍ଗଲର ପଶୁପକ୍ଷୀ, ବୃକ୍ଷଲତା ପାଇଁ ବିପଦ ହୋଇଥିବା ବେଳେ ପରିବେଶର ଉତ୍ତାପ ବଢ଼ାଇଥାଏ। ପୁଣି ଜଙ୍ଗଲ ପାଦଦେଶ ଗାଁ ପ୍ରତି ବିପଦ ବଢ଼ିଥାଏ। ପୂର୍ବରୁ କଞ୍ଚାଡାଳ ଓ ବାଲି ନିଆଁ ଲିଭାରେ ବ୍ୟବହାର ହେଉଥିଲା। ତେବେ ଗଛରେ ପତ୍ର ନ ଥିବାରୁ କଞ୍ଚା ଡାଳ ମିଳୁନି। ପୁଣି ବାଲି ସବୁ ଜଙ୍ଗଲରେ ନାହିଁ। ଏଣୁ ଫାୟାର ଲାଇନ୍ କରାଯାଇ ନିଆଁକୁ ଆୟତ କରାଯାଉଛି। ହେଲେ ଫାୟାର ଲାଇନ୍ ନେଇ ସ୍ଥାନୀୟ ବାସିନ୍ଦା ଅବଗତ ନୁହନ୍ତି। ଜଙ୍ଗଲିଆ ଅଞ୍ଚଳରେ ଫାୟାର ଲାଇନ୍ କରାଯାଇ ଜଙ୍ଗଲ ନିଆଁକୁ ରୋକିବାକୁ ପଦକ୍ଷେପ ନିଆଯାଇଛି।

ଏନେଇ ନୟାଗଡ଼ ଡିଏଫଓ ଦେବାର୍ଚ୍ଚନ ବେହେରା କୁହନ୍ତି, ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନତା ଚାଲିଛି। ଏନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଶେଷ ହୋଇଛି। ଚଳିତ ବର୍ଷ ଜିଲାରେ ୧୧୩ କି.ମି. ଫାୟାର ଲାଇନ୍ କାଟିବାକୁ ଟାର୍ଗେଟ ମିଳିଛି। ତେବେ ଏହାର ସଂଖ୍ୟା ବଢ଼ାଇବାକୁ ସରକାରଙ୍କୁ ନୂଆ ଟାର୍ଗେଟ ମଗାଯାଇଛି। ଖୁବ ଶୀଘ୍ର ନୂଆ ଟାର୍ଗେଟ ଆସିବାର ରହିଛି। ଅନ୍ୟପକ୍ଷେ ଖବରଦାତା ମାନଙ୍କୁ ନେଇ ଖୁବ ଶୀଘ୍ର ଏକ ବୈଠକ କରାଯାଇ ଜଙ୍ଗଲ ନିଆଁ ଉପରେ ସଚେତନତା କରାଯିବ ବୋଲି କହିଛନ୍ତି।

## ୧୫ ଛାତ୍ରୀଛାତ୍ର ଜଣ୍ଡିସ୍‌ରେ ଆକ୍ରାନ୍ତ

### ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ପରିଦର୍ଶନ

ଟାଙ୍ଗୀ,୨୨।୨(ରଘୁନାଥ ସାହୁ)

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବରପଲ୍ଲୀସ୍ଥିତ ଅର୍ଜୁନପୁର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ୧୫ଜଣ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ରବିବାର ମେଡିକାଲରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜଗଦୀଶ ପ୍ରସାଦ ଜେନାଙ୍କ ପରାମର୍ଶକ୍ରମେ ଜିଲା ଏପିଡେମିଓଲୋଜିଷ୍ଟ ସୁଶାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଇପଡ଼ା ପଞ୍ଚାୟତ ସ୍ୱାସ୍ଥ୍ୟ ଅଧିକାରିଣୀ ସୋନାଲି ଭୁଜବଳ, ଏଏନ୍‌ଏମ୍ ରଶ୍ମିତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ପରିଦର୍ଶିକା, ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀମାନେ ଅର୍ଜୁନପୁର ଓ ବରପଲ୍ଲୀ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ରକ୍ତନମୁନା ଓ କୂଅ ପାଣି ପରୀକ୍ଷା ସହ କୂଅକୁ ବ୍ଲିଚିଂ ପକାଇ ବିଶୋଧନ କରିଥିବା ଜଣାପଡ଼ିଛି। ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ୧୫ଜଣ ଛାତ୍ରୀଛାତ୍ର ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ଆୟୁଷ୍ମାନ ପରିଡ଼ା ନାମକ ଛାତ୍ର ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସମସ୍ତଙ୍କ ରକ୍ତନମୁନା ପଜିଟିଭ ବାହାରିଥିବାବେଳେ ୮ଜଣ ଚିକିତ୍ସାଧୀନ ଅଛନ୍ତି। ୭ଜଣ ସୁସ୍ଥ ହୋଇ ଫେରିଆସିଥିବା ସୂଚନା ମିଳିଛି। ପରିଦର୍ଶନରେ ଆସିଥିବା ମେଡିକାଲ ଟିମ୍ ବିଦ୍ୟାଳୟରେ ପାନୀୟଜଳ ବ୍ୟବସ୍ଥା ଠିକ ଥିବା କହିଛନ୍ତି। ଅନ୍ୟପକ୍ଷରେ ଗତ ସପ୍ତାହରେ ଛାତ୍ରୀଛାତ୍ରମାନେ ବୁଲିବାକୁ ଯାଇ ଗୁପ୍‌ଚୁପ୍, ଦହିବରା, ବାହାର ଖାଦ୍ୟ ଏବଂ ପାଣି ବ୍ୟବହାର କରିଥିଲେ। ଏହି ବାହାର ଖାଦ୍ୟରୁ ଜଣ୍ଡିସ୍ ହୋଇଥିବା ସନ୍ଦେହ କରାଯାଉଛି। ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଜଗଦୀଶ ପ୍ରସାଦ ଜେନା କହିଛନ୍ତି, ଅବସ୍ଥା ନିୟନ୍ତ୍ରଣାଧୀନ ରହିଛି ଏବଂ ପାନୀୟଜଳର ବିଶୁଦ୍ଧତା ରିପୋର୍ଟ ଆସିଲେ ପଦକ୍ଷେପ ଗ୍ରହଣ କରାଯିବ।

## ସମୀକ୍ଷା, ଚାଷୀଙ୍କ ସହ ଆଲୋଚନା

### ଷ୍ଟ୍ରବେରୀ ଚାଷ, ଛତୁ ପ୍ରକ୍ରିୟାକରଣ କେନ୍ଦ୍ର ବୁଲିଲେ ଜିଲାପାଳ


ରାବେରା ଛତୁ ପ୍ରକ୍ରିୟାକରଣ କେନ୍ଦ୍ର।

ନୟାଗଡ଼,୨୨।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳ ମଧୁମିତା ରଥ ରବିବାର ଓଡଗାଁ ବ୍ଲକ ରାବେରା ଛତୁ ପ୍ରକ୍ରିୟାକରଣ କେନ୍ଦ୍ର ଓ ଚଢ଼େୟାପଲ୍ଲୀର ଷ୍ଟ୍ରବେରୀ ଓ ଲଙ୍କା ଚାଷ ହେଉଥିବା ସ୍ଥାନକୁ ଯାଇ ଚାଷୀଙ୍କ ସହ ଆଲୋଚନା କରି ସମୀକ୍ଷା କରିଛନ୍ତି। ଚଢ଼େୟାପଲ୍ଲୀରେ ଷ୍ଟ୍ରବେରୀ ଓ ଲଙ୍କା ଚାଷୀ ସଞ୍ଜୟ କୁମାରଙ୍କ ପାଳଙ୍କ ସହ କଥା ହୋଇଥିଲେ। ସେହିପରି ଅନ୍ୟ ୩ଜଣଙ୍କ ସହ କେବଳ ଷ୍ଟ୍ରବେରୀ ଚାଷ ନେଇ ଆଲୋଚନା କରିଥିଲେ। ଚାଷୀଙ୍କର ଉନ୍ନତି ପାଇଁ ସରକାର ସହଯୋଗ ଜାରି ରଖିବେ ବୋଲି କହିଥିଲେ। ରାବେରାରେ ଛତୁ ଚାଷ ନେଇ ମହିଳା ଚାଷୀଙ୍କ ସହ ଲାଭ କ୍ଷତି ନେଇ ପଚାରିଥିଲେ।

ପ୍ରକାଶ ଯେ, ଓଡଗାଁ ବ୍ଲକ ଚଢ଼େୟାପଲ୍ଲୀ ଓ ଗୋଡିପଲ୍ଲୀ ଗାଁର ଚାଷ ଜମିରେ ଷ୍ଟ୍ରବେରୀ ଚାଷ ହୋଇଛି। ଚାଷୀ ପ୍ରଥମ ଥର ପାଇଁ ଷ୍ଟ୍ରବେରୀ ଚାଷ କରି କମ ଖର୍ଚ୍ଚରେ ଅଧିକ ଲାଭ ପାଉଥିବା କହିଛନ୍ତି। ପାଣିପାଗ ଭଲ ଯୋଗୁ ଓଡଗାଁ ଅଂଚଳରେ ଷ୍ଟ୍ରବେରୀ ଚାଷ ଲାଭ ଦାୟକ ହୋଇଛି। ଷ୍ଟ୍ରବେରୀକୁ ଚାଷୀ ଓଡଗାଁରୁ ଆଣି ନୟାଗଡ଼ ଗୋଦାମରେ ୨୫୦ ଟଙ୍କାରେ କେଜି ପିଛା ବିକ୍ରି କରୁଥିବାବେଳେ ରିଟେଲ ଦୋକାନରେ ଦୋକାନୀ କେଜି ପିଚା ୫୦୦ରୁ ୬୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଷ୍ଟ୍ରବେରୀରେ ଚାଷୀ ଲାଭ ପାଇବା ସହ ଦୋକାନୀ ମଧ୍ୟ ଭଲ ଲାଭ ପାଉଛି ଷ୍ଟ୍ରବେରୀ ଚାଷ କଲେ ୧ମାଣକୁ ୧ଲକ୍ଷ ୨୦ ହଜାର ସବସିଡି ମିଳୁଥିବା ଜଣାପଡିଛି।

## ଯାତ୍ରୀ ବିଶ୍ରାମାଗାରରୁ ମୃତଦେହ ଜବତ

ବ୍ରହ୍ମପୁର, ୨୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ରଘୁନାଥପୁରସ୍ଥିତ ଏକ ଯାତ୍ରୀ ବିଶ୍ରାମଗାରରୁ ଶନିବାର ପୋଲିସ ଏକ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ୬୦ ରୁ ୬୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ବୃଦ୍ଧ ଜଣଙ୍କ ସ୍ଥାନୀୟ ଅଞ୍ଚଳର ହୋଇନଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ପରିଚୟ ଜାଣିବା ପାଇଁ ମୃତଦେହ ୪ ଦିନ ଯାଏଁ ଏମକେସିଜିରେ ସଂରକ୍ଷିତ ରଖିଛି। ଏନେଇ ନଂ.୦୨/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କାର୍ତ୍ତିକ


@ ସଞ୍ଜିତ୍


@ ସୁଧାଂଶୁ


@ ସୁଶିଲ


@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫାଇନାଲରେ ଶରଣକୁଳ ନେକ୍ଷଟ ଜେନେରେଶନ

### ମା' ରାମଚଣ୍ଡୀ କ୍ରିକେଟ ପ୍ରିମିୟର ଲିଗ୍


ଶରଣକୁଳ ନେକ୍ଷଟ ଜେନେରେଶନ ଟିମ୍‌ର ଖେଳାଳି।

ଶରଣକୁଳ,୨୨।୨(ଦୀପକ କର)

ଶରଣକୁଳ କଲେଜ ଖେଳ ପଡ଼ିଆରେ ମା'ରାମଚଣ୍ଡୀ କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ଅନ୍ତିମ ଲିଗ୍ ମ୍ୟାଚରେ ଚତୁର୍ଥ ଦିବସର ପ୍ରଥମ ଲିଗ୍ ମ୍ୟାଚ ମହାକାଳ ୱାରିୟର୍ସ ସହିତ ପାୱାର ହିଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାକାଳ ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପାୱାର ହିଟରକୁ ୧୨୮ ରନର ଟାର୍ଗେଟ ଦେଇଥିଲା। ଏହାର ଜବାବରେ ପାୱାର ହିଟର ଦଳ ୮.୪ ଓଭରରେ ୫ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ପିଣ୍ଟୁ ଏକାକୀ ୪୭ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଭୋଲେବାବା ଏକାଦଶ ସହିତ ଇଲାଇଟ୍ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୋଲେବାବା ଟିମ୍ ପ୍ରଥମେ ବ୍ୟାଟିଂ କରି ଇଲାଇଟ ଷ୍ଟ୍ରାଇକରକୁ ୧୦୯ ରନ୍‌ର ଟାର୍ଗେଟ ଦେଇଥିଲା। ଜବାବରେ ଇଲାଇଟ ଷ୍ଟ୍ରାଇକର ୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ କରିବା ପାଇଁ ସକ୍ଷମ ହୋଇଥିଲେ। ଏହି ମ୍ୟାଚରେ ଭୋଲେବାବା ଦଳର ବିଜୟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସେହିପରି ଅନ୍ତିମ ଲିଗ୍ ମ୍ୟାଚରେ ପାୱାର ହିଟର ସହିତ ଶରଣକୁଳ ନେକ୍ଷଟ ଜେନେରେଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପାୱାର ହିଟର ଦଳ ପ୍ରଥମେ ବ୍ୟାଟିଂ କରି ନେକ୍ଷଟ ଜେନେରେଶନ ଦଳକୁ ୧୧୦ ରନର ଟାର୍ଗେଟ ଦେଇଥିଲା। ଜବାବରେ ନେକ୍ଷଟ ଜେନେରେଶନ ଶରଣକୁଳ ୯.୨ ଓଭରରେ ୪ଉଇକେଟ ବିନିମୟରେ ଟାର୍ଗେଟ ପୂରଣ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ଶରଣକୁଳ ଦଳର ଟୁକୁନା ଏକାକୀ ୪୨ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଏହି ମ୍ୟାଚକୁ ଦାଶରଥି ପରିଡ଼ା, ପଦ୍ମନାଭ ସାହୁ, ଅମ୍ରିତ ପ୍ରସାଦ ସାହୁ ଓ ସମୀର ସାହୁ ପରିଚାଳନା କରିଥିଲେ। ସୋମବାର ସେମିଫାଇନାଲ ମ୍ୟାଚ ଭୋଲେବାବା ଏକାଦଶ ସହିତ ଇଲାଇଟ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ତରଫରୁ ସୂଚନା ଦିଆଯାଇଛି। ଖେଳରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଆରଡ଼ି ବିଭାଗରେ ନିମ୍ନମାନର ଡ୍ରେନ ନିର୍ମାଣ ଅଭିଯୋଗ

### ଆମ୍ଭଝରୀ-ମୁଦୁରାଙ୍ଗ ଆରଡ଼ି ରାସ୍ତା


ନିମ୍ନମାନର ଡ୍ରେନ ନିର୍ମାଣ କରାଯାଉଛି।

ନୂଆଗାଁ,୨୨।୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗ ଦ୍ୱାରା ଆମ୍ଭଝରୀଠାରୁ ମୁଦୁରାଙ୍ଗ ରାସ୍ତାକଡ଼ରେ ନିମ୍ନମାନର ଡ୍ରେନ ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହେଉଛି।

ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗ ଦ୍ୱାରା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଉଥିବା ପ୍ରତିଟି କାର୍ଯ୍ୟ ଅତି ନିମ୍ନମାନର ହେବା ସହ ଠିକ ସମୟରେ କାମ ଶେଷ ହେଉ ନ ଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଠିକ୍ ସମୟରେ କାମ ନ ସରିବା ଓ ନିମ୍ନମାନର କାମ ନେଇ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଜନସାଧାରଣ ନୀରବ ରହିଲେଣି। ଏପରିକି ଗତ ୯ ତାରିଖରେ ନୂଆଗାଁ ବ୍ଲକଠାରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରଡ଼ି ବିଭାଗ ନାମରେ ମାଳମାଳ ଅଭିଯୋଗ ହୋଇଥିଲା। ଆରଡ଼ି ବିଭାଗର ୨ ଜଣ ଯନ୍ତ୍ରୀଙ୍କ ମଧ୍ୟରୁ ଜଣେ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ତାଙ୍କୁ ଫୋନ କରି ଅନୁପସ୍ଥିତିର କାରଣ ଜିଲାପାଳ ନିଜେ ବୁଝିଥିଲେ। ଏତେସବୁ ପରେ ମଧ୍ୟ କାମରେ ଧ୍ୟାନ ଦେଉନାହାନ୍ତି ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ। ଆମ୍ଭଝରୀଠାରୁ ମୁଦୁରାଙ୍ଗ ଆର୍‌ଡି ରାସ୍ତାରେ ନିମ୍ନମାନର କାମ କରି ଠିକାଦାର ଓ ବିଭାଗୀୟ କର୍ମଚାରୀମାନେ ବେଶ୍ ଲାଭବାନ୍ ହେଉଛନ୍ତି। ଉକ୍ତ ରାସ୍ତା କଡ଼ରେ ଥିବା ନଳକୂପର ବଳକା ପାଣିକୁ ନିଷ୍କାସନ କରିବାକୁ ଆରଡି ବିଭାଗ ଦ୍ୱାରା ଡ୍ରେନ ନିର୍ମାଣ କରାଯାଉଛି। ବର୍ତ୍ତମାନ କାମ ଚାଲୁ ରହିଥିବାବେଳେ ବିଭାଗୀୟ ଯନ୍ତ୍ରୀ କିମ୍ବା ଅଧିକାରୀ କେହି ଦେଖୁ ନାହାନ୍ତି। ଠିକାଦାର ନିଜକୁ ସୁହାଇଲା ଭଳି କାମ କରୁଛନ୍ତି। ଢଳେଇ ପୂର୍ବରୁ ଅଳ୍ପ ବାଲି ଛିଞ୍ଚିବା ସହ ମେଟାଲ ମଧ୍ୟ ଠିକ ଭାବରେ ଦେଉନାହାନ୍ତି। ଠିକ୍ ଭାଗମାପରେ ମଧ୍ୟ ଢଳେଇ କରୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗ କରିବା ପାଇଁ ଆର୍‌ଡି କାର୍ଯ୍ୟାଳୟକୁ ବାରମ୍ବାର ଯାଉଥିଲେ ମଧ୍ୟ କାର୍ଯ୍ୟାଳୟରେ କାହାରି ଦେଖା ମିଳୁ ନ ଥିବା ସ୍ଥାନୀୟ ଜଣେ ଯୁବକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆର୍‌ଡି ବିଭାଗ କନିଷ୍ଠ ଯନ୍ତ୍ରୀ ହିତାଞ୍ଜଳି ପଣ୍ଡାଙ୍କୁ ପଚାରିବାରେ ଏ ସଂକ୍ରାନ୍ତରେ ଠିକାଦାରଙ୍କୁ ପଚାରି ଯାହା କିଛି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ପାରାଦୀପ ପରିବା ମାର୍କେଟରେ ବଡ଼ ଅଗ୍ନିକାଣ୍ଡ

## ୯୧ ଦୋକାନ ଜଳଗିଲା

ପାରାଦୀପ,୨୨।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପରେ ବଡ଼ପଡ଼ିଆ ମୁଖ୍ୟ ପରିବା ମାର୍କେଟରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୯୧ଟି ପରିବା ଦୋକାନ ପୋଡି ଯାଇଥିବା ଜଣାପଡ଼ିଥିବା ବଣିକ ସଂଘ ସଭାପତି ଅମିୟ ପାଣି କହିଛନ୍ତି। ବିଭିନ୍ନ ଆସବାବପତ୍ର ସମେତ ବହୁ ପରିବା ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗ, କୁଜଙ୍ଗ ଅଗ୍ନିଶମ ବିଭାଗ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ୮ଟି ନିଆଁଲିଭା ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହେବାକୁ ରବିବାର ଭୋର ପର୍ଯ୍ୟନ୍ତ ସମୟ ଲାଗିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ମଶା ଧୂପ କିମ୍ବା ବିଦ୍ୟୁତ୍ ଶର୍ଟସର୍କିଟରୁ ଏପରି ଘଟିଥିବା ଚର୍ଚ୍ଚା ହେଉଛି। ଅଗ୍ନିକାଣ୍ଡରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ହୋଇଥିବା ପୌର ପରିଷଦ ପକ୍ଷରୁ ଆକଳନ କରାଯାଇଛି।

ପାରାଦୀପର ସବୁଠାରୁ ବଡ଼ ଓ ମୁଖ୍ୟ ପରିବା ବଜାର ମଧ୍ୟରେ ପ୍ରାୟ ୨୦୦ରୁ ଅଧିକ ବ୍ୟବସାୟୀ ଅସ୍ଥାୟୀ ପିଣ୍ଡିରେ ପରିବା ବ୍ୟବସାୟ କରନ୍ତି। ସେମାନଙ୍କ ପାଇଁ ସ୍ଥାୟୀ ଶେଡ୍ ଏପର୍ଯ୍ୟନ୍ତ ହୋଇନାହିଁ। କାରଣ ବନ୍ଦର ଜାଗାରେ ଏପରି ସ୍ଥାୟୀ ଶେଡ୍ କରିବା ପାଇଁ କେତେକ ପ୍ରତିବନ୍ଧକ ରହିଛି। ପୌରପରିଷଦ ମଧ୍ୟ ଏପର୍ଯ୍ୟନ୍ତ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ କରିନାହାଁନ୍ତି। ଫଳରେ ସବୁ ବ୍ୟବସାୟୀ ବାଉଁଶଭାରା ଉପରେ ପଲିଥିନ ଶେଡ୍ କରି ବ୍ୟବସାୟ କରୁଥିଲେ। ନିଆଁ ଲାଗିଲା ପରେ ତାହା ପଲିଥିନ ଯୋଗୁ ବ୍ୟାପୀ ଯାଇଥିଲା।

ଘଟଣା ପରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ବ୍ୟବସାୟୀଙ୍କୁ ଭେଟି ସାନ୍ତ୍ୱନା ଜଣାଇଛନ୍ତି। ମଧ୍ୟାହ୍ନ ସମୟରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ପକ୍ଷରୁ ବିପନ୍ନ ବ୍ୟବସାୟୀଙ୍କ ପ୍ରତି କିଛି ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ମନ୍ତ୍ରୀ ଯିବାର ୧୦ ମିନିଟ ପରେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ପ୍ରଥମେ ପ୍ରଭାବିତ ବ୍ୟବସାୟୀଙ୍କୁ ପୌରପରିଷଦ ପକ୍ଷରୁ ଯଥା ସମ୍ଭବ ସହାୟତା ପାଇଁ ଆଲୋଚନା କରାଯାଇଛି। ଯେହେତୁ ବନ୍ଦର ଜାଗାରେ ଉକ୍ତ ମାର୍କେଟ ଚାଲିଛି ସେଥିପାଇଁ ସେମାନଙ୍କୁ ସ୍ଥାୟୀ ଶେଡ ମିଳିବାରେ ଅସୁବିଧା ହେଉଛି। ଏନେଇ ସେ ନିଜେ ବନ୍ଦର ପ୍ରଶାସନ ସହ ଆଲୋଚନା କରି ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଚେଷ୍ଟା କରିବେ ବୋଲି ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ଜୁଲାଇ ୧୪ରେ ସମାନ ଜାଗାରେ ଅଗ୍ନିକାଣ୍ଡ ଘଟି ୪ ଦୋକାନ ପୋଡ଼ି ଯାଇଥିଲା।



ଅଗ୍ନିକାଣ୍ଡରେ ମାର୍କେଟରେ ଦୋକାନ, ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି।

### ଜୀବନ ବଞ୍ଚାଇ ନିଜେ ଜଳିଗଲା କୁକୁର

ଉକ୍ତ ପରିବା ମାର୍କେଟରେ ସନ୍ତୋଷ ସାହୁଙ୍କ ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ସନ୍ତୋଷ ତାଙ୍କର ଏକ ପୋଷା କୁକୁର ସହ ରାତିରେ ଶୋଇଥିଲେ। ନିଆଁ ଲାଗିବା ପରେ କୁକୁର ବିକଟାଳ ଭାବେ ଭୁକିଥିଲା। ଏହି ଶବ୍ଦରେ ସନ୍ତୋଷଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ଉଠିବା ବେଳକୁ ଚାରିଆଡ଼େ ନିଆଁ ଜଳୁଥିବା ଦେଖିଥିଲେ। ଏନେଇ ସନ୍ତୋଷ ତୁରନ୍ତ ଦୋକାନରୁ ବାହାରକୁ ଚାଲି ଆସିବା ସହ ଅନ୍ୟମାନଙ୍କୁ ଡାକି ବାହାରକୁ ବାହାର କରିଥିଲେ। ଫଳରେ ସମସ୍ତେ ରକ୍ଷା ପାଇଯାଇଥିବାବେଳେ ଉକ୍ତ କୁକୁରଟି ନିଆଁରେ ଜୀବନ୍ତ ଦଗ୍ଧ ହୋଇଯାଇଛି।

# ରାଜ୍ୟ ସଭା ପ୍ରାର୍ଥୀ ଚୂଡ଼ାନ୍ତ, କେନ୍ଦ୍ରୀୟ ମୋହର ଅପେକ୍ଷାରେ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନ ପାଖେଇ ଆସୁଛି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଚଳିତମାସ ୨୬ରେ ବିଜ୍ଞପ୍ତି, ମାର୍ଚ୍ଚ ୫ରେ ନାମାଙ୍କନପତ୍ର ଦାଖଲ କରିବାକୁ ରହିଥିବାବେଳେ ୧୬ରେ ନିର୍ବାଚନ ହେବ। ଏହି ଦୃଷ୍ଟିରୁ ପ୍ରାର୍ଥୀ ଘୋଷଣା ନେଇ ହାତରେ ଆଉ ମାତ୍ର ୧୧ଦିନ ରହିଛି। ଏଥର ରାଜ୍ୟରେ ଭାଜପା ସରକାର ଥିବାରୁ ରାଜ୍ୟ ସଭା ନିର୍ବାଚନକୁ ନେଇ ଭାଜପାରେ ଅଧିକ ଉତ୍ସୁକତା ଦେଖିବାକୁ ମିଳିଛି। ତେବେ ରାଜନୈତିକ ଗଣିତ ଟିକେ ଜଟିଳ ଥିବାରୁ ରବିବାର ରାଜ୍ୟ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ତଥା କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୋର୍ କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। ବୈଠକରେ ଓଡ଼ିଶାରେ ଭାଜପା ସଙ୍ଗଠନକୁ କିଭଳି ମଜଭୁତ କରାଯାଇପାରିବ ଏବଂ ଦଳ ଭିତରେ ଥିବା ରାଜ୍ୟ ସଭା ଆଶାୟୀଙ୍କ ଭିତରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ସଭା ଲାଗି ଥିବା ଗଣିତ ସଂଖ୍ୟାରେ ୪ଟି ଆସନରୁ ଭାଜପାକୁ ଦୁଇଟି ଆସନ ସହଜରେ ମିଳୁଥିବାବେଳେ ତୃତୀୟ ଆସନ କିଭଳି ଅକ୍ତିଆର କରାଯିବ, ଏଥିପାଇଁ କେତେ ସଦସ୍ୟଙ୍କ ଭୋଟ ଆବଶ୍ୟକ ରହିଛି ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହିତ ଚୂଡ଼ାନ୍ତ କରାଯାଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସଭା ପଦବୀ ଦୌଡ଼ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି ଓ ଉପସଭାପତି ଗୋଲଖ ମହାପାତ୍ରଙ୍କ ନାମ ରହିଥିବାବେଳେ ରାଜ୍ୟ ଭାଜପା ମହିଳା ସଭାନେତ୍ରୀ ମୌସୁମୀ ବିଶ୍ୱାଳଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏହାବ୍ୟତୀତ ଦଳ ପକ୍ଷରୁ ତୃତୀୟ ଆସନରେ ମଧ୍ୟ ବୁଝାମଣା ହୋଇପାରେ ବୋଲି ଜଣେ ବରିଷ୍ଠ ସଦସ୍ୟ ନିଜ ନାମ ଗୋପନ ରଖି କହିଛନ୍ତି। ତେବେ ନାମ ସ୍ପଷ୍ଟ କରାଯାଉ ନ ଥିବାବେଳେ ଆନୁମାନିକ ଭାବେ କୁହାଯାଉଛି ଯେ, ବିଜେଡି ସହ ଭିତିରି ବୁଝାମଣା ହେବାର ସବୁ ସମ୍ଭାବନା ରହିଛି।

### ଭାଜପା କୋର୍ କମିଟି ବୈଠକ

କୋର୍ କମିଟି ବୈଠକ ପୂର୍ବରୁ ମନମୋହନଙ୍କ ସୂଚନା ଅନୁଯାୟୀ, ରାଜ୍ୟ ସଭା ପ୍ରାର୍ଥୀ ମନୋନୟନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହାପରେ ଦଳର ନିୟମ ଅନୁଯାୟୀ, ସଂସଦୀୟ ବୋର୍ଡକୁ ପ୍ରାର୍ଥୀମାନଙ୍କ ନାମ ଯିବ। ବୋର୍ଡ ନିଗମ ନେଇ କୋର୍ କମିଟିରେ ମଧ୍ୟ ଆଲୋଚନା ହୋଇପାରେ ବୋଲି ମନମୋହନ ଇଙ୍ଗିତ ଦେଇଥିଲେ।

ଅନ୍ୟପକ୍ଷରେ ରାଜ୍ୟ ସରକାରକୁ ୨୦ମାସ ବିତିଥିବାବେଳେ ଏପର୍ଯ୍ୟନ୍ତ ଖାଲି ପଡ଼ିଥିବା ବିଭିନ୍ନ ନିଗମ ପଦ ଏବଂ ଅନ୍ୟାନ୍ୟ ଉପଦେଷ୍ଟା ପଦ ପୂରଣ ହୋଇନାହିଁ। ଏହି ବୈଠକ ପରେ ଉକ୍ତ ଖାଲି ପଦ ପୂରଣ ହେଉଛି କି ନାହିଁ ତାହା ଦେଖିବାର ରହିଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଦୁଇ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଜୁଏଲ ଓରାମ ଏବଂ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ସଭାପତି ବସନ୍ତ ପଣ୍ଡା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଡ. ସମ୍ବିତ ପାତ୍ର, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର,ସହ ପ୍ରଭାରୀ ଲତା ଉସେଣ୍ଡି ଓ ରାଜ୍ୟ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶୈଳବାଳାକୁ ନେଇ ଉଚିତ୍ ପଦକ୍ଷେପ ନେବୁ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

କଟକସ୍ଥିତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ସରକାର ଠିକ୍ ସମୟରେ ଉଚିତ ପଦକ୍ଷେପ ନେବେ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ରବିବାର ମନ୍ତ୍ରୀ କହିଛନ୍ତି, ଏନେଇ ଶନିବାର ମହାବିଦ୍ୟାଳୟ ଛାତ୍ରୀଙ୍କ ପକ୍ଷରୁ ଯେଉଁ ଉଦ୍‌ବେଗ ପ୍ରକାଶ ପାଇଥିଲା ତାକୁ ନେଇ ବିଭାଗୀୟ ଅଧିକାରୀସ୍ତରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ସୋମବାର ମଧ୍ୟ ବୈଠକ ଅନୁଷ୍ଠିତ ହେବାର ରହିଛି। ତେବେ ଶୈଳବାଳାର ଉନ୍ନତୀକରଣ ପାଇଁ ଯେଉଁ ଭିତ୍ତିଭୂମି ଓ ଆନୁଷଙ୍ଗିକ ଆବଶ୍ୟକ ରହିଛି ତାହାକୁ ଗୁରୁତ୍ୱ ଦେଇ ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କରାଯିବାର ରହିଛି। ତେବେ ମହାବିଦ୍ୟାଳୟକୁ ଉନ୍ନତୀକରଣ କରିବା ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ମଧ୍ୟରେ ବହୁ ଫରକ ରହିଛି। ଉନ୍ନତୀକରଣ ଲାଗି ୫୦ରୁ ୬୦କୋଟି ଆବଶ୍ୟକ, ମାତ୍ର ବିଶ୍ୱବିଦ୍ୟାଳୟ ପାଇଁ ୩୫୦କୋଟି ଟଙ୍କାର ଆବଶ୍ୟକତା ସହିତ ରିକରିଂ ଖର୍ଚ୍ଚ ମଧ୍ୟ ରହିଛି। ସେହି ଦୃଷ୍ଟିରୁ ସରକାର ବିଚାର କରୁଛନ୍ତି, ଠିକଣା ସମୟରେ ଏହାର ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ରେଡ୍ ଫ୍ଲାଗ୍ କେସ୍‌ରେ ଅନ୍ତର୍ଭୁକ୍ତ କଲା କ୍ରାଇମବ୍ରାଞ୍ଚ

କେନ୍ଦ୍ରାପଡ଼ା,୨୨।୨(ଜଗନ୍ନାଥ ଧଳ)

### ଛାତ୍ରୀ ଗଣବଳାତ୍କାର ମାମଲା

- ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହେବ ତଦନ୍ତ
- ପୀଡ଼ିତାଙ୍କ ବୟାନର ଅଡିଓ ଭିଡିଓ କରିବ ସିଏଡବ୍ଲ୍ୟୁସି

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ଘରୋଇ ଇଂଲିଶ ମିଡିୟମ୍ ସ୍କୁଲରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ରାଜ୍ୟ ପୋଲିସ ଗୁରୁତର ଭାବେ ଗ୍ରହଣ କରିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଏହାକୁ ରେଡ୍ ଫ୍ଲାଗ୍ କେସ୍ ଭାବେ ରବିବାର ଗ୍ରହଣ କରିଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି, ଏହି ମାମଲା ଏବେ କ୍ରାଇମବ୍ରାଞ୍ଚର ବରିଷ୍ଠ ଅଧିକାରୀଙ୍କ ଅଧୀନରେ ତଦନ୍ତ ଚାଲିବ। କ୍ରାଇମ୍ ଏଗ୍‌ନେଷ୍ଟ ଓମ୍ୟାନ (ସିଏଡବ୍ଲ୍ୟୁ) ୱିଙ୍ଗ୍ ଏଥିରେ ସାମିଲ ହେବେ। ଏସ୍‌ପି ଅଥବା ଏଏସ୍‌ପି ଏହାର ତଦନ୍ତ ଅଧିକାରୀ ଭାବେ କାର୍ଯ୍ୟ କରିବେ। ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗପତ୍ରର ଦାଖଲ ପରଠାରୁ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦିଆଯିବା ସେହିପରି ନ୍ୟାୟିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ ପାଇଁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ପିପି) ଅଥବା ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ଏଥିରେ ସାମିଲ ହେବେ। ପୋଲିସ ପୀଡିତାଙ୍କୁ ସୁରକ୍ଷା ଦେବା ସହିତ ନିୟୋଜିତ ସିଏଡବ୍ଲ୍ୟୁ ୱିଙ୍ଗ୍ ପୀଡିତାଙ୍କ ବୟାନର ଅଡିଓ ଭିଡିଓ ରେକର୍ଡିଂ କରିବେ। ପ୍ରତ୍ୟେକ ୧୫ ଦିନ ମଧ୍ୟରେ ମାମଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ। ତଦନ୍ତ ପରିସରକୁ ଆହୁରି ବ୍ୟାପକ କରାଯିବ। ଆବଶ୍ୟକସ୍ଥଳେ ଡିଏନ୍‌ଏ ଟେଷ୍ଟ ଆଦି କରାଯିବା ବ୍ୟବସ୍ଥା ରହିଥିବା ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି।

ଏଥିସହ ସେ ସୂଚନା ଦେଇଛନ୍ତି, ରାଜକନିକାର ଏହି ନାବାଳିକା ଛାତ୍ରୀଙ୍କ ଗଣବଳାତ୍କାର ମାମଲା (ନଂ– ୫୪/୨୬) ପୋକ୍‌ସୋ ଆକ୍ଟରେ ତଦନ୍ତ ସହ ବିଚାର ଚାଲିବ। ଏହି ମାମଲାରେ ସ୍କୁଲର ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଓ ଜଣେ ପିଅନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖରେ ସେ ସ୍କୁଲରେ ଥିଲେ। ରିସେସରେ ଛାତ୍ରୀଙ୍କୁ ସ୍କୁଲ ଅଫିସକୁ ଡକାଇ ଏହି ଜଘନ୍ୟ କାଣ୍ଡ କରିଥିବା ଅଭିଯୋଗ ଅଛି। ଗଣବଳାତ୍କାରର ଭୟ ପାଇ ପୀଡିତା ସ୍କୁଲକୁ ଯାଉ ନ ଥିଲେ। ବିଦେଶରେ ଥିବା ବାପା ଘରକୁ ଫେରିବା ପରେ ପୀଡିତା ଛାତ୍ରୀ ଏ ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ। ମା' ଓ ବାପା ଗତ ୧୮ ତାରିଖରେ ସିଡବ୍ଲ୍ୟୁସିକୁ ଭେଟି ଏପରି ଘଟଣା ସମ୍ପର୍କରେ ଅଭିଯୋଗପତ୍ର ଦେଇଥିଲେ। ପରେ ଗତ ୨୧ରେ ଥାନାରେ ଅଭିଯୋଗ କରିଥିବା ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି।

# କଡ଼ ଲେଉଟାଇବୁ ନାହିଁ: କାଡାମ

ଭୁବନେଶ୍ୱର,୨୨।୨(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନରେ ଏଥର କଂଗ୍ରେସ କଡ଼ ଲେଉଟାଇବ ନାହିଁ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରବିବାର କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସଭା ନିର୍ବାଚନକୁ ନେଇ ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ କଂଗ୍ରେସ କିଭଳି ନିଜର ସ୍ଥିତି ସୁଦୃଢ଼ କରିବ ସେନେଇ ବିଭିନ୍ନ ରଣନୀତି ସ୍ଥିର ହୋଇଛି। ଦଳର ୧୪ ବିଧାୟକଙ୍କ ସହିତ ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ଆମ ସହିତ ଅଛନ୍ତି। ଏଥର କଂଗ୍ରେସ କାହା ପଛରେ ଗୋଡ଼ାଣିଆ ହେବ ନାହିଁ କି କୌଣସି ଲାଳାୟିତ ହୋଇ ଭାସିଯିବ ନାହିଁ। ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ ଦିଆଯିବ। ଏନେଇ ଦଳ ପକ୍ଷରୁ ପୁନର୍ବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି କାଡାମ କହିଛନ୍ତି।

ଏହି ଅବସରରେ ଦଳର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ଲାଗି ଆମେ ବିଧାୟକମାନେ ଶପଥ ନେଇଛୁ। ଏଥର କଂଗ୍ରେସ ଯେଉଁ ରାଜ୍ୟ ସଭା ପ୍ରାର୍ଥୀ ଦେବ ତାକୁ ବିଜେଡି ସମର୍ଥନ ଦେବ ବୋଲି ଆଶା ରଖିଛୁ। ଭାଜପା ଯେଉଁ ଭାବୁଛି, ବିଜେଡି ସହ ସଲାସୁତୁରା କରି ଚତୁର୍ଥ ଆସନ ହାତେଇବ ତାହା କେବେହେଲେ ସଫଳ ହେବନାହିଁ ବୋଲି ତାରା କହିଛନ୍ତି।

# ଏନ୍‌ସିଆରଟି ପୁସ୍ତକରେ ତ୍ରୁଟି

## ନିୟମଗିରି ପାହାଡ଼ ଓଡ଼ିଶା ବଦଳରେ ଲେଖାଯାଇଛି ଝାଡ଼ଖଣ୍ଡ

ରାୟଗଡ଼ା/କଲ୍ୟାଣସିଂହପୁର,୨୨।୨
(ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ସିବିଏସ୍‌ଇ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଏନ୍‌ସିଇଆରଟି ପକ୍ଷରୁ ୨୦୨୫–୨୬ ଶିକ୍ଷା ବର୍ଷର ସପ୍ତମ ଶ୍ରେଣୀ ପିଲାଙ୍କୁ ଦିଆଯାଇଥିବା ସୋସିଆଲ ସାଇନ୍ସ ବହିରେ ତ୍ରୁଟି ଦେଖିବାକୁ ମିଳିଛି। 'ଏକ୍ସପ୍ଲୋରିଙ୍ଗ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ବହିର ଅଷ୍ଟମ ଅଧ୍ୟାୟ ହାଓ ଲ୍ୟାଣ୍ଡ ବିକମ୍‌ସ ସାକ୍ରେଡ଼ ଶୀର୍ଷକ ବିଷୟରେ ଦିଆଯାଇଥିବା କିଛି ଉଦାହରଣରେ ଝାଡ଼ଖଣ୍ଡ ରାଜ୍ୟରେ ଅବସ୍ଥିତ ନିୟମଗିରି ପାହାଡ଼, ସେଠାରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କ ପାଇଁ କିଭଳି ପବିତ୍ର ବୋଲି ଉଲ୍ଲେଖ ରହିଛି।

ରବିବାର କଲ୍ୟାଣସିଂହପୁର ବ୍ଲକର ଜଣେ ପ୍ରାଇଭେଟ ଟ୍ୟୁଶନ ଶିକ୍ଷକ ଆଦର୍ଶ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ପଢ଼ାଇବାବେଳେ ବହିରେ ଏଭଳି ଭୁଲ ଲେଖାଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଧରିତ୍ରୀ ପ୍ରତିନିଧିଙ୍କୁ ଯୋଗାଯୋଗ କରି ସୂଚନା ଦେଇଥିଲେ। ବହିରେ ଉଲ୍ଲେଖ ରହିଛି 'ଝାଡଖଣ୍ଡରେ ଅବସ୍ଥିତ ନିୟମଗିରି ପାହାଡ଼ ଉପରେ ଡଙ୍ଗରିଆ ଜନଜାତି ସମ୍ପ୍ରଦାୟ ଲୋକେ ବସବାସ କରନ୍ତି। ସେମାନଙ୍କ ବିଶ୍ୱାସ ରହିଛି, ଏହି ପାହାଡ଼ରେ ତାଙ୍କ ଦେବତା ନିୟମରାଜାଙ୍କ ବାସସ୍ଥାନ, ଯିଏ ସେମାନଙ୍କୁ ଖାଦ୍ୟ ସହ ଅନ୍ୟ ସମସ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇଥାନ୍ତି। ନିୟମଗିରି ପାହାଡରୁ ଗଛ କାଟିବା ନିଷେଧ ଏବଂ ଗଛ କାଟିଲେ ଦେବତାଙ୍କ ପ୍ରତି ଅସମ୍ମାନ ଭାବେ ବିବେଚନା କରାଯାଏ।'



More sacred sites

Hindu and many folk and tribal belief systems go further. In Grade 6 we learnt that in such belief systems, people regard elements of Nature, such as mountains, rivers, trees, plants and animals, and sometimes stones too, as sacred. In Hinduism, for instance, this includes countless geographical sites or features of Nature, such as specific mountains, rivers and forests, which are regarded as particularly divine and are worshipped as deities; many rivers are regarded as devīs, while some species of trees, animals and plants are particularly holy.

This tradition comes from the perception of a divine presence in all of Nature. Ultimately, the whole of planet Earth is considered sacred—she is Mother Earth or Bhūdevī.

Here are a few more examples of such traditions:

- The Niyam Dongar hill in the Niyamgiri Range of Jharkhand is sacred to the Dongria Khond tribe. They believe that the hill is the abode of Niyam Raja, the supreme deity who provides everything they need for sustenance. Cutting trees here is prohibited and considered a sign of disrespect to the deity.
- In the early 2000s, the Government of Sikkim identified several sacred mountains, caves, lakes, rocks and hot springs that were to be protected against all forms of damage.
- In the Nilgiris of Tamil Nadu, the Todas, a tribal community, regard many mountain peaks as sacred and associate them with their gods. To them, this sense of sacredness extends to many plants (which often become part of their rituals), forests, wetlands, and even specific stones and individual trees.

ଶିକ୍ଷକ ଜଣକ କହିଛନ୍ତି, ରାୟଗଡ଼ା ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ କଲ୍ୟାଣସିଂହପୁର ବ୍ଲକରେ ରହିଛି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ବସବାସ କରୁଥିବା ନିୟମଗିରି ପାହାଡ଼, ଯାହା କଲ୍ୟାଣସିଂହପୁର ବ୍ଲକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ ବହିରେ ଏଭଳି ଲେଖାଗଲେ ପିଲାଙ୍କ ପାଠପଢ଼ା ଉପରେ ଏହାର କୁପ୍ରଭାବ ପଡ଼ିବ। ତେଣୁ ଏହାର ସଂଶୋଧନ ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ଏ ନେଇ କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ସଙ୍ଗୀତ ପାଲକାଙ୍କୁ ପଚାରିବାରୁ ବହିରେ ତ୍ରୁଟି ରହିଥିବା ଜଣାପଡ଼ିବା ପରେ ସଂଶୋଧନ ପାଇଁ ବିଭାଗକୁ ପୂର୍ବରୁ ସୂଚନା ଦିଆଯାଇଥିବା କହିଛନ୍ତି।

# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଓଡ଼ିଆଙ୍କ ସକ୍ରିୟ ସହଯୋଗର ଚିତ୍ର

ଡ. ସୁରେନ୍ଦ୍ର କୁମାର ମିଶ୍ର




ଆମେ ଗତ ସଂଖ୍ୟାରେ ଶାରୀରିକ ସହଯୋଗ ପ୍ରସଙ୍ଗ ଲେଖିଥିଲୁ। ଏବେ ଦେଖିବା ସେମାନେ କିଏ କିଏ! ମହିଳା ଶ୍ରମିକଙ୍କ ସର୍ଦ୍ଦାର 'ସୁଖି ମୂଲିଆଣୀ' ନାମରେ ପ୍ରସିଦ୍ଧ ଥିଲେ। ୭୪ଜଣ ମୂଲିଆଣୀଙ୍କୁ 'ସୁଖି ମୂଲିଆଣୀ' ତାଙ୍କ ଅଧୀନରେ ରଖି ଶେଷ ଯଜ୍ଞସ୍ଥାନ ପରିଷ୍କାର ପର୍ଯ୍ୟନ୍ତ ଥିଲେ।

ବର୍ଷ ବର୍ଷ ଧରି ଶେଷ ଦିନ ପର୍ଯ୍ୟନ୍ତ ୩୨ଜଣ ବାରିକ ଶିବିରଗୁଡ଼ିକରେ ଶିଳ୍ପୀଙ୍କର ସେବା କରୁଥିଲେ। ସେଲୁନ ତ ସେତେବେଳେ ନ ଥିଲା। ତେଣୁ ଅପରିହାର୍ଯ୍ୟ ଥିଲେ ସେମାନେ। ସେମାନଙ୍କୁ ଏବର 'ଜାହାନିଆ'ଠାରେ ଗଜପତି ଚାଷଜମି ଦାନ କରିଥିଲେ।

ମନ୍ଦିର ନିର୍ମାଣବେଳେ ୧୩୦ଜଣ ଶଗଡ଼ିଆ ଓ ୨୬୦ଟି ବଳଦ ଶେଷ ପର୍ଯ୍ୟନ୍ତ ଥିଲେ। ଏକ ଶଗଡ଼ଶାଳା ଓ ଏକାଧିକ ବଳଦ ଗୁହାଳ ଥିଲା। ଏଇ ଶଗଡ଼ିଆମାନେ ଜଳେଶ୍ୱର ଦଣ୍ଡପାଟରୁ ଧାନ ନେଇ ଆସିବା ପରେ ସେବା ନିଯୁକ୍ତ ହୋଇଥିଲେ। କେବଳ ଜଳେଶ୍ୱର ନୁହେଁ, ମହେନ୍ଦ୍ର କଟକ, ଶ୍ରୀକୁର୍ମ କଟକ ଓ କୋଠଦେଶରୁ ଧାନ ଆସିଥିଲା। ସମସ୍ତ ଶଗଡ଼ିଆ ରହିଯାଇଥିଲେ ସେବାରେ।

ସଫେଇ କର୍ମଚାରୀ ୩୦ଜଣଯାକ ଶେଷ ପର୍ଯ୍ୟନ୍ତ ଥିଲେ। ସେମାନେ ଚାରି ଶିବିର, କାର୍ଯ୍ୟସ୍ଥଳ ଓ ବିଭିନ୍ନ ଯିବାଆସିବା ରାସ୍ତା ସଫା କରୁଥିଲେ। ତାଙ୍କର ସର୍ଦ୍ଦାର ଥିଲେ ରାମ ରାଉଳ। ପାଇଖାନା ସଫେଇ କର୍ମଚାରୀ ଅଲଗା ଥିଲେ। ଶେଷ ପର୍ଯ୍ୟନ୍ତ ଥିଲେ ବିଶୁଦ୍ଧ ପାଣି ଯୋଗାଉଥିବା ୪୮ଜଣ ସେବାକାରୀ। ଶେଷ ପର୍ଯ୍ୟନ୍ତ ଥିଲେ ୧୮୭ଜଣ ଚାପ ଦଳେଇ।

ଶାରୀରିକ ସହଯୋଗର ଚିତ୍ର ଆମେ ଆଲୋଚନା କରୁଛେ। ଛାଡ଼ିଯାଉଛେ କି ଦୁହୁଡ଼ିଆମାନଙ୍କୁ। ଶିଳ୍ପୀଙ୍କ ଶିବିରରେ ୧୩୦ଜଣ ଠିଆ ଦୁହୁଡ଼ି ଜାଳୁଥିଲେ। ଥୁଆ ଦୁହୁଡ଼ିର ଦାୟିତ୍ୱରେ ଥିଲେ ୧୨ଜଣ। ଏମାନଙ୍କୁ ୨୪ଜଣ 'ତେଲି' ଦିନରାତି ପରିଶ୍ରମ କରି ପୋଲାଙ୍ଗ ତେଲ ଯୋଗାଉଥିଲେ। ପୋଲାଙ୍ଗଫଳ ସଂଗ୍ରହ, ଶୁଖେଇବା, ଘଣାରେ ପେଡ଼ି ତେଲ ସଂଗ୍ରହ କରିବା ସହଜ ବ୍ୟାପାର ନୁହେଁ। ତେଲ ପହଞ୍ଚାଉଥିବା ତେଲିଙ୍କ ପଛରେ କେତେଲୋକ କାମ କରୁଥିବେ ସହଜେ ଅନୁମେୟ। କେତେ ସୁଚିନ୍ତିତ ଯୋଜନାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିଲା... ଅନୁଭବ କରିବା କଥା। ବାହାରିଆ ଲେଖକ ଏହା ଭିତରେ ପଶିପାରିବେ ନାହିଁ... ଲେଖିଦେଲେ ଆମେ କରିନୁ!

ମନ୍ଦିର ନିର୍ମାଣରେ ସହଯୋଗୀ ମୂଲିଆଣୀ, ମହିଳା ଶ୍ରମିକ, ବାରିକ, ଶଗଡ଼ିଆ, ସଫେଇ କର୍ମଚାରୀ, ଦୁହୁଡ଼ିଆ ଓ ତେଲିଙ୍କ ଅବଦାନ ଆମେ ଆଲୋଚନା କଲେ। ଶିଳ୍ପୀ ଓ ଅନ୍ୟ ସହଯୋଗୀମାନଙ୍କୁ ପୋଷାକ ଯୋଗାଇବା ପାଇଁ ଗଜପତିଙ୍କ ସହମତିରେ ୨୨ଜଣ ଲୁଗାବେପାରୀଙ୍କ ନିଯୁକ୍ତି ଦିଆଯାଇଥିଲା। ବିଭିନ୍ନ ଶିବିରରେ ୨୨ଜଣ ରୋଷେୟା ଖାଦ୍ୟ ପ୍ରସ୍ତୁତ କରୁଥିଲେ। ରୋଷେଇ ହାଣ୍ଡି ଓ ଅନ୍ୟ ବାସନକୁସନ ମାଜିବା ପାଇଁ ଥିଲେ ୩୪ଜଣ। ଦ୍ୱାରଫାଟକ ଜଗିବା ପାଇଁ ୧୨ଜଣ ଜଗୁଆଳି ଶେଷ ପର୍ଯ୍ୟନ୍ତ ଥିଲେ। ସେମାନଙ୍କୁ 'ପଢ଼ିଆରୀ' ଶବ୍ଦରେ ପୋଥି ଲେଖକ ବର୍ଣ୍ଣନା କରିଛନ୍ତି।



ପରିବହନ ପାଇଁ ବ୍ୟବହୃତ ଶଗଡ଼।

## ୧୩୦ ଜଣ ଶଗଡ଼ିଆ, ୨୬୦ ବଳଦ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ

ଏହା ତ ଗୋଷ୍ଠୀଗତ ସହଯୋଗରେ ଇତିହାସ ଥିଲା। ବ୍ୟକ୍ତିଗତ ଭାବରେ ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହି କିପରି ସଫଳ ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି, ଆମେ ଜାଣିବା କଥା।

ମନ୍ଦିର ନିର୍ମାଣବେଳେ ରାଜକାର୍ଯ୍ୟରେ ଗଜପତି ବ୍ୟସ୍ତ ରହୁଥିଲେ। ସେତେବେଳେ 'ବଳଶ୍ରୀ' ତାଙ୍କର ପ୍ରତିନିଧି ଭାବରେ କୋଣାର୍କରେ ଉପସ୍ଥିତ ରହୁଥିଲେ। ଧର୍ମପଦ ମୁଣ୍ଡି ମାରିବା ରାତିରେ ସେ ଉପସ୍ଥିତ ଥିଲେ। ତାଙ୍କରି ପାଟିରୁ ବାହାରି ଆସିଥିଲା ବାଃ... ଧର୍ମପଦ ବାଃ...। ତାଙ୍କ ପୂରା ନାମ ବଳଶ୍ରୀ ବାସୁ ସହସ୍ରମଲ୍ଲ ବର୍ମନ। ଉପହାର ସ୍ୱରୂପ ଗଜପତି ଏକ 'ରତ୍ନଶିରୋପା' ଦେଇଥିଲେ। ସେଥିରେ ଦୁର୍ମୂଲ୍ୟ ପଥର ଖଞ୍ଜା ଯାଇଥିଲା। ସେହିପରି ବିଶିଷ୍ଟ ସ୍ଥପତି ନାରାୟଣ ମହାପାତ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ପରିଦର୍ଶନ କରୁଥିଲେ। ଅର୍ଥାତ୍ ପ୍ରତିଦିନର କାମ କେତେ ଆଗେଇଲା, ପଥର ଉପରକୁ ଉଠିଲା କି ନାହିଁ, ନିଜେ ମଧ୍ୟ ଭାସ୍କର୍ଯ୍ୟ କାର୍ଯ୍ୟ କରୁଥିଲେ। ସେତିକି ନୁହେଁ, ବ୍ୟକ୍ତିଗତ ଭାବରେ ନିର୍ମାଣ ପ୍ରତି ଯେଉଁମାନେ ନିଘା ରଖିଥିଲେ ସେମାନେ ହେଲେ– ତ୍ରିଭୁବନ କେଶରୀ ଦେବ ବର୍ମନ (ଯାହାଙ୍କୁ ଗଜପତି ରାଜରାଜେଶ୍ୱର ଦେବ ଉପାଧିରେ ସମ୍ମାନ ଦେଇଥିଲେ)। ତାପଙ୍ଗ ବିଷୟର ରାଜେନ୍ଦ୍ର ସାମନ୍ତ, କେରାଣ୍ଡିମାଳର –ବୀରଦେବ ପାଟସାହାଣୀ, ଶିଳ୍ପାଚାର୍ଯ୍ୟ ରବି ବ୍ରହ୍ମା, ସିଂହାଚଳ ବଳୟ ମଣ୍ଡଳର –ଜୟଦେବାଚାର୍ଯ୍ୟ କଳିଙ୍ଗ ଘାଟିର ଅଂଶୁମାଳି ବର୍ମା, ମହାମାଣ୍ଡଳିକ ପୁରୁଷୋତ୍ତମ ବ୍ରହ୍ମା ରାୟଗୁରୁ। ଏମାନେ ଆମର ନମସ୍ୟ। କିଛି ପାଇବାର ଆଶା ଅପେକ୍ଷା ଜୀବନକୁ ଏକ ପବିତ୍ର କାର୍ଯ୍ୟରେ ନିୟୋଜିତ କରିବା ଅଭିପ୍ରାୟ ଜାଣିଲେ ମୁଗ୍ଧ ହେବାକୁ ହୁଏ। ଶେଷ ପର୍ଯ୍ୟନ୍ତ ଏମାନେ ସକ୍ରିୟ ସହଯୋଗର ହାତ ବଢ଼ାଇଥିଲେ।

### କୋଣାର୍କ ଶ୍ରୀପଦ୍ମକେଶର ମନ୍ଦିର ଐତିହ୍ୟର ଶହେତମ ଆଲେଖ୍ୟ

'ଐତିହ୍ୟର ଓଡ଼ିଶା' ଶୀର୍ଷକରେ ବିଶ୍ୱବିସ୍ମୟ କୋଣାର୍କର ଶ୍ରୀପଦ୍ମକେଶର ମନ୍ଦିରର ନିର୍ମାଣ ଐତିହ୍ୟ ୨୦୨୧ ମାର୍ଚ୍ଚ ୨ରୁ 'ଧରିତ୍ରୀ'ରେ ଆମେ ଆରମ୍ଭ କରିଥିଲୁ। ଏବେ ତାହା ୧୦୦ତମ ସଂଖ୍ୟାରେ ପହଞ୍ଚିଛି। କେବଳ ଇତିହାସ କିମ୍ବା ଦସ୍ତାବିଜ୍‌କୁ ଆମେ ଆଧାର କରି ନ ଥିଲୁ, କୋଣାର୍କର ୧୮ ଗଡ଼ ମଧ୍ୟରୁ ୧୫ ଗଡ଼କୁ ଅନୁସନ୍ଧାନ ପାଇଁ ଯାଇଥିଲୁ। କିଛି ପାଇବା ଆଶାରେ ନଈ, ନାଳ, ଜଙ୍ଗଲ ଭିତରକୁ ଯାଇଛୁ। ମନ୍ଦିର ନିର୍ମାଣରେ ସହଯୋଗ ଦେଇଥିବା ଗାଁକୁ, ପଥର ଆସିଥିବା ଗାଁକୁ, ପଥରବୁହା ନଦୀର ଧାରେ ଧାରେ ଖରାରେ ଓଦଗାମୁଛା ମୁଣ୍ଡରେ ପକାଇ ବୁଲିଛୁ। ବାହାରିଆ ଲେଖିଥିବା ବିଭ୍ରାନ୍ତ ଇତିହାସକୁ ନିରାଧାର କରିବାକୁ ଆପ୍ରାଣ ପ୍ରଚେଷ୍ଟା। ଭ୍ରମାତ୍ମକ ଇତିହାସରେ ଆଗାମୀ ପିଢ଼ି ବିଭ୍ରାନ୍ତ ନ ହୁଅନ୍ତୁ...।

# ପୁଅ କାତି ଚୋଟରେ ବାପା ଗୁରୁତର

**ଦିଗପହଣ୍ଡି,୨୨।୨(ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଦଶିପୁର ଗାଁରେ ଶନିବାର ରାତି ପ୍ରାୟ ୧ଟାରେ ମଦ ପିଇବାକୁ ଟଙ୍କା ନ ଦେବାରୁ ପୁଅ ବାପାଙ୍କୁ ଆକ୍ରମଣ କରି ଗୁରୁତର କରିଛନ୍ତି। ଆହତ ଜଣକ ହେଲେ କେ.ବୁଲୁ ରେଡ୍ଡୀ (୫୨)। କେ.ଧନୁ ରେଡ୍ଡୀ ମଦ ପିଇବାକୁ ବାପା ବୁଲୁଙ୍କୁ ଟଙ୍କା ମାଗିଥିଲେ। ମାତ୍ର ଟଙ୍କା ଦେବାକୁ ସେ ମନା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଧନୁ ଏକ କାତିରେ ବୁଲୁଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ବୁଲୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଥାନା ଏସ୍ଆଇ ରାଜ କିଶୋର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପରିବାର ପକ୍ଷରୁ ଏତଲା ହୋଇ ନ ଥିବାରୁ ଆମେ କୌଣସି ପଦକ୍ଷେପ ନେଇପାରୁନୁ। ଘଟଣା ସମ୍ପର୍କରେ ଖବରପାଇ ଆମେ ଧନୁଙ୍କୁ ଥାନାକୁ ଆଣିଥିଲୁ। ଏତଲା ନ ହେବା ଏବଂ ଧନୁ ମାନସିକ ବିକୃତ ହୋଇଥିବାରୁ ତାଙ୍କୁ ଆମେ ଛାଡିଦେଲୁ ବୋଲି ପାତ୍ର କହିଛନ୍ତି।

# ହୋମ୍‌ଗାର୍ଡ ଚାକିରି କରାଇଦେବାକୁ କହି ୮ ଲକ୍ଷ ଠକେଇ

## ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

**ସମ୍ବଲପୁର,୨୨।୨(ପ୍ରମୋଦ ବହିଦାର)**


ଗିରଫ ଦିଲୀପ କୁମାର ସାହୁ।

ହୋମ୍‌ଗାର୍ଡ ଚାକିରି କରାଇଦେବା ନାମରେ ସମ୍ବଲପୁରରେ ହୋଇଥିବା ଏକ ଠକେଇର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଧନୁପାଲି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଧନୁପାଲି ଥାନା ଚାରଭାଟି ଅଞ୍ଚଳର ଦିଲୀପ କୁମାର ସାହୁ(୪୬)। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଅଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଦିଲୀପ ଯୁଯୁମୁରା ଥାନା ପଢ଼ିଆବାହାଲ ନିକଟ ସୁଜୋମରା ଗ୍ରାମର ୬ ଜଣ ଯୁବକଙ୍କୁ ହୋମଗାର୍ଡ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ମୋଟ ୮ ଲକ୍ଷ ୨୭ ହଜାର ଟଙ୍କା ଠିକି ନେଇଥିଲେ। ସେ ଜଣପିଛା ୧ ଲକ୍ଷରୁ ୧ ଲକ୍ଷ ୨୦ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ଦିଲୀପ ପ୍ରଥମେ ଉକ୍ତ ଗ୍ରାମରେ କେତେଜଣ ଯୁବକଙ୍କ ସହିତ ପରିଚିତ ହୋଇଥିଲେ। ପୋଲିସ ବିଭାଗର ଅନେକ ବଡ଼ ଅଧିକାରୀଙ୍କ ସହ ତାଙ୍କର ପରିଚୟ ରହିଛି। ନିକଟରେ ହେବାକୁ ଥିବା ହୋମଗାର୍ଡ ନିଯୁକ୍ତି ସେମାନଙ୍କ ଅଧୀନରେ ହେବ। ତେଣୁ କିଛି ଟଙ୍କା ନେଇ ସେମାନେ ହୋମଗାର୍ଡ ଚାକିରି କରାଇ ଦେଇପାରିବେ ବୋଲି ଯୁବକମାନଙ୍କୁ ପ୍ରଲୋଭିତ କରିଥିଲେ। ଫଳରେ ହୋମଗାର୍ଡ ଚାକିରି ପାଇଁ ଆବେଦନ କରିଥିବା ଉକ୍ତ ୬ ଯୁବକ ଲୋଭରେ ତାଙ୍କୁ ଟଙ୍କା ଦେଇଥିଲେ। ମାତ୍ର ଗତ ଡିସେମ୍ବରରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ହୋଇଥିବା ଲିଖିତ ପରୀକ୍ଷାର ଫଳାଫଳ ତାଲିକାରେ ଆଶାୟୀ ଯୁବକମାନଙ୍କ ନାମ ପ୍ରକାଶ ପାଇ ନ ଥିଲା। ଫଳରେ ସେମାନେ ଦିଲୀପଙ୍କୁ ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ପ୍ରଥମେ ଦିଲୀପ ଟାଳଟୁଳ ନୀତି ଆପଣେଇ ପରବର୍ତ୍ତୀକାଳରେ ଟଙ୍କା ଦେବାକୁ ସିଧାସଳଖ ମନା କରିଦେଇଥିଲେ। ଫଳରେ ଉକ୍ତ ଆଶାୟୀ ଯୁବକମାନେ ଧନୁପାଲି ଥାନାରେ ଦିଲୀପଙ୍କ ବିରୋଧରେ ଏତଲା ଦେଇଥିଲେ। ସେମାନଙ୍କ ଏତଲା ଆଧାରରେ ଏକ ମାମଲା(ନଂ. ୭୪/୨୬)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏଏସ୍‌ପି ମିଶ୍ର ଏହି ଘଟଣାରେ ପୋଲିସ ବିଭାଗର କୌଣସି ଅଧିକାରୀ ବା କର୍ମଚାରୀଙ୍କ ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ସମ୍ବଲପୁର ଜିଲାରେ ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟା ଶତପ୍ରତିଶତ ସ୍ୱଚ୍ଛତା ଓ ଦକ୍ଷତା ଭିତ୍ତିରେ ଆୟୋଜିତ ହୋଇଛି ବୋଲି ସେ କହିଛନ୍ତି। ଏଭଳି ଠକାମିର ଶିକାର ହେଉଥିଲେ ବିନା ଦ୍ୱିଧାରେ ନିକଟସ୍ଥ ଥାନାରେ ଏତଲା ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ବଧୂହତ୍ୟା ମାମଲାରେ ସ୍ୱାମୀ, ଶାଶୁଙ୍କୁ ଆଜୀବନ କାରାଦଣ୍ଡ

**ବଇଣ୍ଡା,୨୨।୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍ଏସି ଅଞ୍ଚଳରେ ୩୦ ବର୍ଷ ପୂର୍ବେ ଘଟିଥିବା ଯୌତୁକ ନିର୍ଯାତନା ଓ ବଧୂହତ୍ୟା ମାମଲାର ଶୁକ୍ରବାର ଆଠମଲ୍ଲିକ ଅତିରିକ୍ତ ଜିଲା ଓ ଦୌରାଜଜ ରଞ୍ଜନ କୁମାର ସୂତାର ରାୟ ଘୋଷଣା କରିଛନ୍ତି। ମୃତ ମହିଳାଙ୍କ ସ୍ୱାମୀ ମହାଦେବଲାଲ ଗୋଦୁକା ଓ ଶାଶୁ ଦେବକୀବାଇ ଗୋଦୁକାଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ନଣନ୍ଦ ସରୋଜା ଦେବୀ ଓ ଦିଅର ବିନାୟକ ଗୋଦୁକାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ଘୋଷଣା କରାଯାଇଛି। ମାମଲା ଅନୁଯାୟୀ, ଅନୁଗୋଳ ଏଫ୍‌ସିଆଇ ଅଞ୍ଚଳର ନାଥୁରାମ ଅଗ୍ରୱାଲଙ୍କ ବଡ଼ଝିଅ ସରିତା ଅଗ୍ରୱାଲଙ୍କ ବିବାହ ୫ ମାର୍ଚ୍ଚ ୧୯୯୪ରେ ଆଠମଲ୍ଲିକ ରଥସାହି ନିବାସୀ ନଥୁଲାଲ ଗୋଦୁକାଙ୍କ ବଡ଼ପୁଅ ମହାଦେବଲାଲଙ୍କ ସହ ହୋଇଥିଲା। ୫ ଜାନୁଆରୀ ୧୯୯୬ରେ ସରିତାଙ୍କୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ତାଙ୍କ ବାପା ଆଠମଲ୍ଲିକ ଥାନାରେ ମାମଲା ରୁଜୁ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଶ୍ୱଶୁର ନଥୁଲାଲ, ସ୍ୱାମୀ ମହାଦେବଲାଲ ଗୋଦୁକା, ଶାଶୁ ଦେବକୀବାଇ ଗୋଦୁକା ଓ ଦିଅର ବିନାୟକ ଗୋଦୁକାଙ୍କୁ ଗିରଫ କରିଥିଲା। ୩୦ ବର୍ଷ ଧରି ଚାଲିଥିବା ଏହି ମାମଲାର ଶେଷରେ ଅଦାଲତ ରାୟ ପ୍ରକାଶ କରିଛନ୍ତି।

# ସାଇବର ଠକେଇର ପର୍ଦ୍ଦାଫାଶ, ୬ ଗିରଫ

**ଛତ୍ରପୁର/ବୁଗୁଡ଼ା,୨୨।୨ (ଦିଲୀପ ସାମଲ/ କାଳିଚରଣ ଦାଶ)**

ସାଇବର ଅପରାଧୀଙ୍କ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେଶନ ସାଇବର କବଚ। ଏହି ଅବସରରେ ଗଞ୍ଜାମ ଜିଲା ପୋଲିସ ଗୋଟିଏ ଦିନରେ ୮୬ଟି ବେନାମୀ ବ୍ୟାଙ୍କ ଆକଉଣ୍ଟ ଚିହ୍ନଟ କରିଥିବାବେଳେ ୧୧ଟି ମାମଲା ରୁଜୁ କରିଛି। ୧୧ ଜଣଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ପୋଲିସ ୬ଜଣଙ୍କୁ ଗିରଫ କରିଛି। ହିଞ୍ଜିଳି ଥାନା ପକ୍ଷରୁ ୪ ଜଣ ପିଣ୍ଟୁ ଦାସ, ବାୟା ଦାସ, ରାଜେଶ ପାତ୍ର ଓ ସରୋଜ ପାତ୍ର ଗିରଫ କରାଯାଇଥିବା ବେଳେ ବୁଗୁଡା ଥାନା ଦ୍ୱାରା ୨ ଜଣ ମନୋଜ ସ୍ୱାଇଁ ଓ ଅଶ୍ୱିନୀ ରାଉତ ଗିରଫ ହୋଇଛନ୍ତି। ମନୋଜ ଓ ଅଶ୍ୱିନୀଙ୍କ ଘର ଆସିକା ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ୩୨ ଲକ୍ଷ ୫୯ ହଜାର ୯୫୬ ଟଙ୍କା ସିଜ୍ କରାଯାଇଛି। ଏହି ସବୁ ବେନାମୀ ବ୍ୟାଙ୍କ ଆକଉଣ୍ଟରେ ୮କୋଟି ୭୮ ଲକ୍ଷ ୭୩ ହଜାର ୮୧୪ ଟଙ୍କା କାରବାର ହୋଇଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନଙ୍କଠାରୁ ଫୋନ ସମେତ ବିଭିନ୍ନ ବ୍ୟାଙ୍କର ପାସବୁକ୍ ଜବତ କରାଯାଇଛି। ଏହାର ତଦନ୍ତ ଜାରି ରହିଛି। ଗଞ୍ଜାମ ଜିଲାରେ ବହୁ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ବେଆଇନ ଭାବେ ଟଙ୍କା କାରବାର କରାଯାଉଛି। ତେବେ ଏହି ସବୁ ଆକାଉଣ୍ଟର ଚେର କେଉଁ ଯାଏ ଲମ୍ବିଛି ସେ ଦିଗରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବିଶେଷକରି ସାଇବର ଅପରାଧୀମାନେ ଅନଲାଇନ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ, ଲୋଭନୀୟ ଅଫର, ନକଲି ପରିଚୟ,ଏଟିଏମ୍ ଠକେଇ ସହ ବିଭିନ୍ନ ଉପାୟରେ ଲୋକଙ୍କୁ ଠକିଥାନ୍ତି। ଏହା କେବଳ ଜନସେଚତନା ଦ୍ୱାରା ଏଧରଣର ଠକେଇକୁ ରୋକିହେବ ବୋଲି ଏସ୍‌ପି ପାତ୍ର କହିଛନ୍ତି।

# ୧ ହଜାର ବୋତଲ ଜିଞ୍ଜର ଜବତ, ୫ ବ୍ୟବସାୟୀ ଫେରାର

**ବାଲେଶ୍ୱର,୨୨।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**



ଜବତ ଜିଞ୍ଜର ବୋତଲ।

ବାଲେଶ୍ୱର ଜିଲା ଅବକାରୀ ମୋବାଇଲ ୟୁନିଟ୍ ଓ ସୋର ଥାନା ପୋଲିସ ରବିବାର ସୋର ତେଣ୍ଟେଇ ଦୟାନିଧିପୁର ଅଞ୍ଚଳରେ ମିଳିତ ଚଢ଼ାଉ କରି ୧ ହଜାର ବୋତଲ ଜିଞ୍ଜର ଜବତ କରିଛନ୍ତି। ଚଢ଼ାଉ ବେଳେ ୫ଜଣ ଜିଞ୍ଜର ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଓଡ଼ିଶାରେ ଜିଞ୍ଜର ବିକ୍ରି ଉପରେ ପ୍ରତିବନ୍ଧକ କରାଯାଇଥିବାବେଳେ କେତେଜଣ ଅସାଧୁ ବ୍ୟକ୍ତି ଏହାକୁ ଅନ୍ୟ ରାଜ୍ୟରୁ ଆଣି ବାଲେଶ୍ୱରରେ ଚୋରାରେ ବ୍ୟବସାୟ କରୁଛନ୍ତି। କୌଣସି ସୂତ୍ରରୁ ଖବରପାଇ ଅବକାରୀ ମୋବାଇଲ ୟୁନିଟ୍ ସୋର ପୋଲିସ ସହାୟତାରେ ଭୋର ସମୟରେ ଦୟାନିଧିପୁର ଗ୍ରାମରେ ଚଢ଼ାଉ କରିଥିଲା। ବ୍ୟବସାୟୀମାନେ ଜାଣିପାରି ଜିଞ୍ଜର ବୋତଲଗୁଡ଼ିକୁ ପେଟିରେ ପୂରାଇ କଣ୍ଟା ବୁଦାମୂଳରେ ଲୁଚାଇ ଦେଇଥିଲେ। ଅବକାରୀ ପୋଲିସ ଏ ବାବଦରେ ସୂଚନା ପାଇ କଣ୍ଟାବୁଦା ମୂଳରୁ ୧୪ ପେଟି ଜିଞ୍ଜର ଜବତ କରିଥିଲା। ପେଟିରେ ୧ ହଜାର ବୋତଲ ଜିଞ୍ଜର ଥିବାବେଳେ ଏହାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ସବ୍ ଇନ୍ସପେକ୍ଟର ଭବେଶ ଦାସ ସୂଚନା ଦେଇଛନ୍ତି। ଫେରାର ୫ ବ୍ୟବସାୟୀଙ୍କ ନାମରେ ଅବକାରୀ ବିଭାଗ ପକ୍ଷରୁ ମାମଲା (ନଂ.୪୪୦/୨୫-୨୬) ରୁଜୁ କରାଯାଇଛି।

## Business

# ବାରାଣସୀରୁ ମୋଜାମ୍ବିକ ଗଲା ୧୦ମ ଲୋକୋମୋଟିଭ୍

**ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)**



ବାରାଣସୀ ଲୋକୋମୋଟିଭ ୱାର୍କସ (ବିଏଲ୍‌ଡବ୍ଲ୍ୟୁ) ଦ୍ୱାରା ନିର୍ମିତ ଦଶମ ସ୍ୱଦେଶୀ ୩୩୦୦ ହର୍ସପାୱାର ଏସି-ଏସି ଡିଜେଲ-ଇଲେକ୍ଟ୍ରିକ ଲୋକୋମୋଟିଭ ମୋଜାମ୍ବିକୁ ଶନିବାର ପଠାଯାଇଛି। ଭାରତୀୟ ରେଳ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯେଉଁଥିରେ ବିଏଲ୍‌ଡବ୍ଲ୍ୟୁ ମୋଜାମ୍ବିକ ପାଇଁ ମୋଟ ୧୦ଟି ୩୩୦୦ ଏଚପି ଏସି-ଏସି ଡିଜେଲ-ଇଲେକ୍ଟ୍ରିକ ଲୋକୋମୋଟିଭର ଏକ୍ସପୋର୍ଟ ଅର୍ଡର ପାଇଥିଲା। ଆରଆଇଟିଇଏସ୍ ଲିମିଟେଡ ମାଧମରେ ଏହି ୧୦ଟି ଲୋକୋମୋଟିଭ ନିର୍ମାଣ ଓ ରପ୍ତାନି ଚୁକ୍ତି ଅଧୀନରେ ଯୋଗାଇ ଦିଆଯାଇଛି। ପ୍ରଥମ ଦୁଇଟି ଲୋକୋମୋଟିଭ ୨୦୨୫ ଜୁନ୍‌ରେ, ତୃତୀୟଟି ସେପ୍ଟେମ୍ବରରେ, ଚତୁର୍ଥଟି ଅକ୍ଟୋବରରେ, ପଞ୍ଚମଟି ଡିସେମ୍ବର ୧୨, ଷଷ୍ଠଟି ଡିସେମ୍ବର ୧୫, ସପ୍ତମଟି ୨୦୨୬ ଜାନୁଆରୀ ୮, ଅଷ୍ଟମଟି ଜାନୁଆରୀ ୨୩ରେ ଏବଂ ନବମଟି ଫେବୃଆରୀ ୧୭ରେ ପଠାଯାଇଥିଲା। ବିଏଲ୍‌ଡବ୍ଲ୍ୟୁ ଦ୍ୱାରା ନିର୍ମିତ ଏହି ଆଧୁନିକ ଲୋକୋମୋଟିଭ୍‌ଗୁଡ଼ିକ ପ୍ରତି ଘଣ୍ଟାରେ ୧୦୦ କିଲୋମିଟର ପର୍ଯ୍ୟନ୍ତ ଗତିରେ ଚଳାଚଳ କରିପାରିବ। ଏହାରେ ଆନ୍ତର୍ଜାତିକ ମାନଦଣ୍ଡ ଅନୁଯାୟୀ ଡ୍ରାଇଭର-ଅନୁକୂଳ ବ୍ୟବସ୍ଥା ଯେପରିକି ରେଫ୍ରିଜରେଟର, ହଟ ପ୍ଲେଟ, ମୋବାଇଲ ହୋଲ୍ଡର ଏବଂ ଆଧୁନିକ କ୍ୟାବିନ ଡିଜାଇନ ରହିଛି, ଯାହା ଅପରେଟରଙ୍କ ସୁବିଧା ଏବଂ କାର୍ଯ୍ୟକ୍ଷମତାକୁ ବୃଦ୍ଧି କରୁଛି। ଭାରତୀୟ ରେଳଗାଡ଼ିର ଉତ୍ପାଦନ ୟୁନିଟ ଭାବେ ବାରାଣସୀରେ ଅବସ୍ଥିତ ବିଏଲ୍‌ଡବ୍ଲ୍ୟୁ ଏବେ ଲୋକୋମୋଟିଭ ନିର୍ମାଣ ଓ ରପ୍ତାନିର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେଉଛି। ସ୍ୱଦେଶୀ ଡିଜାଇନ ଏବଂ ଉନ୍ନତ ରେଳ ପ୍ରଯୁକ୍ତିରେ ଏହାର ବିଶେଷଜ୍ଞତାକୁ ବ୍ୟବହାର କରି ବିଏଲ୍‌ଡବ୍ଲ୍ୟୁ ବିଶ୍ୱ ରେଳ ବଜାରରେ ଭାରତର ଉପସ୍ଥିତିକୁ ସୁଦୃଢ଼ କରୁଛି। ୨୦୧୪ ପରଠାରୁ ବିଏଲ୍‌ଡବ୍ଲ୍ୟୁ ଶ୍ରୀଲଙ୍କା, ମ୍ୟାନମାର ଏବଂ ମୋଜାମ୍ବିକ ଭଳି ଦେଶଗୁଡ଼ିକୁ ଲୋକୋମୋଟିଭ ରପ୍ତାନି କରିଛି, ଯାହା ସେମାନଙ୍କର ରେଳ ବ୍ୟବସ୍ଥାର ବିକାଶରେ ସହାୟକ ହୋଇଛି। 'ମେକ ଇନ୍ ଇଣ୍ଡିଆ' ଏବଂ 'ମେକ ଫର୍ ଦି ୱାର୍ଲ୍ଡ' ଦୃଷ୍ଟିକୋଣ ଅନୁଯାୟୀ ଏହି ଏକ୍ସପୋର୍ଟଗୁଡ଼ିକ ବିଭିନ୍ନ ଗେଜ ସିଷ୍ଟମରେ ବ୍ୟବହୃତ ରୋଲିଂ ଷ୍ଟକ ଡିଜାଇନ, ନିର୍ମାଣ ଏବଂ ଯୋଗାଣରେ ଭାରତୀୟ ରେଳଗାଡ଼ିର ସକ୍ଷମତାକୁ ପ୍ରମାଣ କରୁଛି। ଏଭଳି ଉଦ୍ୟମ ମାଧମରେ ଭାରତୀୟ ରେଳଗାଡ଼ି ସହଯୋଗୀ ଦେଶଗୁଡ଼ିକର ରେଳ ଭିତ୍ତିଭୂମିକୁ ଉନ୍ନତ କରିବାରେ ସହାୟକ ହେଉଛି ଏବଂ ରେଳ ରୋଲିଂ ଷ୍ଟକ ଓ ସମ୍ବନ୍ଧିତ ସେବାର ନିର୍ଭର ଯୋଗ୍ୟ ଏକ୍ସପୋର୍ଟର ଭାବେ ଭାରତର ସ୍ଥାନକୁ ସୁଦୃଢ଼ କରୁଛି।

# ଚାଷୀ ବର୍ଗଙ୍କୁ ସୁରକ୍ଷା ଦେଉଛି ପିଏମ୍ଏଫ୍‌ବିୱାଇ

**ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)**

୨୦୧୬ ପୂର୍ବର ଫସଲ ବୀମାକୁ ସାଧାରଣତଃ ଏକ ସୁରକ୍ଷା କବଚ ପରିବର୍ତ୍ତେ ଏକ ଜଟିଳ, ବ୍ୟାଙ୍କ-ଚାଳିତ ଔପଚାରିକତା ଭାବରେ ଦେଖାଯାଉଥିଲା। ମାତ୍ର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ସେହି ଧାରଣାକୁ ବଦଳାଇ ଦେଇଥିବା ବଜାଜ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡର ଏମ୍‌ଡି ଏବଂ ସିଇଓ ଡା. ତପନ ସିଙ୍ଘେଲ କହିଛନ୍ତି। ୨୦୨୪-୨୫ରେ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୪.୧୯ କୋଟିରୁ ଅଧିକ କୃଷକଙ୍କୁ ବୀମାଭୁକ୍ତ କରାଯାଇଥିଲା । ଭାରତର କୃଷକ ସମୁଦାୟର ପ୍ରାୟ ଏକ ତୃତୀୟାଂଶ ପିଏମଏଫବିୱାଇ ଉପରେ ବିଶ୍ୱାସ ରଖିଛନ୍ତି। ପ୍ରାୟ ୫୫% ବୀମାଭୁକ୍ତ କୃଷକ ଅଣ-ଋଣୀ, ଅର୍ଥାତ୍ ସେମାନେ ସ୍ୱେଚ୍ଛାକୃତ ଭାବରେ ପଞ୍ଜୀକରଣ କରିଛନ୍ତି। ୨୦୨୪-୨୫ରେ କାର୍ଯ୍ୟକାରୀ ରାଜ୍ୟଗୁଡ଼ିକରେ ମୋଟ ଫସଲ ଅଞ୍ଚଳ (ଜିସିଏ)ର ୩୫% ବୀମାଭୁକ୍ତ କରାଯାଇଥିଲା।

# ଟିପିସିଓଡିଏଲ୍‌ର ବିଜନେସ୍ ଆସୋସିଏଟ ମିଟ୍



**ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)**

ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ବିଜନେସ୍ ଆସୋସିଏଟ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଯୋଗାଣକାରୀ, ନିର୍ମାତା ଏବଂ ସେବା ପ୍ରଦାନକାରୀ ସଂସ୍ଥା ସମେତ ଓଡ଼ିଶା ଏମ୍ଏସ୍ଏମ୍ଇ ଅଧୀନରେ ପଞ୍ଜୀକୃତ ଅନେକ ଉଦ୍ୟୋଗ ଯୋଗ ଦେଇଥିଲେ। ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁଶନ୍ ବିଜନେସ୍ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ, ସିଏଫଓ (ଟିଆଣ୍ଡଡି) ସଞ୍ଜୀବ ଗୁପ୍ତା ଏବଂ ସିଓଓ ଦୁଷ୍ୟନ୍ତ ତ୍ୟାଗୀ ପ୍ରମୁଖ ଉପସ୍ଥିତ ରହି ବିଜନେସ୍ ଆସୋସିଏଟ୍‌ମାନଙ୍କୁ ଓଡ଼ିଶାରେ ଟ୍ରାନ୍ସଫର୍ମର, କେବୁଲ୍, କଣ୍ଡକ୍ଟର, ପୋଲ୍, ମିଟର ଏବଂ ମିଟର ବକ୍ସ ଆଦିର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ଆଲୋଚନାରେ ସୁରକ୍ଷା ପ୍ରୋଟୋକଲ୍, ବୈଧାନିକ ନିୟମ ପାଳନ, ନୈତିକ ବ୍ୟବସାୟିକ ଆଚରଣ, ଉଚ୍ଚ ଗୁଣବତ୍ତାର ମାନଦଣ୍ଡ ଏବଂ ଗ୍ରାହକ-କୈନ୍ଦ୍ରିକ ପରିଚାଳନା ଏବଂ ସେବା ପ୍ରଦାନକୁ ପ୍ରାଥମିକତା ଦିଆଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୪ ଜଣ ବିଜ୍‌ନେସ୍ ଆସୋସିଏଟ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିନ୍ଦଲ ଷ୍ଟିଲ୍ ସିଏସ୍ଏରେ ୪୨ ପଏଣ୍ଟ ବୃଦ୍ଧି

JINDAL STEEL

**ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)**

ଜିନ୍ଦଲ ଷ୍ଟିଲ ଲିମିଟେଡ୍‌ର କର୍ପୋରେଟ ସଷ୍ଟେନେବିଲିଟି ଆସେସମେଣ୍ଟ (ସିଏସ୍ଏ) ସ୍କୋରରେ ୪୨ ପଏଣ୍ଟର ବୃଦ୍ଧି ହାସଲ କରିଛି। ଏହି ସ୍କୋର ୩୦ରୁ ବଢ଼ି ୭୨ରେ ପହଞ୍ଚିଛି । ଏହା ସହିତ କମ୍ପାନୀକୁ ୨୦୨୬ ସଷ୍ଟେନେବିଲିଟି ଇୟରବୁକର ମେମ୍ବର ଭାବେ ମନୋନୀତ କରାଯାଇଛି। ଏହି ସମ୍ମାନ ଷ୍ଟିଲ ଇଣ୍ଡଷ୍ଟ୍ରିରେ ବିଶ୍ୱବ୍ୟାପୀ ମାତ୍ର ୧୧ଟି କମ୍ପାନୀଙ୍କୁ ମିଳିଛି (୧୨୯ଟି ମୂଲ୍ୟାଙ୍କନ କରାଯାଇଥିବା କମ୍ପାନୀଗୁଡ଼ିକ ମଧ୍ୟରୁ)। ବିଶ୍ୱବ୍ୟାପୀ ୯,୨୦୦ରୁ ଅଧିକ କମ୍ପାନୀଙ୍କ ମଧ୍ୟରୁ ୫୯ଟି ଇଣ୍ଡଷ୍ଟ୍ରିରେ ୮୪୮ଟି କମ୍ପାନୀକୁ ଏହି ଇୟରବୁକରେ ସ୍ଥାନ ମିଳିଛି। କମ୍ପାନୀ ୯୬% ଡିସକ୍ଲୋଜର୍ ରେଟ ହାସଲ କରି 'ଭେରି ହାଇ' ଡାଟା ଉପଲବ୍ଧତାରେ ପହଞ୍ଚିଛନ୍ତି। ଏହା ସହିତ ଟ୍ରାନ୍ସପାରେନ୍ସି ଓ ରିପୋର୍ଟିଂରେ ପରଫେକ୍ଟ ୧୦୦ରୁ ୧୦୦ ସ୍କୋର କରିଛନ୍ତି । ଏହା ସହିତ ଇଏସ୍‌ଜି ସ୍କୋର ୩୬ରୁ ବଢ଼ି ୭୪ରେ ପହଞ୍ଚିଛି। ଆର୍ଥିକବର୍ଷ ୨୦୨୫ରେ କମ୍ପାନୀ ଡବଲ ମେଟେରିଆଲିଟି ଆସେସମେଣ୍ଟ ସମ୍ପନ୍ନ କରିଛି, ଟିଏନଏଫ୍‌ଡି-ଆଲାଇନ୍ଡ ବାୟୋଡାଇଭରସିଟି ରିସ୍କ ରିଭ୍ୟୁ କରିଛି ଏବଂ ଜଳବାୟୁ ରିସ୍କକୁ ଏଣ୍ଟରପ୍ରାଇଜ ରିସ୍କ ମ୍ୟାନେଜମେଣ୍ଟରେ ସମ୍ପୃକ୍ତ କରିଛି। ହାର୍ଡ-ଟୁ-ଆବେଟ ସେକ୍ଟର ହୋଇଥିଲେ ମଧ୍ୟ ଏନଭାୟରନମେଣ୍ଟାଲ ପଲିସି ଓ ମ୍ୟାନେଜମେଣ୍ଟରେ ୧୦୦ରୁ ୯୯ ଏବଂ କ୍ଲାଇମେଟ ଗଭର୍ନାନ୍ସ ଓ ଟିସିଏଫ୍‌ଡି ଆଲାଇନମେଣ୍ଟରେ ୧୦୦ରୁ ୧୦୦ ସ୍କୋର ହାସଲ କରିଛନ୍ତି। ଜିନ୍ଦଲ ଷ୍ଟିଲ ଲିମିଟେଡର ପ୍ରେସିଡେଣ୍ଟ ଓ ହେଡ୍ ସଷ୍ଟେନେବିଲିଟି ଏବଂ ଡିକାର୍ବୋନାଇଜେଶନ ନବୀନ ଆହ୍ଲୱତ୍ କହିଛନ୍ତି, ଏହି ସ୍ୱୀକୃତି ଆମ ଟିମ୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଆମେ ସ୍ୱଚ୍ଛ ଏବଂ ଅଡିଟେବଲ ରିପୋର୍ଟିଂ ଉପରେ ଆଧାରିତ କମ୍ କାର୍ବନ, ସୁରକ୍ଷିତ ଏବଂ ସ୍ଥିତିସ୍ଥାପକ ଷ୍ଟିଲ ବ୍ୟବସାୟ ଗଢ଼ିବାକୁ ନିରନ୍ତର ପ୍ରୟାସ ଜାରି ରଖିବୁ।



ଅଲ୍ ଓଡ଼ିଶା ୟୁନିୟନ୍ ବ୍ୟାଙ୍କ ରିଟାୟର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଚାଇଲ୍ଡ କେୟାର ହୋମ୍ ଆଶ୍ରୟରେ ରବିବାର ଗ୍ରୋସରି ସାମଗ୍ରୀ ପ୍ରଦାନ କରାଯାଇଛି।

# ଖିମଜୀ ଜୁଏଲର୍ସ ପକ୍ଷରୁ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ

**ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)**




ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ବିବାହ ଅଭିଯାନ 'ନିଭାୟେଙ୍ଗେ ଅଲୱେଜ୍'ର ଶୁଭାରମ୍ଭ କରାଯାଇଛି। ଏହା କେବଳ ଏକ ବ୍ରାଇଡାଲ ସଂଗ୍ରହ ନୁହେଁ, ଏହା ପ୍ରେମ, ପ୍ରତିବଦ୍ଧତା ଓ ଏକତ୍ରତାର ଅମର ପ୍ରତୀକ ଭାବରେ ଗହଣାକୁ ଉପସ୍ଥାପନ କରୁଛି। ଜଣେ ନବବଧୂ ଏକ ନୂଆ ପରିବାରରେ ପ୍ରଥମ ଥର ପାଦ ରଖିବାଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ ଗହଣାକୁ ପ୍ରତିଶ୍ରୁତିର ମୂକସାକ୍ଷୀ ଭାବରେ ଉପସ୍ଥାପନ କରିଛି। ସୂକ୍ଷ୍ମ କାରିଗରିରେ ପ୍ରସ୍ତୁତ କରାଯାଇଥିବା ଗହଣା ପିଢ଼ି ପିଢ଼ି ଧରି ସ୍ମୃତିଗୁଡ଼ିକର ସାକ୍ଷୀ ହୋଇରହିବ। ଏହି କଲେକ୍ସନରେ ସ୍ୱତନ୍ତ୍ର ହାର, ଐତିହ୍ୟବହନ କରୁଥିବା ଚୁଡ଼ି, ଚୋକର ଓ କାନଫୁଲ ଆଦି ରହିଛି। ମେହେନ୍ଦିରୁ ରିସେପଶନ ପର୍ଯ୍ୟନ୍ତ ଏହି କଲେକ୍ସନକୁ ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ଖିମଜୀ ଜୁଏଲର୍ସ ସୁନା ଗହଣାର ଗଢା ମଜୁରିରେ ଫ୍ଲାଟ ୪୫% ରିହାତି ଘୋଷଣା କରାଯାଇଛି। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ଏହି କଲେକ୍ସନ ପ୍ରତ୍ୟେକ ବିବାହକୁ ପରିଭାଷିତ କରୁଥିବା ପ୍ରତିଶ୍ରୁତିକୁ ରୂପ ଦେଉଛି।

# ସୀମା ଦଖଲ ଉଦ୍ୟମ ପଣ୍ଡକଲା ପ୍ରଶାସନ

**ଭୋଗରାଇ,୨୨।୨(ପ୍ରଦୀପ ଦାସ)**

ଓଡ଼ିଶା ସୀମାନ୍ତ କୋଟିଆ ଅଞ୍ଚଳ ସୀମା ଦଖଲକୁ ନେଇ ଆନ୍ଧ୍ରପ୍ରଦେଶ ସହିତ ଛକାପଞ୍ଝା ଲାଗି ରହିଥିବାବେଳେ ଅନୁରୂପ ଭାବେ ପଶ୍ଚିମବଙ୍ଗ ସହିତ ସୀମା ବିବାଦର ସ୍ଥାୟୀ ସମାଧାନ ନ ହେବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ପଶ୍ଚିମବଙ୍ଗ ରାଜସ୍ୱ ବିଭାଗ ଓ ଦୀଘା ଶଙ୍କରପୁର ଉନ୍ନୟନ ପରିଷଦ ମିଳିତ ଭାବେ ରବିବାର ଓଡ଼ିଶା ସୀମାନ୍ତ ଦଖଲ ଉଦ୍ୟମ ବେଳେ ବିଫଳ ହୋଇଛନ୍ତି। ସୀମାନ୍ତ ଗାଁରେ ଜବରଦସ୍ତ ରାସ୍ତା ନିର୍ମାଣକୁ ଲୋକେ ବିରୋଧ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିବା ବେଳେ ଭୋଗରାଇ ଅତିରିକ୍ତ ତହସିଲଦାର ଓ ପୋଲିସ ପହଞ୍ଚି ରାସ୍ତା କାର୍ଯ୍ୟରେ ବ୍ୟବହୃତ ରୋଲର ଜବତ କରି ତାଳସାରୀ ମେରାଇନ ଥାନା ଜିମା ଦେଇଛନ୍ତି।

ପ୍ରକାଶ ଯେ, ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ରାମନଗର ବ୍ଲକ୍ ରାଜସ୍ୱ ବିଭାଗ ଓ ଦୀଘା-



ଓଡ଼ିଶାରେ ପଶ୍ଚିମବଙ୍ଗ ପ୍ରଶାସନର ରାସ୍ତା ନିର୍ମାଣ କାର୍ଯ୍ୟକୁ ସୀମାନ୍ତବାସୀ ବିରୋଧ କରୁଛନ୍ତି।

ଶଙ୍କରପୁର ଉନ୍ନୟନ ପରିଷଦ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଅଧୀନ ଚନ୍ଦନେଶ୍ୱର-ଦୀଘା ରାସ୍ତା ସହାବାଜିପୁର ଗାଁଠାରେ ଓଡ଼ିଶା ସୀମାନ୍ତକୁ ପଶି ବେଆଇନ ଭାବେ କଂକ୍ରିଟ ରାସ୍ତା ନିର୍ମାଣ ଉଦ୍ୟମ କରୁଛି। ରବିବାର ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ସୀମାନ୍ତ ଗାଁ ଲୋକେ ବିରୋଧ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ବାଦାନୁବାଦ ଯୋଗୁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତ ଉପୁଜିଥିଲା। ଖବରପାଇ ଭୋଗରାଇ ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରମିତା ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ନିର୍ମାଣରେ ବ୍ୟବହୃତ ରୋଲର ମେଶିନ ଜବତ କରି ତାଳସାରୀ ମେରାଇନ ଥାନାକୁ ନେଇଥିଲେ। ଏଥିସହ ସେହି ସମୟରେ ଏହି ରାସ୍ତାରେ ପଶ୍ଚିମବଙ୍ଗକୁ ଚୋରାରେ ଯାଉଥିବା ଏକ ବାଲି ବୋଝେଇ ଡମ୍ପରକୁ ସ୍ଥାନୀୟ ଲୋକେ ଅଟକାଇ ମେରାଇନ ଥାନା ଜିମା ଦେଇଥିଲେ। ମୀମାଂସା ନ ହେବା ପର୍ଯ୍ୟନ୍ତ ରାସ୍ତା କାମ ନ କରିବାକୁ ଭୋଗରାଇ ଅତିରିକ୍ତ ତହସିଲଦାର ରାମନଗର ବ୍ଲକ୍ ରାଜସ୍ୱ ବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦକୁ କହିଥିଲେ। ଘଟଣାରେ ପଶ୍ଚିମବଙ୍ଗ ପ୍ରଶାସନ ଓ ଦୀଘା ଉନ୍ନୟନ ପରିଷଦର ରବିବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଗୁପ୍ତ ବୈଠକ କରିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ସୀମା ବିବାଦ କଳହ ମଧ୍ୟରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଅଧୀନ ସୀମାନ୍ତ ଶଙ୍ଖାମେଦୀ ଗାଁକୁ ପଶ୍ଚିମବଙ୍ଗ ଏକପ୍ରକାର ନିଜ ଅଧୀନକୁ ନେଇଯାଇଛି। ଏଥିସହ ସୀମାନ୍ତ ଉଦୟପୁର, ସହାବାଜିପୁର ଓ ଶଗଡ଼ା ସାହି ଗ୍ରାମ ରାସ୍ତା ନିର୍ମାଣ କରି ଦଖଲ ଉଦ୍ୟମକୁ ସ୍ଥାନୀୟ ଲୋକେ ବିରୋଧ କରି ପଶ୍ଚିମବଙ୍ଗ ପ୍ରଶାସନ ଓ ନେତାଙ୍କ ଦାଦାଗିରିକୁ ପଣ୍ଡ କରିଦେଉଛନ୍ତି। ଓଡ଼ିଶାର ସୀମାନ୍ତ ଗାଁ ସହାବାଜିପୁର ପଶ୍ଚିମବଙ୍ଗ ରାଜସ୍ୱ ଓ ପ୍ରଶାସନ ଧସେଇ ପଶିବା ଘଟଣାକୁ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଗମ୍ଭୀରତାର ସହ ନେଇ ଜିଲା ପ୍ରଶାସନକୁ ଅବଗତ କରିଛନ୍ତି। ସୀମାନ୍ତବାସୀଙ୍କୁ ମା', ମାଟି, ମାତୃଭାଷାର ସୁରକ୍ଷା ଲାଗି ଜାଗ୍ରତପ୍ରହରୀ ଭାବେ କାର୍ଯ୍ୟ କରିବାକୁ ନିବେଦନ କରିଛନ୍ତି।

### ରାସ୍ତା ନିର୍ମାଣ ବନ୍ଦ, ରୋଲର ଜବତ

# ଆଇଆର୍‌ଏସ୍ ଅଫିସରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

### ବଡ଼ବାବୁ ବୋଲି ଚପାଇଦେବାକୁ ଚର୍ଚ୍ଚା...

## ସରକାରୀ କ୍ୱାର୍ଟର୍ସରେ ଅମାନୁଷିକ କାଣ୍ଡ

**ଭୁବନେଶ୍ୱର,୨୨।୨(ତ୍ରିନାଥ ମହାନ୍ତି)**

ଆୟକର ଭବନରେ ଜିଏସ୍‌ଟି ଯୁଗ୍ମ କମିଶନର ଭାବେ କାର୍ଯ୍ୟରତ ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସରଙ୍କ ବିରୋଧରେ ଆସିଛି ବଳାତ୍କାର ଅଭିଯୋଗ। ଭୁବନେଶ୍ୱର ସତ୍‌ସଙ୍ଗ ବିହାରସ୍ଥିତ ସରକାରୀ କ୍ୱାର୍ଟର୍ସରେ ଘଟିଛି ଏହି ଅମାନୁଷିକ କାଣ୍ଡ। ଶହୀଦନଗର ଥାନା ପୋଲିସ କେସ୍ ନଂ.୧୦୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଯୁବତୀଙ୍କୁ ଡାକ୍ତରୀ ମାଇନା କରିବା ସହ ବୟାନ ରେକର୍ଡ କରିଛି ପୋଲିସ। ଏଥିସହ ଯୁବତୀ ଓ ତାଙ୍କର ୩ଜଣ ସମ୍ପର୍କୀୟଙ୍କୁ ପଚରାଉଚରା କରିବା ସହ ପୀଡ଼ିତାଙ୍କ ଫୋନ୍‌କୁ ରଖି ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ଗତ ୧୫ ତାରିଖରୁ ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ମଧ୍ୟ ଏଯାଏ ଅଭିଯୁକ୍ତ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। କେବଳ ପୀଡ଼ିତାଙ୍କ ଡାକ୍ତରୀ ମାଇନା, ବୟାନ ରେକର୍ଡ ସହ କେତେଜଣଙ୍କୁ ପଚରାଉଚରା କରି ୮ଦିନ ଗଡ଼ାଇ ସାରିଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବା ଚର୍ଚ୍ଚା ହେଉଛି। ଅଧିକାରୀ ଜଣକ ଧରାଛୁଆଁ ଦେଉ ନ ଥିବା ପୋଲିସ କହୁଥିଲେ ମଧ୍ୟ ଏଯାଏ ଫେରାର ଦର୍ଶାଯାଉ ନ ଥିବାରୁ ପ୍ରଶ୍ନ ଉଠିଛି।

୪୮ ବର୍ଷୀୟ ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ସତ୍‌ସଙ୍ଗ ବିହାରସ୍ଥିତ ସରକାରୀ କ୍ୱାର୍ଟର୍ସରେ ପରିବାର ସହ ରହୁଛନ୍ତି। ଅଫିସର ଓ ତାଙ୍କ ସ୍ତ୍ରୀଙ୍କ ଦେହ ଖରାପ ଥିବା ସମୟରେ ସମ୍ପର୍କୀୟ ଭଉଣୀ ଦେଖିବାକୁ ଭୁବନେଶ୍ୱର ଆସିଥିଲେ। ତାଙ୍କ ସହ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ଜଣେ ୩୮ ବର୍ଷୀୟା ଯୁବତୀ ମଧ୍ୟ ଆସିଥିଲେ। ଗତ ୧୫ ତାରିଖରେ ସ୍ତ୍ରୀ ଓ ଭଉଣୀ କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ଉକ୍ତ ଯୁବତୀ ଜଣକ ଘରେ ଥିବାବେଳେ ଆଇଆର୍‌ଏସ୍ ଅଫିସର ଜଣକ ତାଙ୍କୁ ଲାପ୍‌ଟପ୍‌ରେ ମୁଭି ଦେଖିବାକୁ ଡାକି ଅଶ୍ଳୀଳ ଭିଡିଓ ଦେଖାଇଥିଲେ। ତା'ପରେ ଜୋର୍ ଜବରଦସ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସେ ପ୍ରତିବାଦ କରିବାରୁ ଅଫିସର ଜଣକ ନିଜ ଫୋନ୍‌ରେ ପୂର୍ବରୁ ଶୁଟ୍ କରିଥିବା ଯୁବତୀଙ୍କ ବାଥ୍‌ରୁମ୍ ଭିଡିଓକୁ ଭାଇରାଲ କରିବାକୁ ଧମକ ଦେଇ ବଳାତ୍କାର ସମୟର ଭିଡିଓ ରେକର୍ଡ କରିଥିଲେ। ଯୁବତୀ ଜଣକ ଭୟରେ ରହିବା ସହ ସୁଯୋଗ ଦେଖି ଉକ୍ତ କ୍ୱାର୍ଟର୍ସରୁ ଖସି ପଳାଇଥିଲେ। ଏହାପରେ ଅଭିଯୁକ୍ତ ଅଫିସର ବଳାତ୍କାରର ଭିଡିଓ ପଠାଇ ବ୍ଲାକମେଲ କରିଥିଲେ। ଏହାପରେ ଗତ ୧୫ ତାରିଖରେ ଯୁବତୀ ଜଣକ ଶହୀଦନଗର ଥାନାକୁ ଆସି ସମ୍ପୃକ୍ତ ଆଇଆର୍‌ଏସ୍ ଅଫିସରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଥାନାରେ ମାମଲା ରୁଜୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ଜଣକ ଆଉ ଅଫିସ୍ ଆସୁନାହାନ୍ତି। ତେବେ ପୋଲିସ ତାଙ୍କୁ ଏପର୍ଯ୍ୟନ୍ତ ଫେରାର ବୋଲି ଘୋଷଣା କରିନି। ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ଏକ ବଳାତ୍କାର ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। କମିଶନରେଟ ପୋଲିସର ଜଣେ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେ ତଦନ୍ତ କରିବା ପରେ ସତ୍ୟାସତ୍ୟ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୋଲିସ ଏବେ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଠିକ୍ ସମୟରେ ଅଭିଯୁକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିପି କହିଛନ୍ତି।

# ୧୧ ଡିଗ୍ରୀ କଲେଜ, ୧ ବିଶ୍ୱବିଦ୍ୟାଳୟକୁ ୧.୭୩ କୋଟି

**ଭୁବନେଶ୍ୱର,୨୨।୨(ଅନୁରାଧା ମହାରଣା)**

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ 'ଆମ ଗୌରବ ଆମ କଲେଜ' ଯୋଜନା ଅଧୀନରେ ରାଜ୍ୟର ୧୧ଟି ଡିଗ୍ରୀ କଲେଜ ଏବଂ ଗୋଟିଏ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ୧.୭୩ କୋଟି ଟଙ୍କା ଅନୁମୋଦନ କରାଯାଇଛି। ଉପକୃତ ହେବାକୁ ଯାଉଥିବା ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ହେଲେ କଟକର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବୀରେନ ମିତ୍ର ସ୍ମୃତି ମହିଳା ଡିଗ୍ରୀ କଲେଜ, ବଲାଙ୍ଗୀରର ଆଗଲପୁର ପଞ୍ଚାୟତ ସମିତି ଡିଗ୍ରୀ କଲେଜ, ବରଗଡ଼ର ବିଜେପୁର ଡିଗ୍ରୀ କଲେଜ, କଟକ ଜିଲାର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ, ଦେବଗଡ଼ ଜିଲାର ପଞ୍ଚାୟତ ଡିଗ୍ରୀ କଲେଜ କଲ୍ଲା, ଢେଙ୍କାନାଳ ଜିଲାର ହିନ୍ଦୋଳ ଡିଗ୍ରୀ କଲେଜ, ମହିମା ଡିଗ୍ରୀ କଲେଜ, ଗଞ୍ଜାମ ଜିଲାର ବେଲଗୁଣ୍ଠା ସାଇନ୍ସ ଡିଗ୍ରୀ କଲେଜ, ସମ୍ବଲପୁର ଜିଲାର ନାକଟିଦେଉଳ ଡିଗ୍ରୀ କଲେଜ, ସରକାରୀ ସ୍ୱୟଂଶାସିତ କଲେଜ ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାର ଯଶୋଦା ବିଷ୍ଣୁ କଲେଜ। ଲାଇବ୍ରେରୀର ବିକାଶ, ଲାବରେଟୋରୀ, କ୍ରୀଡ଼ା ଓ ଶୈକ୍ଷିକ କମ୍ପ୍ଲେକ୍ସ ନିର୍ମାଣ, ୱାଇ-ଫାଇ, ସିସିଟିଭି ବ୍ୟବସ୍ଥା ଆଦି କାର୍ଯ୍ୟ ପାଇଁ ଏହି ଅର୍ଥ ବ୍ୟବହାର କରାଯିବ।

# ୨ ଜଣଙ୍କୁ ମାରିଲା ଦନ୍ତା

**ଦିଗପହଣ୍ଡି,୨୨।୨ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜଳମେରିପଲ୍ଲୀ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଦନ୍ତାହାତୀ ଆକ୍ରମଣରେ ଗ୍ରାମର ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ସୀମାଞ୍ଚଳ ରାଉତଙ୍କ ସ୍ତ୍ରୀ ଉର୍ମିଳା ରାଉତ (୫୧) ଏବଂ ସ୍ୱର୍ଗତ କାଶୀନାଥ ପ୍ରଧାନଙ୍କ ପୁଅ ଗୋପୀନାଥ ପ୍ରଧାନ (୬୭)। ସୀମାଞ୍ଚଳଙ୍କ ଆଖି ଆଗରେ ତାଙ୍କ ସ୍ତ୍ରୀ ଉର୍ମିଳାଙ୍କ ଜୀବନ ଯାଇଛି। ଏହି ଘଟଣା ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ମୃତକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି।

ଖବରରୁ ଜଣାପଡିଛି, ରବିବାର ସକାଳେ ଉର୍ମିଳା ତାଙ୍କ ସ୍ୱାମୀ ସୀମାଞ୍ଚଳ ଓ କାଶୀନାଥ ଗାଁ ନିକଟସ୍ଥ ପରିବା ବଗିଚାରେ କାମ କରୁଥିଲେ। ନିକଟସ୍ଥ ଘୋଡ଼ାହାଡ଼ ନଦୀ ପଠାରୁ ଏକ ଦନ୍ତା ହାତୀ ଆସୁଥିବା ଦେଖି ନିକଟରେ କାମ କରୁଥିବା ଲୋକେ ପାଟିକରି ଏମାନଙ୍କୁ ଜଣାଇଥିଲେ। ସମସ୍ତେ ପରିବା ବଗିଚାରୁ ବାହାରି ଦୌଡିଥିଲେ। ଉର୍ମିଳା ଦୌଡି ନ ପାରିବାରୁ ସୀମାଞ୍ଚଳ ତାଙ୍କୁ ପିଠିରେ ବୋହି ଦୌଡିଥିଲେ। ପଛରେ ସେମାନଙ୍କୁ ଗୋଡାଉଥିବା ହାତୀ


ଉର୍ମିଳା ରାଉତ


ଗୋପୀନାଥ ପ୍ରଧାନ

**■ ଜଣକୁ ଦଳି ଅନ୍ୟ ଜଣକୁ ଆକ୍ରମଣ କରି ମାରିଲା**
**■ ଚକ୍ଷୁଦାନ କଲେ ଉର୍ମିଳାଙ୍କ ପରିବାର**

ଉର୍ମିଳାଙ୍କୁ ସୀମାଞ୍ଚଳଙ୍କ ପିଠିରୁ ଭିଡିନେଇ ତଳେ ପକାଇ ଦଳି ଦେଇଥିଲା। ଫଳରେ ଉର୍ମିଳାଙ୍କ ମୃତ୍ୟୁ ହୋଇଥିଲା। ସୀମାଞ୍ଚଳ ନିକଟରେ ଥିବା ଏକ ଗଛକୁ ଆଉଜି ପଡି ଲୁଚିଯିବାରୁ ହାତୀ କବଳରୁ ବର୍ତ୍ତି ଯାଇଥିଲେ। ପରେ ହାତୀ ଗୋପୀନାଥଙ୍କୁ ଗୋଡ଼ାଇ ଶୁଣ୍ଢରେ ଦୁଇଥର ଟେକିଆଣି କିଛି ଦୂରକୁ ଫୋପାଡି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା ବୋଲି କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୋପୀନାଥଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର ରୂପକ ପ୍ରଧାନ ଟିମ୍‌ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଏନେଇ ଏତଲା ପରେ ଦିଗପହଣ୍ଡି ପୋଲିସ ୭/୨୬ ଏବଂ ୮/୨୬ରେ ଦୁଇଟି ପୃଥକ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ପରେ ଉଭୟ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷରେ ଉର୍ମିଳାଙ୍କ ପରିବାର ଚକ୍ଷୁକୁ ସ୍ୱେଚ୍ଛାକୃତ ଭାବେ ଦାନ କରିବାକୁ ପରିବାର ଲୋକେ ଜଣାଇବା ପରେ ବଡ ଡାକ୍ତରଖାନାର ଚକ୍ଷୁ ବିଭାଗ ଟିମ୍ ଉର୍ମିଳାଙ୍କ ଦୁଇଟି ଚକ୍ଷୁ ସଂଗ୍ରହ କରିଥିଲେ। ଖବରପାଇ ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର, ତହସିଲଦାର ସନ୍ତୋଷ ସାହୁ, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ,ଏମ.ସନ୍ତୋଷ, ଗଜପତି ଜିଲା ପାରଳାଖେମୁଣ୍ଡି ବନଖଣ୍ଡ କାର୍ଯ୍ୟାଳୟର ଅତିରିକ୍ତ ବନ ସଂରକ୍ଷକ ଅରୁଣ ସାହୁ, ଚନ୍ଦ୍ରଗିରି ରେଞ୍ଜର ରୂପକ ପ୍ରଧାନ, ଏସ୍‌ଆଇ ରାଜ କିଶୋର ପାତ୍ର ଗାଁ ରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶରେ ତହସିଲଦାର ଉଭୟ ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଲେଖାଏ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଥିଲେ। ବନ ବିଭାଗ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ୧୦ ଲକ୍ଷ ଟଙ୍କା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଦାନ କରାଯିବ। ଶୁଦ୍ଧିକ୍ରିୟା ବାବଦକୁ ଅନୁକମ୍ପା ରାଶିର ୧୦ ପ୍ରତିଶତ ତତ୍କାଳ ପ୍ରଦାନ କରାଯିବ ବୋଲି ଅତିରିକ୍ତ ବନ ସଂରକ୍ଷକ ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧ ମାସ ହେଲା ଏହି ହାତୀଟି ଗଜପତି ଜିଲା ଲଖାରୀ ହାତୀ ଅଭୟାରଣ୍ୟରୁ ଗୋଠ ଛଡ଼ା ହୋଇ ଗଜପତି ଜିଲା ତପ୍ତପାଣି ନିକଟ ଝାଟିକାବାଡ଼ ଜଙ୍ଗଲ ଦେଇ ଗଞ୍ଜାମ ଜିଲା ଭୀଷ୍ମଗିରି, ଚଷାନିମଖଣ୍ଡି, ସହଦେବ ଟିକରପଡ଼ା, ନିମଖଣ୍ଡି ପେଣ୍ଠ ଅଞ୍ଚଳରେ ଉପଦ୍ରବ ଘଟାଇ ଚାଲିଛି।

# ଦୋଳପୂର୍ଣ୍ଣିମାରେ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

**ଭୁବନେଶ୍ୱର,୨୨।୨(ବନ୍ଦନା ସେଠୀ)**

### ସୂର୍ଯ୍ୟୋଦୟରୁ ପାକତ୍ୟାଗ

**ଅପରାହ୍ନ ୩ଟା ୨୦ରୁ ଗ୍ରହଣ ଆରମ୍ଭ, ୬ଟା ୪୭ରେ ସର୍ବମୋକ୍ଷ**

ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ମାର୍ଚ୍ଚ ୩ ଦୋଳ ପୂର୍ଣ୍ଣିମାରେ ସଙ୍ଘଟିତ ହେବ। ଅପରାହ୍ନ ୩ଟା ୨୦ରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ହେବ। ସମୁଦାୟ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ ରହିବ। ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମିଜୋରାମ, ନାଗାଲାଣ୍ଡ, ମଣିପୁର, ଆସାମ ଓ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ସ୍ପଷ୍ଟ ଦୃଶ୍ୟମାନ ହେବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଗ୍ରହଣ ଆରମ୍ଭର ୯ଘଣ୍ଟା ପୂର୍ବରୁ ଘାତ କାଳ ଆରମ୍ଭ ହୁଏ। ସେହି ଅନୁସାରେ ୩ ତାରିଖ ସକାଳ ୬ଟା ୨୦ରୁ ଘାତ ସମୟ ଆରମ୍ଭ ହେବ ଏବଂ ସନ୍ଧ୍ୟା ୬ଟା ୪୬ ମିନିଟ ପର୍ଯ୍ୟନ୍ତ ରହିବ। ତେଣୁ ସୂର୍ଯ୍ୟୋଦୟରୁ ହିଁ ପାକତ୍ୟାଗ ହେବ। ଏହି ସମୟରେ ଶୁଭ କାର୍ଯ୍ୟ, ପୂଜା, ନୂତନ କାମ ଆରମ୍ଭ କରିବା ଅନୁଚିତ ବୋଲି ଶାସ୍ତ୍ରୀୟ ମାନ୍ୟତା ରହିଥିବା ଜ୍ୟୋତିର୍ବିଦ୍ ହରିଶଙ୍କର ମିଶ୍ର କହିଛନ୍ତି।

ଚଳିତ ବର୍ଷ ୨ଟି ଚନ୍ଦ୍ର ଗ୍ରହଣ ଓ ଦୁଇଟି ସୂର୍ଯ୍ୟ ପରାଗ ଦେଖାଯିବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚନ୍ଦ୍ର ଗ୍ରହଣ ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ, ଯାହାକୁ ଖାଲି ଆଖିରେ ସହଜରେ ଦେଖିହେବ। ଏହାର କୌଣସି ପ୍ରଭାବ ଆମ ଉପରେ ତଥା ପୃଥିବୀ ଉପରେ ନାହିଁ ବୋଲି ସେ କହିଛନ୍ତି।

**Government of Odisha "e" procurement Notice**
**OFFICE OF THE EXECUTIVE ENGINEER, RURAL WORKS ELECTRICAL DIVISION, SAMBALPUR**
No.34001/99/2526 E-mail : eerwelectricaldivn.sambalpur@gmail.com
**Bid Identification No. EE/RWELECT/SBP/43/2025-26**

1. Name of the work : 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL" 2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost : 1. Rs.7,96,487/- 2. Rs.8,05,024/-
3. Availability of bid document in the website : 11:30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders : 11:30 Hours on dt.06.03.2026

Further details and any corrigendum/Addendum/cancellation of tender can be seen from the Website www.tendersodisha.gov.in only.
Sd./- Executive Engineer
R.W. Electrical Division, Sambalpur
OIPR-34001/34175/1/25-26/0002

# ମନ୍ କୀ ବାତ୍‌ରେ ସୁନ୍ଦରଗଡ଼ର ଯୁବଚାଷୀ ହିରୋଦ


ହିରୋଦ ପଟେଲ

**ସୁନ୍ଦରଗଡ,୨୨।୨ (ଜୟ ନାରାୟଣ ମେଣ୍ଟୁଲି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣରେ ସୁନ୍ଦରଗଡ଼ର ଯୁବ ଚାଷୀ ହିରୋଦ ପଟେଲଙ୍କ ଚାଷ ଶୈଳୀକୁ ଭୂୟସୀ ପ୍ରଶଂସା କରିଛନ୍ତି। ହିରୋଦ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମର ଏହି ଯୁବ ଚାଷୀ ଇଞ୍ଜିନିୟରିଂ ପାଠ ପଢ଼ା ପରେ ଗତ ୮ ବର୍ଷ ତଳେ ବାପା ଶିବ ଶଙ୍କର ପଟେଲଙ୍କ ସହିତ ମିଶି ପ୍ରଥମେ ଧାନ ଚାଷ ଆରମ୍ଭ କରିଥିଲେ। ଏହାପରେ ମାଛ ଚାଷ ସହିତ କଦଳୀ, ଅମୃତଭଣ୍ଡା ସହିତ ଅନ୍ୟାନ୍ୟ ପନିପରିବା ଓ ଫୁଲଚାଷ କରିଆସୁଛନ୍ତି। ଏଥିରୁ ସେ ଲାଭବାନ ହୋଇ ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି। ତାଙ୍କର ଏହି ମିଶ୍ରିତ ଚାଷ ଦେଖିବା ପାଇଁ ବହୁ ଚାଷୀ ଓ ବିଭିନ୍ନ ସରକାରୀ ଅଧିକାରୀ ଆସୁଛନ୍ତି। ତାଙ୍କର ଏହି ଉତ୍ସାହ ଦେଖି କୃଷି, ଉଦ୍ୟାନ ଓ ମତ୍ସ୍ୟ ବିଭାଗ ତରଫରୁ ତାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରକୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରି ସରକାରୀ ସହାୟତା ମଧ୍ୟ ଯୋଗାଇ ଦେଇଛନ୍ତି। ବିହାର ପାଟନାକୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବର୍ତ୍ତମାନ ଥିବା ହିରୋଦ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ତାଙ୍କୁ କରିଥିବା ପ୍ରଶଂସା ଶୁଣି ଖୁସିବ୍ୟକ୍ତ କରିଛନ୍ତି। ତାଙ୍କର ଏହି ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ସରକାରୀ ସ୍ତରରେ ପୁରସ୍କୃତ ହୋଇଛନ୍ତି। ହିରୋଦଙ୍କ ଏହି ମିଶ୍ରିତ ଚାଷ ଶୈଳୀର ସଫଳତାକୁ ନେଇ ପୂର୍ବରୁ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

# କରଡ଼ା ଜଙ୍ଗଲରେ ପୋଲିସ-ମାଓବାଦୀ ମୁହାଁମୁହିଁ

### ପୋଲିସ ଗୁଳିରେ ୨ ଛତିଶଗଡ଼ୀ ମାଓବାଦୀଙ୍କ ମୃତ୍ୟୁ

**ଭୁବନେଶ୍ୱର/ଫୁଲବାଣୀ/ରାଇକିଆ ୨୨।୨ (ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ/ପ୍ରଦୀପ ବେହେରା)**

କନ୍ଧମାଳ ଜିଲା ରାଇକିଆ ଥାନା କରଡ଼ା ପଞ୍ଚାୟତର ନୀଚିବିଡ଼ି ଘଞ୍ଚ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଛି। ଦୀର୍ଘ ସମୟ ଗୁଳି ବିନିମୟ ପରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି। ମୃତ ମାଓବାଦୀ ହେଲେ ଜାଗେସ ଓ ମହିଳା କ୍ୟାଡର ହେଲେ ରତ୍ନା। ଉଭୟଙ୍କ ମୁଣ୍ଡରେ ୨୭.୫ ଲକ୍ଷର ପୁରସ୍କାର ରାଶି ରହିଛି। ଜାଗେସ କେକେବିଏନ୍ ସଙ୍ଗଠନର ଏରିଆ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିବା ବେଳେ ରତ୍ନା ପାର୍ଟି ମେମ୍ବର ଥିଲେ। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଏକେ-୪୭ ଓ ଏକ ଏସ୍‌ଏଲ୍‌ଆର ବନ୍ଧୁକ ଜବତ କରାଯାଇଛି। ସେମାନଙ୍କ ଘର ଛତିଶଗଡ଼ର ହୋଇଥିବା ପୋଲିସ କହିଛି। ଏହି ଗୁଳି ବିନିମୟରେ ଏକାଧିକ ମାଓବାଦୀ ଆହତ ହୋଇ ଜଙ୍ଗଲ ଭିତରକୁ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବଡ଼ ସର୍ଚ୍ଚ ଅପରେଶନ କରାଯାଉଛି।

ଛତିଶଗଡ଼ରେ ବଡ଼ ଧରଣର ସର୍ଚ୍ଚ ଅପରେଶନ କରାଯାଉଥିବାରୁ ସେଠାକାର ମାଓବାଦୀମାନେ କନ୍ଧମାଳ ଜଙ୍ଗଲକୁ ଚାଲିଆସି ଲୁଚି ରହୁଛନ୍ତି। ମାଓବାଦୀ ସଙ୍ଗଠନ କେକେବିଏନ୍ ଡିଭିଜନ ଅଷ୍ଟମ ବାଟାଲିଆନର ଏକ କ୍ୟାମ୍ପ ସେହି ଜଙ୍ଗଲରେ ଚାଲିଥିବା ନେଇ ଗୋଇନ୍ଦା ସୂଚନା ମିଳିଥିଲା। ତୁରନ୍ତ ପୋଲିସ ପକ୍ଷରୁ ସାଟ୍‌ଲାଇଟ୍ ଇମେଜ୍ ଯାଞ୍ଚ କରାଯିବା ପରେ ସେଠାରେ ୨୦ରୁ ଅଧିକ ମାଧବାଦୀ କ୍ୟାମ୍ପ କରୁଥିବା ଜଣାପଡ଼ିଥିଲା। ମାଓବାଦୀଙ୍କ ବିଷୟରେ ପୂରା ତଥ୍ୟ ଆସିବା ପରେ ଗତ ୨୦ ତାରିଖରୁ କନ୍ଧମାଳ ପୋଲିସର ଏସ୍‌ଓଜି ଟିମ୍ ସେହି ଜଙ୍ଗଲରେ କମ୍ବିଂ ଅପରେଶନ ଆରମ୍ଭ କରିଥିଲା। ରବିବାର କରଡ଼ା

**■ ଏକେ-୪୭, ଗୋଟିଏ ଏସ୍‌ଏଲ୍‌ଆର୍ ଜବତ**
**■ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଲେ ଏସ୍‌ପି**

ପଞ୍ଚାୟତ ନୀଚିବିଡ଼ି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଯବାନ ସର୍ଚ୍ଚ ଅପରେଶନ କରୁଥିବାବେଳେ ମାଓବାଦୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ।

କନ୍ଧମାଳ ଏସ୍‌ପି ହରିଶ ବିସି କହିଛନ୍ତି, ଏବେବି ମାଓବାଦୀଙ୍କ ପାଖରେ ସମୟ ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ସେମାନେ ବନ୍ଧୁକ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ। ସରକାର ଏବଂ ପ୍ରଶାସନର ବିକାଶରେ ଭାଗିଦାରୀ ହୁଅନ୍ତୁ। ପୋଲିସ ସବୁ ସହଯୋଗ କରିବ। ଆମେ ଜାରି କରିଥିବା ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କଲେ ଆତ୍ମସମର୍ପଣ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିବୁ। ଏଭଳି ଜଙ୍ଗଲରେ ଲୁଚି ରହି ହିଂସା ଭିଆଇଲେ ପୋଲିସ ଛାଡ଼ିବ ନାହିଁ। କରଡ଼ା ଜଙ୍ଗଲରେ ଛତିଶଗଡ଼ୀ ମାଓବାଦୀ ଲୁଚିଥିବା ଆମେ ଗୋଇନ୍ଦା ଖବର ପାଇଥିଲୁ। ଆମେ ସର୍ଚ୍ଚ କରିବା ସମୟରେ ସେମାନେ ଗୁଳି ଚାଳନା କରିଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚାଳନା କରିବା ପରେ ୨ଜଣ ମାଓବାଦୀ ନିହତ ହୋଇଥିବା ସେ ସୂଚନା ଦେଇଛନ୍ତି।

**ODISHA SUB-ORDINATE STAFF SELECTON COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ ନଂ. ୩ ଏବଂ ୫, ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯, ଦୂରଭାଷ: 0674-2597149, 2597152 (ଅଫିସ୍), ୱେବ୍‌ସାଇଟ୍: www.osssc.gov.in

**NOTICE**
No. IIE-120/2025-575/OSSSC Dated: 21st February, 2026

**EXTENSION OF DATELINE FOR REGISTRATION/RE-REGISTRATION/SUBMISSION OF ONLINE APPLICATION FOR COMBINED RECRUITMENT EXAMINATION - 2025**

No. 9001/19/2526: In continuation to the Advertisement No. 3219/OSSSC dated 30.12.2025 and Notice No. 283/OSSSC dated 28.01.2026, the Commission has been pleased to extend the last date of Registration/Re-registration/Submission of Online Application for the posts of Revenue Inspector (RI), ICDS Supervisor, Village Agricultural Worker (VAW), Junior Assistant (JA), Assistant Revenue Inspector (ARI), Amin & Stastistical Field Surveyor (SFS) under CRE-2025 as given below.

Important Dates

| Event | Previously Published | | End date extended upto |
|---|---|---|---|
| | Start Date | End Date | |
| Online Registration/Re-registration | 07.01.2026 | 15.02.2026 | 06.03.2026 |
| Submission of Online Application | 07.01.2026 | 22.02.2026 | 08.03.2026 |

All other terms and conditions of the advertisement remain unaltered.
Candidates are advised to visit the website of the Commission at regular intervals for updates.
By order of the Commission
Sd./- Secretary
OIPR-9001/9007/1/25-26/0006

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel: 2545586/2545852, email-serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**
**Bid identification no:- VI-34(02)/SERIFED/2025-26/319/DT.18.02.2026**
**No.39001/13/2526** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only for one no. of work in keonjhar district. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period from 23.02.2026 to 17.00 hours up to 07.03.2026. Online bids shall be received till 17.00 hours on 07.03.2026 & shall be opened at 11.30 AM on 09.03.2026. Any addendum / corrigendum/cancellation of tender can also be seen in the said website.
OIPR-39001/39036/1/25-26-0001 Sd./- MANAGING DIRECTOR

**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK
No. 1163/PSC, Dt.21.02.2026
1M-16-2024-25 (Store)

**QUOTATION CALL NOTICE**

No. 12001/22/2526: Sealed quotations are hereby invited from the intending authorized Agencies/Dealers having valid GST Registration. They should submit their applications along with copies of valid OEM Authorization Certificate, PAN Card and GST Registration Certificate for supply of an interactive Panel Display for use in the Office of the Odisha Public Service Commission, Cuttack. The firms should mention the brand, if any, and also quote the rate including all taxes, duties, if any. The detailed specification of the item is enclosed at Annexure - A along with the Quotation Call Notice **(@www.opsc.gov.in)**. The sealed quotation should reach the undersigned at 11 A.M. on or before 27.02.2026 and shall be opened on the same day at 3.30 P.M. in the Office Chamber of Secretary, O.P.S.C. The successful L1 bidder must supply & commission the system within 4 days of getting the work order failing which, the L1 bidder will be disqualified and L2 bidder would be allotted the work order & so on. The undersigned reserves the right to cancel/reject any or all the quotations without assigning any reason thereof.
OIPR-12001/12002/1/25-26/0010 Sd./- Secretary

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲ୍‌କାରାଜଙ୍କୁ କାତାର ଓପନ ଟାଇଟଲ



**ଦୋହା, ୨୨।୨ (ଏପି)**

ଆର୍ଥର ଫିଲ୍ସଙ୍କ ବିପକ୍ଷରେ ୬-୨, ୬-୧ ସେଟ୍‌ରେ ବିଜୟୀ ହୋଇ କାତାର ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି କାର୍ଲୋସ ଅଲ୍‌କାରାଜ। ଏହି ସ୍ପାନିଶ ଷ୍ଟାର ସବୁଠାରୁ କମ୍ ବୟସ୍କ ଖେଳାଳି ହିସାବରେ ଅଷ୍ଟ୍ରେଲିଆନ ଓପନରେ କ୍ୟାରିୟର ଗ୍ରାଣ୍ଡସ୍ଲାମ (ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଜିତିବା)ପୂରଣ କରିବାର ୨୦ଦିନ ପରେ ପରେ ତାଙ୍କ ବିଜୟ ଧାରା ୧୨ରେ ପହଞ୍ଚିଛି। ବର୍ଷର ଆରମ୍ଭ ବାସ୍ତବିକ ବହୁତ ଭଲ ରହିଛି ବୋଲି ଅଲ୍‌କାରାଜ କହିଛନ୍ତି।

# ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ରାଉରକେଲା,୨୨।୨(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଆନୁକୂଲ୍ୟରେ ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ରବିବାର ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଥିରେ ଅଂଶଗ୍ରହଣ କରିଥିବା ଟିମ୍‌ଗୁଡ଼ିକ ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ଦିନରେ ହେଲା ୧୪ ମ୍ୟାଚ୍

କାର୍ଯ୍ୟକ୍ରମରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗିର, ଡିଆଇଜି ସିଆଇଏସ୍‌ଏଫ୍ ରତନ କୁମାର, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ୪ର୍ଥ ଓଏସ୍‌ଏପି ବାଟାଲିୟନ୍ କମାଣ୍ଡାଣ୍ଟ ପ୍ରମୋଦ ଜେନା, ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଚାମ୍ପିୟନଶିପ୍ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୧୪ଟି ପୋଲିସ ଟିମ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଆୟୋଜିତ ୧୪ଟି ଲିଗ୍ ମ୍ୟାଚ୍‌ରେ ପୁଲ୍ 'ଏ'ରେ ୪ର୍ଥ ବାଟାଲିୟନ ରାଉରକେଲା ଓ କମିଶନରେଟ୍ 'ବି' ମଧ୍ୟରେ ୨-୨ରେ ମ୍ୟାଚ୍ ଡ୍ର ରହିଥିଲା। ସେହିପରି ସମ୍ବଲପୁର ଓ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ୪ଟି ଗୋଲ ଦେଇ ସୁନ୍ଦରଗଡ଼ ଦଳ ବିଜୟୀ ହୋଇଥିଲା। ଅନୁରୂପ ଭାବେ ୪ର୍ଥ ବାଟାଲିୟନ୍ ଓ ସମ୍ବଲପୁର ମଧ୍ୟରେ ମ୍ୟାଚ୍ ହୋଇ ୪ର୍ଥ ବାଟାଲିୟନ୍ ଦଳ ୭ ଗୋଲରେ ବିଜୟୀ ହୋଇଥିଲା। ସେହିପରି ସୁନ୍ଦରଗଡ ଓ କମିଶନରେଟ୍ 'ବି' ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ୨ଟି ଗୋଲରେ ବିଜୟ ହାସଲ କରିଥିଲା।

ପୁଲ୍ 'ବି'ରେ ୬ଷ୍ଠ ବାଟାଲିୟନ କଟକ ଓ ସିଆଇଏସ୍‌ଏଫ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ଦଳ ୬ ଗୋଲରେ ବିଜୟୀ ହୋଇଥିଲା। ଛତ୍ରପୁର ୮ମ ବାଟାଲିୟନ୍ ଓ ଦେବଗଡ଼ ୪ର୍ଥ ଆଇଆର୍‌ବିଏନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଦେବଗଡ଼ ଦଳ ୪ ଗୋଲରେ ବିଜୟୀ ହୋଇଥିଲା। ୬ଷ୍ଠ ଓଏସ୍‌ଏପି କଟକ ଓ ୮ମ ବାଟାଲିୟନ୍ ଛତ୍ରପୁର ମଧ୍ୟରେ ମ୍ୟାଚ୍ ହୋଇ ଛତ୍ରପୁର ଦଳ ୯ ଗୋଲରେ ପରାସ୍ତ ହୋଇଥିଲା। ସେହିପରି ୪ର୍ଥ ଆଇଆର୍‌ବିଏନ୍ ଦେବଗଡ଼ ଓ ସିଆଇଏସ୍‌ଏଫ୍ ମଧ୍ୟରେ ୨-୨ରେ ମ୍ୟାଚ୍ ଡ୍ର ହୋଇଥିଲା। ପୁଲ୍ 'ସି'ରେ ୨ୟ ଆଇଆର୍‌ବିଏନ୍ ରାୟଗଡ଼ା ଓ ପୁରୀ ମଧ୍ୟରେ ମ୍ୟାଚ୍ ହୋଇଥିଲାବେଳେ ପୁରୀ ଦଳ ୨ ଗୋଲରେ ପରାସ୍ତ ହୋଇଥିଲା। ସେହିଭଳି ରାଉରକେଲା ଓ ୨ୟ ଆଇଆର୍‌ବିଏନ୍ ମଧ୍ୟରେ ମ୍ୟାଚ୍ ହୋଇ ରାଉରକେଲା ଦଳ ୭ ଗୋଲରେ ବିଜୟୀ ହୋଇଥିଲା। ଅନୁରୂପ ଭାବେ ରାଉରକେଲା ଓ ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଉରକେଲା ଦଳ ୭ ଗୋଲରେ ବିଜୟୀ ହୋଇଥିଲା। ପୁଲ୍ 'ଡି'ରେ କମିଶନରେଟ୍ 'ଏ' ଓ ୩ୟ ବିଏନ୍ କୋରାପୁଟ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ କମିଶନରେଟ୍ ଦଳ ୪-୧ରେ ବିଜୟୀ ହୋଇଥିଲା। ସେହିପରି କୋରାପୁଟ ଜିଲା ଓ ୩ୟ ବାଟାଲିୟନ୍ କୋରାପୁଟ ମଧ୍ୟରେ ମ୍ୟାଚ୍ ହୋଇ କୋରାପୁଟ ଜିଲା ୩ ଗୋଲରେ ଆଗେଇଥିଲା। କମିଶନରେଟ୍ 'ଏ' ଓ କୋରାପୁଟ ଜିଲା ମଧ୍ୟରେ ଅନୁଷ୍ଠିତ ଶେଷ ମ୍ୟାଚ୍‌ରେ କମିଶନରେଟ୍ ଦଳ ୭-୧ରେ ବିଜୟ ଲାଭ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ପୋଲିସ ଜିଲାର ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୋମବାର ପୁଣି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ।




ମାର୍ଚ୍ଚପାଷ୍ଟରେ ଅଂଶଗ୍ରହଣ କରିଥିବା ହକି ଖେଳାଳି।

# କଟକ ମଙ୍ଗଳା କ୍ଲବ ଚାମ୍ପିୟନ




ଜିଲାପାଳ ଡ. ନୃପରାଜ ସାହୁ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ସୋନପୁର,୨୨।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ରାମଧୁନ କପ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଜଗା ୟୁନାଇଟେଡ ଓ କଟକ ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୁଦ୍ଧା ଉଭୟ ଦଳ ୧-୧ ଗୋଲରେ ସମାନ ସ୍ଥିତିରେ ଥିଲେ। ପରେ ଟାଇବ୍ରେକରରେ କଟକ ମଙ୍ଗଳା କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ହୋଇଛି। କଟକ ଦଳର ରାକେଶ ସାହୁଙ୍କୁ ମ୍ୟାନ୍ ଅଫ ଦି ମାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାମଧୁନ କପ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

ବେଷ୍ଟ ଗୋଲକିପର ଭାବେ କଟକର ରବି ଦଳକୁଡିଆ, ଏମର୍ଜିଂ ଖେଳାଳି କଟକର ଜିତୁ ମୁଦୁଲି ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭୁବନେଶ୍ୱର ଦଳର ଜୟନ୍ତ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରେଫରି ସଞ୍ଜୀବ୍ ସାହୁ ଓ ମ୍ୟାଚ୍ କମିଶନର ଭାବେ ଭୁକୁଲୁ ବକ୍ସି ମ୍ୟାଚ୍ ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୋଗଦାନ କରି ଜିଲାପାଳ ଚାମ୍ପିୟନ କଟକ ମା' ମଙ୍ଗଳା କ୍ଲବକୁ ଟ୍ରଫି, ଅର୍ଥ ରାଶି ଓ ରନର ଅପ୍ ଭୁବନେଶ୍ୱର ଜଗା ୟୁନାଇଟେଡ୍‌ର ଖେଳାଳିଙ୍କୁ ଟ୍ରଫି, ଅର୍ଥ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକର୍ମୀ ଶ୍ରୀବତ୍ସ ମଲ୍ଲିକ, ଶ୍ରୀକାନ୍ତ ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, ଜିଲା କ୍ରୀଡା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ, ରାମଧୁନ କ୍ଲବର ଉପଦେଷ୍ଟା ନନ୍ଦ କିଶୋର ତ୍ରିପାଠୀ ଓ ଜିଲା କ୍ରୀଡା ସଂଘର ବି ସତ୍ୟ ନାରାୟଣ ରାଓ ଯୋଗଦେଇ ଆୟୋଜକଙ୍କ ପକ୍ଷରୁ ଏଭଳି ଏକ ସୁନ୍ଦର ପଡିଆରେ ଜାତୀୟସ୍ତରର ଫୁଟବଲ ଟୁର୍ନାମେଣ୍ଟ ସଫଳ ଆୟୋଜନ କରା ଯାଇଥିବାରୁ ପ୍ରଶଂସା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ଦିଗାମ୍ବର ଶତପଥୀ ସଭାକୁ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମଧୁନ କ୍ଲବର ବିକାଶ ପଣ୍ଡା, ଶେଷଦେବ ମେହେର, ଲଡ୍ଡୁ କିଶୋର ମଲ୍ଲିକ, ସନ୍ତୋଷ ପାଢୀ, ସୁବାସ ବିଶ୍ୱାଳ, ବସିର ମହମ୍ମଦ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ମଝିପଡାସ୍ଥିତ ରାମଧୁନ କ୍ଲବ ଓ ଜିଲା କ୍ରୀଡା ସଂଘ ମିଳିତ ଭାବେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

# ପେନାଲ୍ଟି ଶୁଟ୍‌ଆଉଟ୍‌ରେ ହାରିଲା ଭାରତ

**ହୋବାର୍ଟ, ୨୨।୨ (ପି.ଟି.)**

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ତେବେ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ଶୁଟ୍‌ଆଉଟରେ ଆୟୋଜକ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ଅମିତ ରୋହିଦାସ (୧୫ତମ ମିନିଟ) ଓ ଯୁଗରାଜ ସିଂ (୪୩ତମ)

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକି

ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ଅଷ୍ଟ୍ରେଲିଆ ପକ୍ଷରୁ ଜୋଏଲ ରିଣ୍ଟାଲ (୪୭ତମ ଓ ୫୬ତମ ମିନିଟ) ଦୁଇଟି ଗୋଲ ସ୍କୋର କରି ମ୍ୟାଚକୁ ସମାନସ୍ତରକୁ ନେଇ ଆସିଥିଲେ। ମ୍ୟାଚ୍‌ର ଶୁଟ୍‌ଆଉଟ ମଧ୍ୟ ରୋମାଞ୍ଚକ ଥିଲା। ଏଥିରେ ଅଷ୍ଟ୍ରେଲିଆ ୫-୪ ଗୋଲ୍‌ରେ ବିଜୟୀ ହୋଇଥିଲା। ଚଳିତବର୍ଷର ଏଫଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତର ଏହା ହେଉଛି କ୍ରମାଗତ ୫ମ ପରାଜୟ। ତନ୍ମଧ୍ୟରେ ରାଉରକେଲାରେ ୪ ମ୍ୟାଚ ସାମିଲ। ହୋବାର୍ଟ ପର୍ଯ୍ୟାୟରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ସ୍ପେନ ବିପକ୍ଷରେ ଖେଳିବ। ଏଠାରେ ସ୍ପେନର ବିପକ୍ଷ ପ୍ରଥମ ମ୍ୟାଚ ଦଳ ୦-୨ ଗୋଲ୍‌ରେ ପରାଜିତ ହୋଇସାରିଛି।



ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ବଲ୍ ପାଇଁ ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

## ନର୍ଥଇଷ୍ଟ ୟୁନାଇଟେଡ୍ ଓ ବେଙ୍ଗାଲୁରୁ ମ୍ୟାଚ ଡ୍ର

**ବେଙ୍ଗାଲୁରୁ, ୨୨।୨ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ବେଙ୍ଗାଲୁରୁ ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ମ୍ୟାଚର ବେଙ୍ଗାଲୁରୁ ପକ୍ଷରୁ ଖେଳର ୧୮ତମ ମିନିଟ୍‌ରେ ବ୍ରାଏନ ସାଞ୍ଚେଜ ଏକ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟ୍‌ରେ ଲାଲରିନ୍‌ଜୁଆଲାଙ୍କ ଗୋଲ୍ ବଳରେ ନର୍ଥଇଷ୍ଟ ୟୁନାଇଟେଡ୍ ମ୍ୟାଚକୁ ୧-୧ରେ ଡ୍ର ରଖିବାରେ ସମର୍ଥ ହୋଇଥିଲା।

## ସିଏସ୍‌କେର ସବୁ ମ୍ୟାଚ ଖେଳି ନ ପାରନ୍ତି ଧୋନୀ

**ଅହମଦାବାଦ, ୨୨।୨ (ପି.ଟି.)**

ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତବର୍ଷ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସର ସମସ୍ତ ମ୍ୟାଚ ପାଇଁ ଉପଲବ୍ଧ ହେବେ କି ନା ସେ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଧୋନୀ ଚଳିତବର୍ଷ ପରବର୍ତ୍ତୀ ଭାଗରେ ୪୫ବର୍ଷ ବୟସରେ ପଦାର୍ପଣ କରିବେ। ଆସନ୍ତା ଆଇପିଏଲ୍ ସିଜନ ପାଇଁ ସେ ଉପଲବ୍ଧ ହେବେ ବୋଲି ଫ୍ରାଞ୍ଚାଇଜର ଭିତିରି ସୂତ୍ରରୁ ଜଣାଯାଇଛି। ମାତ୍ର ସିଏସ୍‌କେ ସଞ୍ଜୁ ସାମସନଙ୍କ ଭଳି ଖେଳାଳିଙ୍କୁ ଦଳରେ ସାମିଲ କରିଥିବାରୁ କିମ୍ବଦନ୍ତୀ ପୂର୍ବତନ ଭାରତ ଅଧିନାୟକ ହୁଏତ ସମସ୍ତ ଲିଗ୍ ମ୍ୟାଚରେ ଖେଳି ନ ପାରନ୍ତି। ଏହି ସିଜନ ପାଇଁ ସିଏସ୍‌କେ ପାଖରେ ୩ଜଣ ଉଇକେଟକିପର ବ୍ୟାଟର ରହିଛନ୍ତି। ଧୋନୀ ଯେଉଁ ମ୍ୟାଚ ପାଇଁ ଉପଲବ୍ଧ ନ ହେବେ ସେହି ମ୍ୟାଚରେ ସାମସନ ଉଇକେଟ କିପିଙ୍ଗ କରିବେ। ଦଳରେ ଉର୍ଭିଲ ପଟେଲ ମଧ୍ୟ ଅଛନ୍ତି। ଏହାଛଡ଼ା ୧୪.୨୦ କୋଟିରେ କିଣା ଯାଇଥିବା କାର୍ତ୍ତିକ ଶର୍ମା ରହିଛନ୍ତି। ତାଙ୍କୁ ଶୁଭମ ଦୁବେଙ୍କ ସହ ଫିନିଶର ଭାବେ ପ୍ରସ୍ତୁତ କରାଯାଉଛି। ଯାହା ଅନୁମାନ କରାଯାଉଛି, ଧୋନୀ ଚେନ୍ନାଇରେ ଖେଳାଯିବାକୁଥିବା ସିଏସକେର ଘରୋଇ ମ୍ୟାଚ ଗୁଡ଼ିକରେ ଖେଳିବା ନିଶ୍ଚିତ।

# ରାଜ୍ୟ ସ୍କୁଲ ଓପନ ଚେସ୍: ଆରିଶ ଚାମ୍ପିୟନ

**ଭୁବନେଶ୍ୱର,୨୨।୨(ଅନାଦି କର)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲରେ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ର ଆରିଶ ନନ୍ଦ ଗୋସ୍ୱାମୀ ସର୍ବାଧିକ ୮.୫୦ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି। ସମାନ ପଏଣ୍ଟ ସହ କେ ଭି ନଂ-୧ ସ୍କୁଲର ଆୟୁଷମାନ ବେହେରା ରନରଅପ୍ ହୋଇଛନ୍ତି। ନୟାପଲୀସ୍ଥିତ ନାରାୟଣ ଇ-ଟେକନୋ ସ୍କୁଲର ଅୟାବନ୍ତ ମହାନ୍ତି ୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହାର ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଡ. ଶ୍ରୀନିବାସ ରାମାନୁଜନ କାନନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜାତୀୟ ଚେସ୍ ଖେଳାଳି ସଙ୍ଘମିତ୍ରା ସିଂ, ରୟାଲ ପବ୍ଲିକ ସ୍କୁଲର ଉପାଧ୍ୟକ୍ଷ ପ୍ରଜ୍ଞା ପରମିତା ସାହୁ, ଓଏସ୍‌ସିଏ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତଃ ସଦାନନ୍ଦ ସ୍ୱାଇଁଙ୍କ ଏକମାତ୍ର ଝିଅ ସୁମିତ୍ରା ସ୍ୱାଇଁ ଉପସ୍ଥିତ ଥିଲେ।



ଟ୍ରଫି ଓ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।


**Classified Everyday**
0674-2580101, 9692975378




REAL ESTATE
**SALE**

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.**
D-3215

Ready to sale 2BHK flats, 1200 & 1000sqft. at Tankapani Sai Mandira, near Krupajala Engineering College, opposite Hyundai Showroom, BBSR. Contact: 7978908980.
D-3441

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




All types of physiotherapy and massage contact 9556924059 / 7656969134.
D-3416

**AFFIDAVIT**

Consequent upon an affidavit duly sworn by me Jhilima Limma daughter of late Edmohan Limma, Gaiba, Gajapati. I have changed my name as Jhilima Limma instead of Muni Limma. Henceforth, my name will be known as Jhilima Limma for all official purposes.
Sd./- Jhilima Limma
Gaiba, Gajapati.
D-3452

I, Sunayana Devi, W/o.- Jagannath Prasad Sahu of Balisankara, P.S.- Talsara, Dist.- Sundargarh, Odisha vide affidavit No.6121 dtd.- 06.12.2025 now known as Sunani Sahu for all future purposes.
D-3453

By virtue of an affidavit sworn before the Executive Magistrate, Boudh, No.155, Dtd.- 21.02.26, I, Sasmita Naik, W/o.- Ajaya Kumar Bhoi, R/o. Village/P.O.- Sampoch, P.S./Dist.- Boudh, Odisha, PIN- 762024 declare that I have changed my name from SARITA NAIK to SASMITA NAIK. Henceforth, I shall be known as SASMITA NAIK for all purposes.
SASMITA NAIK
D-3454

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit before the Notary Public, Balangir Town, I, Rabi Shankar Dash (52 years), S/o. Damador Dash, R/o. Tikrapara, P.O./Dist.- Balangir hereby affirm that my daughter Shriya Krishna Dash was a student of Little Flower School and passed ICSC 10th Board Exam in the year 2023. The original Pass Certificate of my daughter has been lost some where else in my house and due to my best effect it could not be traceout. Hence, I am swearing this affidavit to produce it before the concerned authority for obtaining Duplicate Board Certificate of ICSC 10th Examination in favour of my daughter Shriya Krishna Dash for her future reference.
D-3455

# ପୃଥିବୀ ବାହାରେ ଜୀବନ



ନିକୁଞ୍ଜ ବିହାରୀ ସାହୁ

"ଆମେ ବାହ୍ୟଜାଗତିକ ଜୀବସତ୍ତାର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବାର ଏକମାତ୍ର ଦୃଷ୍ଟାନ୍ତ ହେଉଛି ଏକ ଉଲ୍‌କାଖଣ୍ଡ, ଯାହା ୧୯୯୬ ମସିହାରେ ବରଫାବୃତ ଆଣ୍ଟାର୍କାଟିକା ମହାଦେଶରୁ ଆବିଷ୍କୃତ ହୋଇଛି। ଏହାର ନାମ ରଖାଯାଇଛି 'ଏଏଲ୍‌ଏଚ୍ ୮୪୦୦୧'। ଏହି ଉଲ୍‌କାଖଣ୍ଡଟି ମଙ୍ଗଳ ଗ୍ରହରୁ ଆସିଛି ବୋଲି ବିଶ୍ୱାସ କରାଯାଉଛି। ବୈଜ୍ଞାନିକମାନେ ଏହାର ପଥରସନ୍ଧିରୁ କିଛି ଜୈବିକ ଅଣୁର ସନ୍ଧାନ ପାଇଛନ୍ତି ଯାହା କୌଣସି ପୁରାତନ ଅଣୁଜୀବର ଅବଶେଷ ବୋଲି ମନେ କରାଯାଉଛି। ଏହା ସତ୍ୟ ହୋଇଥିଲେ ମଙ୍ଗଳ ଗ୍ରହରେ କିଛି ଅନୁନ୍ନତ ଜୀବସତ୍ତାର ବିକାଶ ଘଟିଛି ବୋଲି ବିଶ୍ୱାସ କରିବାକୁ ହେବ।"



ଆକାଶରେ ଚିକ୍‌ମିକ୍ କରୁଥିବା ଅସୁମାରି ତାରକା ପ୍ରତିଟି ରାତିରେ ଆମର ଦୃଷ୍ଟି ଆକର୍ଷଣ କରିଥାନ୍ତି। ଏହି ତାରା ଆଲୁଅର ରୋଶଣିରେ ଭିଜୁ ଭିଜୁ ବେଳେବେଳେ ଆମ ମନରେ ପ୍ରଶ୍ନ ଉଠେ : ଏହି ତାରାଗୁଡ଼ିକ ମଧ୍ୟରୁ କେଉଁଠି ପୃଥିବୀ ଭଳି ଜୀବସତ୍ତା ଅଛି କି? ଅର୍ଥାତ, ଏ ବିଶାଳ ବିଶ୍ୱରେ ଆମର କେହି ବାହ୍ୟଜାଗତିକ ସାଥୀ ଅଛନ୍ତି କି?

ତାରାମାନେ ବାସ୍ତବ ପକ୍ଷରେ ଅତିଶୟ ଉତ୍ତପ୍ତ ହୋଇଥିବାରୁ ସେଠାରେ ଜୀବନର ଉପସ୍ଥିତି ଅସମ୍ଭବ। ତାରାମାନଙ୍କୁ ପ୍ରଦକ୍ଷିଣ କରୁଥିବା ଗ୍ରହଗୁଡ଼ିକ କିନ୍ତୁ ବହୁଗୁଣରେ ଭିନ୍ନ। ସେମାନଙ୍କ ମଧ୍ୟରୁ କେତେକ ଜୀବନର ସଙ୍କେତ ଓ ପ୍ରତିଶ୍ରୁତି ବହନ କରିଥାନ୍ତି। କୌଣସି ଗ୍ରହରେ ଜୀବନର ଉପସ୍ଥିତି ନିମନ୍ତେ ମୁଖ୍ୟ ଆବଶ୍ୟକତା ହେଉଛି ମୃଦୁ ତାପମାତ୍ରା, ଜଳ ଓ ଅମ୍ଳଜାନର ଉପସ୍ଥିତି ଏବଂ ମାରାତ୍ମକ ଅତିବାଇଗଣି ରଶ୍ମିର ପ୍ରତିହତକାରୀ ଆସ୍ତରଣ ଓଜୋନ ମଣ୍ଡଳ। ଆମ ଗ୍ରହ ପୃଥିବୀରେ ଏ ସମସ୍ତ ଉପାଦାନ ଉପଲବ୍ଧ ଥିବାରୁ ସେଠାରେ ଜୀବନର ସଞ୍ଚାର ସମ୍ଭବ ହୋଇଛି। ଏ ବିଶାଳ ବିଶ୍ୱରେ କୋଟି କୋଟି ତାରା ରହିଛନ୍ତି ଓ ସେମାନଙ୍କ ନିଜସ୍ୱ ଗ୍ରହଜଗତ ମଧ୍ୟ ଥାଇପାରେ। ସେଭଳି କୌଣସି ଏକ ଗ୍ରହରେ ଜୀବନୋପଯୋଗୀ ପରିବେଶ ସୃଷ୍ଟି ହୋଇ ଥିବାର ପରିସ୍ଥିତି ସମ୍ଭାବନା କିଛି ଆଶାତୀତ ନୁହେଁ।

ମାତ୍ର ଆମେ ଏପର୍ଯ୍ୟନ୍ତ ଦୂରବୀକ୍ଷଣ ଯନ୍ତ୍ରରେ ବିଶ୍ୱର କୌଣସିଠାରେ ଜୀବନ୍ତ ପ୍ରାଣୀମାନଙ୍କୁ ବିଚରଣ କରୁଥିବାର ଦେଖିନାହୁଁ। ମହାଶୂନ୍ୟକୁ ଯାଇଥିବା ମହାକାଶଚାରୀମାନେ ମଧ୍ୟ କୌଣସି ଜୀବନ୍ତ ପ୍ରାଣୀ କିମ୍ବା ବାହ୍ୟଜାଗତିକ ଯାନର ସଂସ୍ପର୍ଶରେ ଆସିଥିବାର ବିବରଣୀ ମିଳିନାହିଁ। ଅତୀତରେ ଅନେକ ବିଚିତ୍ର ଉଡନ୍ତା ଥାଳିଆ ଭଳି ରହସ୍ୟମୟ ବସ୍ତୁସବୁ ଆମ ଆକାଶରେ ଘୂରି ବୁଲୁଥିବାର ଲୋକମୁଖରୁ ଶୁଣାଯାଇଛି। କେହି କେହି ଏହି ଉଡନ୍ତା ଥାଳିଆଗୁଡ଼ିକୁ କୌଣସି ବୁଦ୍ଧିମାନ ବାହ୍ୟଜାଗତିକ ବାସିନ୍ଦାଙ୍କ ଦ୍ୱାରା ପ୍ରେରିତ ଯାନ ବୋଲି ବର୍ଣ୍ଣନା କରିଛନ୍ତି। ମାତ୍ର ବାସ୍ତବପକ୍ଷରେ, କେତେକ ଉଡନ୍ତା ଥାଳିଆ କପୋଳକଳ୍ପିତ ହୋଇଥିଲାବେଳେ ଆଉ କେତେକଙ୍କ ରହସ୍ୟ ଏପର୍ଯ୍ୟନ୍ତ ଉଦ୍‌ଘାଟିତ ହୋଇପାରି ନାହିଁ।

ଆମେ ବାହ୍ୟଜାଗତିକ ଜୀବସତ୍ତାର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବାର ଏକମାତ୍ର ଦୃଷ୍ଟାନ୍ତ ହେଉଛି ଏକ ଉଲ୍‌କାଖଣ୍ଡ ଯାହା ୧୯୯୬ ମସିହାରେ ବରଫାବୃତ ଆଣ୍ଟାର୍କଟିକା ମହାଦେଶରୁ ଆବିଷ୍କୃତ ହୋଇଛି। ଏହାର ନାମ ରଖାଯାଇଛି 'ଏଏଲ୍‌ଏଚ୍ ୮୪୦୦୧'। ଏହି ଉଲ୍‌କାଖଣ୍ଡଟି ମଙ୍ଗଳ ଗ୍ରହରୁ ଆସିଛି ବୋଲି ବିଶ୍ୱାସ କରାଯାଉଛି। ବୈଜ୍ଞାନିକମାନେ ଏହାର ପଥରସନ୍ଧିରୁ କିଛି ଜୈବିକ ଅଣୁର ସନ୍ଧାନ ପାଇଛନ୍ତି, ଯାହା କୌଣସି ପୁରାତନ ଅଣୁଜୀବର ଅବଶେଷ ବୋଲି ମନେ କରାଯାଉଛି। ଏହା ସତ୍ୟ ହୋଇଥିଲେ ମଙ୍ଗଳ ଗ୍ରହରେ କିଛି ଅନୁନ୍ନତ ଜୀବସତ୍ତାର ବିକାଶ ଘଟିଛି ବୋଲି ବିଶ୍ୱାସ କରିବାକୁ ହେବ। ଲାଲ ରଙ୍ଗର ଏହି ଗ୍ରହଟି ଅନେକାଂଶରେ ଆମ ପୃଥିବୀ ଭଳି। ପୃଥିବୀ ଭଳି ଏହାର ବାୟୁମଣ୍ଡଳ ରହିଛି ଏବଂ ଏଠାରେ ଦିନରାତି ଓ ଋତୁଚକ୍ରର ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳେ। ଏହାର ଦୁଇ ମେରୁର ବରଫାବୃତ ଶୃଙ୍ଗରେ ପ୍ରଚୁର ଜଳ ବରଫ ଆକାରରେ ଜମାଟ ବାନ୍ଧି ରହିଥିବାର ସୂଚନା ମିଳେ। ଜୀବସତ୍ତାର ସ୍ପଷ୍ଟ ପ୍ରତିଶ୍ରୁତି ବହନ କରୁଥିବା ଏ ଗ୍ରହଟିକୁ ପ୍ରକୃତ ଅନୁସନ୍ଧାନ ନିମନ୍ତେ ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା 'ନାସା' ତରଫରୁ ବିଗତ ୧୯୭୬ ମସିହାରେ 'ଭାଇକିଙ୍ଗ' ନାମକ ଦୁଇଟି ରକେଟ ପ୍ରେରଣ କରାଯାଇଥିଲା। ମାତ୍ର ଭାଇକିଙ୍ଗର ଅନୁସନ୍ଧାନରୁ ଗ୍ରହଟିରେ ଜୀବସତ୍ତା ଉପସ୍ଥିତିର କୌଣସି ସଙ୍କେତ ମିଳି ନଥିଲା।

କେବଳ ମଙ୍ଗଳ ନୁହେଁ; ଆମ ସୌରଜଗତର ଅନ୍ୟ ଗ୍ରହମାନଙ୍କରେ ମଧ୍ୟ ଜୀବସତ୍ତା ଉପସ୍ଥିତିର ସମ୍ଭାବନା ଅତିଶୟ କ୍ଷୀଣ। ବୁଧ, ଶୁକ୍ର ଭଳି ଗ୍ରହଗୁଡ଼ିକ ସୂର୍ଯ୍ୟର ଅତି ନିକଟରେ ଥିବାରୁ ସେଗୁଡ଼ିକର ତାପମାତ୍ରା ଅଧିକ ଏବଂ ସେଭଳି ପ୍ରଚଣ୍ଡ ତାପମାତ୍ରାରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ। ଅନ୍ୟପକ୍ଷରେ ବୃହସ୍ପତି, ଶନି, ୟୁରାନ୍‌ସ, ନେପଚ୍ୟୁନ ଭଳି ବହିଃଗ୍ରହଗୁଡ଼ିକ ବିଶାଳକାୟ ଗ୍ୟାସୀୟ ଦାନବ ଅଟନ୍ତି। ବୃହସ୍ପତି ଗ୍ରହ ମୁଖ୍ୟତଃ ହାଇଡ୍ରୋଜେନ ଗ୍ୟାସରେ ଗଢା, ଯାହା ଜୀବନୋପଯୋଗୀ ନୁହେଁ। ନିଜ ଅକ୍ଷ ଚାରିପଟେ ଦ୍ରୁତ ଘୂର୍ଣ୍ଣନ ହେତୁ ଏହାର ବାୟୁମଣ୍ଡଳ ମଧ୍ୟରେ ସର୍ବଦା ଦୁରନ୍ତ ଓ ଅଶାନ୍ତ ଝଡ଼ମାନ ସୃଷ୍ଟି ହୋଇଥାଏ। ସୁତରାଂ ଏଭଳି ପରିସ୍ଥିତିରେ ଏଠାରେ ଜୀବନ ବଞ୍ଚିବା ସମ୍ଭବ ନୁହେଁ। ସେହିପରି ଶନି, ୟୁରାନ୍‌ସ, ନେପଚ୍ୟୁନ ଭଳି ଅନ୍ୟ ଗ୍ରହଗୁଡ଼ିକ ସୂର୍ଯ୍ୟଠାରୁ ଅତି ଦୂରରେ ଅବସ୍ଥିତ ଥିବାରୁ ସେଠାକାର ତାପମାତ୍ରା ଅତି କମ୍ ଏବଂ ଶୂନ୍ୟ ଡିଗ୍ରୀରୁ ଅନେକ ତଳେ। ସେଗୁଡ଼ିକର ଶ୍ୱାସରୁଦ୍ଧକାରୀ ବିଷାକ୍ତ ବାୟୁମଣ୍ଡଳ ମଧ୍ୟରେ ମଧ୍ୟ ଜୀବନ ବଞ୍ଚିବା ସମ୍ଭବପର ନୁହେଁ। ଏବେ ଆମ ପୃଥିବୀର ଏକମାତ୍ର ଉପଗ୍ରହ ତଥା ମହାକାଶରେ ଆମର ପଡୋଶୀ ଚନ୍ଦ୍ର ଉପରେ ଦୃଷ୍ଟିପାତ କରିବା। ଚନ୍ଦ୍ରର ବାୟୁମଣ୍ଡଳ ନାହିଁ। ଏହାର ମଧ୍ୟ ଓଜୋନ ମଣ୍ଡଳ ନ ଥିବାରୁ ଏହା ପୃଷ୍ଠରେ ମହାକାଶରୁ ଆସୁଥିବା ମାରାତ୍ମକ ଅତିବାଇଗଣି ରଶ୍ମି ସିଧାସଳଖ ପଡ଼ିଥାଏ। ଚନ୍ଦ୍ରରେ ମଧ୍ୟ ଜୀବନ ବଞ୍ଚିବା ପାଇଁ ଏକ ମୁଖ୍ୟ ଉପାଦାନ ଜଳ ଉପଲବ୍ଧ ନୁହେଁ। ନିଜ ଅକ୍ଷ ଚାରିପଟେ ମନ୍ଥର ଘୂର୍ଣ୍ଣନ ହେତୁ ଚନ୍ଦ୍ରର ଦିନ ଓ ରାତିର ତାପମାତ୍ରା ମଧ୍ୟରେ ପ୍ରଚଣ୍ଡ ତାରତମ୍ୟ ଦେଖିବାକୁ ମିଳେ। ସୁତରାଂ ଏଭଳି ପ୍ରତିକୂଳ ପରିସ୍ଥିତିରେ ଚନ୍ଦ୍ରରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ।

ସୁତରାଂ ବାହ୍ୟଜାଗତିକ ଜୀବସତ୍ତା ଅନୁସନ୍ଧାନ ନିମନ୍ତେ ଆମକୁ ସୁଦୂର ତାରା ରାଇଜର ଅନ୍ୟ ଗ୍ରହ ଜଗତକୁ ଦୃଷ୍ଟିପାତ କରିବାକୁ ପଡିବ। ତେବେ ପ୍ରଶ୍ନ ହେଉଛି : ଆମେ କ'ଣ ଏପର୍ଯ୍ୟନ୍ତ ଅନ୍ୟ କୌଣସି ତାରାରେ ଗ୍ରହଜଗତ ଥିବାର ନିର୍ଦ୍ଦିଷ୍ଟ ପ୍ରମାଣ ପାଇ ସାରିଲେଣି ? ନାସା ଦ୍ୱାରା ଅନ୍ତରୀକ୍ଷକୁ ପ୍ରେରଣ କରା ଯାଇଥିବା କେପଲାର୍ ଦୂରବୀକ୍ଷଣ ଯନ୍ତ୍ର ଇତିମଧ୍ୟରେ ଏଭଳି କିଛି ତାରକାଙ୍କ ସନ୍ଧାନ ପାଇଛି, ଯାହାଙ୍କ ଚାରିପଟେ ପ୍ରକାଣ୍ଡ ଗ୍ୟାସୀୟ ବାଦଲ ଘେରି ରହିଥିବାର ଦେଖାଯାଉଛି। ଏହି ଗ୍ୟାସୀୟ ବାଦଲ ସମୟକ୍ରମେ ଥଣ୍ଡା ହୋଇ ତାରାଗୁଡ଼ିକରେ ଗ୍ରହଜଗତ ସୃଷ୍ଟି କରିବ ବୋଲି ବିଶ୍ୱାସ କରାଯାଏ। ଆଉ ଏଭଳି କିଛି ଗ୍ରହରେ ଘଟଣାକ୍ରମେ ଅନୁକୂଳ ପରିବେଶ ସୃଷ୍ଟି ହୋଇ ଜୀବସତ୍ତା ବିକଶିତ ହେବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି।

ସୁତରାଂ ବାହ୍ୟଜାଗତିକ ଜୀବସତ୍ତା ଅନ୍ୱେଷଣରେ ଆମର ଅନୁସନ୍ଧାନ ଜାରି ରହିଛି। ସମ୍ଭବତଃ ଆମେ ହିଁ ଏ ବିଶାଳ ବିଶ୍ୱରେ ଏକମାତ୍ର ଜୀବନ୍ତ ପ୍ରାଣୀ। ଆମେ ଏପର୍ଯ୍ୟନ୍ତ ଆମ ବାହ୍ୟଜାଗତିକ ସାଥୀଟିଏ ଖୋଜି ପାଇ ନାହେଁ!

-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୪୮

## ସକ୍ରିୟ ରହିବ ମସ୍ତିଷ୍କର କାର୍ଯ୍ୟଧାରା



ମସ୍ତିଷ୍କର କାର୍ଯ୍ୟଧାରା ସକ୍ରିୟ ରହିବା ନିହାତି ଦରକାର। କାରଣ ଏହା ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହା ଅକାମୀ ହୋଇଗଲେ ମଣିଷ ମୃତ୍ୟୁମୁଖରେ ପଡିଥାଏ। ତେବେ ଏହା କିପରି ସକ୍ରିୟ ରହିବ ତାହାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ନିଜ ମନପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ତାଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଅନେକାଂଶରେ ସକ୍ରିୟ ରହିଥାଏ। ଏଭଳି ବିଷୟବସ୍ତୁ ଉପରେ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି ସମୟ ନିଜ ମନପସନ୍ଦର ଗୀତ ଶୁଣିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୩୫ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରା ପୂର୍ବାପେକ୍ଷା ସକ୍ରିୟ ରହୁଥିବାର ଜଣାପଡ଼ିଥିଲା। ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ମସ୍ତିଷ୍କ ସହ ଯୋଡ଼ିହୋଇ ରହିଥିବା ସମସ୍ତ ସ୍ନାୟୁକୋଷଗୁଡ଼ିକ ଧୀରେ ଧୀରେ ଚଳଚଞ୍ଚଳ ହୋଇଉଠେ, ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଏହା ଆଗ୍ରହ ସୃଷ୍ଟି କରେ।

## ଶ୍ୱାସକ୍ରିୟା ସମସ୍ୟାରୁ ଉପଶମ ଦିଏ ଭିଟାମିନ୍ 'ସି'



ଆମ ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ 'ସି' ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଏହାସହ ନିୟମିତ ସମୟ ବ୍ୟବଧାନରେ ଏହାଦ୍ୱାରା ସେମାନେ ଏଭଳି ସମସ୍ୟାରୁ କେତେ ଉପଶମ ଲାଭ କରୁଛନ୍ତି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଶ୍ୱାସକ୍ରିୟାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡ଼ାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି।

## ରକ୍ତ ସଞ୍ଚାଳନ ଓ ମହୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ମହୁ ଖାଇଲେ ଏହା ଓଜନ କମାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଉଷୁମ ପାଣି ପିଇଲେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ କିଛି ଲେମ୍ବୁରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ତାହା ମେଦବହୁଳତାକୁ ନିୟନ୍ତ୍ରଣରେ ରଖିଥାଏ। ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିବାରେ ମଧ୍ୟ କେତେକାଂଶରେ ସାହାଯ୍ୟ କରିଥାଏ। ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ। ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଲଗାଇ ପାରିବା।

## ଜାଣିରଖନ୍ତୁ



ଆଜିକାଲି ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ନିହାତି ଦରକାର। କାରଣ ଦିନକୁ ଦିନ ବିଭିନ୍ନ ପ୍ରକାର ନୂଆ ନୂଆ ରୋଗ ଦ୍ୱାରା ମାନବ ସମାଜ ଆକ୍ରାନ୍ତ ହେଉଛି। ରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା କରାଇ ନିଅନ୍ତୁ। ଏହାର କାରଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଯଦି ଆମେ କୌଣସି ରୋଗର କାରଣ ବିଷୟରେ ଅବଗତ ହୋଇ ମଧ୍ୟ ତାହାକୁ ଅବହେଳା କରୁ ତେବେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ରୋଗ ଜଟିଳ ଆକାର ଧାରଣ କରିବା ସହ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତେଣୁ ନିଜକୁ ନୀରୋଗ ରଖିବାକୁ ପ୍ରଥମେ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ନିଜକୁ ଟେନସନ୍‌ଠାରୁ ଯେତେସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ଏଭଳି ଅଭ୍ୟାସ ଥିଲେ...



ଉଷୁମ ପାଣି ଆମ ଶରୀର ପାଇଁ ବେଶ୍ ଉପକାରୀ। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଏକ ଭଲ ଅଭ୍ୟାସ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ହିତକର ସାବ୍ୟସ୍ତ ହୋଇଥାଏ। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ କେତେକାଂଶରେ ଏହା ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ବି ରହିଛି। କୋଲେଷ୍ଟରଲଜନିତ ସମସ୍ୟା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ପିଇଲେ ତାହା ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରିତ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ରଖିବେ ତାହା ସେତେ ଭଲ।

➤ନିୟମିତ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରିରହିଛି। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ମଧ୍ୟ ଯୋଗାଇଥାଏ।

➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ତା'ସହ ନିଦ୍ରାକୁ ମଧ୍ୟ ପ୍ରଭାବିତ କରେ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ।



➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ବ୍ଲଡ଼ ପ୍ରେସର ଏବଂ ହୃଦ୍‌ଜନିତ ଆଦି ସମସ୍ୟାର କାରଣ ସାଜିଥାଏ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।

➤ ଆପଣଙ୍କର ଯଦି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ସାମିଲ କରନ୍ତୁ। ଏଥିରୁ ଅନେକାଂଶରେ ମାନସିକ ଶାନ୍ତି ମିଳିଥାଏ।

➤ସବୁବେଳେ ନିଜକୁ ଚିନ୍ତାମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।

## ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ଖାଦ୍ୟପେୟ ଅସନ୍ତୁଳିତ ରହିଲା ତେବେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ଆପଣ ଡିପ୍ରେସନ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବା ଲାଗି ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଭିଟାମିନ୍‌ଯୁକ୍ତ ତଥା ସୁଷମ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ମାନସିକତା ସକାରାତ୍ମକ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। କେବଳ ସେତିକି ନୁହେଁ, ଏଥିଯୋଗୁଁ ତାଙ୍କୁ ଡିପ୍ରେସନ ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଅଧିକାଂଶ ସମୟ ଡିପ୍ରେସନ୍‌ର ସମ୍ମୁଖୀନ ହେଉଥିବା କେତେ ବ୍ୟକ୍ତିଙ୍କୁ ନିକଟରେ ୟୁନିଭର୍ସିଟି ଅଫ ସିଓଲର ବିଶେଷଜ୍ଞମାନେ ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କୁ ଖାଦ୍ୟପେୟ ପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ଏହି ସମୟରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଖାଇଥିଲେ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନ ପରେ ସେମାନେ ଏଥିରୁ କେତେ ଉପଶମ ଲାଭ କରୁଛନ୍ତି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ବ୍ୟକ୍ତି ଡିପ୍ରେସନ୍‌ରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୩/୨୦୨୬ Bhubaneswar, Monday, February 23/ 2026


# ଭାରତର ବିଜୟ ଧାରା ଭାଙ୍ଗିଲା

**ଅହମଦାବାଦ,୨୨।୨**

ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ଏକ ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭୬ ରନରେ ଭାରତକୁ ପରାସ୍ତ କରିଛି। ଏହି ପରାଜୟ ଯୋଗୁ ଗତ ସଂସ୍କରଣରୁ ଅପରାଜେୟ ଥିବା ଭାରତୀୟ ଦଳର ବିଜୟ ଧାରାରେ ବ୍ରେକ ଲାଗିଛି। ଦକ୍ଷିଣ ଆଫ୍ରିକା ଦ୍ୱାରା ପ୍ରଦତ୍ତ ୧୮୮ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଦଳ ଆସନ୍ତା ୨୬ ତାରିଖରେ ତା'ର ପରବର୍ତ୍ତୀ ସୁପର-୮ ମ୍ୟାଚ୍‌ରେ ଜିମ୍ବାୱେକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଖୁବ ଶସ୍ତାରେ ଅଧିନାୟକ ଏଡେନ ମାରକ୍ରମ (୪), କ୍ୱିଣ୍ଟନ ଡି କକ୍ (୭) ଓ ରିଆନ ରିକଲଟନ (୭)ଙ୍କ ଉଇକେଟ ହରାଇଥିଲା। ଏହାପରେ ଡେୱାଲ୍ଡ ବ୍ରେଭିସ ଓ ଡେଭିଡ୍ ମିଲର ଚତୁର୍ଥ ଉଇକେଟରେ ୫୦ ବଲରେ ୯୭ ରନ କରିଥିଲେ। ଅର୍ଦ୍ଧଶତକ ଅଭିମୁଖେ ଅଗ୍ରସର ହେଉଥିବା ବ୍ରେଭିସ ୨୯ ବଲରେ ୩ ଲେଖାଏ ଚୌକା ଓ ଛକା ସହ ୪୫ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ମିଲର ଦଳୀୟ ସ୍କୋରକୁ ୧୫୦ ପାର ପଞ୍ଚାଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ମିଲର ୩୫ ବଲରେ ୭ ଚୌକା ଓ ୩ ଛକା ସହିତ ୬୩ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଷ୍ଟବ୍ସ ୨୪ ବଲରେ ଅପରାଜିତ ୪୪ ( ୧ ଚୌକା ଓ ୩ ଛକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୭ ଉଇକେଟ ହରାଇ ୧୮୭ ରନ କରିଥିଲା। ଭାରତ ପାଇଁ ଯଶପ୍ରୀତ ବୁମରା ୩ ଉଇକେଟ ନେଇଥିବା ବେଳେ ଅର୍ଶଦୀପ ସିଂ ୨ ଉଇକେଟ ହାତେଇଥିଲେ। ଜବାବରେ ଭାରତ ମଧ୍ୟ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତିରୁ ଦଳକୁ କୌଣସି ବ୍ୟାଟର ଉଦ୍ଧାର କରିପାରି ନ ଥିଲେ। ଫଳରେ ଭାରତ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଶିବମ ଦୁବେ (୪୨ ରନ, ୧ ଚୌକା ଓ ୩ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସ୍କୋର କରି ପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୮୭/୭ (ଡେଭିଡ୍ ମିଲର-୬୩, ଡେୱାଲ୍ଡ ବ୍ରେଭିସ-୪୫, ଟ୍ରିଷ୍ଟାନ ଷ୍ଟବ୍ସ-୪୪*, ଯଶପ୍ରୀତ ବୁମରା-୩/୧୫, ଅର୍ଶଦୀପ ସିଂ-୨/୨୮)। ଭାରତ: ୧୮.୫ ଓଭରରେ ୧୧୧/ଅଲଆଉଟ୍ (ଶିବମ ଦୁବେ-୪୨, ମାର୍କୋ ଜାନସେନ-୪/୨୨, କେଶବ ମହାରାଜ-୩/୨୪, କର୍ବିନ ବୋଶ୍-୨/୧୨)।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ଜିମ୍ବାୱେ ବନାମ ୱେଷ୍ଟଇଣ୍ଡିଜ**

**ସ୍ଥାନ: ମୁମ୍ବାଇ**

**ସମୟ: ସନ୍ଧ୍ୟା ୭ଟା**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର**



ଅର୍ଦ୍ଧଶତକ ଇନିଂସ ଅବସରରେ ଡେଭିଡ୍ ମିଲର।

# ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡର ବଡ଼ ବିଜୟ

**ପାଲିକେଲ,୨୨।୨**

ୱିଲ ଜ୍ୟାକ୍ସଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ ୫୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଇଂଲଣ୍ଡ ଦ୍ୱାରା ପ୍ରଦତ୍ତ ୧୪୭ ରନର ଟାର୍ଗେଟର ପିଛା କରୁଥିବା ଶ୍ରୀଲଙ୍କା ୧୬.୪ ଓଭରରେ ୯୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଜ୍ୟାକ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଇଂଲଣ୍ଡ ଆସନ୍ତା ୨୪ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପାକିସ୍ତାନକୁ ଭେଟିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳ ପାଇଁ ଫିଲିପ୍ ସଲ୍ଟ ୪୦ ବଲରେ ୬୨ (୬ ଚୌକା ଓ ୨ ଛକା) ଓ ଜ୍ୟାକ୍ସ ୨୧ (୪ ଚୌକା) ରନ କରିଥିଲେ। ଶ୍ରୀଲଙ୍କା ପାଇଁ ଦୁନିଥ ୱେଲାଲେଜ ୩ ଉଇକେଟ ନେଇଥିବା ବେଳେ ଦିଲଶାନ ମଦୁଶଙ୍କା ଓ ମହିଶ ପାଥିରାନା ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରୀଲଙ୍କା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୯୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଦାସୁନ ଶନାକା ୩୦ (୧ ଚୌକା ଓ ୨ ଛକା) ରନ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ବିଜୟୀ ଦଳ ଲାଗି ଜ୍ୟାକ୍ସ ୩ଟି ଉଇକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର, ଲିଆମ ଡସନ ଓ ଆଦିଲ ରସିଦ ୨ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୨୦ ଓଭରରେ ୧୪୬/୯ (ଫିଲିପ୍ ସଲ୍ଟ-୬୨, ଦୁନିଥ ୱେଲାଲେଜ-୩/୨୬, ମହିଶ ଥିକସାନା-୨/୨୧, ଦିଶାନ ମଦୁଶଙ୍କା-୨/୨୫)। ଶ୍ରୀଲଙ୍କା: ୧୬.୪ ଓଭରରେ ୯୫/ଅଲଆଉଟ୍ (ଦାସୁନ ଶନକା-୩୦, ୱିଲ ଜ୍ୟାକ୍ସ-୩/୨୨, ଆଦିଲ ରସିଦ-୨/୧୩, ଜୋଫ୍ରା ଆର୍ଚ୍ଚା-୨/୨୦)।



ଉଇକେଟ ନେବା ପରେ ୱିଲ ଜ୍ୟାକ୍ସଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଷ୍ଟିଫେନ୍ସ-ଜୋଜିଙ୍କ ବିବାହ ବିଚ୍ଛେଦ

**ନ୍ୟୁୟର୍କ, ୨୨।୨ (ଏପି)**

ପୂର୍ବତନ ୟୁଏସ୍ ଓପନ ଟେନିସ ଚାମ୍ପିୟନ ସ୍ଲୋଏନ୍ ଷ୍ଟିଫେନ୍ସ ଓ ଫୁଟ୍‌ବଲ ଷ୍ଟାର ଜୋଜି ଅଲ୍‌ଟିଡୋରଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ଉଭୟେ ୪ ବର୍ଷ ତଳେ ବିବାହ କରିଥିଲେ। ୨୦୧୭ ୟୁଏସ୍ ଓପନ ଚାମ୍ପିୟନ ଷ୍ଟିଫେନ୍ସ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ପୋଷ୍ଟରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିବା ଘୋଷଣା କରିଛନ୍ତି। ଜୋଜି ଓ ମୁଁ ଆପୋସ ବୁଝାମଣାରେ ଆମର ବୈବାହିକ ଜୀବନର ପରିସମାପ୍ତି ଘଟାଇବା ଲାଗି ନିଷ୍ପତ୍ତି ନେଇଛୁ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ୩୨ ବର୍ଷୀୟ ଷ୍ଟିଫେନ୍ସ ଆହୁରି ମଧ୍ୟ ୨୦୧୮ ଫ୍ରେଞ୍ଚ ଓପନ ରନରଅପ୍। ୩୬ ବର୍ଷୀୟ ଅଲ୍‌ଟିଡୋର୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ୟୁଏସ୍ ପୁରୁଷ ଫଉଟ୍‌ବଲ ଦଳ ତରଫରୁ ୧୧୫ ମ୍ୟାଚ ଖେଳି ୪୨ ଗୋଲ୍ ସ୍କୋର କରିଛନ୍ତି।



ସ୍ଲୋଏନ୍ ଷ୍ଟିଫେନ୍ସ ଓ ଜୋଜି ଅଲ୍‌ଟିଡୋର।

# ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୨୨।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ସାପ୍ତାହିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଚଳିତ ଟି୨୦ ବିଶ୍ୱକପ୍ ଓ ଆମେରିକା, କାନାଡା ଓ ଓମାନ ପାଇଁ ଖେଳୁଥିବା ଭାରତୀୟ ବଂଶୋଦ୍ଭବ ଖେଳାଳି କାନାଡା ଅଧିନାୟକ ଦିଲପ୍ରୀତ ବାଜୱା, ନବନୀତ ଧାଲିୱାଲ, ହର୍ଶ ଠାକର, ଶ୍ରେୟସ ମୋଭା, ଆମେରିକାର ଯତୀନ୍ଦର ସିଂ, ବିନାୟକ ଶୁକ୍ଲା, କରନ ସୋନାୱେଲ, ଜୟ ଓଡେଡ୍ରାଙ୍କୁ ପ୍ରଶଂସା କରିଛନ୍ତି।

ମୁଁ ସର୍ବଦା କୁହେ ଯେ, ଯେଉଁମାନେ ଖେଳନ୍ତି, ସେମାନଙ୍କ ପ୍ରତିଭା ପ୍ରକାଶିତ ହୁଏ। ଆପଣମାନେ ନିଶ୍ଚିତ ଭାବେ ଚଳିତ ଟି୨୦ ବିଶ୍ୱକପ୍‌ର ମ୍ୟାଚ୍ ଦେଖୁଥିବେ। ମୁଁ ନିଶ୍ଚିତ ଯେ, ମ୍ୟାଚ୍ ଦେଖିଲା ବେଳେ ଆପଣମାନେ ନିର୍ଦ୍ଦିଷ୍ଟ ଭାବେ କିଛି ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖୁଥିବେ। ଜର୍ସି ଅନ୍ୟ ଦେଶର ହୋଇପାରେ, କିନ୍ତୁ ସେମାନଙ୍କ ନାମ ଶୁଣିବା ପରେ ସେମାନେ ଆମ ଦେଶର ବୋଲି ବୁଝିପଡୁଛି। ଏହି ମୁହୂର୍ତ୍ତ ଖୁସି ପ୍ରଦାନ କରେ। କାରଣ ଭାରତୀୟ ବଂଶୋଦ୍ଭବ ଖେଳାଳି ଅନ୍ୟ ଦେଶ ପାଇଁ ଖେଳୁଛନ୍ତି, ଯେଉଁଠାରେ ତାଙ୍କ ପରିବାର ରହୁଛନ୍ତି, ସେମାନେ ଅନ୍ୟ ଦେଶର ଜର୍ସି ପିନ୍ଧି ଖେଳୁଛନ୍ତି, ତା ନୁହେଁ ବରଂ ସମ୍ପୂର୍ଣ୍ଣ ହୃଦୟରୁ ନିଜ ଦେଶର ପ୍ରତିନିଧିତ୍ୱ କରୁଛନ୍ତି। କାନାଡା ଦଳରେ ସର୍ବାଧିକ ସଂଖ୍ୟକ ଭାରତୀୟ ଖେଳାଳି ରହିଛନ୍ତି ।

କାନାଡାର କ୍ୟାପ୍ଟେନ ଦିଲପ୍ରୀତ ବାଜୱା ପଞ୍ଜାବର ଗୁରଦାସପୁରରେ ଜନ୍ମ ହୋଇଥିବା ବେଳେ ନବନୀତ ଧାଲିୱାଲ ଚଣ୍ଡିଗଡ଼ରେ ଜନ୍ମ ହୋଇଥିଲେ। ଆମେରିକା ଦଳରେ ଅନେକ ଭାରତୀୟ ଘରୋଇ କ୍ରିକେଟର ରହିଛନ୍ତି। ଆମେରିକାର ଅଧିନାୟକ ମୋନାଙ୍କ ପଟେଲ ଗୁଜରାଟ ପାଇଁ ୧୬ ଓ ୧୮ ବର୍ଷରୁ କମ୍ ବର୍ଗରେ କ୍ରିକେଟ ଖେଳିଥିଲେ। ମୁମ୍ବାଇର ସୌରଭ, ହର୍ମିତ ସିଂ ଓ ଦିଲ୍ଲୀର ମିଲିନ୍ଦ କୁମାର ଆମେରିକା ଦଳର ଗର୍ବ। ଭାରତର ଫାଷ୍ଟ କ୍ଲାସ କ୍ରିକେଟରେ ବିଭିନ୍ନ ରାଜ୍ୟ ପାଇଁ ଖେଳୁଥିବା କ୍ରିକେଟରମାନେ ଏବେ ଓମାନ ଦଳର ସଦସ୍ୟ। ଯତୀନ୍ଦର ସିଂ, ବିନାୟକ ଶୁକ୍ଲା, କରନ, ଜୟ ଓ ଆଶିଷ ଓମାନ ଦଳ ଲାଗି ଖେଳୁଛନ୍ତି। ଏଭଳି ଅନେକ ଭାରତୀୟ ଖେଳାଳି ସେମାନଙ୍କ ଦେଶ ପାଇଁ ଗର୍ବ ଓ ଗୌରବ ଆଣୁଛନ୍ତି। ଏହା ହିଁ ଭାରତୀୟତାର ସ୍ୱତନ୍ତ୍ରତା। ସେମାନେ ଯେଉଁଠାକୁ ବି ଯାଆନ୍ତି, ଭାରତୀୟମାନେ ସେମାନଙ୍କ ଦେଶ ସହିତ ଜଡ଼ିତ ହୋଇ ରୁହନ୍ତି।

# କରକେରା, ନିର୍ମାବେନ୍ ଜିତିଲେ ନୂଆଦିଲ୍ଲୀ ମାରାଥନ

**ନୂଆଦିଲ୍ଲୀ, ୨୨।୨ (ପି.ଟି.)**

କାର୍ତ୍ତିକ କରକେରା ୧୧ଶ ନୂଆଦିଲ୍ଲୀ ହାଫ୍ ମାରାଥନ ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ୪୨.୨ କିଲୋମିଟର ଦୂରତା ବିଶିଷ୍ଟ ଏହି ଦୌଡ଼ ପ୍ରତିଯୋଗିତାରେ ମୁମ୍ବାଇର କରକେରା ୨ ଘଣ୍ଟା ୧୩ ମିନିଟ ଓ ୧୦ ସେକେଣ୍ଡ ଟାଇମିଂରେ ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଜାପାନରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅଙ୍କ ହାସଲ କରିପାରିଛନ୍ତି। ପେସାରେ ଜଣେ ଡାକ୍ତର ଏହି ୨୮ ବର୍ଷୀୟଙ୍କ ପଛକୁ ଗୋପୀ ଥୋନାକଲ (୦୨:୧୩:୧୨) ଓ ମାନ୍ ସିଂ (୦୨:୧୩:୧୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବରରେ ହେବାକୁଥିବା ଏସିଆନ ଗେମ୍ସର ପୁରୁଷ ବିଭାଗ ମାରାଥନରେ ଭାଗ ନେବାକୁ ଯୋଗ୍ୟତା ଅଙ୍କ ୨:୧୫:୦୪ ଧାର୍ଯ୍ୟ କରାଯାଇଛି। ମହିଳା ବିଭାଗରେ କିନ୍ତୁ ଜଣେ ହେଲେ ଯୋଗ୍ୟତା ଅଙ୍କ ୨:୩୧:୫୨ ହାସଲ କରିବାରେ ସମର୍ଥ ହୋଇପାରି ନାହାନ୍ତି। ତେବେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଥାକୋର ନିର୍ମାବେନ୍ (୦୨:୪୧:୧୫) ତାଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟରେ ଉନ୍ନତି ଆଣିପାରିଛନ୍ତି। ମହିଳା ବିଭାଗରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ଭାଗୀରଥି (୦୨:୪୩:୨୮) ଓ ଅଶ୍ୱିନୀ ଯାଦବ (୦୨: ୫୬:୫୯)। ନୂଆଦିଲ୍ଲୀ ମାରାଥନ ହେଉଛି ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ଜାତୀୟ ମାରାଥନ। ଏଥିରେ ୩୧ ଦେଶ ଏବଂ ୪୯୦ ସହରରୁ ୩୦, ୦୦୦ରୁ ଊର୍ଦ୍ଧ୍ୱ ଧାବକ ଓ ଧାବିକା ଅଂଶଗ୍ରହଣ କରିଥିଲେ। ଅଲିମ୍ପିକ ପଦକ ବିଜେତା ବକ୍ସର ବିଜେନ୍ଦର ସିଂ ଓ ଟେନିସ ଷ୍ଟାର ରୋହନ ବୋପାନ୍ନା ପତାକା ହଲାଇ ରେସ୍‌ର ଶୁଭାରମ୍ଭ କରିଥିଲେ।

# ଭାରତ ଏସିଆ କପ୍ ରାଇଜିଂ ଷ୍ଟାର ଟାଇଟଲ ବିଜେତା

**ବ୍ୟାଙ୍କକ୍, ୨୨।୨ (ପି.ଟି.):** ତେଜଲ ହାସନବିସ୍‌ଙ୍କୁ ୩୪ ବଲ୍‌ରୁ ଅପରାଜିତ ୫୧ ରନ ଏବଂ ଲେଗସ୍ ସ୍ପିନର ପ୍ରେମା ରାୱତଙ୍କ ପ୍ରଭାବୀ ବୋଲିଂ ସହାୟତାରେ ଭାରତ 'ଏ' ମହିଳା ଦଳ ଏଠାରେ ଏକ ଲୋ-ସ୍କୋରିଂ ଫାଇନାଲରେ ବାଂଲାଦେଶକୁ ୪୬ରନରେ ପରାସ୍ତ କରି ଏଠାରେ ଚାଲିଥିବା ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ ବିଜେତା ହୋଇଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' ଏକଦା ୪୪ ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଭାରତ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ହାସନବିସ୍ ଏବଂ ଅନ୍ୟଜଣେ ଅନ୍ତର୍ଜାତୀୟ ଖେଳାଳି ତଥା ଅଧିନାୟିକା ରାଧା ଯାଦବ (୩୦ ବଲ୍‌ରୁ ୩୬ ରନ) ୫ମ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୮୯ରନ ଯୋଗ କରିବା ଦ୍ୱାରା ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୩୪ ରନ କରି ମ୍ୟାଚକୁ ଜିତି ନେଇଥିଲା। ସ୍ଥାନୀୟ କଣ୍ଡିଶନରୁ ଫାଇଦା ଉଠାଇ ରାଧାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ବାଂଲାଦେଶକୁ ୧୯.୧ ଓଭରରେ ୮୮ ସ୍କୋରରେ ଅଲଆଉଟ କରିଦେଇଥିଲେ। ଭାରତ ତରଫରୁ ପ୍ରେମା ଚମତ୍କାର ବୋଲିଂ କରି ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ରନ୍ ଚେଜ୍ ବେଳେ ବାଂଲାଦେଶ ତୃତୀୟ ଓଭରରେ ମାତ୍ର ୧୨ ରନ ସ୍କୋରରେ ଏହାର ପ୍ରଥମ ଉଇକେଟ ହରାଇଥିଲା। ଏହାପରଠାରୁ ବାଂଲାଦେଶର ନିୟମିତ ଭାବେ ଗୋଟିକ ପରେ ଗୋଟିଏ ଉଇକେଟମାନ ପତନ ଘଟିଥିଲା। ୨୦୨୩ରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଫାଇନାଲରେ ମଧ୍ୟ ବାଂଲାଦେଶ 'ଏ'କୁ ପରାସ୍ତ କରି ଭାରତ 'ଏ' ଚାମ୍ପିୟନ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ମହିଳା ଦଳ: ୨୦ ଓଭରରେ ୧୩୪/୭ (ତେଜଲ ହାସବନିସ୍-୫୧*, ରାଧା ଯାଦବ-୩୬; ଫାହିମା ଖାତୁନ-୪/୨୫, ଫାତେମା ଜାହାନ ସୋନିଆ-୧/୧୯)। ବାଂଲାଦେଶ 'ଏ' ମହିଳା : ୧୯.୧ ଓଭରରେ ୮୮/ଅଲଆଉଟ(ଶମିମା ସୁଲ୍‌ତାନା-୨୦; ପ୍ରେମା ରାୱତ-୩/୧୨, ତନୁଜା କନୱର-୨/୨୨, ସୋନିଆ ମେଢିଆ-୨/୨୧)।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ